ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 33 | ISSUE 266 | ଭାଗ ୩୩ | ସଂଖ୍ୟା ୨୬୬ Friday 19 December 2025 | Page 8 Rs. 5.00 ● ଭୁବନେଶ୍ୱର ଶୁକ୍ରବାର ୧୯ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା



ଓମାନ-ଭାରତ ମଧ୍ୟରେ ବନ୍ଧୁତା ଅତୁଟ

ପୃଷ୍ଠା ୪

## ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ
Mail :- sancharodisha@gmail.com
Whatsapp :- +91 8093008776

### ପୁଅ ପାଲଟିଲା ପିଶାଚ

# ମା'-ବାପାଙ୍କୁ କରତରେ କାଟି ନଦୀରେ ଫିଙ୍ଗିଲା



- ଟଙ୍କା ଆଗରେ ସମ୍ପର୍କ ତୁଚ୍ଛ
- ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ
- ଧରାପଡ଼ିବା ପରେ ଦୋଷ ମାନିଗଲା ଅଭିଯୁକ୍ତ

**ଲକ୍ଷ୍ନୌ,୧୮।୧୨:** ସାମ୍ପ୍ରତିକ ସମୟରେ ଅର୍ଥ ଆଗରେ ସମ୍ପର୍କ ତୁଚ୍ଛ ସାବ୍ୟସ୍ତ ହେଉଛି। ଏପରିକି ଯେଉଁ ପୁଅକୁ ଯତ୍ନରେ ଲାଳନପାଳନ କରିଥିଲେ ଶେଷରେ ସେଇ ପୁଅ ହିଁ ବାପାମା'ଙ୍କ ଜୀବନ ନେବାକୁ ପଛାଇଲା ନାହିଁ। ଏପରି ଏକ ଅଭାବନୀୟ କାଣ୍ଡ ଉତ୍ତରପ୍ରଦେଶର ଜଉନପୁର ଜିଲ୍ଲାର ଜାଫରାବାଦ ଥାନାଞ୍ଚଳର ଅହମଦପୁର ଗ୍ରାମରେ ଘଟିଛି। ପେସାରେ ଜଣେ ଯନ୍ତ୍ରୀ ଥିବା ୩୭ ବର୍ଷୀୟ ଅମ୍ବେଶ କୁମାର ତା'ର ୬୦ ବର୍ଷୀୟା ମା' ବବିତା ଓ ୬୨ ବର୍ଷୀୟ ବାପା ଶ୍ୟାମଲାଲଙ୍କୁ ଅତି ନିର୍ମମ ଭାବେ କରତରେ କାଟି ଖଣ୍ଡବିଖଣ୍ଡିତ କରିବା ସହ କାର୍ ଡିକିରେ ପୂରାଇ ନଦୀରେ ଫିଙ୍ଗିଦେଇଥିବା ନିଜେ ସ୍ୱୀକାର କରିଛି। ଯଦିଓ ପ୍ରଥମେ ସେ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲା, କିନ୍ତୁ ଭଉଣୀ ଅଭିଯୋଗ କରିବା ପରେ ଶେଷରେ ସେ ପୁଲିସ୍ ଆଗରେ ସବୁକିଛି ମାନିଯାଇଛି ଓ କିପରି ଭାବେ ବାପା-ମା'ଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛି, ସେନେଇ ସବିଶେଷ ସୂଚନା ଦେଇଛି। ➢ପୃଷ୍ଠା-୬

### ହାଇଦ୍ରାବାଦରେ ରାଜ୍ୟ ସରକାରଙ୍କ ରୋଡ ଶୋ'

# ନିବେଶକଙ୍କ ବିଶ୍ୱାସ ଜିତୁଛି ମୋହନ ସରକାର

- ପ୍ରଥମ ଦିନରେ ରେକର୍ଡ ୩୮,୭୦୦ କୋଟି ଟଙ୍କାର ପ୍ରସ୍ତାବ
- ୭ ଶିଳ୍ପାନୁଷ୍ଠାନ ସହ ସ୍ୱାକ୍ଷରିତ ହେଲା ବୁଝାମଣାପତ୍ର
- ୨୦ ହଜାର ଯୁବକଯୁବତୀଙ୍କ ପାଇଁ ସୃଷ୍ଟି ହେବ ନିଯୁକ୍ତି ସୁଯୋଗ
- ପ୍ରତିରକ୍ଷାଠାରୁ ଔଷଧ ଶିଳ୍ପ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରକୁ ଗୁରୁତ୍ୱ



**ହାଇଦ୍ରାବାଦ,୧୮।୧୨:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରଙ୍କ ଦ୍ୱାରା ଶିଳ୍ପ ଭାଗିଦାରୀକୁ ଗଭୀର କରିବା ଓ ରାଜ୍ୟର ସମ୍ପ୍ରସାରିତ ଶିଳ୍ପ କ୍ଷମତାକୁ ଜାତୀୟ ତଥା ବିଶ୍ୱ ନିବେଶକଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ହାଇଦ୍ରାବାଦରେ ଆୟୋଜିତ ଦୁଇଦିନିଆ ନିବେଶ ରୋଡ ଶୋ'ର ନେତୃତ୍ୱ ନେଉଛନ୍ତି। ଆଜି ଏହି ଶୋ'ର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ଫାର୍ମାସ୍ୟୁଟିକାଲ, ଚିକିତ୍ସା ଉପକରଣ, ସବୁଜ ଶକ୍ତି, ବୟନ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ଇଞ୍ଜିନିୟରିଂ ସାମଗ୍ରୀ, ଅଟୋମୋବାଇଲ୍ ଉପାଦାନ ଓ ପୁଞ୍ଜି ଉପକରଣ ଉତ୍ପାଦନ ସମେତ ପ୍ରାଥମିକତା କ୍ଷେତ୍ରର ଅଗ୍ରଣୀ କମ୍ପାନୀଗୁଡ଼ିକର ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା କରିଛନ୍ତି।

ରାଜ୍ୟରେ ନୂତନ ପୁଞ୍ଜିନିବେଶ ସୁଯୋଗ ଓ ଶିଳ୍ପର ସମ୍ପ୍ରସାରଣ ଉପରେ ମୁଖ୍ୟତଃ ଆଲୋଚନା ହୋଇଛି। ଇନ୍ଦୋରାମା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଜିନ୍ଦଲ ପଲି ଫିଲ୍ମସ, ଏ.ବି.ଆଇ. ଶୋଆଟେକ୍ ପ୍ରାଇଭେଟ୍ ଲିମିଟେଡ୍ (ପ୍ରତିରକ୍ଷା ଉତ୍ପାଦନ), ମାରୁତି (ଧାତବ୍ୟ ଓ ଆନୁଷଙ୍ଗିକ ଶିଳ୍ପ ସମ୍ପର୍କିତ) ଭଳି ଅଗ୍ରଣୀ କମ୍ପାନୀଗୁଡ଼ିକର ଅଂଶଗ୍ରହଣ ସହ ମୋଟ ୧୫ଟି ଗଭର୍ଣ୍ଣମେଣ୍ଟ-ଟୁ-ବିଜନେସ୍ (ଜି୨ବି) ବୈଠକ ଅନୁଷ୍ଠିତ ହୋଇଛି। ଏହି ଆଲୋଚନା ସମୟରେ ପ୍ରାୟ ସାଢ଼େ ୭ ହଜାର ଲୋକଙ୍କ ନିଯୁକ୍ତି ସମ୍ଭାବନା ସହ ପ୍ରାୟ ୧୯,୫୦୦ କୋଟି ଟଙ୍କାର ନିବେଶ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଆଜି ୭ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି, ଯେଉଁଥିରେ ୧୯,୨୦୦ କୋଟି ଟଙ୍କାର ପୁଞ୍ଜିନିବେଶ ସହ ପାଖାପାଖି ୧୨,୭୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି।

ରାଜ୍ୟ ସରକାରଙ୍କ ବରିଷ୍ଠ ➢ପୃଷ୍ଠା-୬

# ପ୍ରତ୍ୟାହାର ହେବ ବର୍ଦ୍ଧିତ ଦରମା ଓ ଭତ୍ତା



- ପୁନର୍ବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବି
- ମିଳିତ ଦାବି କଲେ ବିଜେପିର ସବୁ ବିଧାୟକ
- ଜନମତକୁ ସମ୍ମାନ ଜଣାଇଲା ବିଜେପି

**ଭୁବନେଶ୍ୱର,୧୮।୧୨(ସଂଚାର ବ୍ୟୁରୋ):** ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧିକୁ ପ୍ରତ୍ୟାହାର କରିପାରନ୍ତି ରାଜ୍ୟ ସରକାର। ବିଧାନସଭାରେ ଏ ସମ୍ପର୍କିତ ଚାରୋଟି ବିଲ ଗୃହିତ ହେବା ପରେ ବିଭିନ୍ନ ମହଲରେ ବିରୋଧ ହୋଇଥିଲା। ଦଳମତ ନିର୍ବିଶେଷରେ କିଛି ବିଧାୟକ ଏହାକୁ ବିରୋଧ କରୁଥିବା ବେଳେ କିଛି ଦରମା ଓ ଭତ୍ତା ବୃଦ୍ଧିର ଆବଶ୍ୟକତା ଅଛି ବୋଲି ଯୁକ୍ତି ବାଢୁଥିଲେ। କିନ୍ତୁ ଆଜି ବିଜେପିର ସବୁ ବିଧାୟକ ମିଳିତ ଭାବେ ବିଧାୟକଙ୍କ ଦରମା, ଭତ୍ତା ବୃଦ୍ଧିର ପୁନର୍ବିଚାର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅନୁରୋଧ କରିଛନ୍ତି। ଏନେଇ ସବୁ ବିଧାୟକ ମିଳିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ମଧ ଦେଇଛନ୍ତି।

ଗତ ଡିସେମ୍ବର ୯ ତାରିଖରେ ବିଧାନସଭାରେ ଚାରୋଟି ସଂଶୋଧନ ପ୍ରସ୍ତାବ ଜରିଆରେ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା, ବାଚସ୍ପତି, ➢ପୃଷ୍ଠା-୬

### କ'ଣ ହେବ ବିଲ୍‌ର ଭବିଷ୍ୟତ?

ଆଇନ୍ ବିଶାରଦମାନେ କହୁଛନ୍ତି ଯେ ବିଧାନସଭାରେ ବିଲ୍ ପାରିତ ହେବା ପରେ ଏହାକୁ ରାଜ୍ୟପାଳଙ୍କ ସ୍ୱୀକୃତି ପାଇଁ ପଠାଯିବା କଥା। ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ରାଜ୍ୟପାଳ ବିଲ୍କୁ ମଞ୍ଜୁରୀ ଦେଇପାରନ୍ତି କିମ୍ବା ଏହାକୁ ଫେରାଇ ପାରନ୍ତି ମଧ। ଅତୀତରେ ଦ୍ରୌପଦୀ ମୁର୍ମୁ ଝାଡ଼ଖଣ୍ଡର ରାଜ୍ୟପାଳ ଥିବାବେଳେ ସେଠାକାର ବିଜେପି ସରକାର ବିଧାନସଭାରେ ପାରିତ କରାଇଥିବା ଏକ ବିଲ୍କୁ ଫେରାଇ ଦେଇଥିଲେ। ➢ପୃଷ୍ଠା-୬

# କାଳରାତିର ସତ ବଖାଣିଲା ହାପି

**ଭୁବନେଶ୍ୱର,୧୮।୧୨(ସଂଚାର ବ୍ୟୁରୋ):** ରାଜଧାନୀ ଉପକଣ୍ଠସ୍ଥିତ ଧଉଳୀ ନିକଟରେ ଘଟିଥିବା ବହୁଚର୍ଚ୍ଚିତ ଗଣଦୁଷ୍କର୍ମ ଘଟଣାରେ ଆଜି ମୁଖ୍ୟ ଅଭିଯୁକ୍ତକୁ ଗିରଫ କରାଯାଇଛି। ଦେଖାଇଛି ଡେମୋ। କେମିତି ଘଟିଥିଲା ସବୁକିଛି? କିଏ କିଏ ଏଥିରେ ସହଯୋଗ କରିଥିଲେ? ସବୁ

- ଧରାପଡ଼ିଲା ଗଣଦୁଷ୍କର୍ମ ମୁଖ୍ୟ ଅଭିଯୁକ୍ତ
- ପୁଲିସ୍ କରାଇଲା କ୍ରାଇମ ସିନ ରିକ୍ରିଏସନ



ଗିରଫ ପରେ ଏହି ଗଣଦୁଷ୍କର୍ମ ଘଟଣାର ମାଷ୍ଟରମାଇଣ୍ଡ ସତ୍ୟପ୍ରକାଶ ହାତୀ ଓରଫ ହାପି ଜୋକର୍‌କୁ କୋର୍ଟଚାଲାଣ କରାଯାଇଛି। ଧଉଳି ଦୟା ନଦୀ ପଠାରେ ଗୋପାଳପୁର ଘଟଣାର ରିପିଟ ପରେ ପୁଲିସ୍ ପକ୍ଷରୁ ଆଜି କ୍ରାଇମ ସିନ ରିକ୍ରିଏସନ କରାଯାଇଛି। କ୍ରାଇମ ସ୍ପଟରେ ଜହ୍ଲାଦ ହାପି ଜଘନ୍ୟ କାଣ୍ଡର ସତ ବଖାଣିଛି ମୁଖ୍ୟ ଅଭିଯୁକ୍ତ। ନିରୋଳାରେ ନାବାଳିକାଙ୍କ ସହ ନାରକୀୟ କାଣ୍ଡ ଭିଆଇବା ପରେ ପ୍ରଥମେ ଶିଶୁପାଳଗଡ଼ ଗାଁରେ ଲୁଚି ରହିଥିଲା ସେ। ପରେ ଖୋର୍ଦ୍ଧା ଓ ଶେଷରେ ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗରକୁ ଚାଲିଯାଇଥିଲା ଏହି ଅଭିଯୁକ୍ତ। ଘଟଣାସ୍ଥଳରୁ ପୁଲିସ ଏକ ରୁପା ଚେନ୍‌କୁ ଜବତ କରିଛି। ତେବେ ଗଣଦୁଷ୍କର୍ମ ଘଟିବାର ପୂର୍ବ ରାତିରେ ଅର୍ଥାତ୍ ଗତ ୯ ତାରିଖରେ ଅଭିଯୁକ୍ତ ଜଣଙ୍କ କ୍ରାଇମ୍ ସ୍ପଟ୍ ନିକଟରେ ଭୋଜିଭାତ କରିଥିଲା ବୋଲି ପଚରାଉଚରା ସମୟରେ ପୁଲିସ୍ ଜାଣିବାକୁ ପାଇଛି। ୧୦ ତାରିଖରେ ଗଣଦୁଷ୍କର୍ମ ଘଟଣା ➢ପୃଷ୍ଠା-୬

# ମୋକିମଙ୍କ ମାର୍ଗଦର୍ଶକ ହେବେ ବିଜୟ!



**ଭୁବନେଶ୍ୱର,୧୮।୧୨(ସଂଚାର ବ୍ୟୁରୋ):** ନୂଆ ସଙ୍ଗଠନ ପାଇଁ ସଙ୍କେତ ଦେଇଥିବା କଂଗ୍ରେସର ପୂର୍ବତନ ନେତା ମହମ୍ମଦ ମୋକିମ ଆଜି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ବାସଭବନରେ ପହଞ୍ଚିବା ପରେ ଓଡ଼ିଶା ରାଜନୀତିରେ ନୂଆ ଦଳ ଗଠନକୁ ନେଇ ଚାଲିଥିବା ଆଲୋଚନାର ଗତି ବଢ଼ିଛି। ମୋକିମଙ୍କ ଦଳ ଗଠନରେ ବିଜୟ ମାର୍ଗଦର୍ଶକ ହେବେ ବୋଲି ଚର୍ଚ୍ଚା

- ବିରୋଧୀ ଶିବିର ଛାନିଆ
- ଉତ୍ସାହିତ ସବୁ ଦଳର ଅସନ୍ତୁଷ୍ଟ

ଜୋର ଧରିଲାଣି। ତେବେ ଦୁଇ ନେତାଙ୍କ ଭେଟଘାଟ ପରେ ବିରୋଧୀମାନେ ଛାନିଆ ହୋଇଥିବା ବେଳେ ବିଭିନ୍ନ ଦଳରେ କୋଣଠେସା ହୋଇ ପଡ଼ିଥିବା ନେତାମାନେ କିନ୍ତୁ ଉତ୍ସାହିତ ହେବାରେ ଲାଗିଛନ୍ତି।

ନୂଆବର୍ଷରେ ନୂଆ ଦଳ ଗଠନ ପାଇଁ ପୂର୍ବତନ କଂଗ୍ରେସ ନେତା ମହମ୍ମଦ ମୋକିମ ଲାଗି ପଡ଼ିଛନ୍ତି। କଂଗ୍ରେସ ଦଳରୁ ବିଦା ହେବା ପରେ ମୋକିମଙ୍କ ଏହି ଅଭିଯାନ ଅଧିକ ତ୍ୱରାନ୍ୱିତ ହୋଇଛି। ତେବେ ଆଜି ମୋକିମ ବିଜୟ ମହାପାତ୍ରଙ୍କ ଘରକୁ ଯାଇ ଆଲୋଚନା କରିବା ପରେ ତାଙ୍କର ଦଳ ଗଠନକୁ ନେଇ ଚର୍ଚ୍ଚା ଆଉ ଟିକେ ଜୋର ଧରିଛି। ଏହା ପୂର୍ବରୁ ବିଜୟ ମଧ ରାଜ୍ୟରେ ଆଞ୍ଚଳିକ ଦଳ ଗଠନ ସପକ୍ଷରେ ଖୋଲା ସଭାରେ ମତ ଦେଇଥିଲେ। ତେଣୁ ବିଜୟଙ୍କ ସହାୟତାରେ ମୋକିମ ଆଗକୁ ବଢ଼ିବା ନେଇ ସମସ୍ତେ ଆଶା କରୁଛନ୍ତି।

ବିଜୟଙ୍କୁ ରାଜ୍ୟ ରାଜନୀତିର ଅନ୍ୟତମ ଚାଣକ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। ବିଜେଡି ଗଠନରେ ତାଙ୍କର ବଡ଼ ଭୂମିକା ରହିଥିଲା। ବିଜୁ ପଟ୍ଟନାୟକଙ୍କ ଜନତା ଦଳ ସରକାରରେ ବିଜୟଙ୍କ ପ୍ରଭାବ ସମସ୍ତେ ଦେଖିଛନ୍ତି। ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ତାଙ୍କର କିଛି କିଛି ଅନୁଗତ ରହିଛନ୍ତି। ଦଳରୁ ବିଦା ହେବା ପରେ ମଧ ବିଜେଡିର ଅନେକ ନେତା ଏବେ ବି ତାଙ୍କ ସହିତ ଯୋଡ଼ିହୋଇ ରହିଛନ୍ତି। ସେହିଭଳି ବିଜୟ ଯେତେଦିନ ବିଜେପିରେ ଥିଲେ, ସେଠାରେ ତାଙ୍କର ଗୁରୁତ୍ୱକୁ ବି ସମସ୍ତେ ଅନୁଭବ କରିଛନ୍ତି। ଏକଦା ବିଜୟଙ୍କ ସାମ୍ବାଦିକ ସମ୍ମିଳନୀ ବିଜେଡି ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ଥିଲା। ➢ପୃଷ୍ଠା-୬

# ବନ୍ଧାହେଲେ ଲାଞ୍ଚୁଆ ଥାନାଧିକାରୀ

### ମହିଳା ହୋଇ ବି ବୁଝିଲେନି ପୀଡ଼ିତାଙ୍କ ଦୁଃଖ



**ଦଶମନ୍ତପୁର, ୧୮।୧୨ (ସଂଚାର ବ୍ୟୁରୋ):** ନିଜେ ଜଣେ ମହିଳା ହୋଇଥିଲେ ମଧ ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ବି ମୂଲଚାଲ କଲେ। କିନ୍ତୁ ଶେଷରେ ଏହି ଲାଞ୍ଚ ଟଙ୍କା ନେବା ବେଳେ ଉକ୍ତ ମହିଳା ଥାନାଧିକାରୀ ଜଣଙ୍କ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଅଭିଯୁକ୍ତ ଥାନାଧିକାରୀ ଜଣଙ୍କ ସୁକୁମା ହାଁସଦା ଓ ସେ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍ ସଦର ଥାନାର ଆଇଆଇସି ଭାବେ କାର୍ଯ୍ୟରତ ଅଛନ୍ତି। ଆଜି ସକାଳେ ଏନେଇ ଜୟପୁର ଭିଜିଲାନ୍ସ ଅଧିକାରୀ ସୂଚନା ଦେଇଛନ୍ତି। ମିଳିଥିବା ସୂଚନାନୁସାରେ, କିଛି ଦିନ ତଳେ ଦଶମନ୍ତପୁର ବ୍ଲକ ଅଞ୍ଚଳର ଜଣେ ଯୁବତୀ ବ୍ଲକ ଅନ୍ତର୍ଗତ ପୋଡ଼ାଗଡ଼ ପଞ୍ଚାୟତ ଅଧୀନସ୍ଥ ଛଟା ଗୁଡା ଗାଁର ରାମେଶ୍ୱର ବିଶୋଇଙ୍କ ବିରୋଧରେ ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିଥିଲେ ହେଁ ବିବାହ ପାଇଁ ମନା କରିଥିବା ଅଭିଯୋଗ କରିଥିଲେ। ରାମେଶ୍ୱର ତାଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି ବୋଲି ଦର୍ଶାଇ ସମ୍ପୃକ୍ତ ଯୁବତୀ ଜଣଙ୍କ ଥାନାରେ ପହଞ୍ଚିଥିଲେ। ➢ପୃଷ୍ଠା-୬

### ଉପଭୋକ୍ତାଙ୍କ ଉପରେ ଆହୁରି ବଢ଼ିବ ବୋଝ

# କାହା ସ୍ୱାର୍ଥକୁ ଜଗିଛି ଶକ୍ତି ବିଭାଗ?

- ରାଜାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କିଏ, ଖାଉଟି ନା କମ୍ପାନୀ
- ହାତ ଝାଡ଼ିଦେଲା ଟାଟା ପାୱାର୍



**ଭୁବନେଶ୍ୱର,୧୮।୧୨(ସଂଚାର ବ୍ୟୁରୋ):** ବିଦ୍ୟୁତ ଉପଭୋକ୍ତାଙ୍କଠାରୁ ଆଦାୟ ହେଉଥିବା ଅତିରିକ୍ତ ସୁରକ୍ଷା ଜମା (ଏଏସଡି)କୁ ନେଇ ଆଜି ଟାଟା ପାୱାର ସ୍ପଷ୍ଟୀକରଣ ଦେଇଛି। କମ୍ପାନୀ ଆଦାୟ କରୁଥିବା ଏହି ଏଏସଡି ଏକ ଆଇନଗତ ବାଧବାଧକତା। ଓଡ଼ିଶା ପରି ଆନ୍ଧ୍ର ପ୍ରଦେଶ, ଉତ୍ତର ପ୍ରଦେଶ, ଗୁଜରାଟ, ମହାରାଷ୍ଟ୍ରରେ ମଧ ଏହି ଏଏସ୍‌ଡି ଆଦାୟ କରାଯାଉଛି। ଟାଟା ପାୱାର୍‌ର ଏହି ସ୍ପଷ୍ଟୀକରଣ ପରେ ପ୍ରଶ୍ନ ଉଠୁଛି ଯେ ରାଜ୍ୟ ଶକ୍ତି ବିଭାଗ କରୁଛି କ'ଣ? ସରକାର ଗ୍ରାହକଙ୍କ ସ୍ୱାର୍ଥକୁ ଜଗୁଛନ୍ତି ନା ବଣ୍ଟନ କମ୍ପାନୀର ଲାଭକୁ ସୁରକ୍ଷା ଦେଉଛି, ତାହାକୁ ନେଇ ଏକ ବିରାଟ ପ୍ରଶ୍ନବାଚୀ ଛିଡ଼ା ହୋଇଛି।

ଗତ ପ୍ରାୟ ସପ୍ତାହେ ଧରି ଏଏସ୍‌ଡିକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ସହ ରାଜ୍ୟବ୍ୟାପୀ ବିରୋଧର ସ୍ୱର ଜୋର୍ ଧରିବାରୁ ଆଜି ଟାଟା ପାୱାର ନେତୃତ୍ୱରେ ୪ଯାକ ବଣ୍ଟନ କମ୍ପାନୀ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟୀକରଣ ଦେଇଛନ୍ତି। ଟାଟା ପାୱାର ସ୍ପଷ୍ଟ କରିଛି ଯେ ୨୦୦୩ ବିଦ୍ୟୁତ ଆଇନରେ ➢ପୃଷ୍ଠା-୬

### 'ସ୍ପଷ୍ଟୀକରଣ ତ୍ରୁଟିପୂର୍ଣ୍ଣ'

ଅତିରିକ୍ତ ସୁରକ୍ଷା ଜମା ଦେୟ ଉପରେ ଟାଟା ପାୱାର ଆଜି ଯେଉଁ ସ୍ପଷ୍ଟୀକରଣ ଦେଇଛନ୍ତି, ତାହା ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ। ପ୍ରଥମରେ ଗତବର୍ଷ (୨୦୨୪-୨୫) ଟାଟା ଯେଉଁ ଅତିରିକ୍ତ ସୁରକ୍ଷା ଜମା ଆଦାୟ କରିଛି, ତାହାକୁ ତା' ପୂର୍ବବର୍ଷ (୨୩-୨୪)ର ୧୨ ମାସ ବଦଳରେ ୧୩ ମାସ ବିଚାରକୁ ନେଇ ସମସ୍ତ ଉପଭୋକ୍ତାଙ୍କଠାରୁ ଅନ୍ୟାୟ ଭାବେ ଅନୁମୋଦିତ ହାରଠାରୁ ଅଧିକ ଅତିରିକ୍ତ ସୁରକ୍ଷା ଜମା ଟଙ୍କା ଆଦାୟ କରାଯାଇଛି। ତାହା ଉପରେ ଟାଟା କାହିଁକି ନୀରବ ରହିଲା ➢ପୃଷ୍ଠା-୬



### କାନ ଡେରିଆ

ସରକାର ଏଠି ବିଚାର ନ କରି
ଦରମା ବଢ଼ାଇ ଦେଲେ
ଜନତାଙ୍କ ସ୍ୱର ଶୁଣି ଏବେ
ପୁଣି
ପୁନଃ ବିଚାର କଲେ
କିଛିଦିନ ଖୁସି ହେଲେ...
ଜନ ସେବକଙ୍କ ଏଇ ହିତକାମ
ରାଜ୍ୟବାସୀ ଜାଣିଗଲେ ।
■ ଦେବାଶିଷ

### ବିଜେଡି ପାଇଁ ବିଭୀଷଣ ପାଲଟୁଛନ୍ତି ବବି!

# ସନ୍ଧ୍ୟାରେ ଆସିଲେ, ଧରଣା ଭଣ୍ଡୁର କରି ଛୁ'

**ଭୁବନେଶ୍ୱର,୧୮।୧୨(ସଂଚାର ବ୍ୟୁରୋ):** ବିଜେଡିର ଯୁବ ଓ ଛାତ୍ର ନେତାଙ୍କ ମଧ୍ୟରେ ଏବେ ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କୁ ନେଇ ଅସନ୍ତୋଷ ତୀବ୍ର ହୋଇଛି। ଧର୍ମଶାଳାରେ ପ୍ରଣବ

- ଅଧାରୁ ଭାଙ୍ଗିଦେଲେ ଧର୍ମଶାଳା ଆନ୍ଦୋଳନ
- ଯୁବ ଓ ଛାତ୍ର ନେତାଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ



ବଳବନ୍ତରାୟଙ୍କ କର୍ମୀମାନଙ୍କ ଉପରେ ଆକ୍ରମଣକୁ ନେଇ ବିଜେଡି ନେତାମାନେ ଭୁବନେଶ୍ୱର ଡିଜି କ୍ୟାମ୍ପ ଅଫିସ ଘେରାଉ କରିଥିଲେ। ଗୋଟିଏ ରାତି ଅହୋରାତ୍ର ଧାରଣା ଦିଆଯାଇଥିଲା। ଦ୍ୱିତୀୟ ଦିନ ସନ୍ଧ୍ୟାରେ ବବି ଧାରଣାସ୍ଥଳକୁ ଆସି ଆନ୍ଦୋଳନ ଭଣ୍ଡୁର କରିଦେଇ ଚାଲିଗଲେ। ଯାହାକୁ ନେଇ ବିଜେଡିର ଯୁବ ଓ ଛାତ୍ର ନେତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ଚର୍ଚ୍ଚା ହେଉଛି।

ପ୍ରଣବ ବଳବନ୍ତରାୟଙ୍କ ଫାର୍ମ ହାଉସ ଉପରେ ଆକ୍ରମଣ ଘଟଣାରେ ସ୍ୱାଧୀନ ବିଧାୟକ ହିମାଂଶୁ ଶେଖର ସାହୁ ଓ ତାଙ୍କ ସହଯୋଗୀଙ୍କ ହାତ ଥିବା ଅଭିଯୋଗ କରିଥିଲା ବିଜେଡି। ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ସହ ବିଧାୟକଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଧର୍ମଶାଳାରେ ଗତ ୧୭ ମାସ ମଧରେ ଦିନକୁ ଦିନ ଅରାଜକତା ବଢ଼ିବା ସହ ବିଜେଡି କର୍ମୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଆକ୍ରମଣ କରାଯାଉଛି। ଏଥିରେ ବିଧାୟକଙ୍କ ହାତ ଅଛି ବୋଲି ଛାତି ପିଟି ଅଭିଯୋଗ କରିଥିଲେ ବିଜେଡି ନେତାଏ। ଯେପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇନି, ସେପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବିଜେଡି ନେତାମାନେ ଚେତାବନୀ ଦେଇଥିଲେ। ହେଲେ ଗୋଟିଏ ରାତି ଧାରଣା ଦେବା ପରେ ଦ୍ୱିତୀୟ ଦିନରେ ସବୁ ଫସର ଫାଟିଗଲା। ଦ୍ୱିତୀୟ ଦିନ ପୁଲିସ ୪ ଜଣଙ୍କୁ ଗିରଫ କରିଥିଲା। କିନ୍ତୁ କାହା ବିରୋଧରେ ହତ୍ୟା ଉଦ୍ୟମ କି ମହିଳାଙ୍କୁ ➢ପୃଷ୍ଠା-୬

# କେନ୍ଦ୍ରାପଡ଼ାରେ ଲଭ୍ ଜିହାଦ୍!

### ନ୍ୟାୟ ଦାବିରେ ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତା

**କେନ୍ଦ୍ରାପଡ଼ା,୧୮।୧୨(ସଂଚାର ବ୍ୟୁରୋ):** ହିନ୍ଦୁ ଝିଅଙ୍କୁ ବଳପୂର୍ବକ ବିବାହ କଲେ ମିଳିବ ୧୦ ଲକ୍ଷ ଟଙ୍କା। ଏଭଳି କିଛି ଲୋଭ ଦେଖାଇ ଜିଲ୍ଲାର ଏକ ମୁସଲିମ ସଂଗଠନ ଏପରି ହିନ୍ଦୁ ଝିଅଙ୍କୁ ବିବାହ କଲେ ସମ୍ପୃକ୍ତ ଯୁବକଙ୍କୁ ପୁରସ୍କାର ଦେବାକୁ ଘୋଷଣା କରିଛି। ଉକ୍ତ ସଂଗଠନର ଏପରି ଘୋଷଣା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ମୁସଲିମ ଯୁବକମାନେ ବିପଥଗାମୀ ହେଉଥିବା ବେଳେ ଅନେକ ବିବାହିତା ମୁସଲିମ ଝିଅଙ୍କ ପରିବାର ଭାଙ୍ଗି ଚୂରମାର୍ ହୋଇଯାଉଛି ଓ ସେମାନେ ନର୍କ ଯନ୍ତ୍ରଣା ଭୋଗୁଛନ୍ତି। ଏପରି ଅଭିଯୋଗ କରିଛନ୍ତି ଜଣେ ବିବାହିତା ମୁସଲିମ ଯୁବତୀ। କେନ୍ଦ୍ରାପଡା ପୌରାଞ୍ଚଳର ନସଡିପୁର ଅଞ୍ଚଳର ବାସିନ୍ଦା ତଥା ସଦର ଥାନା ଅଧୀନସ୍ଥ ଜମଧର ଗ୍ରାମରେ ବିବାହ କରିଥିବା ଜନୈକା ମହିଳା ସ୍ୱାମୀଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ବାପ ଘରେ ରହିଆସୁଛନ୍ତି। ତାଙ୍କ ସ୍ୱାମୀ ସଇଜୁଦ୍ଦିନ ଖାନ୍‌ଙ୍କ ଲଭ୍ ଜିହାଦ୍ ଓ ଏକାଧିକ ବିବାହକୁ ବିରୋଧ କରି ଆଜି ଉକ୍ତ ମହିଳା ଜଣଙ୍କ କେନ୍ଦ୍ରାପଡ଼ା ଏସପିଙ୍କ ନିକଟରେ ଅଭିଯୋଗ କରିବା ସହ ନ୍ୟାୟ ଭିକ୍ଷା କରିଛନ୍ତି। ୨୪ ବର୍ଷୀୟା ପୀଡ଼ିତା ଜଣଙ୍କ ଗତ ୨୦୨୦ରେ ସଇଜୁଦ୍ଦିନଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ କନ୍ୟା ସନ୍ତାନ ଥିବା ସତ୍ତ୍ୱେ ସଇଜୁଦ୍ଦିନ ନିଜକୁ ଅବିବାହିତ ଦର୍ଶାଇ ଅନ୍ୟ ଜଣେ ମହିଳାଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ପରେ ତାଙ୍କୁ ବିବାହ କରିବା ସକାଶେ ସେ ନିଜ ବିବାହିତା ପତ୍ନୀଙ୍କୁ ଶାରିରୀକ ଓ ମାନସିକ ➢ପୃଷ୍ଠା-୬



● କିରୋସିନ ଢାଳି ମହିଳାଙ୍କୁ ପୋଡି ମାରିବା ଉଦ୍ୟମ

## ସଙ୍କଟାପନ୍ନ ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ମହିଳା

**ରାଜନଗର,୧୮।୧୨(ସଂଚାର ବ୍ୟୁରୋ):** ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଶୈଳେନ୍ଦ୍ରସରାଇ ଗ୍ରାମର ନିତାଇ ଖଟୁଆଙ୍କ ପତ୍ନୀ କବିତାଙ୍କୁ ସ୍ୱାମୀ, ଶାଶୁ, ଶଶୁରଙ୍କ ସହିତ ଶାଶୁଘର ଲୋକେ ଜୀବନରୁ ମାରିଦେବା ପାଇଁ କିରୋସିନ ଢାଳି ନିଆଁ ଲଗାଇ ମାରି ଦେବାକୁ ଉଦ୍ୟମ କରିଛନ୍ତି। କବିତାଙ୍କ ଚିତ୍କାର ଶୁଣି ପଡୋଶୀ ପହଞ୍ଚି ତାଙ୍କ ବାପ ଘରକୁ ଖବର ଦେବା ସହ ମେଡିକାଲରେ ପହଞ୍ଚାଇଛନ୍ତି। ମହିଳାଙ୍କ ଶରୀରର ୭୫ ଭାଗ ପୋଡି ଯାଇଥିବା ବେଳେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। କଟକର ଏକ ଘରୋଇ ହସ୍ପିଟାଲରେ ମହିଳା ଚିକିତ୍ସାଧୀନ ଅଛନ୍ତି। ପୋଲିସ ଏହି ଘଟଣାରେ ମହିଳାଙ୍କ ସ୍ୱାମୀ ନିତାଇ ଖଟୁଆ, ଶଶୁର ସୁନୀଲ ଖଟୁଆଙ୍କୁ ଗିରଫ କରିଛି।

ଅଭିଯୋଗ ମୁତାବକ ଖାସମୁଣ୍ଡା ଗାଁର ଲକ୍ଷ୍ମଣ ଚନ୍ଦ୍ର ମଣ୍ଡଲଙ୍କ ସାନ ଝିଅ କବିତା (୨୨ ବର୍ଷ) ୪ ବର୍ଷ ତଳେ ଶୈଳେନ୍ଦ୍ରସରାଇ ଗାଁର ସୁନୀଲ ଖଟୁଆଙ୍କ ପୁଅ ନିତାଇ ଖଟୁଆଙ୍କୁ ବିବାହ କରିଥିଲେ। ବିବାହର ଏକ ବର୍ଷ ପରେ ସ୍ୱାମୀ, ଶାଶୁ, ଶାଶ୍ୱର ନିର୍ଯାତନା ଦେଇଆସୁଥିଲେ। ବାରମ୍ବାର ଭଦ୍ରଲୋକ ବସି ସମାଧାନ କରିଥିଲେ। ଏପରିକି ଅଧିକାଂଶ ସମୟରେ କବିତାଙ୍କୁ ପରିବାର ଲୋକେ ଖାଇବାକୁ ଦେଇନଥିଲେ। ଚଳିତ ମାସ ୧୬ ତାରିଖ ଦିନ ୩ ଘଟିକା ସମୟରେ ସ୍ୱାମୀ, ଶାଶୁ, ଶଶୁରଙ୍କ ସମେତ ଦିଅର କବିତାଙ୍କୁ ମାଡ ମାରିବା ସହ ତାଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅବସ୍ଥା ଗୁରୁତର ଥିବାରୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କବିତାଙ୍କ ଶରୀରର ୭୫ ଭାଗ ପୋଡିଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ପୋଲିସ ଏହି ଘଟଣାରେ ସ୍ୱାମୀ ଓ ଶଶୁରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କବିତାଙ୍କର ୨ ବର୍ଷ ଓ ୪ ବର୍ଷର ଦୁଇ ଶିଶୁ ରହିଛନ୍ତି।

## ସରକାରୀ ଜମି ଜବରଦଖଲକୁ ନେଇ ରାଜଗଡ଼ ଗାଁରେ ଉତ୍ତେଜନା

**ରାଜନଗର,୧୭।୧୨ (ସଂଚାର ବ୍ୟୁରୋ):** ରାଜନଗର ତହସିଲ ଅନ୍ତର୍ଗତ ମହୁଲିଆ ପଞ୍ଚାୟତ ରାଜଗଡ ଗାଁରେ ସରକାରୀ ଜମି ଜଳାଶୟ ଜବରଦଖଲକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ରାଜନଗର ତହସିଲଦାରଙ୍କ ନିକଟରେ ଗ୍ରାମବାସୀ ଏନେଇ ଅଭିଯୋଗ କରିବା ସହିତ ଜବରଦଖଲ ଉଚ୍ଛେଦ କରିବା ପାଇଁ ଦାବି କରିଛନ୍ତି। ଅଭିଯୋଗ ମୁତାବକ ନଦୀ ଗ୍ରାସରେ ଘର ଜମି ହରାଇଥିବା ୨୮ ପରିବାରକୁ ରାଜଗଡ ଗ୍ରାମରେ ୪ ଡେସିମିଲ ଲେଖାଏଁ ଜମି ପ୍ରଦାନ କରାଯାଇଥିଲା। କିଛି ଲୋକ ଏହି ପଞ୍ଚାୟତର ଅର୍ଜୁନୀ ଜୋର (କେନାଲ)କୁ ଅବରୋଧ କରିଛନ୍ତି। ଜୋରର ଦୁଇ ପାର୍ଶ୍ୱରେ କଦଳୀ ଗଛ ପକାଇ ଚାଷୀଙ୍କ ଯିବା ଆସିବା ବାଟ ମଧ ବନ୍ଦ କରିଦେଇଛନ୍ତି। ଏହି ଅବରୋଧ ଫଳରେ କେନାଲରେ ପାଣି ମଧ ଚାଷୀ ଆଉ ପାଇ ପାରୁନାହାନ୍ତି। ଏହି କେନାଲ ଉପରେ ମହୁଲିଆ ପଞ୍ଚାୟତ ପକ୍ଷରୁ କଲଭର୍ଟ ନିର୍ମାଣ ପାଇଁ ଅର୍ଥ ଆସିଥିଲେ ମଧ ଜବରଦଖଲ ଯୋଗୁ କଲଭର୍ଟ ନିର୍ମାଣ ହୋଇପାରୁନି। ଏହି ଗାଁରେ ଥିବା ଖାତା ନମ୍ବର ୨୫୪ , ପ୍ଲଟ ନମ୍ବର ୭୦୩ କିସମ ଗ୍ରାମ୍ୟ ଜଙ୍ଗଲ ଓ ପ୍ଲଟ ନମ୍ବର ୭୦୪ କିସମ ଜଳାଶୟକୁ ଜବରଦଖଲ କରିବା ଯୋଗୁ ଗାଁର ମୂଳ ଅଧିବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ କିଛି ଅସମାଜିକ ବ୍ୟକ୍ତି ଧମକ ଚମକ ଦେବା ଦ୍ୱାରା ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ତୁରନ୍ତ ଜବରଦଖଲ ଉଚ୍ଛେଦ କରି ଗାଁରେ ଶାନ୍ତି ଫେରାଇ ଆଣିବାକୁ ଗ୍ରାମବାସୀ ତହସିଲଦାରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

ଟାର୍ଗେଟ ନଥିବାରୁ ମିଳୁନି ଭତ୍ତା

# ଏବେବି ଅପେକ୍ଷାରେ ୫୧୫୦ ଆବେଦନକାରୀ

ପ୍ରଶାସନ ନିରବ, ବଢୁଛି ଅସନ୍ତୋଷ




**ମହାକାଳପଡ଼ା,୧୮।୧୨(ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକର ଯୋଗ୍ୟ ହିତାଧିକାରୀ ମାନଙ୍କ ପାଇଁ ଭତ୍ତା ଏବେ ବଡ଼ ସମସ୍ୟା ରୂପେ ଉଭା ହୋଇଛି। ପର୍ଯ୍ୟାପ୍ତ ଟାର୍ଗେଟ ନଥିବାରୁ ହଜାର ହଜାର ଆବେଦନକାରୀଙ୍କ ଭତ୍ତା ଆବେଦନ ଅନୁମୋଦନ ନହୋଇ ପଡ଼ିରହିଛି। ଯାହା ଫଳରେ ଆବେଦନକାରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

ପଞ୍ଚାୟତ ସମିତି, ମହାକାଳପଡ଼ା ତରଫରୁ ବିଭାଗୀୟ ସୂଚନା ଅନୁଯାୟୀ ୦୧ ଜାନୁଆରୀ ୨୦୨୫ ରୁ ୦୫ ଡିସେମ୍ବର ୨୦୨୫ ମଧ୍ୟରେ ସମୁଦାୟ ୨୬୭୬ ଜଣ ଭତ୍ତା ପାଇଁ ଆବେଦନ କରିଥିଲେ। ଏହି ଏକ ବର୍ଷ ମଧ୍ୟରେ ୨୬୭୬ ଜଣ ଆବେଦନକାରୀଙ୍କ ମଧ୍ୟରୁ କେବଳ ୩୯୨ ଜଣଙ୍କର ଭତ୍ତା ଅନୁମୋଦନ ହୋଇଥିଲା ବେଳେ ୧୯୨୯ ଜଣଙ୍କର ଭତ୍ତା ବିଚାରଧିନ ଅଛି ଏବଂ ତନ୍ମଧ୍ୟରୁ ୩୫୫ ଜଣଙ୍କର ଭତ୍ତା ଦରଖାସ୍ତ ଖାରଜ ହୋଇଅଛି। ସେହିପରି ମଧୁବାବୁ ଭତ୍ତା ଯୋଜନା ଓ ଇନ୍ଦିରା ଗାନ୍ଧୀ ଜାତୀୟ ଭତ୍ତା ଯୋଜନାକୁ ମିଶାଇ ମହାକାଳପଡା ବ୍ଲକକୁ ମୋଟ ୨୯୯୭୩ ଟାର୍ଗେଟ ଆସିଥିଲା। ବର୍ତ୍ତମାନ ସୁଧା ୨୯୯୭୧ ଜଣ ଭତ୍ତା ହିତାଧିକାରୀ ଭତ୍ତା ଗ୍ରହଣ କରୁଥିବା ବିଭାଗ ଦର୍ଶାଇଛି। ସବୁଠାରୁ ବଡ଼ ଆଶ୍ଚର୍ଯ୍ୟକର କଥା ହେଉଛି ବର୍ତ୍ତମାନ ସୁଦ୍ଧା ୫୧୫୦ ଜଣ ଆବେଦନକାରୀ ଭତ୍ତା ଅନୁମୋଦନ ନିମନ୍ତେ ବିଚାରଧୀନ ଅଛନ୍ତି। ଯାହା ସରକାରଙ୍କ ସାମାଜିକ ସୁରକ୍ଷା ଅଧିକାରର ସଫଳ ରୂପାୟନକୁ ପଦାରେ ପକାଇଛି।

ଅନ୍ୟପଟେ ଆବେଦନକାରୀ ମାନେ ଅଭିଯୋଗ ଶୁଣାଣୀରେ ଗଦା ଗଦା ଅଭିଯୋଗ ନେଇ ପହଞ୍ଚି ପ୍ରଶାସନ ଆଗରେ ଗୁହାରି କରି ମଧ ନିରାଶ ହେଉଛନ୍ତି। ଯଦି ଅଭିଯୋଗ କରାଯାଉଛି ତେବେ ଫାଙ୍କା ନଥିବା ଲେଖି ବ୍ଲକ୍ ପ୍ରଶାସନ କାମ ସାରି ଦେଉଛି। କେବଳ ବାର୍ଦ୍ଧକ୍ୟ ଭତ୍ତା ନୁହେଁ ୮୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ,ଦିବ୍ୟାଙ୍ଗ ଓ ୮୦ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ଆବେଦନକାରୀ ମାନଙ୍କ ବର୍ଦ୍ଧିତ ଭତ୍ତା ଆବେଦନରେ ମଧ ସମାନ ଅବସ୍ଥା ସୃଷ୍ଟି ହୋଇଛି। ସରକାରଙ୍କ ଘୋଷଣା ଅନୁଯାୟୀ ଆବଶ୍ୟକୀୟ ଟାର୍ଗେଟ ନଥିବାରୁ ଏବେ ହଜାର ହଜାର ଆବେଦନକାରୀ ସେମାନଙ୍କ ଅଧିକାର ପାଇବାରୁ ବଞ୍ଚିତ ହୋଇ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ସରକାର ଏହି ଘଟଣାକୁ ଗୁରୁତର ସହିତ ବିଚାରକୁ ନେଇ ଭତ୍ତାର ଟାର୍ଗେଟ ବଢ଼ାଇବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ମଧ୍ୟାହ୍ନ ଭୋଜନରେ ବ୍ୟାପକ ଅନିୟମିତତା ଅଭିଯୋଗ

## ଛାତ୍ରଛାତ୍ରୀଙ୍କୁ ମିଳୁଛି ଦରସିଝା ଆଳୁକୁ ଫୁଟିଲା ଗରମ ପାଣି

**ମାହାଙ୍ଗା,୧୭।୧୨ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ଶିକ୍ଷା ମଣ୍ଡଳ ଅଧିନରେ ଶିକ୍ଷକମାନଙ୍କ ରାଜ୍‌ରେ ଚାଲିଛି ମଧ୍ୟାହ୍ନ ଭୋଜନ ଯୋଜନା। ବିଦ୍ୟାଳୟରେ ପ୍ରଧାନଶିକ୍ଷକମାନେ ସବୁଜାଣି ଚେଇଁ ଶୋଇ ରହିଥିଲା ବେଳେ ସେଠାରେ କିଛି ଘରପାଖିଆ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ଯେଉଁମାନେ ନିଜର ପକେଟ୍ ଗରମ କରିବା ପାଇଁ ଦୈନନ୍ଦିନ ଛାତ୍ରଛାତ୍ରୀଙ୍କ ପାଇଁ ଆସୁଥିବା ମଧ୍ୟାହ୍ନ ଭୋଜନ ଖାଦ୍ୟର ପରିମାଣକୁ କମେଇ ଦେଇ ମାସ ଶେଷରେ ଯାହା କିଛି ବଳକା ରହିଲା ତାହାକୁ ବିକ୍ରି କରି ତୋର ଅଧେକୁ ମୋର ଅଧେ ନୀତି ଅବଲମ୍ବନ କରିଥାନ୍ତି। ଯାହାର ଏକ ନଗ୍ନ ନମୁନା ଦେଖିବାକୁ ମିଳିଛି ଉମର ବଳଦେବଜୀଉ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।



ଏହି ବିଦ୍ୟାଳୟରେ ପିଲାମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଖାଦ୍ୟ ଅତ୍ୟନ୍ତ ନିମ୍ନମାନର। ପିଲାମାନେ ଦରସିଝା ଆଳୁଝୋଳ ଖାଇ ଘରକୁ ଫେରିଥାନ୍ତି। ତେବେ ଏଠାରେ ପ୍ରଶ୍ନ ଉଠେ ଏହା ପାଇଁ ଦାୟୀ କିଏ ? ଯେଉଁଠି ସରକାର ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି ପାଇଁ ମଧ୍ୟାହ୍ନ ଭୋଜନ ଯୋଜନା କରିଛନ୍ତି ତାହା କେତେଦୂର ସଫଳ ହେଉଛି ତାହା ଏହି ଘଟଣା ଦେଖିଲା ପରେ ସ୍ପଷ୍ଟ ବାରି ହେଉଛି। ଏହାପ୍ରତି କଟକ ଜିଲ୍ଲା ଶିକ୍ଷାଧିକାରୀ ଦୃଷ୍ଟି ଦେଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ତଥା ଛାତ୍ରାଭିଭାବକ ମହଲରେ ଦୃଢ ଦାବି ହୋଇଛି।

ଏହି ଘଟଣା ସମ୍ପର୍କରେ ଆମ ପ୍ରତିନିଧି ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କ ଦୃଷ୍ଟିଗୋଚର କଲାପରେ ସେ ଏହାପ୍ରତି ତତ୍ପର ପ୍ରକାଶ କରିଥିବା ଜଣାଯାଇଛି। ତେବେ ଏହିପରି ଘଟଣା କେବଳ ଏହି ଗୋଟେ ବିଦ୍ୟାଳୟ ନୁହେଁ ବରଂ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧିନ ଅନେକ ବିଦ୍ୟାଳୟରେ ଦେଖିବାକୁ ମିଳିଛି।

## ଚିକିତ୍ସାଧୀନ ସୁରଥଙ୍କୁ ଭେଟିଲେ ଚିତ୍ତରଞ୍ଜନ



**ମାର୍ଶାଘାଇ,୧୮।୧୨(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ୍ ଅର୍ନ୍ତଗତ ଦୁମୁକା ପଞ୍ଚାୟତର ମୁରବି ତଥା ପୂର୍ବତନ ସୋସାଇଟି ସଭାପତି ସୁରଥ କୁମାର ବେଉରା ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ଖବର ପାଇବା ପରେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଯୁବନେତା ତଥା ରାଜ୍ୟ ଯାଦବ ମହାସଭାର ସାଧାରଣ ସମ୍ପାଦକ ଆଇନଜୀବୀ ଚିତ୍ତରଞ୍ଜନ ଦାସ ସୁରଥଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିବା ସହିତ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ଆକ୍ସନ ମୁଡ଼ରେ ତହସିଲ ପ୍ରଶାସନ

## ନାଲି ଇଟାଭାଟି ଉପରେ ଚଢ଼ାଉ



**ଡେରାବିଶ,୧୮।୧୨(ସଂଚାର ବ୍ୟୁରୋ):** ଚଳିତ ବର୍ଷ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମାଟି ଇଟା ତିଆରି ଉପରେ ରୋକ୍ ଲଗାଯାଇଛି। ପ୍ରଦୂଷଣ ବୋର୍ଡ ପକ୍ଷରୁ ଏ ସମ୍ପର୍କରେ ଜିଲାପାଳମାନଙ୍କୁ ଅବଗତ କରାଯାଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ତହସିଲ ପ୍ରଶାସନକୁ ନିଜ ନିଜ ଅଞ୍ଚଳରେ ମାଟି ପୋଡ଼ି ଇଟା ନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏ ସମ୍ପର୍କରେ ଡେରାବିଶ ତହସିଲ ପ୍ରଶାସନ ପକ୍ଷରୁ ସମସ୍ତ ରାଜସ୍ୱ ଅଞ୍ଚଳକୁ ଅବଗତ କରି ଦିଆଯାଇଥିଲା। ମାତ୍ର କେତେକ ଅମାନିଆ ଇଟା ଭାଟି ମାଲିକ ଉକ୍ତ ନିର୍ଦ୍ଦେଶନାମାକୁ ଭ୍ରୂକ୍ଷେପ ନ କରି ଇଟା ପକାଇ ଚାଲିଥିଲେ।

ଏ ସମ୍ପର୍କରେ ସୂଚନା ପାଇ ବୁଧବାର ଡେରାବିଶ ତହସିଲ ପ୍ରଶାସନ ପକ୍ଷରୁ ୪ଟି ଜାଗାରେ ଚଢ଼ାଉ କରାଯାଇଛି। ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରା ଓ ରାଜସ୍ୱ ପରିଦର୍ଶକ ମାନସ ରଞ୍ଜନ ନାଥ ପ୍ରମୁଖ ଥକେଇନେଉଳି ଅଞ୍ଚଳରେ ୪ଟି ଇଟା ଭାଟି ଉପରେ ଚଢ଼ାଉ କରି ତିଆରି ସରଞ୍ଜାମ ଜବତ କରିଛନ୍ତି। ବର୍ତ୍ତମାନ ଉକ୍ତ ମାଲିକମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ଇଟା ଭାଟି ଗୁଡ଼ିକୁ ଭଙ୍ଗା ଯିବାପାଇଁ ସତର୍କ କରାଇ ଦିଆଯାଇଛି ବୋଲି ତହସିଲଦାର ନାୟକ କହିଛନ୍ତି।

## ଡ୍ରେନେଜକଟ୍ ପୁନରୁଦ୍ଧାର ନାମରେ କାଟିଲେ ବଡ଼ ବଡ଼ ତାଳଗଛ

**ଡେରାବିଶ,୧୮।୧୨(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅଞ୍ଚଳରେ ପ୍ରତିବର୍ଷ ପରି ଏବେ ଡେନେଜ୍‌କଟ୍ ସଫେଇ ଚାଲିଛି। ଜେସିବି ମେସିନ୍ ସହାୟତାରେ ଡ୍ରେନେଜ୍‌କଟ୍ ଭିତର ଓ ବନ୍ଧର ସଫେଇ କରାଯାଇ

ଜବତ ହେଲା ଜେସିବି ମେସିନ୍

ବନ୍ଧକୁ ସୁଦୃଢ଼ ଓ ଏହା ଭିତରର ଦଳ ଇତ୍ୟାଦି ସଫେଇ ଚାଲିଛି। ତେବେ ଆଜି ୧୯ ନଂ ଡ୍ରେନେଜ୍‌କଟ୍‌ର ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଫକିରାବାଦ ନିକଟରେ ସେଇ ଚାଲିଥିବା ବେଳେ ଜେସିବି ଚାଳକ ଜଣକ ଡ୍ରେନେଜକଟ୍ ବନ୍ଧରେ ରହିଥିବା ଶହଶହ ତାଳଗଛ କାଟି ଓପାଡ଼ି ଦେଇଥିବା ଦେଖିବାକୁ ମିଳିଥିଲା। ସରକାର ଏବେ ଲୋକଙ୍କୁ ବଜ୍ରପାତରୁ ସୁରକ୍ଷା ଦେଇ ପାଇଁ ତାଳଗଛ ରୋପଣ କରିବା ସହିତ ତାଳଗଛକୁ ନକାଟିବା ପାଇଁ ପରାମର୍ଶ ଦେଇଛନ୍ତି। ହେଲେ ଠିକାଦାର ଜଣକ ଜାଣିଶୁଣି ଡ୍ରେନେଜକଟ୍ ବନ୍ଧରେ ରହିଥିବା ବହୁ ବଡ଼ ବଡ଼ ତଳଗଛ ଗୁଡ଼ିକୁ କାଟି ଫୋପାଡ଼ି ଦେଇଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ସ୍ଥାନୀୟ ଲୋକମାନେ ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ ତୁରନ୍ତ ଡେରାବିଶ ତହସିଲ ପ୍ରଶାସନ ଓ ବନବିଭାଗକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ଓ ବନବିଭାଗ କର୍ମଚାରୀମାନେ ପହଞ୍ଚି ତୁରନ୍ତ ତାଳଗଛ ତାଡ଼ିଥିବା ଜେସିବିକୁ ଜବତ କରିଥିବା ଜଣାଯାଇଛି।



ଟିପିସିଓଡିଏଲ୍‌ର ଗ୍ରାହକ ମାରଣ ନୀତିର ପ୍ରତିବାଦ

## ଡିଭିଜନ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ



**ସାଲେପୁର,୧୮।୧୨(ସଂଚାର ବ୍ୟୁରୋ):** ଟିପିସିଓଡିଏଲ୍ କମ୍ପାନୀର ଗ୍ରାହକ ଶୋଷଣ ନୀତି ଓ ମନମୁଖୀ କାର୍ଯ୍ୟ ପ୍ରତିବାଦରେ ଆଜି ସାଲେପୁର ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ସାଲେପୁର ଡିଭିଜନ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଉପଭୋକ୍ତା ସଂଘର ଆବାହକ ନନ୍ଦକିଶୋର ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଗଗନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ସଂଘର ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗଦେଇ ଟି.ପି.ସି.ଓ.ଡି.ଏଲ୍. କମ୍ପାନୀ ବିଦ୍ୟୁତ୍ ଗ୍ରାହକମାନଙ୍କ ପ୍ରତି ଯେଉଁଭଳି ଭାବେ ଜୁଲମ୍ ଚଳାଇଛନ୍ତି, ତାକୁ ବନ୍ଦ ନକଲେ ଆଗାମୀ ଦିନରେ ପରିଣାମ ଭୟଙ୍କର ହେବ ବୋଲି ସେ ପ୍ରକାଶ କରିଥିଲେ। ରାଜ୍ୟ ସଂଘର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ଦାସ ଯୋଗଦେଇ ରାଜ୍ୟ ସରକାର ଟି.ପି.ସି.ଓ.ଡି.ଏଲ୍.ମାଧ୍ୟମରେ ଲୋକମାନଙ୍କୁ ଶୋଷଣ କରୁଛନ୍ତି। ଆଗାମୀ ଦିନରେ ଜନସାଧାରଣ ଏହାର ଉପଯୁକ୍ତ ଜବାବ ଦେବେ ବୋଲି ସେ ପ୍ରକାଶ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଶତାଧିକ କର୍ମକର୍ତ୍ତା ଯୋଗଦେଇ ଟିପିସିଓଡିଏଲ୍ କମ୍ପାନୀର ମନମୁଖୀ କାର୍ଯ୍ୟକୁ ତୀବ୍ର ବିରୋଧ କରିବା ସହ ଯଦି କମ୍ପାନୀ ଏହାକୁ ବନ୍ଦ ନକରେ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଥିଲେ।

ଏହି ଅବସରରେ ସଂଘ ପକ୍ଷରୁ ଏକ ୮ଦଫା ସମ୍ବଳିତ ଏକ ଦାବିପତ୍ର ବିଭାଗୀୟ ଅଧିକାରୀଙ୍କ ଜରିଆରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗର ଅଧକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଆସନ୍ତା ୧୫ଦିନ ମଧ୍ୟରେ ଯଦି ବିଦ୍ୟୁତ୍ ଉପଭୋକ୍ତାମାନଙ୍କର ସମସ୍ୟାକୁ ସମାଧାନ କରାନଯାଏ, ତେବେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ଖାଲଖମାରେ ଭର୍ତ୍ତି ରାସ୍ତା,

## ବିଲରୁ ଆସିପାରୁନି ଧାନ

**କେନ୍ଦ୍ରାପଡା,୧୮।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ତହସିଲ ଅନ୍ତର୍ଗତ ୮ନଂ କୋନାଲ ଠାରୁ ସଡ଼େଆ ନାଳୀ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଚାଷୀମାନେ ସେମାନଙ୍କର ବିଲକୁ ଯାଇ ସେମାନଙ୍କର ଧାନ ଆଣିପାରୁ ନାହାଁନ୍ତି । ଏଥିପାଇଁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଏହି ରାସ୍ତା ଦେଇ ଟ୍ରାକ୍ଟର, ପାୱାର ଟିଲର ଯାତାୟତ କରିଥାଏ । ସ୍ଥାନୀୟ ଚାଷୀ ମାନଙ୍କର ପ୍ରାୟ ୩୦୦ ରୁ ଊର୍ଦ୍ଧ୍ୱ ଏକର ଚାଷ ଜମିରେ ଧାନ ହୋଇଥିଲେ ମଧ୍ୟ ରାସ୍ତା ଯୋଗୁଁ ଏମାନେ ଧାନ ଘରକୁ ଆଣିପାରୁ ନାହାଁନ୍ତି । ଏ ବିଷୟରେ ବାରମ୍ବାର ଚାଷୀମାନେ ସ୍ଥାନୀୟ ସରପଂଚ, ବିଡିଓ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ ମଧ ଏହାର କୌଣସି ବ୍ୟବସ୍ଥା ନ ହେବାରୁ ବିଲରେ ଧାନ ପଡିରହିଛି । ଏନେଇ ସଚ୍ଚପୁରା, ରାୟପୁର, ବିଷ୍ଣୁଦାସପୁର ର ଶତାଧିକ ଚାଷୀ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ ଓ ଜିଲ୍ଲାପାଳ ରଘୁରାମ ଆୟ ଆୟାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି ତୁରନ୍ତ ଏହି ରାସ୍ତା ନିର୍ମାଣ କରିବାପାଇଁ ଗଣେଶ୍ୱର ବେହେରା, ରାଜେନ୍ଦ୍ର ନାୟକ, ଖଗେଶ୍ୱର ପରିଡା, ଉପେନ୍ଦ୍ର ବେହେରା ପ୍ରମୁଖ ଦାବି କରିଛନ୍ତି ।

## ନ୍ୟାସନାଲ ହେରାଲ୍ଡ ମାମଲାରେ କଟକ ଜିଲ୍ଲା କଂଗ୍ରେସର ବିଜୟ ଉତ୍ସବ ପାଳିତ

**ନିଶ୍ଚିନ୍ତକୋଇଲି,୧୮।୧୨(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ନେସନାଲ ହେରାଲଡ଼ ମାମଲାରେ କଂଗ୍ରେସର ବିଜୟକୁ ନେଇ ଉତ୍ସବ ପାଳନ କରିବା ସହ ବିଜେପିକୁ ଦୋଷୀ କରି ଚକ୍ରାନ୍ତକାରୀ ବିଜେପି ଦେଶ ବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି ସ୍ଲୋଗାନ ଦେଇ ବ୍ୟାନର ଧରି ନିଶ୍ଚିନ୍ତକୋଇଲି ବଜାର ପରିକ୍ରମା କରିଛି। ନେସନାଲ ହେରାଲଡ଼ ମାମଲାରେ ଜାତୀୟ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ସୋନିୟା ଗାନ୍ଧୀଙ୍କୁ ପକ୍ଷ କରି ୧୦ ବର୍ଷ ଧରି ଇଡି ସିବିଆଇ କୁ ବ୍ୟବହାର କରି ମାମଲା ଚଳାଇଥିଲା। ଶେଷରେ ନ୍ୟାୟାଳୟ ଉକ୍ତ ମାମଲାକୁ ଅଗ୍ରାହ କରିଛି। ଫଳରେ କଂଗ୍ରେସ ର ବିଜୟୀ ହୋଇଥିବାରୁ ପ୍ରଦେଶ କଂଗ୍ରେସର ଆହ୍ୱାନ କ୍ରମେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତା ନାରାୟଣ ଦ୍ୱିବେଦୀ, କ୍ଷମାନିଧି ପୂଜାରୀ, ପ୍ରତାପ ମଲିକ, ଆଶୁତୋଷ ବରାଳ, ସେକ ସଦାମ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ବ୍ୟାନର ଧରି ବିଜେପି ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ନିଶ୍ଚିନ୍ତକୋଇଲି ବଜାର ପରିକ୍ରମା କରି ପଣସପଡ଼ିଆରେ ପହଞ୍ଚିଥିଲେ। ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ପ୍ରତିବାଦ ଜଣାଇଥିଲେ।




## ଓଡ଼ାସିଂଙ୍କ ଉଚ୍ଚ ବିଦ୍ୟାଳୟ ୧୯୭୯ ବ୍ୟାଚ୍‌ର ବନ୍ଧୁମିଳନ




**ସାଲେପୁର,୧୮।୧୨(ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ଅନ୍ତର୍ଗତ ଓଡ଼ାସିଂଙ୍କ ଉଚ୍ଚ ବିଦ୍ୟାଳୟ ୧୯୭୯ମସିହା ବ୍ୟାଚ୍‌ର ବନ୍ଧୁମିଳନ ସମାରୋହ ଓଡ଼ାସିଂହ ଗରୁଡ଼ ମନ୍ଦିର ନିକଟସ୍ଥ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ତପନ ବିହାରୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହୃଷିକେଶ ବରାଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସରୋଜ କୁମାର ରଥଶର୍ମା, ସମ୍ମାନିତ ଅତିଥି ମନୋରଞ୍ଜନ ପଣ୍ଡା, ମୁଖ୍ୟବକ୍ତା ଶିବ ପ୍ରସାଦ ମହାନ୍ତି, ବକ୍ତା ପ୍ରଦୀପ୍ତ କିଶୋର ଦାଶ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଗତ ଦିନର କାର୍ଯ୍ୟାବଳୀ ଉପରେ ଆଲୋଚନା କରାଯାଇଥିଲା। ପରବର୍ତ୍ତୀ ୨୦୨୬ମସିହାର କାର୍ଯ୍ୟପନ୍ଥା, ସାମାଜିକ କାର୍ଯ୍ୟ, ବୃକ୍ଷରୋପଣ, ନିରାଶ୍ରୟମାନଙ୍କୁ କମ୍ବଳ ବଣ୍ଟନ ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ମାର୍ଶାଘାଇ କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା




**ମାର୍ଶାଘାଇ,୧୮।୧୨(ସଂଚାର ବ୍ୟୁରୋ):** ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ମାର୍ଶାଘାଇ କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସିଆରସିସି ଲକ୍ଷ୍ମଣ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପୀନାଥ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମାର୍ଶାଘାଇ ପଞ୍ଚାୟତ ସମିତି ସଭ୍ୟ ପ୍ରସନ୍ନ କୁମାର ସାହୁ, ବିଦ୍ୟାଳୟ ପୁରାତନ ଛାତ୍ରସଂସଦର ପ୍ରାକ୍ତନ ସମ୍ପାଦକ ବିଚିତ୍ରାନନ୍ଦ ବେହେରା, ପ୍ରାକ୍ତନଛାତ୍ର ପ୍ଲାବନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ଆସ ସ୍କୁଲ ଯିବା ଯୋଜନା ଅନୁସାରେ ଅଧାରୁପାଠ ଛାଡୁଥିବା, ଆଦୌ ସ୍କୁଲରେ ନାମ ଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ୫ ବର୍ଷରୁ ୧୮ ବର୍ଷର ପିଲାମାନଙ୍କୁ ଶିକ୍ଷା କ୍ଷେତ୍ରରେ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଏକ ସଚେତନତା ପଦଯାତ୍ରା କରାଯାଇଥିଲା ।

## ଆଞ୍ଚଳିକ ସାଂସ୍କୃତିକ ମହୋତ୍ସବ-୨୦୨୫ ଉଦ୍‌ଘାଟିତ

**ଡେରାବିଶ,୧୮।୧୨(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳୀ ମଡେଲ ହାଇସ୍କୁଲ ପଡ଼ିଆରେ ଆଜି ଅପରାହ୍ନରେ ଆଞ୍ଚଳିକ ସାଂସ୍କୃତିକ ମହୋତ୍ସବ କେଶରପୁର ଉଦ୍‌ଘାଟିତ ହୋଇଯାଇଛି। ସାଂସ୍କୃତିକ ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରଥମ ମହୋତ୍ସବକୁ ଆଜି ମୁଖ୍ୟ ଅତିଥିଭାବେ ଡେରାବିଶ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ ଯୋଗଦେଇ ଅତିଥିମାନଙ୍କ ଗହଣରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶ୍ରୀମତୀ ବାରିକ ମହୋତ୍ସବ ଅଞ୍ଚଳର ସାମାଜିକ ସମ୍ପର୍କକୁ ଦୃଢ଼ କରିବା ସହିତ ଅଞ୍ଚଳର ଐତିହ୍ୟ, ପରାମ୍ପରାକୁ ଉଜ୍ଜିବିତ କରି ରଖିଥାଏ ବୋଲି କହିଥିଲେ।



ବିଶିଷ୍ଟ ସାହିତ୍ୟିକ ସମାଲୋଚକ ପ୍ରାବନ୍ଧିକ ଡକ୍ଟର ପ୍ରକାଶ କୁମାର ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ସାଂସ୍କୃତିକ ସଂଗଠକ ପ୍ରାଧାପକ ଗୁରୁଚରଣ ସେଠୀ ଯୋଗଦେଇ ମହୋତ୍ସବକୁ ଦୀର୍ଘସ୍ଥାୟୀ ଓ ଅକର୍ଷଣୀୟ କରିବା ପାଇଁ ପରାମର୍ଶମାନ ଦେଇଥିଲେ। ମହୋତ୍ସବ କମିଟିର ସମ୍ପାଦକ ଉତମ କୁମାର ସ୍ୱାଇଁ ତାଙ୍କର ବହୁଦିନର ସ୍ୱପ୍ନ ଆଜି ବାସ୍ତବ ରୂପ ନେଉଥିବା ନେଇ ଆନନ୍ଦ ବ୍ୟକ୍ତ କରିଥିଲେ। ସଭାପତି ଅଭୟ କୁମାର ରଥ ମହୋତ୍ସବର ଉଦ୍ଦେଶ୍ୟ, ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ।

ଏହି ଅବସରରେ ଅଞ୍ଚଳର ବର୍ଷିଆନ ଚିକିତ୍ସକ ଡକ୍ଟର ରାଜକିଶୋର ସ୍ୱାଇଁଙ୍କୁ ସେବା କ୍ଷେତ୍ରରେ ଓ ନିୟତି ଫାଉଣ୍ଡେସନ୍ ମୁଖ୍ୟ ନିର୍ମଳ ପଣ୍ଡାଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଶରତ କୁମାର ମଲିକଙ୍କ ଦ୍ୱାରା ଭଜନସନ୍ଧ୍ୟା ଓ କୁନି କୁନି କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ମହୋତ୍ସବ ସ୍ଥଳରେ ୩୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଷ୍ଟଲ, ଛୋଟ ପିଲାମାନଙ୍କ ମନୋରଞ୍ଜନ ପାଇଁ ଦୋଳି ଓ ଫାଷ୍ଟଫୁଡ୍ ଦୋକାନରେ ଭିଡ଼ ଲାଗିଥିଲା। ଏହି ଉତ୍ସବ ଆସନ୍ତା ୨୪ ତାରିଖ ଯାଏ ଅନୁଷ୍ଠିତ ହେବ।

## ପଟ୍ଟାମୁଣ୍ଡାଇ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ପଟ୍ଟାମୁଣ୍ଡାଇ,୧୮।୧୨(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ କଲେଜର ୫୫ତମ ବାର୍ଷିକ କ୍ରୀଡା ଉଦଘାଟିତ ହୋଇଯାଇଛି । ୩ଦିନ ବ୍ୟାପି ଆୟୋଜିତ କ୍ରୀଡା ଉତ୍ସବକୁ ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ପତାକା ହଲାଇ ଉଦଘାଟନ କରିବା ସହିତ ଶିକ୍ଷା ସହିତ କ୍ରୀଡା ଛାତ୍ରଛାତ୍ରୀଙ୍କୁ ଜୀବନରେ ସଫଳତାର ମାର୍ଗ ଦେଖାଏ ବୋଲି ପ୍ରକାଶ କରିଥିଲେ । ପଟ୍ଟାମୁଣ୍ଡାଇ କଲେଜ କ୍ରୀଡା ସଂସଦ ଉପସଭାପତି ଅଧାପକ ଅରବିନ୍ଦ ପାଣ୍ଡବ ଓ ଅଧାପକ ଡ଼ ମାନସ ନାୟକ ଅଧାପିକ ପ୍ରଦ୍ୟୁମ୍ନ ପ୍ରଧାନ ଅଧାପିକା ରଶ୍ମିତା ପାଣିଗ୍ରାହୀ, ଦେବସ୍ମିତା ତ୍ରିପାଠୀ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦୦, ୨୦୦, ୪୦୦, ଓ ୮୦୦ମିଟର ଦୌଡ଼, ସଟପୁଟ,ଡ଼ିସକସ ଥ୍ରୋ, ଜାଭେଲିନ ଥ୍ରୋ,ଲଙ୍ଗ ଜମ୍ପ, ହାଏ ଜମ୍ପ ଆଦି ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କ୍ରୀଡା ପ୍ରତିଯୋଗିତାକୁ ପ୍ରାଧାପକ ଡ଼ ରମେଶ କୁମାର ସାହୁ,କ୍ୟାପଟେନ ମନୋଜ ପରିଡା, ପ୍ରମୋଦ ସ୍ୱାଇଁ ସର୍ବେଶ୍ୱର ସାହୁ, ଅଧାପକ ପିଣ୍ଟୁ ପଟେଲ ପ୍ରମୁଖ ପରିଚାଳନା କରିଥିବାବେଳେ ଅଧାପକ ପୃଥ୍ୱୀରାଜ ବିଶ୍ୱାଳ, ଅମିତ ସାହୁ ରୋହିତ ବଗର୍ତି ଓ ଅଧାପିକା ନିବେଦିତା ପ୍ରଧାନ ଓ ସୀମାଙ୍ଗିନୀ ଦାସ ପରିଚାଳନାରେ ସହଯୋଗ କରିଥିଲେ ।



# ଖଣ୍ଡଗିରି-ଏମ୍ସ ହେବ ସ୍ୱତନ୍ତ୍ର ଆମ୍ବୁଲାନ୍ସ କରିଡର

## ହଟିବ ଜବରଦଖଲ, ସୂଚନା ଦେଲେ ପୂର୍ତ୍ତ ମନ୍ତ୍ରୀ



ଭୁବନେଶ୍ୱର,୧୮।୧୨(ସଂଚାର ବ୍ୟୁରୋ): ଖଣ୍ଡଗିରିରୁ ଏମ୍ସ ପର୍ଯ୍ୟନ୍ତ ହେବ ସ୍ୱତନ୍ତ୍ର ଆମ୍ବୁଲାନ୍ସ କରିଡର। ଆଜି ପୂର୍ତ୍ତ ବିଭାଗର ସମୀକ୍ଷା ବୈଠକରେ ଏ ସଂକ୍ରାନ୍ତ ନିଷ୍ପତ୍ତି ନେଇ ସୂଚନା ଦେଇଛନ୍ତି ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ତାଙ୍କ କହିବାନୁସାରେ, ଖଣ୍ଡଗିରିରୁ କଳିଙ୍ଗନଗର ଯାଏ ୩ ଲେନ ବିଶିଷ୍ଟ ସର୍ଭିସ ରୋଡ୍ ନିର୍ମାଣ ସକାଶେ ନିଷ୍ପତ୍ତି ହୋଇଛି। ଏଥି ମଧ୍ୟରୁ ଗୋଟିଏ ଲେନ୍ ଆମ୍ବୁଲାନ୍ସ ପାଇଁ ସଂରକ୍ଷିତ ରହିବ। ସର୍ଭିସ୍ ରୋଡକୁ ଯଥେଷ୍ଟ ପ୍ରଶସ୍ତ କରାଯିବ। ଆବଶ୍ୟକ ସ୍ଥଳେ ରାସ୍ତା କଡ଼ରୁ ଡ୍ରେନ୍ ଘୁଞ୍ଚିବ ଓ ଜମି ଅଧିଗ୍ରହଣ ବି ହେବ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏପରି କିଛି ଯୋଜନା କରିଥିବା ଶ୍ରୀ ହରିଚନ୍ଦନ କହିଛନ୍ତି।

ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଏନେଇ ପ୍ରାଥମିକ ସର୍ଭେ ବି କରିସାରିଛି। ଖୁବଶୀଘ୍ର ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ ହେବ। ଏବେ ଖଣ୍ଡଗିରି ଛକରୁ ଏମ୍ସ ଯାଏ କେତେକ ସ୍ଥାନରେ ରାସ୍ତା ତିନି ଲେନ୍ ବିଶିଷ୍ଟ ରହିଛି। ଆଉ କେତେକ ସ୍ଥାନରେ ରାସ୍ତା ଅପେକ୍ଷାକୃତ ସଙ୍କୁଚିତ ରହିଛି କିମ୍ବା ଦୁଇ ଲେନ୍ ବିଶିଷ୍ଟ ରହିଛି। ସରକାରଙ୍କ ନିଷ୍ପତ୍ତି ଅନୁସାରେ ଏହି ରାସ୍ତାଟିକୁ ତିନି ଲେନ୍ ବିଶିଷ୍ଟ କରାଯିବ। ଏଥିରୁ ଗୋଟିଏ ଲେନ୍ ସମ୍ପୂର୍ଣ୍ଣ ଭାବେ ଆମ୍ବୁଲାନ୍ସ ପାଇଁ ଉତ୍ସର୍ଗୀକୃତ ରହିବ। ସେହିପରି ଜନସାଧାରଣଙ୍କ ଅବଗତି ନିମନ୍ତେ ଏହି କରିଡରକୁ ହଳଦିଆ ରଙ୍ଗ ଦ୍ୱାରା ଚିହ୍ନଟ କରାଯିବ। ଏହି କରିଡର୍‌ରେ ଯେଭଳି ଅନ୍ୟ କୌଣସି ଗାଡ଼ି ଚଳାଚଳ ନ କରିବ, ସେଥିପାଇଁ ସୁରକ୍ଷାକର୍ମୀଙ୍କୁ ବି ନିୟୋଜିତ କରାଯିବ। କେତେକ ସ୍ଥାନରେ ସିସି କ୍ୟାମେରା ବି ଲାଗିବ। ଅଧିକନ୍ତୁ ଅନ୍ୟ କୌଣସି ଗାଡ଼ି ଅମାନିଆ ହୋଇ ଏହି କରିଡରରେ ପ୍ରବେଶ କଲେ, ସେମାନଙ୍କ ଉପରେ ଜରିମାନା ହେବ ବୋଲି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ଜନୈକ ଅଧିକାରୀ କହିଛନ୍ତି। ଏନେଇ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜିତ ହୋଇଛି।

# ଶ୍ରୀମନ୍ଦିର ପ୍ରଶାସନ କ୍ୟାଲେଣ୍ଡର୍ ଓ ଡାଏରୀ ଲୋକାର୍ପିତ



ଭୁବନେଶ୍ୱର,୧୮।୧୨(ସଂଚାର ବ୍ୟୁରୋ): ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦୨୬ ଇଂରାଜୀ ନୂଆ ବର୍ଷ ଅବସରରେ ମହାପ୍ରଭୁଙ୍କ ଫଟୋଚିତ୍ର ସମ୍ବଳିତ ସୁଦୃଶ୍ୟ କ୍ୟାଲେଣ୍ଡର (ଉଭୟ ୱାଲ୍ ଏବଂ ଡେସ୍କ) ପ୍ରକାଶ ପାଇଛି। କ୍ୟାଲେଣ୍ଡରଗୁଡିକର ପ୍ରଥମ କପିକୁ ଗତ ଧନୁ ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କଠାରେ ଲାଗି ହୋଇଛି। ଏହି ଦେବାର୍ପଣ ପରେ ଆଜି ଉଭୟ କ୍ୟାଲେଣ୍ଡରକୁ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଛନ୍ତି। ଉଭୟ କ୍ୟାଲେଣ୍ଡରରେ ବାଲୁକା କଳା, ପଟ୍ଟଚିତ୍ର, ତାଳପତ୍ର ଖୋଦେଇ ଓ ପାରମ୍ପରିକ ପଥର ଖୋଦେଇ ଚିତ୍ର ମାଧ୍ୟମରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଓ ରଥଯାତ୍ରା ସମ୍ବନ୍ଧୀୟ ଭବ୍ୟ ଚିତ୍ର ଉପସ୍ଥାପିତ କରାଯାଇଛି। ଆଗାମୀ ଦୁଇ ତିନି ଦିନ ପରେ ପୁରୀ ଓ ଭୁବନେଶ୍ୱରସ୍ଥିତ ଶ୍ରୀମନ୍ଦିର ସୂଚନା କେନ୍ଦ୍ରଗୁଡ଼ିକରେ ଏହି କ୍ୟାଲେଣ୍ଡର ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଉପଲବ୍ଧ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶ୍ରୀମନ୍ଦିର ପ୍ରଶାସନର ସ୍ୱତନ୍ତ୍ର ଡାଏରୀ ମଧ ଉନ୍ମୋଚନ କରିଛନ୍ତି। ଏହି ଉନ୍ମୋଚନ ପର୍ବରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହ, ଶ୍ରୀମନ୍ଦିର ପ୍ରଶାସକ (ଉନ୍ନୟନ) ଦେବବ୍ରତ ସାହୁ ଓ ଶ୍ରୀମନ୍ଦିର ପ୍ରଶାସକ (ନୀତି) ଜିତେନ୍ଦ୍ର କୁମାର ସାହୁ ମଧ ଉପସ୍ଥିତ ଥିଲେ।

# ନବୀନଙ୍କୁ ଭେଟିଲେ ଶେରଗଡ଼ବାସୀ ଓ ବିଜେଡି କର୍ମୀ



## ବିକାଶ କାମରେ ଉଦାସୀନତା, ଆଇନଶୃଙ୍ଖଳାରେ ପକ୍ଷପାତ ଅଭିଯୋଗ

ଭୁବନେଶ୍ୱର,୧୮।୧୨(ସଂଚାର ବ୍ୟୁରୋ): ହିଞ୍ଜିଳି ନିର୍ବାଚନମଣ୍ଡଳୀର ଶେରଗଡ଼ ବ୍ଲକ୍‌ର ଜନସାଧାରଣ ଓ ବିଜେଡି ନେତା ଏବଂ କର୍ମୀ ଆଜି ପୂର୍ବାହ୍ନରେ ନବୀନ ନିବାସରେ ପହଞ୍ଚି ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ଶେରଗଡ଼ ବ୍ଲକ୍‌ରେ ବିକାଶ କାମରେ ସରକାରୀ ଉଦାସୀନତା ଓ ଆଇନଶୃଙ୍ଖଳା ଅଧିକାରୀ ଦଳୀୟ ମନୋଭାବ ନେଇ ବିଜେଡି କର୍ମୀମାନଙ୍କୁ ହଇରାଣ ହରକତ କରୁଥିବା ନେଇ ଅଭିଯୋଗ କରିଥିଲେ। ଜିଲ୍ଲା ପୁଲିସ ପ୍ରଶାସନ ଦଳୀୟ ଭିତ୍ତିରେ କାମ କରୁଥିବା ଓ ବିଜେଡି କର୍ମୀମାନଙ୍କୁ ହଇରାଣ କରୁଥିବା ନେଇ ଅଭିଯୋଗ କରିଥିଲେ।

ସରକାରୀ ଉଦାସୀନତା ଯୋଗୁଁ ବିକାଶ କାମ ଅଧାପନ୍ତରିଆ ପଡ଼ିଥିବା ସ୍କୁଲରେ ଶିକ୍ଷକ ପଦବୀ ପୂରଣ ହେଉନଥିବା, କେତେକ ସ୍କୁଲରେ ବିଦ୍ୟୁତ ସଂଯୋଗ ଦିଆଯାଉ ନ ଥିବା ଯୋଗୁଁ ଶିକ୍ଷାଦାନରେ ଅବନତି ହେଉଥିବା ନେଇ ସେମାନେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଧାନ ସଂଗ୍ରହରେ ଅବ୍ୟବସ୍ଥା ଯୋଗୁଁ ଚାଷୀ କିପରି ହଇରାଣ ହେଉଛନ୍ତି, ସେ ବିଷୟରେ ମଧ୍ୟ ସେମାନେ ଶ୍ରୀ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥଲେ। ଡାକ୍ତରଙ୍କ ସମେତ ବିଭିନ୍ନ ସରକାରୀ ଅଧିକାରୀଙ୍କୁ ଶେରଗଡ଼ ବାହାରକୁ ମନଇଚ୍ଛା ବଦଳି କରାଯାଉଥିବା ଓ ଖାଲି ପଦବୀ ପୂରଣ କରା ନ ଯାଉଥିବାରୁ ସ୍ୱାସ୍ଥ୍ୟସେବା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଥିସହ ପ୍ରଶାସନିକ ସ୍ତରରେ ଦଳ ଭିତ୍ତିରେ ପାତର ଅନ୍ତର ନୀତି ଆପଣାଯାଉଥିବାରୁ ହିତାଧିକାରୀମାନେ ଖାଦ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷା ଭତ୍ତା ପାଇବା ନେଇ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ମଧ୍ୟ ସେମାନେ ନବୀନଙ୍କୁ ଅବଗତ କରାଇଛନ୍ତି। ଏସବୁ ଶୁଣିବା ପରେ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଏଭଳି ପ୍ରଶାସନିକ ଉଦାସୀନତା ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ସମସ୍ୟାର ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଏହି ଆଲୋଚନା ସମୟରେ ବିରୋଧୀ ଦଳ ନେତାଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ର ଓ ଶେରଗଡ଼ର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟ ପ୍ରତିନିଧି ଉପସ୍ଥିତ ଥିଲେ।

# ସରଗିଫୁଲ୍ ମହୋତ୍ସବ ଉଦ୍‌ଘାଟିତ

- ୩୦ ଜିଲ୍ଲାରୁ ୧୧୬୦ ଅଂଶଗ୍ରହଣକାରୀ ସାମିଲ୍
- ଛାତ୍ରଛାତ୍ରୀଙ୍କ ବିଜ୍ଞାନ ମେଳା ମୁଖ୍ୟ ଆକର୍ଷଣ




ଭୁବନେଶ୍ୱର,୧୮।୧୨(ସଂଚାର ବ୍ୟୁରୋ): ବହୁପ୍ରତୀକ୍ଷିତ ସରଗିଫୁଲ୍ ମହୋତ୍ସବ-୨୦୨୫। ଆଜି ଉଦ୍‌ଘାଟିତ ହୋଇଛି। ଏହି ତିନି ଦିନବ୍ୟାପୀ କାର୍ଯ୍ୟକ୍ରମ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପକ୍ଷରୁ ଆୟୋଜିତ ହେଉଥିବା ବେଳେ ଏହାକୁ ବିଦ୍ୟାଳୟ ଓ ଗଣଶିକ୍ଷା, ଅନସୂଚିତ ଜାତି ଓ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିଛନ୍ତି। ସେହିପରି ଏହି ଉଦ୍‌ଘାଟନୀ ଉତ୍ସବରେ ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ବି ପରମେଶ୍ୱରନ୍, ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର କୁମାର ମୀନା, ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ଅନ୍ୟାନ୍ୟ ପଛୁଆ ବର୍ଗ ନିର୍ଦ୍ଦେଶକ ଯୁଗଳେଶ୍ୱରୀ ଦାଶ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ମେମ୍ବର ସେକ୍ରେଟାରୀ ସୁଧାକର ଶବର ଉପସ୍ଥିତ ଥିଲେ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ପିଲାମାନଙ୍କ ମଧ୍ୟରେ ଅଫୁରନ୍ତ ଆଶା ଓ ଆନନ୍ଦ ଆଣିଦେବାରେ ସହାୟକ ହୋଇଆସିଛି ଏହି ମହୋତ୍ସବ। ପିଲାମାନେ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ଭଳି କ୍ଷମତା ବହନ କରୁଛନ୍ତି। ବିଶେଷକରି ଅନୁସୂଚିତ ଜନଜାତି ତଥା ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଓ ସେମାନଙ୍କର ଦକ୍ଷତାକୁ ଅଧିକ ବିକଶିତ କରିବା ନିମନ୍ତେ ଏହି ମହୋତ୍ସବ ଏକ ଅଭିନବ ମାଧ୍ୟମ ହେବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ମତ ଦେଇଛନ୍ତି। ଏହି ଅବସରରେ ସେ ବିଭାଗର ବିଭିନ୍ନ ସଫଳତା ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ଆୟୁକ୍ତ ତଥା ଶାସନ ସଚିବ ସ୍ୱାଗତ ଅଭିଭାଷଣ ରଖି ସରଗିଫୁଲର କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିବା ବେଳେ ଏହି ମହୋତ୍ସବ ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବା ସହ ଶିକ୍ଷକଶିକ୍ଷୟିତ୍ରୀଙ୍କ ପାଇଁ ମଧ୍ୟ ଉପଯୋଗୀ ବୋଲି କହିଛନ୍ତି।

ଏହି ଅବସରରେ ୨୦୨୫ ଦଶମ ପରୀକ୍ଷାରେ ଉନ୍ନତ ପ୍ରଦର୍ଶନ କରିଥିବା ୧୦ ଏସସି/ଏସଟି ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ ସହ ସ୍ମାରକୀ ଏବଂ ପୁସ୍ତକ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ୨୦୧୦ରେ ଏହି ମହୋତ୍ସବ ଆରମ୍ଭ ହୋଇଥିବା ବେଳେ ଏହା ପରଠାରୁ ନିୟମିତ ଭାବେ ବିଦ୍ୟାଳୟ, ବ୍ଲକ୍, ଜିଲ୍ଲା ସ୍ତରରେ ଆୟୋଜିତ ହୋଇଆସୁଛି। ଚଳିତ ବର୍ଷ ଏହି ଉତ୍ସବରେ ରାଜ୍ୟର ସମସ୍ତ ଜିଲ୍ଲାରୁ ବିଭାଗୀୟ ଆଶ୍ରମ ସ୍କୁଲ, ସେବାଶ୍ରମ, ଉଚ୍ଚ ବିଦ୍ୟାଳୟ, ଆବାସିକ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ୧୧୬୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି। ସେହିପରି ଚଳିତ ବର୍ଷ ଏହି ଉତ୍ସବରେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାର ଆୟୋଜନ କରାଯାଇଛି।

# ବର୍ଦ୍ଧିତ ଭତ୍ତା ନେବେନି ପ୍ରସାଦ



ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ): ନିକଟରେ ବିଧାୟକମାନଙ୍କ ଦରମାକୁ ୩ ଗୁଣ ବୃଦ୍ଧି କରାଯାଇଥିବା ବେଳେ ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଆସୁଛି। ଏପରି ବିରୋଧକୁ ଦୃଷ୍ଟିରେ ରଖି କେତେକ ବିଧାୟକ ସେମାନଙ୍କର ଏହି ବର୍ଦ୍ଧିତ ଦରମା ଆବଶ୍ୟକ ନାହିଁ ବୋଲି କହିଛନ୍ତି। ସେମାନଙ୍କ ମଧ୍ୟରେ ସିପିଆଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ସର୍ବପ୍ରଥମ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ ଏହି ବର୍ଦ୍ଧିତ ଦରମା ନେବେନାହିଁ ବୋଲି କହିବା ସହ ଉକ୍ତ ଅର୍ଥ ଗରିବଙ୍କ ବିକାଶ ପାଇଁ ଉପଯୋଗ କରିବା ସକାଶେ ସରକାରଙ୍କୁ ନିବେଦନ କରିଥିଲେ। ଏବେ ପୂର୍ବତନ ବିଧାୟକଙ୍କ ପାଇଁ ଉଦ୍ଦିଷ୍ଟ ବର୍ଦ୍ଧିତ ଭତ୍ତାକୁ ନା' କହିଛନ୍ତି ବରିଷ୍ଠ କଂଗ୍ରେସ ନେତା ପ୍ରସାଦ ହରିଚନ୍ଦନ। ଏନେଇ ସେ ଆଜି ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ସାମ୍ବିଧାନିକ ବିଧି ବିଧାନ ଅନୁଯାୟୀ ବିଧାୟକଙ୍କ ଦରମା ବୃଦ୍ଧି ନେଇ ଗୃହରେ ନିଷ୍ପତ୍ତି ହୁଏ। ଏପରି ସାମ୍ବିଧାନିକ ଅଧିକାରକୁ ଅତି ସଂଯମତା ଓ ସତର୍କତାର ସହ ପାଳନ କରାଯିବା ଉଚିତ। କିନ୍ତୁ ଡବଲ ଇଞ୍ଜିନ ସରକାରରେ ଏବେ ରାଜ୍ୟ ବିଧାନସଭାର ସଦସ୍ୟ ଓ ପୂର୍ବତନ ବିଧାୟକ ମାନଙ୍କ ଦରମା ଓ ଭତ୍ତା ତିନି ଗୁଣା ବୃଦ୍ଧି କରାଯାଇଛି। ମାତ୍ର ଏହି ବୃଦ୍ଧି ସାଧାରଣ ଲୋକଙ୍କ ଦ୍ୱାରା ଗ୍ରହଣୀୟ ହୋଇନାହିଁ। ତେଣୁ ବର୍ଦ୍ଧିତ ଦରମା ଓ ଭତ୍ତା ନିଷ୍ପତ୍ତିକୁ ସେ ବିରୋଧ କରୁଛନ୍ତି। ମାତ୍ର ଭତ୍ତା କ୍ଷେତ୍ରରେ ଆଇନରେ ଅନ୍ୟ ଏକ ବ୍ୟବସ୍ଥା ଅଛି, ଯାହାକି ଅନୁପାଳନ କରାଯାଉନାହିଁ। ଏହି ନିୟମ ଅନୁଯାୟୀ, ଦରମା ପ୍ରାପ୍ତ ସଦସ୍ୟମାନଙ୍କ ଦରମାରୁ ଭତ୍ତାକୁ ବାଦ ଦିଆଯାଇ ଦେୟ ପ୍ରଦାନ କରାଯାଏ। ଏଥିସହ ଜଣେ ସଦସ୍ୟ ଏକାଧିକ ଭତ୍ତା ନେଇପାରିବେ ନାହିଁ। କିନ୍ତୁ ବର୍ତ୍ତମାନ ରାଜ୍ୟରେ ୩ ଶ୍ରେଣୀର ଭତ୍ତାଧାରୀ ପୂର୍ବତନ ସାଂସଦ ଓ ପୂର୍ବତନ ବିଧାନସଭା ସଦସ୍ୟ ଅଛନ୍ତି। ଏପରି ବ୍ୟବସ୍ଥାକୁ ସେ ଗତ ୨୦୦୯ରେ ବିଧାୟକ ଭାବେ ନିର୍ବାଚିତ ହେବା ପରେ ଭତ୍ତାକୁ ବାଦ୍ ଦେଇ ଦରମା ପ୍ରଦାନ ସକାଶେ ଉଦ୍ୟମ କରିଥିବା ଶ୍ରୀ ହରିଚନ୍ଦନ କହିଛନ୍ତି।

# ଜଷ୍ଟିସ ସଙ୍ଗମ ହେବେ ପାଟନା ହାଇକୋର୍ଟ ମୁଖ୍ୟ ବିଚାରପତି



ଭୁବନେଶ୍ୱର,୧୮।୧୨(ସଂଚାର ବ୍ୟୁରୋ): ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁ ହେବେ ପାଟନା ହାଇକୋର୍ଟ ମୁଖ୍ୟ ବିଚାରପତି। ଗୁରୁବାର ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ୍ ସଙ୍ଗମ କୁମାର ସାହୁଙ୍କୁ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ନିଯୁକ୍ତି ପାଇଁ ସୁପାରିଶ କରିଛନ୍ତି।ବିଚାରପିତଙ୍କ ନିଯୁକ୍ତି ନେଇ ଗୁରୁବାର ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ କଲେଜିୟମର ଏକ ବୈଠକ ବସିଥିଲା। ଯେଉଁଠାରେ ଦେଶର ବିଭିନ୍ନ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ପାଞ୍ଚଜଣ ହାଇକୋର୍ଟ ବିଚାରପତିଙ୍କୁ ପଦୋନ୍ନତି ଦେବା ପାଇଁ ପ୍ରସ୍ତାବ ଦିଆଯାଇଥିଲା।

# ୪୦ ଫୁଟ୍ ତଳକୁ ଖସିଲା ବଲେରୋ, ୫ ଆହତ

ବାରିପଦା, ୧୮।୧୨ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ମୋରଡ଼ା-ଜଳେଶ୍ୱର ରାସ୍ତାର ନଳଗଜା ପୋଲ ଉପରୁ ପ୍ରାୟ ୪୦ ଫୁଟ ତଳକୁ ଖସିଲା ବଲେରୋ। ଦୁର୍ଘଟଣାରେ ତିନି ଜଣ ଗୁରୁତର ହୋଇଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ପଶ୍ଚିମବଙ୍ଗର ଗୋପିବଲ୍ଲଭପୁରରୁ ଏକ ବଲେରୋରେ ୯ ଜଣ ଓଡ଼ିଶାର ଝାଟିଅଡା ଗ୍ରାମର ଏକ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସୁଥିବା ବେଳେ ନଳଗଜା ପୋଲ ଉପରୁ ପ୍ରାୟ ୪୦ ଫୁଟ ତଳକୁ ଖସି ପଡିଥିଲା ବଲେରୋଟି। ତେବେ ସ୍ଥାନୀୟ ଲୋକମାନେ ଶବ୍ଦ ଶୁଣି ଘଟଣାସ୍ଥଳରେ ସମସ୍ତଙ୍କୁ ଉଦ୍ଧାର କରି ପ୍ରଥମେ ରାସଗୋବିନ୍ଦପୁର ମେଡିକାଲକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ୩ ଗୁରୁତରଙ୍କୁ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲକୁ ପଠାଯାଇଥିବା ଜଣାପଡିଛି। ସତ୍ୟବାନ ବାବୁଲି, ରସନ ଦାସ, କ୍ରିଷ୍ଣା ବାଗ ଗୁରୁତର ଥିବାବେଳେ ଅନ୍ୟ ମାନେ ଆହତ ହୋଇଥିବା ଜଣାପଡିଛି ।

- ଖଡ଼ିଆଳ ଅଞ୍ଚଳରେ ହାତୀପଲଙ୍କ ଆତଙ୍କ

# ଘରଭାଙ୍ଗି ଧାନ, ମାଣ୍ଡିଆ ଖାଇଗଲେ

ନୂଆପଡ଼ା, ୧୮।୧୨ (ସଂଚାର ବ୍ୟୁରୋ): ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲା ସୀମାନ୍ତରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଯାହାଫଳରେ ଭୟଭୀତ ହୋଇ ପଡିଛନ୍ତି ଖଡ଼ିଆଳ ବ୍ଲକର ଭୋଜପୁର ଗ୍ରାମବାସୀ। ଝାରଖଣ୍ଡରୁ ୩୦ ଟିକିଆ ହାତୀ ପଲ ପଶି ଆସିଛନ୍ତି। ଖଡିଆଳ ବ୍ଲକ୍ ଭୋଜପୁର୍ ସହ ବଲାଙ୍ଗୀର ଜିଲ୍ଲା ସୀମାନ୍ତରେ ହାତୀ ପଲର ଉପଦ୍ରବ ଲାଗି ରହିଅଛି। ଗ୍ରାମକୁ ଆସି ଘର ଭିତରେ ଥିବା ଧାନ, ମାଣ୍ଡିଆ ଓ ଚାଷୀ ଅମଳ କରି ରଖିଥିବା କୃଷିଜାତ ଦ୍ରବ୍ୟକୁ ଖାଇ ନଷ୍ଟ କରୁଛନ୍ତି। ଯୁବାମାଳ ଗ୍ରାମରେ କୃଷ୍ଣରାମ ଆଉୟୁଏଡଙ୍କ ଘର ଭାଙ୍ଗି ଥିବା ବେଳେ ନିକଟରେ ଥିବା ଅନ୍ୟ ଏକ ଘରର ଝରକା ଭାଙ୍ଗି ଯାଇଛି । ହାତୀ ପଲ ପଶି ବ୍ୟାପକ ଆତଙ୍କ ସୃଷ୍ଟି କରିଥିବା ବେଳେ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ଗୋଟିଏ ପଲରେ ୧୦ ଗୋଟି ହାତୀ ଥିବାବେଳେ ଅନ୍ୟ ଏକ ପଲରେ ୨୦ ଗୋଟି ହାତୀ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନଙ୍କୁ ଯୋଗାଯୋଗ କରିବାରୁ ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀ ଘଟଣାସ୍ଥଳରେ ନଜର ରଖିଥିବା ବେଳେ ଏହି ହାତୀକୁ ଜଙ୍ଗଲକୁ ପ୍ରତ୍ୟାବର୍ତନ କରିବାକୁ ଉଦ୍ୟମ ଚାଲିଥିବା ସୂଚନା ମିଳିଛି।

# ଟଣ୍ଟି ଚିପି ସ୍ୱାମୀକୁ ହତ୍ୟା, ସ୍ତ୍ରୀ ଗିରଫ

ସମ୍ବଲପୁର, ୧୮।୧୨ (ସଂଚାର ବ୍ୟୁରୋ): ବୁର୍ଲା ଥାନା ଅନ୍ତର୍ଗତ ଏମସିଏଲ ଜାଗୃତି ବିହାର ଠାରେ ଜଣେ ଏମସିଏଲ କର୍ମଚାରୀଙ୍କୁ ତାଙ୍କ ଧର୍ମପତ୍ନୀ ଟଣ୍ଟିଚିପି ହତ୍ୟା କରିଛନ୍ତି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଝାରସୁଗୁଡ଼ା ଲଖନପୁର ମୂଳ ବାସିନ୍ଦା ତଥା ବର୍ତମାନ ବୁର୍ଲା ଏମସିଏଲରେ କର୍ମଚାରୀ ଆକାଶ ମୁଣ୍ଡା(୨୫)। ତାଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ସ୍ତ୍ରୀଙ୍କୁ ପୁଲିସ ଗିରଫ କରିଛି। ସେ ହେଉଛନ୍ତି ସୁନ୍ଦରଗଡ଼ ଜିଲା ଭସ୍ମଲେପନ ଅନ୍ତର୍ଗତ ଦେଉଳି ଗ୍ରାମର ସରସ୍ୱତୀ ମୁଣ୍ଡା। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ଗାମୁଛାକୁ ପୁଲିସ ଜବତ କରିଛି। ଏନେଇ ମୃତକ ଆକାଶଙ୍କ ବଡ଼ ଭଉଣୀ ସଂଯୁକ୍ତା ମୁଣ୍ଡାଙ୍କ ଏତଲା କ୍ରମେ ବୁର୍ଲା ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୁଲିସ ଅଭିଯୁକ୍ତା ସରସ୍ୱତୀଙ୍କ କୋର୍ଟ ଚାଲାଣ କରିଛି।

### ବିଜେପି କୃଷକ ମୋର୍ଚ୍ଚାର ନୂତନ ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧନା

# ସଂଗଠନ ମଜଭୁତ ପାଇଁ ଗାଁକୁ ଯିବ କୃଷକ ମୋର୍ଚ୍ଚା



ଭୁବନେଶ୍ୱର,୧୮।୧୨(ସଂଚାର ବ୍ୟୁରୋ): ଚାଷୀ ସମସ୍ୟାର ସମାଧାନ କରି ସେମାନଙ୍କ ସାମଗ୍ରିକ ବିକାଶ ପାଇଁ କାନ୍ଧରେ କାନ୍ଧ ମିଳାଇ କାର୍ଯ୍ୟ କରିବ ବିଜେପି କୃଷକ ମୋର୍ଚ୍ଚା। ଚାଷୀଙ୍କ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଏସବୁ ଯୋଜନାର ସଫଳ ରୂପାୟନ ସହ ସଂଗଠନକୁ ମଜବୁତ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା କାର୍ଯ୍ୟ କରିବ ବୋଲି ବିଜେପି କୃଷକ ମୋର୍ଚ୍ଚାର ନୂତନ ରାଜ୍ୟ ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ କହିଛନ୍ତି। ଆଜି ଶ୍ରୀ ପାଢ଼ୀଙ୍କୁ ରାଜ୍ୟ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯିବା ଅବସରରେ ସେ କହିଛନ୍ତି ଯେ ଚାଷୀମାନଙ୍କ ସ୍ୱାର୍ଥ ଓ ସୁରକ୍ଷାକୁ ଧ୍ୟାନ ଦିଆଯିବା ସହ ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ନୂତନ ଭାବେ ପ୍ରୟାସ କରାଯିବ। ଓଡ଼ିଶାର ୭୩ ପ୍ରତିଶତ ଚାଷୀ ପରିବାରଙ୍କ ପାଖକୁ ସରକାରଙ୍କ ସମସ୍ତ ଯୋଜନା ସଠିକ୍ ଭାବେ ପହଞ୍ଚାଇବା ଆମର ପ୍ରଥମ ଲକ୍ଷ୍ୟ। ଚାଷୀମାନଙ୍କୁ ଆତ୍ମନିର୍ଭର କରି ବିଜେପି ପ୍ରତି ସେମାନଙ୍କ ଆସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ସମସ୍ତ କାର୍ଯ୍ୟକର୍ତ୍ତା ଗାଁକୁ ଗାଁ ଯାଇ କାମ କରିବେ। ପ୍ରଧାନମନ୍ତ୍ରୀଙ୍କ କୃଷିକଲ୍ୟାଣ ଯୋଜନା ଯଥା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସଏଲ୍ ହେଲ୍‌ଥ କାର୍ଡ, କିସାନ କ୍ରେଡିଟ କାର୍ଡ, ପିଏମ୍ କୃଷି ସିଞ୍ଚାଇ ଯୋଜନା ଆଦି ଲାଗୁ କରାଯାଇଛି। ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବାରେ ଏହା ସହାୟକ ହୋଇଛି ବୋଲି ଶ୍ରୀ ପାଢ଼ୀ କହିଛନ୍ତି। ପ୍ରାରମ୍ଭରେ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ସଭାରେ ବରିଷ୍ଠ ନେତା ରଞ୍ଜନ ପଟେଲ, ପୂର୍ବତନ ରାଜ୍ୟ ଉପସଭାପତି ହୃଷୀକେଶ ଜେନା, ସୂର୍ଯ୍ୟନାରାୟଣ ମହାପାତ୍ର, ପୁଲିନ ପୁହାଣ, ରାମକୃଷ୍ଣ ପାତ୍ର, ଦିଲ୍ଲୀପ ସ୍ୱାଇଁ, ଶଙ୍କର୍ଷଣ ଜେନା, ପୂର୍ବତନ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ପ୍ରଶାନ୍ତ କୁମାର ସ୍ୱାଇଁ, ଜଗନ୍ନାଥ ମହାପାତ୍ର, ଅଶୋକ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ କୃଷକ ନେତା ବିଶ୍ୱଜିତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଏଆଇର ସଦୁପଯୋଗରେ ଶିକ୍ଷାରେ ଆସିବ ସଂସ୍କାର




ନୂଆଦିଲ୍ଲୀ,୧୮।୧୨ (ସଂଚାର ବ୍ୟୁରୋ): କୃତ୍ରିମ ବୁଦ୍ଧିମତା (ଏଆଇ) ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିପାରିବ। ଏହାଦ୍ୱାରା ଶିକ୍ଷାରେ ଦେଖାଦେଉଥିବା ବହୁ ଆହ୍ୱାନର ମଧ ସମାଧାନ ହୋଇପାରିବ ସହ ଗଣବତ୍ତା ବଢ଼ାଇବାରେ ମଧ ସହାୟକ ହୋଇପାରିବ। ଆଜି ନୂଆଦିଲ୍ଲୀଠାରେ ଶିକ୍ଷା କ୍ଷେତ୍ରରେ ଏଆଇ ବ୍ୟବହାର ସମ୍ପର୍କିତ ତୃତୀୟ ଆଲୋଚନାଚକ୍ରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଭଟକରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର, ଦକ୍ଷତା ବିକାଶ ମନ୍ତ୍ରୀ ଜୟନ୍ତ ଚୌଧୁରୀ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର ସହ ଛାତ୍ରଛାତ୍ରୀଙ୍କ ଅନୁକୂଳ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା, ଶିକ୍ଷାର୍ଥୀଙ୍କ ଆବଶ୍ୟତା ଅନୁଯାୟୀ ପାଠପଢ଼ାକୁ ଗୁରୁତ୍ୱ ଦିଆଯାଉଛି। ଏଆଇ ବ୍ୟବହାର ଦ୍ୱାରା ଏହାର ବିକାଶ ନେଇ ବିଶେଷଜ୍ଞମାନେ ଦେଇଥିବା ପରାମର୍ଶକୁ ସେ ସ୍ୱାଗତ କରିଛନ୍ତି।

### ସ୍ଥାନୀୟ ଖାଦ୍ୟ ପରଷିବା ନେଇ ରେଳବାଇର ପଦକ୍ଷେପ

# ବନ୍ଦେ ଭାରତରେ ମିଳୁଛି ସୁସ୍ୱାଦୁ ଓଡ଼ିଆ ଖାଦ୍ୟ

ଭୁବନେଶ୍ୱର,୧୮।୧୨(ସଂଚାର ବ୍ୟୁରୋ): ଭାରତୀୟ ରେଳବାଇ ପକ୍ଷରୁ 'ବନ୍ଦେ ଭାରତ ଏକ୍ସପ୍ରେସ୍'ରେ ଯାତ୍ରୀମାନଙ୍କୁ ସ୍ଥାନୀୟ ଖାଦ୍ୟ ପରଷିବା ଦିଗରେ ପଦେକ୍ଷପ ନିଆଯାଇଛି। ଫଳତଃ ୨୨୮୯୫ ହାଓଡ଼ା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସରେ ଯାତ୍ରୀମାନେ ଓଡ଼ିଆ ଖାଦ୍ୟର ମଜା ନେଇପାରିବେ। ଯାତ୍ରୀମାନେ ଓଡ଼ିଶାର ଆଳୁ ଫୁଲକୋବି ପ୍ରସ୍ତୁତ ସୁସ୍ୱାଦୁ ବ୍ୟଞ୍ଜନ ଖାଇପାରିବେ। ସେହିଭଳି ୨୨୮୯୫ ଏଚଡବ୍ଲୁଏଚ-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସରେ ଯାତ୍ରୀଙ୍କୁ ମିଳିବ ଆଳୁ-ପୋଟଳ ଭଜା। 'ବନ୍ଦେ ଭାରତ'ର ଯାତ୍ରୀମାନେ ମଧ ଟ୍ରେନ ଭିତରୁ ନିଜ ମନପସନ୍ଦର ମହାରାଷ୍ଟ୍ର, ଗୁଜରାଟ, ପଶ୍ଚିମବଙ୍ଗ, କେରଳ, ବିହାର ଓ କାଶ୍ମୀରର ଆଞ୍ଚଳିକ ସୁସ୍ୱାଦୁ ଖାଦ୍ୟ ଉପଭୋଗ କରିପାରିବେ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି। ଭାରତୀୟ ରେଳବାଇ ଆଇଆର୍‌ସିଟିସି ମାଧ୍ୟମରେ ସାଂସ୍କୃତିକ ଦୃଷ୍ଟିରୁ ପ୍ରାସଙ୍ଗିକ ଖାଦ୍ୟ ଓ ପ୍ରାମାଣିକ ସ୍ଥାନୀୟ ସ୍ୱାଦ ପ୍ରଦାନ ପୂର୍ବକ ଯାତ୍ରୀଙ୍କ ଅଭିଜ୍ଞତାକୁ ଆହୁରି ବୃଦ୍ଧି କରିବା ପାଇଁ 'ବନ୍ଦେ ଭାରତ' ଟ୍ରେନରେ ଆଞ୍ଚଳିକ ବ୍ୟଞ୍ଜନ ସେବା ଆରମ୍ଭ କରିଛି। ଏହି ପଦକ୍ଷେପ ସିଧାସଳଖ ଯାତ୍ରୀମାନଙ୍କ ପାଇଁ ଭାରତର ବିବିଧ ରନ୍ଧନ ଐତିହ୍ୟର ସ୍ୱାଦ ଆଣିଦେବ। ନାଗପୁର-ସିକନ୍ଦରାବାଦ ବନ୍ଦେ ଭାରତ ଏକ୍ସପ୍ରେସରେ ଯାତ୍ରୀମାନେ ମହାରାଷ୍ଟ୍ରର କାନ୍ଦା-ପୋହା ସହ ଦକ୍ଷିଣ ଭାରତୀୟ ଡୋଣ୍ଡାକାୟା କରମ ପୋଡି ଫ୍ରାଇ ଏବଂ ଆନ୍ଧ୍ରପ୍ରଦେଶର ଆନ୍ଧ୍ର କୋଡି କୁରାର ସ୍ୱାଦ ନେଇପାରିବେ। ସେହିପରି ୨୦୯୦୧ ଏମ୍‌ଏମ୍‌ସିଟିଜିଏନ୍‌ସି ବନ୍ଦେ ଭାରତ ଏକ୍ସପ୍ରେସରେ ମେଥି ଥେପଲା ଓ ୨୬୯୦୨ ଏସ୍‌ବିଆଇବିଭିଆର୍‌ଏଲ୍ ବନ୍ଦେ ଭାରତ ଏକ୍ସପ୍ରେସରେ ମସଲା ଲୌକି ରୂପରେ ଗୁଜରାଟୀ ଖାଦ୍ୟ ପରିବେଷଣ କରାଯାଉଛି।

# ଟାଟା ପାୱାର କାର୍ଯ୍ୟାଳୟ ଘେରିଲା ବିଜେଡି

## ତୁରନ୍ତ ଏଏସ୍‌ଡି ପ୍ରତ୍ୟାହାର ପାଇଁ ଦାବି



ଭୁବନେଶ୍ୱର,୧୮।୧୨(ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ପାୱାର ହାଉସ ଛକସ୍ଥିତ ଟାଟା ପାୱାର କାର୍ଯ୍ୟାଳୟ ଘେରାଉ କରିଥିଲା ବିଜେଡି। ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ବିଶାଳ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ଟିପିସିଓଡିଏଲ୍ ପକ୍ଷରୁ ଅତିରିକ୍ତ ସୁରକ୍ଷା ଜମା (ଏଏସ୍‌ଡି) ଆଦାୟ କରିବା ପାଇଁ ଜାରି ହୋଇଥିବା ନୋଟିସ୍ ବିରୋଧରେ ଏହି ବିକ୍ଷୋଭ ହୋଇଥିବା ବେଳେ ତୁରନ୍ତ କମ୍ପାନୀ ଏହା ପ୍ରତ୍ୟାହାର କରିବା ସହ ସ୍ମାର୍ଟ ମିଟର୍ ଲଗାଇବା ନିଷ୍ପତ୍ତିରୁ ଓହରିବା ସକାଶେ ମଧ ଦାବି କରାଯାଇଛି। ରାଜ୍ୟର କୋଟିଏରୁ ଊର୍ଦ୍ଧ୍ୱ ଉପଭୋକ୍ତାଙ୍କଠାରୁ ଜାତୀୟ ହାରଠାରୁ ଅଧିକ ଆଦାୟ ହେଉଥିବା ବିଦ୍ୟୁତ୍ ଶୁଳ୍କକୁ ତୁରନ୍ତ ସୁଧ ସହ ଫେରାଇବାକୁ ମଧ ଦଳ ପକ୍ଷରୁ ଦାବି କରାଯାଇଛି। ଆନ୍ଧ୍ରପ୍ରଦେଶ ବିଦ୍ୟୁତ୍ ନିୟାମକ ଆୟୋଗ ଏହି ଅର୍ଥ ଫେରସ୍ତ ପାଇଁ ନେଇଥିବା ପଦକ୍ଷେପକୁ ଟାଟା ପାୱାର୍ ଅନୁସରଣ କରିବା ସକାଶେ କର୍ମୀମାନେ ଦାବି କରିଛନ୍ତି।

ସେହିପରି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ସରବରାହଜନିତ କ୍ଷତି ଯୋଗୁଁ ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଅତିରିକ୍ତ ଶୁଳ୍କ ବୋଝ ଉଠାଇବାକୁ ପଡୁଛି। ଟାଟା କମ୍ପାନୀର ଅପାରଗତା, ଦୁର୍ନୀତି ଯୋଗୁଁ ରାଜ୍ୟରେ ସରବରାହଜନିତ କ୍ଷତି ଜାତୀୟ ହାରଠାରୁ ବି ଅଧିକ ରହିଛି। ସେହିପରି ବହୁ ଉପଭୋକ୍ତଙ୍କ ମିଟର ସଠିକ୍ ଚାଲୁଥିଲେ ସୁଦ୍ଧା ଏହାକୁ ଟାଟା ପାୱାର ପକ୍ଷରୁ ଜବରଦସ୍ତ ବଦଳାଯାଇ ସ୍ମାର୍ଟ ମିଟର ଲଗାଯାଇଛି। ସ୍ମାର୍ଟ ମିଟର ଯୋଗୁଁ ଉପଭୋକ୍ତାଙ୍କୁ ଅଧିକ ବିଲ୍ ଦେବାକୁ ପଡୁଛି। ତେଣୁ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଏହି ଆର୍ଥିକ ଶୋଷଣ ବନ୍ଦ ନ ହେଲେ ଆଗାମୀ ଦିନରେ ଟାଟା ପାୱାର୍ ବିରୋଧରେ ବିଜେଡି ଦୁର୍ବାର ଆନ୍ଦୋଳନ କରିବ ବୋଲି ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭରେ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ଅଶୋକ ଚନ୍ଦ୍ର ପଣ୍ଡା, ଅତନୁ ସବ୍ୟସାଚୀ ନାୟକ, ପ୍ରୀତିରଞ୍ଜନ ଘଡେଇ, ସୁଶାନ୍ତ ରାଉତ, ପ୍ରଣବ ବଳବନ୍ତରାୟ, ରାଜେନ୍ଦ୍ର ସାହୁ, ସ୍ନେହାଙ୍ଗିନୀ ଛୁରିଆ, ସୁବାସ ସିଂହ, ସୋଫିଆ ଆଲାମ ପ୍ରମୁଖ ସାମିଲ ଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ଶୁକ୍ରବାର ୧୯ ଡିସେମ୍ବର ୨୦୨୫, ଭୁବନେଶ୍ୱର
Friday 19 December 2025, Bhubaneswar



# ସହଭାଗିତାର ନୂତନ ଅଧ୍ୟାୟ

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଇଥିଓପିଆକୁ ତାଙ୍କର ପ୍ରଥମ ଦ୍ୱିପାକ୍ଷିକ ଗସ୍ତ ସହଭାଗିତାର ନୂତନ ଅଧ୍ୟାୟ ଆରମ୍ଭ କରିବା ଗସ୍ତ କାଳରେ ଇଥିଓପିଆର ପ୍ରଧାନମନ୍ତ୍ରୀ ଡକ୍ଟର ଆବିୟ ଆହମଦ୍ ଆଲୀ ବିମାନବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ, ଯାହା ଦୁଇ ଦେଶର ମଧ୍ୟରେ ଗଭୀର ସମ୍ପର୍କକୁ ପ୍ରତିଫଳିତ କରୁଥିଲା। ଏହି ଗସ୍ତ କେବଳ ଦୁଇ ଦେଶର ମଧ୍ୟରେ ଐତିହାସିକ ସମ୍ପର୍କକୁ ମଜବୁତ୍ କରିବାରେ ସାହାଯ୍ୟ କରିନାହିଁ, ବରଂ ଦକ୍ଷିଣ ବିଶ୍ୱ ଦେଶଗୁଡ଼ିକର ମଧ୍ୟରେ ଏକତାର ଏକ ଉଦାହରଣ ସୃଷ୍ଟି କରିଛି। ଭାରତ ଏବଂ ଇଥିଓପିଆର ସମ୍ପର୍କ ସଭ୍ୟତାଗତ ବନ୍ଧନ ଉପରେ ଆଧାରିତ। ଦୁଇ ଦେଶର ମଧ୍ୟରେ ଲୋକମାନଙ୍କର ସମ୍ପର୍କ ବହୁ ପୁରାତନ, ଯାହା ବାଣିଜ୍ୟ, ସଂସ୍କୃତି ଏବଂ ରାଜନୈତିକ ସହଯୋଗରେ ପରିପୂର୍ଣ୍ଣ। ଏହି ଗସ୍ତରେ ଦୁଇ ନେତାମାନେ ଦ୍ୱିପାକ୍ଷିକ ଆଲୋଚନାରେ ଯୋଗ ଦେଇଥିଲେ, ଯେଉଁଥିରେ ବାଣିଜ୍ୟ, ନିବେଶ, ନବୀକରଣ, ପ୍ରଯୁକ୍ତିବିଦ୍ୟା, ଶିକ୍ଷା, କ୍ଷମତା ନିର୍ମାଣ ଏବଂ ପ୍ରତିରକ୍ଷା ସହଯୋଗ ଉପରେ ଆଲୋଚନା ହୋଇଥିଲା। ଭାରତୀୟ କମ୍ପାନୀମାନେ ଇଥିଓପିଆରେ ୫ ବିଲିୟନ୍ ଡଲାରରୁ ଅଧିକ ନିବେଶ କରିଛନ୍ତି, ଯାହା ସ୍ଥାନୀୟ ଲୋକମାନଙ୍କୁ ୭୫, ୦୦୦ରୁ ଅଧିକ ଚାକିରି ଯୋଗାଇଛି। ଏହି ଗସ୍ତରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ରଣନୀତିକ ସହଭାଗିତାର ସ୍ତରକୁ ଉନ୍ନୀତ କରାଯାଇଛି, ଯାହା ଉଭୟ ଦେଶର ଅର୍ଥନୈତିକ ବିକାଶ ପାଇଁ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ।



ସ୍ୱାସ୍ଥ୍ୟ ସୁରକ୍ଷା, ଡିଜିଟାଲ୍ ସ୍ୱାସ୍ଥ୍ୟ, ପାରମ୍ପରିକ ଔଷଧ, ଜନ୍ ଔଷଧି କେନ୍ଦ୍ର, ଖାଦ୍ୟ ସୁରକ୍ଷା, ଟିକାଉ କୃଷି, ପ୍ରାକୃତିକ ଚାଷ ଏବଂ କୃଷି-ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତ ଇଥିଓପିଆକୁ ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚର୍, ଖଣିଜ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ସବୁଜ ଶକ୍ତି କ୍ଷେତ୍ରରେ ସହଯୋଗ ବଢ଼ାଇବାକୁ ପ୍ରସ୍ତୁତ। ଏହି ସହଯୋଗ କେବଳ ଅର୍ଥନୈତିକ ନୁହେଁ, ବରଂ ରାଜନୈତିକ ଏବଂ ସାମାଜିକ ସ୍ତରରେ ମଧ ପ୍ରଭାବ ପକାଇବ। ଆତଙ୍କବାଦ ବିରୋଧରେ ଇଥିଓପିଆର ସମର୍ଥନକୁ ପ୍ରଧାନମନ୍ତ୍ରୀ ମୋଦୀ ପ୍ରଶଂସା କରିଛନ୍ତି ଯାହା ଦୁଇ ଦେଶର ମଧ୍ୟରେ ସୁରକ୍ଷା ସହଯୋଗକୁ ମଜବୁତ୍ କରିବ। ଗସ୍ତର ଫଳସ୍ୱରୂପ, ତିନୋଟି ରାଜିନାମା ସ୍ୱାକ୍ଷରିତ ହୋଇଛି। ଏଗୁଡିକ ହେଲା ସଂଯୁକ୍ତ ରାଷ୍ଟ୍ର ଶାନ୍ତି ରକ୍ଷା କାର୍ଯ୍ୟରେ ପ୍ରଶିକ୍ଷଣ, କଷ୍ଟମ୍ସ ମ୍ୟୁଚୁଆଲ୍ ଆଡମିନିଷ୍ଟ୍ରେଟିଭ୍ ଆସିଷ୍ଟାନ୍ସ ଏବଂ ଇଥିଓପିଆର ବୈଦେଶିକ ମନ୍ତ୍ରଣାଳୟରେ ଏକ ଡାଟା ସେଣ୍ଟର ସ୍ଥାପନ। ଏହା ବ୍ୟତୀତ, ଭାରତ ଇଥିଓପିଆନ୍ ଛାତ୍ରମାନଙ୍କ ପାଇଁ ଆଇସିସିଆର୍ ସ୍କଲାରସିପ୍କୁ ଦ୍ୱିଗୁଣିତ କରିବ ଏବଂ ଆଇଟିଇସି ଅଧୀନରେ ଏଆଇ କୋର୍ସ ଆୟୋଜନ କରିବ। ସ୍ୱାସ୍ଥ୍ୟ କ୍ଷେତ୍ରରେ ମହାତ୍ମା ଗାନ୍ଧୀ ହସ୍ପିଟାଲ୍କୁ ଉପକରଣ ଏବଂ ପ୍ରଶିକ୍ଷଣ ଯୋଗାଇବା ପାଇଁ ସହଯୋଗ ବଢ଼ାଯିବ।

ଇଥିଓପିଆ ଆଫ୍ରିକାର ଏକ ପ୍ରମୁଖ ଦେଶ ହୋଇଥିବାରୁ, ଏହି ସହଭାଗିତା ଭାରତକୁ ଆଫ୍ରିକାର ବିକାଶରେ ଅଧିକ ଭୂମିକା ନିର୍ବାହ କରିବାକୁ ସାହାଯ୍ୟ କରିବ। ବ୍ରିକ୍ସ୍, ସଂଯୁକ୍ତ ରାଷ୍ଟ୍ର ଏବଂ ଅନ୍ୟାନ୍ୟ ବହୁପାକ୍ଷିକ ଫୋରମ୍ରେ ଗ୍ଲୋବାଲ୍ ସାଉଥ୍ର ସ୍ୱରକୁ ମଜବୁତ୍ କରିବା ପାଇଁ ଉଭୟ ଦେଶ ପ୍ରତିବଦ୍ଧ। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଇଥିଓପିଆର ସର୍ବୋଚ୍ଚ ସମ୍ମାନ 'ଗ୍ରେଟ୍ ଅନର୍ ନିଶାନ୍' ପ୍ରଦାନ କରାଯାଇଛି, ଯାହାକୁ ସେ ୧୪୦ କୋଟି ଭାରତୀୟଙ୍କୁ ଉତ୍ସର୍ଗ କରିଛନ୍ତି।

ଏହି ଗସ୍ତ ଭାରତର ବୈଦେଶିକ ନୀତିର ସଫଳତାର ଏକ ଉଦାହରଣ। ଏହା ଦୁଇ ଦେଶର ମଧ୍ୟରେ ଅର୍ଥନୈତିକ ବୃଦ୍ଧି, ସାମାଜିକ ବିକାଶ ଏବଂ ରାଜନୈତିକ ସ୍ଥିରତାକୁ ପ୍ରୋତ୍ସାହିତ କରିବ। ଭବିଷ୍ୟତରେ ଭାରତ-ଇଥିଓପିଆ ସମ୍ପର୍କ ଆହୁରି ମଜବୁତ୍ ହେବ ଏବଂ ବୈଶ୍ୱିକ ଆହ୍ୱାନ ମୁକାବିଲାରେ ସହଯୋଗୀ ହେବେ। ଏହି ରଣନୀତିକ ସହଭାଗିତା ଏକ ନୂତନ ଯୁଗର ଆରମ୍ଭ, ଯାହା ଉଭୟ ଦେଶର ଲୋକମାନଙ୍କୁ ଲାଭାନ୍ୱିତ କରିବ ବୋଲି ଦୁଇ ଦେଶ ଆଶା ରଖିଛନ୍ତି।

# ମହାତ୍ମା ବଦଳରେ ରାମ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

୨୦୦୫ ମସିହାରେ ତତ୍କାଳୀନ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାରଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଗ୍ୟାରେଂଟି ଆଇନ (ମନେରଗା) ଯୋଜନା, ଯାହାକି ଦେଶରେ କର୍ମନିଯୁକ୍ତି କ୍ଷେତ୍ରରେ ଏକ ନିର୍ଣ୍ଣାୟକ ଯୋଜନା ଭାବେ ପରିଚିତ, ଏବେ ଉଚ୍ଛେଦ ହେବାକୁ ଯାଉଛି। ମନେରଗା ଯୋଜନା ବଦଳରେ କେନ୍ଦ୍ରରେ କ୍ଷମତାସୀନ ମୋଦୀ ସରକାର ପାର୍ଲିଆମେଣ୍ଟରେ ବିକଶିତ ଭାରତ ଗ୍ୟାରେଂଟି ଫର ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) ବିଲ୍ (ଭବି-ଜି ରାମଜି) ବିଲ୍ ଉପସ୍ଥାପିତ କରିବାକୁ ପାଉଛନ୍ତି। ଗତ ୧୫ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଏହି ନଷ୍ପତି ଗ୍ରହଣ କରିଛନ୍ତି। କିନ୍ତୁ ଗତ ୧୨ ତାରିଖ ଦିନ କେନ୍ଦ୍ର ସରକାର ମନେରଗା ନାମ ପରିବର୍ତନ କରି ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର ଗ୍ୟାରେଂଟି ଯୋଜନା (ପିବିଜିଆରୱାଇ) ଭାବେ ନାମିତ କରିଥିବା ନେଇ ଜାତୀୟ ଗଣମାଧମରେ ପ୍ରକାଶ ପାଇଥିଲା। କିନ୍ତୁ କେନ୍ଦ୍ର ସରକାର ପୁନଶ୍ଚ ଯୋଜନାର ନାମ ପରିବର୍ତନ କରିବାକୁ ଯାଉଛନ୍ତି, ଯେଉଁଥିରେ ମହାତ୍ମା ଗାନ୍ଧୀଙ୍କ ନାମର ସ୍ଥାନ ନାହିଁ। ତେବେ ଯୋଜନାର ନୂତନ ସଂକ୍ଷିପ୍ତ ନାମକରଣରେ ରାମ (ଆରଏଏମ) ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପାଇବାକୁ ଯାଉଛି। ଉଲ୍ଲେଖଯୋଗ୍ୟ ଯେ, ୨୦୦୫ ମସିହାରେ କଂଗ୍ରେସ ନେତୃତ୍ୱଧୀନ ୟୁପିଏ ସରକାର ଗ୍ରାମାଚଂଳର ଲୋକଙ୍କୁ ବାର୍ଷିକ ୧୦୦ଦିନ କର୍ମ ନିଯୁକ୍ତି ଯୋଗାଇ ଦେବାପାଇଁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ନରେଗା) ଯୋଜନା ପ୍ରଣୟନ କରିଥିଲେ। କିନ୍ତୁ ୨୦୦୯ରେ ୟୁପିଏ ସରକାର ଏହି ଯୋଜନାର ନାମ ଆଗରେ ମହାତ୍ମାଗାନ୍ଧୀ ନାମ ଯୋଡିଥିଲେ। ଯାହାକି ଦେଶରେ ମନେରଗା ନାମରେ ବେଶ୍ ପ୍ରସିଦ୍ଧ ଲାଭ କରିଥିଲା। ଏହି ଯୋଜନା ପାଇଁ କେନ୍ଦ୍ର ସରକାର ପ୍ରଥମେ ୧୧, ୩୦୦ କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ଯୋଜନା ବେଶ ଆଦୃତ ହେବା ଯୋଗୁଁ ୨୦୨୫-୨୬ ବଜେଟରେ କେନ୍ଦ୍ର ସରକାର ୭୬, ୭୬୦ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ମନେରଗା ଗ୍ରାମାଚଂଳରେ ଯେ, କେତେ ଲୋକପ୍ରିୟତା ହାସଲ କରିଥିଲା, ତାହା ବଜେଟ ବ୍ୟୟ ବରାଦ ସ୍ପଷ୍ଟ ସଂକେତ ପ୍ରଦାନ କରେ। ମହାମାରୀ କୋରୋନା କାଳରେ ଦୀର୍ଘକାଳୀନ ଲକଡାଉନ ସମୟରେ ଗ୍ରାମାଚଂଳରେ ପ୍ରବାସୀ ଶ୍ରମିକଙ୍କ ପାଇଁ ମନେରଗା ବରଦାନ ସଦୃଶ ଥିଲା, ଏହା ବୋଧହୁଏ କେହି ଭୁଲି ନଥିବେ। ୨୦୨୦-୨୧ ଏବଂ ୨୦୨୧-୨୨ ରେ କୋରୋନା ସମୟରେ ମନେରଗା ଯଥାକ୍ରମେ ୩୮୯ କୋଟି ଏବଂ ୩୬୪ କୋଟି ବ୍ୟକ୍ତି କର୍ମନିଯୁକ୍ତି ପାଇଥିଲେ। ଏଥିପାଇଁ ବଜେଟରେ କେନ୍ଦ୍ର ସରକାର ଅତିରିକ୍ତ ବ୍ୟୟ ବରାଦ ମଧ କରିଥିଲେ।

ଏଥିପାଇଁ ମୋଦୀ ସରକାର କେବଳ ପ୍ରଶଂସାର ପାତ୍ର ବୋଲି କହିଲେ ହୁଏତ ଅତିରଞ୍ଜିତ ହେବ ନାହିଁ। ଉଲ୍ଲେଖ କରାଯାଇପାରେ ମନେରଗାରେ ବାର୍ଷିକ ୧୦୦ ଦିନର ନିଶ୍ଚିତ କର୍ମନିଯୁକ୍ତି ମିଳୁଥିବା ବେଳେ ପ୍ରସ୍ତାବିତ ନୂତନ ଆଇନରେ ୧୨୫ ଦିନର କାମ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ସେହିପରି କାମ ଯୋଗାଇ ଦେଇନପାରିଲେ ବେରୋଜଗାରୀ ଭତା ଦେବା ଲାଗି ପ୍ରସ୍ତାବ ରହିଛି। ଆହୁରି ମଧ କୃଷି କ୍ଷେତ୍ରରେ ବୁଣା ଓ ଅମଳ ସମୟରେ ଶ୍ରମିକ ଅଭାବ ଦୂର କରିବା ପାଇଁ ଏହି ସମୟରେ ୬୦ଦିନ କାମ ବନ୍ଦ ବାଧତାମୂକଳ ରହିଛି। ଏ ନେଇ ସରକାର ବିଜ୍ଞପ୍ତି ପ୍ରକାଶ କରିବେ। ବର୍ତମାନ ଗ୍ରାମାଚଂଳରେ ଶ୍ରମିକ ସଂକଟ, ଜଳବାୟୁ ପରିବର୍ତନ ଏବଂ ଅନିୟମିତ ଚାଷ କାର୍ଯ୍ୟ ଯୋଗୁଁ ଲୋକଙ୍କ ଆୟ କମିବାରେ ଲାଗିଛି। ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତାବିତ ଆଇନରେ ଏହି ବ୍ୟବସ୍ଥା ଏକ ସଠିକ୍ ପଦକ୍ଷେପ ବୋଲି କୁହାଯାଇପାରେ। ଆହୁରି ମଧ ମନେରଗାରେ ବ୍ୟାପକ ଠକେଇ, ଦୁର୍ନୀତି ହୋଇଥିବା ଅଭିଯୋଗ ହୁଏ।

ଶ୍ରମିକ ବଦଳରେ ମେସିନରେ କାମ ହେଉଥିବା ରିପୋର୍ଟ ମଧ ଗଣମାଧମରେ ପ୍ରକାଶ ପାଇଥିଲା। ପ୍ରସ୍ତାବିତ ଆଇନରେ ଠକେଇ, ଜାଲିଆତି ରୋକିବା ପାଇଁ ଶ୍ରମିକଙ୍କ ବାୟୋମେଟ୍ରିକଠାରୁ ଆରମ୍ଭ କୃତ୍ରିମ ବୁଦ୍ଧମିତା (ଏଆଇ) ସହାୟତାରେ ମୋବାଇଲ ଦ୍ୱାରା କାର୍ଯ୍ୟସ୍ଥଳ ତଦାରଖ, ଶ୍ରମିକଙ୍କୁ ବ୍ୟାଙ୍କ ଖାତାକୁ ସିଧାସଳଖ ମଜୁରୀ ହସ୍ତାନ୍ତର ବ୍ୟବସ୍ଥା ରହିଛି।

ମନେରଗା'ର ବ୍ୟୟଭାର କେନ୍ଦ୍ର ସରକାର ବହନ କରିଥିବାବେଳେ ନୂତନ ଭିବି-ଜି ରାମ ଜି ଆଇନରେ ରାଜ୍ୟ ଉପରେ ଆର୍ଥୀକ ବୋଝ ପଡ଼ିବ। କେନ୍ଦ୍ର ସରକାର ୬୦ଭାଗ ଓ ରାଜ୍ୟ ସରକାର ୪୦ଭାଗ ବ୍ୟୟ ଭାର ବହନ କରିବା ଆଇନରେ ଥିବା ବେଳେ କେବଳ ଉତରାଖଣ୍ଡ, ହିମାଚଳ ପ୍ରଦେଶ, ଜାମ୍ମୁ-କାଶ୍ମୀର, ମିଜୋରାମ ଆଦି ରାଜ୍ୟ ପାଇଁ କେନ୍ଦ୍ର ରାଜ୍ୟ ବ୍ୟୟ ଅନୁପାତ ୯୦:୧୦ ରହିଛି। କାର୍ଯ୍ୟ ଦିବସ ବୃଦ୍ଧି ଓ ଅସଂଗଠିତ ଶ୍ରମିକଙ୍କୁ କର୍ମନିଯୁକ୍ତି, ଠକେଇ, ଜାଲିଆତି ରୋକିବା ନିଶ୍ଚିତ ଭାବେ ଗ୍ରାମାଚଂଳର ଅର୍ଥନୀତି ଓ ରାଜନୀତି ଉପରେ ପ୍ରଭାବ ପକାଇବାରେ କ୍ଷମତା ରଖେ। ତେବେ ଯୋଜନାର ସଂକ୍ଷିପ୍ତ ଶିରୋନାମାରେ ମହାତ୍ମା ବଦଳରେ ରାମ ନାମ ରଖିବାର ଅର୍ଥ ବୁଝାପଡେ ନାହିଁ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

# ରାଜତନ୍ତ୍ରେ ରାଜା, ଗଣତନ୍ତ୍ରେ ନେତା: ଏକ ପରିଭାଷା

ଡ଼. ମନୋଜ କୁମାର ମହାନ୍ତି

ଜୀବନ-ନିର୍ବାହପାଇଁ କର୍ମ ଏକାନ୍ତ ଆବଶ୍ୟକ। ଯେତେବେଳେ ସେହି କର୍ମ ପାଲଟିଯାଏ ବଞ୍ଚିବାର ଏକ ମାଧ୍ୟମ ତାହା ପରିଗଣିତ ହୁଏ ବୃତ୍ତିରେ। ଭିନ୍ନଭିନ୍ନ ବୃତ୍ତିସହ ଜଡ଼ିତ ସମ୍ପୂର୍ଣ୍ଣ ମଣିଷସମାଜ। ସମସ୍ତ ବୃତ୍ତିକୁ ମୂଖ୍ୟତଃ କୌଳିକ ବୃତ୍ତି, ସରକାରୀ ବୃତ୍ତି ଏବଂ ବେସରକାରୀ ବୃତ୍ତିଭାବରେ ବିଭକ୍ତ କରାଯାଇପାରେ।ଅସାମାଜିକ ତଥା ଅପରାଧମୂଳକ କାର୍ଯ୍ୟକୁ ଛାଡ଼ି ଆମେ ଯେକୌଣସି କର୍ମକୁ ଆପଣାର ବୃତ୍ତିଭାବେ ଗ୍ରହଣ କରିପାରିବା।କୌଳିକ ବୃତ୍ତି କହିଲେ ପୈତୃକ ତଥା ପାରମ୍ପାରିକ ଜୀବିକା। ଯେଉଁଥିରେ କୃଷି, ପଶୁପାଳନ ସହ ନିଜନିଜ ଜାତି ଏବଂ ବର୍ଣ୍ଣ ଅନୁସାରେ କିଛି ନିର୍ଦ୍ଦିଷ୍ଟ କର୍ମକୁ ଆଧାର କରି ନିଜର ଗୁଜୁରାଣ ମେଣ୍ଟାଇଥାଆନ୍ତି।କୌଳିକ ବୃତ୍ତି ପୀଢ଼ୀପରେପୀଢ଼ି ବଜାଇ ରହେ। ସରକାରୀ ବୃତ୍ତି ଯାହା ପ୍ରତ୍ୟେକ ଦେଶ ତଥା ବିଭିନ୍ନ ରାଜ୍ୟରେ ସରକାରଙ୍କ ଭିନ୍ନଭିନ୍ନ କ୍ଷେତ୍ରରେ ଆବଶ୍ୟକ ଅନୁଯାୟୀ ସର୍ବସାଧାରଣଙ୍କ ଉନ୍ନତିପାଇଁ ସାଧାରଣ ଜନତାଙ୍କୁ ଯୋଗ୍ୟତା ଭିତ୍ତିରେ ଚୟନ କରି ନିଯୁକ୍ତି ପ୍ରଦାନ କରାଯାଇଥାଏ। ସରକାର ଚାକିରୀପାଇଁ ବହୁ ପ୍ରତିଦ୍ୱନ୍ଦିତା କାରଣ ବହୁତ ଆଶାୟୀ ପ୍ରାର୍ଥୀ ମଧରୁ ଆବଶ୍ୟକ ଅନୁସାରେ ହାତଗଣତିରେ ଅଳ୍ପକିଛି ସାମ୍ବିଧାନିକ ସଂରକ୍ଷଣ ବ୍ୟବସ୍ଥା ମାଧମରେ ବାଣ୍ଟିବୁଣ୍ଟି ସମାଜର ସବୁବର୍ଗଙ୍କୁ ସରକାର ଥଇଥାନ କରନ୍ତି। କାରଣ ଦେଶର ସମସ୍ତ ସମ୍ବଳ ଉପରେ ସମସ୍ତଙ୍କର ସମାନ ଅଧିକାର। ଅଧିକାଂଶ ଶିକ୍ଷିତ ଯୁବପୀଢ଼ିଙ୍କ ପ୍ରଥମ ପସନ୍ଦଭାବେ ସରକାର ଚାକିରୀ ବା ସରକାରୀ ଚାକିରିଆର ମାନତ୍ୟା ଲାଭ। ସରକାର ଚାକିରୀକୁ ହାତୀ ସହ ତୁଳନା କରାଯାଏ। ହାତୀ ମଲେ ଲକ୍ଷେ ଜିଇଁଲେ ଲକ୍ଷେ ସଦୃଶ। ସରକାରୀ ଚାକିରିଆଙ୍କ ଧୋଇନାହିଁ କି ମରୁଡ଼ି ନାହିଁ। ଠିକ୍ ସମୟରେ ଦରମା ସହ ଘରଭଡ଼ା, ମହଙ୍ଗା ଭତ୍ତା ମିଳିବା ଥୟ।କିରାଣୀ, ଚପରାସି, ପାଚିକା ଚାକିରୀପାଇଁ ଏଠି ପିଟାବାଡା। କୌଶଳ କରି ଚାକିରୀ ଖଣ୍ଡକ ମିଳିଗଲେ ଷାଠିଏରୁ ପଞ୍ଚଷଠୀ ବର୍ଷ ପର୍ଯ୍ୟନ୍ତ 'ଆରାମକୁ ଆରାମ ପକେଟବି ଗରମ'। ସରକାରୀ ଚାକିରରୁ ବଞ୍ଚିତ ବିଭିନ୍ନ ବର୍ଗର ଯୁବକମାନେ ଯେକୌଣସି ବୃତ୍ତିଗତ କୋର୍ସ କରି ରାଷ୍ଟ୍ରୀୟ ତଥା ବହୁରାଷ୍ଟ୍ରୀୟ ବେସରକାର ସଂସ୍ଥାରେ ମୋଟାଅଙ୍କ ଦରମାରେ ନିଜ ଦେଶ ହେଉକି ଦେଶବାହାରେ ନିଯୁକ୍ତି ପାଇ ବେଶ୍ ଆତ୍ମସନ୍ତୋଷ ଅନୁଭବ କରୁଛନ୍ତି। ନିଜ ରୁଚି ଅନୁସାରେ ନିଜ ଜୀବନ ଜୀଇଁପାରୁଛନ୍ତି। ନିଜ କାର୍ଯ୍ୟଦକ୍ଷତାକୁ ସଠିକ୍ ପ୍ରତିପାଦନ ସହ ବେସରକାରୀ ସଂସ୍ଥାକୁ ଲାଭାନ୍ୱିତ କରାଇବାରେ ଗୁରୁଦାୟିତ୍ୱ ବହନ କରି ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହେଉଛନ୍ତି। ଏସବୁ ଥିଲା ସାଧାରଣ ଜନତାଙ୍କ ବୃତ୍ତିଗତ ଜୀବନ। ଆତ୍ମନିର୍ଭରଶୀଳତା, ପାରିବାରିକ ଦାୟିତ୍ୱ, ଆର୍ଥିକ ସଶକ୍ତ ସହ ପ୍ରତ୍ୟେକ ବ୍ୟକ୍ତି ନିଜକୁ ସମାଜରେ ଭିନ୍ନଭିନ୍ନ କ୍ଷେତ୍ରରେ ନିୟୋଜିତ କରି ପରିଚୟ ସୃଷ୍ଟିକରିବା ମଣିଷର ଏକ ସ୍ୱାଭାବିକ ମନୋବୃତ୍ତି। ଜୀବିକା-ନିର୍ବାହପାଇଁ ଚାକିରୀ କିମ୍ବା ବ୍ୟବସାୟରେ କେହିନାକେହି ନିଜକୁ ସାମିଲ୍ କରିପାରେ।

ଏସବୁର ଉର୍ଦ୍ଧ୍ୱରେ ରାଷ୍ଟ୍ରର ସୁରକ୍ଷା ତଥା ସାଧାରଣ ଜନତାଙ୍କ ସେବକ ସାଜିଥିବା ଗଣତନ୍ତ୍ରର ବ୍ୟବସ୍ଥାପିକାର ସର୍ବୋଚ୍ଚ ଆସନରେ ଅଧିଷ୍ଠିତ ନେତାମନ୍ତ୍ରୀଙ୍କ ବୃତ୍ତିଭାବେ ରାଜନୀତି ଏକ ସ୍ୱତନ୍ତ୍ର ପରିଚୟ। ସେମାନେ ସାଧାରଣ ଜନତାଙ୍କୁ ସୁରକ୍ଷା, ସୁଶାସନ ସହ ନ୍ୟାୟଦେବା ଲକ୍ଷ୍ୟରେ ନିଜକୁ ଶାସକ ବୃତ୍ତିରେ ସାମିଲ୍ ହୋଇ ଜନତାଙ୍କ ସୁଖଦୁଃଖର ସାଥୀଭାବେ ନିଜକୁ ପରିଚିତ କରାନ୍ତି। ରାଜତନ୍ତ୍ରରେ ଯେପରି ରାଜା ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡର ଅଧିକାରୀ, ସମସ୍ତ ପ୍ରଜାମାନଙ୍କର ରକ୍ଷକ, ପାଳନ କର୍ତ୍ତା, ନ୍ୟାୟଦାତା, ଅନ୍ନଦାତା ଠିକ୍ ସେମିତି ଗଣତନ୍ତ୍ର ବ୍ୟବସ୍ଥାରେ ନିର୍ବାଚିତ ନେତାର ଭୂମିକା ଏକାପ୍ରକାରର। ରାଜତନ୍ତ୍ର ସମୟରେ ରାଜା ନିର୍ବାଚନ ଏକ ପାରିବାରିକ ସ୍ୱୀକୃତିଭିତ୍ତିକ କିନ୍ତୁ ଗଣତନ୍ତ୍ରରେ ତାହା ସର୍ବସମ୍ମତିକ୍ରମେ। ଅବଶ୍ୟ ଗଣତନ୍ତ୍ରରେ ପରିବାରବାଦର ପ୍ରଭାବ ଏବେବି ବଳବତ୍ତର କିନ୍ତୁ ତାହା ନିର୍ବାଚିତ ପ୍ରକ୍ରିୟା ମାଧମରେ ସମ୍ପାଦିତ। ନିର୍ବାଚନ ପୂର୍ବରୁ କାହାକୁ ହାତଯୋଡ଼ି, କାହାକୁ ମୁଣ୍ଡିଆମାରି, ମା-ଭଉଣୀ, ମଉସା-ମାଉସୀର ପରିଚୟ ସୃଷ୍ଟିକରି ଛାତିଫଟେଇ ସଭା ତଥା ଗଣମାଧମରେ ଆଗରେ କେତେ ପ୍ରକାରର ଗର୍ଜନତର୍ଜନ ପୁଣି ବାର୍ତ୍ତାଳାପ। ବାସ୍ତବରେ ରାଜନୀତିର ଯୁଗେଯୁଗେ ଜୟ। ସେ ରାଜା ହୁଅନ୍ତୁ କି ନେତା। ନିଜର କାୟାବିସ୍ତାରୀ ଚାଲିଛନ୍ତି ରାଜନୈତିକ ନେତୃବୃନ୍ଦ। ରାଜତନ୍ତ୍ରେ ରାଜା ଓ ଗଣତନ୍ତ୍ରେ ନେତାମନ୍ତ୍ରୀ, ରାଷ୍ଟ୍ର ଶାସନର ପରିଭାଷା। ସମସ୍ତଙ୍କର ସେଇ ଏକା ପ୍ରକାରର ମନୋଭାବ। କଳେବଳେ କୌଶଳେ ରାଜନୀତିରେ ତଥା ଶାସନଗାଦିରେ ନିଜକୁ ରାଜଭିଶେକ କରିବାର ଆପ୍ରାଣ ଉଦ୍ୟମ। ରାଜନୀତିରେ ଯେଉଁ ଆନନ୍ଦ ଅଛି ତାହା ଆଉ କେଉଁଠି ନାହିଁ। ଅବଶ୍ୟ ପଥ ଟିକେ ବନ୍ଧୁର ତଥାପି ଥରେ ପଥିକ ହୋଇଗଲେ ପାଦ ଆପେଆପେ ସେ ବନ୍ଧୁର ପଥକୁ ଅତିକ୍ରମ କରିଚାଲେ। କଥାରେ ଅଛି ପାନ-ଗୁଆ-ଖଇର-ଖିଲିକାଟି, ଆହାକି ସୁନ୍ଦର ରାଜନୀତି। ଭାରତ ବର୍ଷରେ ରାଜନୀତି ଏକ ବଂଶାନୁକ୍ରମିକ। ବାପ-ପୁଅ, ମା-ଝିଅ, ଦାଦା-ପୁତୁରା, ଶଳା-ଭିଣେଇ ପୁଣି ଆହୁରି କେତେ ପ୍ରିୟଜନଙ୍କ ମଧରେ ରାଜନୀତିର ପଶା ଖେଳାଯାଏ ସେକଥା ଦଳୀୟ ଉଚ୍ଚପଦାଧିକାରୀଙ୍କୁ ଜଣା। କେମିତି କଣ କରି ଟିକେଟ ଖଣ୍ଡେ ଗୋଟେଇ ନିର୍ବାଚନ ରଣାଙ୍ଗନାରେ ଟଙ୍କା-ମଦ-ମାଉଁଶ ବାଣ୍ଟି ପାଞ୍ଚବର୍ଷ ପାଇଁ ସାଂସଦ କିମ୍ବା ବିଧାୟକ ହୋଇଗଲେ ଅତି କମରେ ତିନି ପୁରୁଷ ବସି ଖାଇବା ପକ୍କା। ଯଦି ଉପରୁ ତଳ ପର୍ଯ୍ୟନ୍ତ ସବୁ ତାଳମେଳ ଠିକ୍-ଠାକ୍ ରହେ ତେବେ ମନ୍ତ୍ରୀପଦ ମିଳିବା ଥୟ। ଶାସକ ଦଳରରେ ଯେକୌଣସି ବିଭାଗରେ ନେତାପଦ 'ସୌଭାଗ୍ୟ ଉପରେ ପାଟଛତା' ସଦୃଶ। ମନ୍ତ୍ରୀପଦ ମିଳୁକି ନମିଳୁ ପ୍ରଭୁଙ୍କ କୃପାରୁ ସାଂସଦ କିମ୍ବା ବିଧାୟକ ଚାକିରୀ ଖଣ୍ଡକ ମିଳିଲେ ସେଥିରେବି ଜୀବନଟା ଧନ୍ୟ ହୁଅନ୍ତା। ଓଡିଶା ଭଳି ରାଜ୍ୟରେ ଯେକୌଣସି ଦଳର ବିଧାନସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇ ବିଧାନସଭାରେ ବିଧାୟକ ଚାକିରୀ ଖଣ୍ଡକ ମିଳୁଯାଉ। ତାପରେ ସବୁ ସମସ୍ୟାରେ ସମାଧାନ ଆପେଆପେ ହୋଇଯିବ।ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟତ୍ରୀଙ୍କ ଦିବାରାତ୍ର ଧାରଣା ପ୍ରଦର୍ଶନ, ଉଭୟ ସରକାର ଓ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ଲଗାଦାର ଧର୍ମଘଟ, ବେସରକାରୀ ଅନୁଦାନପ୍ରାପ୍ତ ୪୮୮ ଓ ୬୬୨ମହାବିଦ୍ୟାଳୟ ଅଧାପକ/ଅଧାପିକା ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ଜୀବନ ନିର୍ବାହ ଯାହାଯେମିତ ହେଉପଛେ, ତାପ୍ରତି ନେତାମନ୍ତ୍ରୀ ଟିକେ କର୍ଣ୍ଣପାତ କରୁନାହାନ୍ତି। ବିଧାନସଭା ନିକଟସ୍ଥ ଲୋୱେର ପିଏମଜିରେ ଥିବା ଧାରଣା ସ୍ଥଳରେ ବର୍ଷସାରା ବିଭିନ୍ନ ବିଭାଗର ସରକାର ଚୁକ୍ତିଭିତ୍ତିକ, ସ୍ୱଳ୍ପ ବେତନଭୋଗୀ ଏବଂ ପେନସନରୁ ବଞ୍ଚିତ ଅବିବାହିତ ଝିଅ, ବିବାହିତ ମହିଳା, ମଧ ବୟସ୍କ, ବୟସ୍କ ତଥା ଶାରୀରିକ ଅକ୍ଷମ ନାରୀପୁରୁଷଙ୍କ ଶୀତୁଆ ରାତିରେ, କାକର ଭିଜାରେ ନଖାଇ ନପିଇ ଧାରଣାରେ ବସିଥିବା କର୍ମଚାରୀଙ୍କ ଜୀବନର ସତରେ କଣ କିଛି ମହତ୍ତ୍ୱ ନାହିଁ?

ଶାସନକୁ ଆସିବା ପୂର୍ବରୁ ପୂର୍ବ ସରକାର ବିରୋଧରେ ଅନେକ ଅଭିଯୋଗ ସହ ସାଧାରଣଜନତାଙ୍କୁ ମୋହଗ୍ରସ୍ତକରି ଶାସନରେ ଅଧିଷ୍ଠିତ ହୋଇ ଶେଷରେ ସାଧାରଣ ଜନତାଙ୍କ ସହ ଯେଉଁ ଚକ୍ରାନ୍ତ କରୁଛନ୍ତି, ତାର ପରିଣାମ ସରକାରଙ୍କୁ ଦିନେ ନିଶ୍ଚୟ ଭୋଗିବାକୁ ପଡ଼ିବ। ସମସ୍ତ ଯୋଗ୍ୟତା ଥାଇ ଏ ଯୁବସମାଜକୁ ତଥା ସାଧାରଣ ଜନତାଙ୍କୁ ତୁମେ ନ୍ୟାୟ ଦେବାପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲ କିନ୍ତୁ ପରବର୍ତ୍ତୀ ସମୟରେ ଅନ୍ୟାୟ କରିଚାଲିଛ। ସାଧାରଣ ଜନତାଙ୍କୁ ମାଗଣା ଟଙ୍କାକିଆ ଚାଉଳ, ରାସନ୍ କାର୍ଡ, ରାଜ୍ୟରେ ନାରୀଙ୍କୁ ଆର୍ଥିକ ସଶକ୍ତ କରାଇବା ପାଇଁ ବର୍ଷକୁ ସୁଭଦ୍ରା ଯୋଜନା ମାଧମରେ ପାଞ୍ଚ ହଜାର ଟଙ୍କାର କେଇ କିସ୍ତି, ବୃଦ୍ଧବୃଦ୍ଧାଙ୍କୁ ହଜାର ଟଙ୍କା ମାସିକ ଭତ୍ତା, ପୁଣି କିଛି ଶିକ୍ଷିତ ଯୁବକମାନଙ୍କୁ ଚୁକ୍ତିଭିତ୍ତିକ ସ୍ୱଳ୍ପ ଦରମା ଭଳି ଚୁଚୁମା ଦେଇ ନିଜର ମୋଟାଅଙ୍କର ବେତନ ସହ ସବୁପ୍ରକାର ଭତ୍ତା ରୁଣ୍ଡେଇବାରେ ନେତାମନ୍ତ୍ରୀଗଣ।ରାଜଧାନୀରେ ନିଜର ବିଳାସପୂର୍ଣ୍ଣ ସରକାରୀ ଡାକବଙ୍ଗଳା, ଚାକର-ପୂଜାରୀ ସହ ତେଲମାଲିସ୍ ପାଇଁ ସ୍ୱତନ୍ତ୍ର କର୍ମଚାରୀ ମଧ ନିଯୁକ୍ତ। ସାଥିରେ ସୁରକ୍ଷା କର୍ମୀ ସହ ଆରାମଦାୟକ ଚାରିଚକିଆରେ ଯାତାୟତ। ରାଜକୋଷରୁ ନିଜ ବିଭାଗର ସମସ୍ତ ଅର୍ଥର ଦାୟିତ୍ୱ ସହ ନିଜ ସ୍ୱତନ୍ତ୍ର ପାଣ୍ଠିର ମାଲିକ। ପ୍ରଶାସନିକ ବିଭାଗରୁ ନ୍ୟାୟିକ ବ୍ୟବସ୍ଥା କ୍ଷେତ୍ରରେ ଶାସନରେ ଥିବା ଜଣେ ନେତାମନ୍ତ୍ରୀ ସମସ୍ତଙ୍କୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବାରେ ସକ୍ଷମ। ଅର୍ଥାତ ନେତାମନ୍ତ୍ରୀଙ୍କୁ ସମସ୍ତଙ୍କର ପ୍ରାଣଭୟ। ନେତାଙ୍କପାଇଁ ସବୁ ମାଗଣା। ପାଞ୍ଚବର୍ଷ ପୂରଣପରେ ବାକିଜୀବନ ପେନସନରେ। ଶାସନରେ ଅଧିଷ୍ଠିତ ପ୍ରତ୍ୟେକ ଶାସକ ସେ ରାଜତନ୍ତ୍ରରେ ରାଜା ହୁଅନ୍ତୁକି ଗଣତନ୍ତ୍ରରେ ନେତା ସମସ୍ତଙ୍କର ସେଇ ଏକାପ୍ରକାରର ମନୋଭାବ। ନିଜକୁ ସର୍ବୋଚ୍ଚ ଆସନରେ ଅଧିଷ୍ଠିତ କରି ସାଧାରଣଜନତାଙ୍କୁ ପରୋକ୍ଷରେ ହେଉକି ପ୍ରତ୍ୟକ୍ଷରେ ନିୟନ୍ତ୍ରଣ, ଦମନ, ଶୋଷଣ ଓ ଭୟଭୀତ କରିବା ସହ ନିଜକୁ ଭୋଗବିଳାସପୂର୍ଣ୍ଣ ଜୀବନ ଅତିବାହିତ କରିବା ପ୍ରତ୍ୟେକ ଶାସକର ଲକ୍ଷ୍ୟ। ସେଦିନର ରାଜତନ୍ତ୍ରର ରାଜା ଏବର ଗଣତାନ୍ତ୍ରିକ ନେତା ମଧରେ କିଛି ପ୍ରଭେଦ ନାହିଁ। ଯେଉଁ ସ୍ୱୋଛାଚାରିତା ରାଜତନ୍ତ୍ରରେ ଦେଖିବାକୁ ମିଳେ ତାହା ପୁନଶ୍ଚ ଗଣତନ୍ତ୍ରରେ ପ୍ରତିଫଳିତ ହେଉ ନାହିଁତ ? କାରଣ ରାଜତନ୍ତ୍ର ଶାସକଗୋଷ୍ଠୀ ନିଜ ସୁଖସୁବିଧାର ପୂରଣ ଲକ୍ଷ୍ୟରେ ସାଧାରଣ ଜନତାଙ୍କ ଉପରେ ଅଯଥା ଭିନ୍ନଭିନ୍ନ 'କର' ଆଦାୟ କରିବାପରି ଗଣତନ୍ତ୍ର ଶାସକଗଣ ଜନତାଙ୍କ ସଂଗୃହୀତ 'ଦ୍ରବ୍ୟକର'ରୁ ରାଜକୋଷ ଭରିବା ପରେ ସେଥିରୁ ବିଭିନ୍ନ ସରକାରୀ ଯୋଜନା ମାଧମରେ ନିଜପାଇଁ କିଛି ପ୍ରତିଶତ ଯୋଗାଡ କରିବା ନେତାଙ୍କର ଭିତିରିଆ କାରବାର। ଉପରେ ମହାପୁରୁଷ ଗାନ୍ଧୀଗୋପବନ୍ଧୁଙ୍କ ଆଦର୍ଶ କିନ୍ତୁ ଭିତରେ ପଟିମରା ଶଙ୍କର।ଏଇ ନିକଟରେ ଶୀତକାଳୀନ ଅଧିବେଶନରେ ରାତାରାତି ବିଧାୟକଙ୍କ ଦରମା ବୃଦ୍ଧି ଆକାଶ ଛୁଆଁ। ଦେଶରେ ଦାରିଦ୍ର୍ୟ ସୀମାରେଖା ସୂଚୀରେ ଅଷ୍ଟମ ରାଜ୍ୟଭାବେ ପରିଚିତ ଓଡ଼ିଶା ବିଧାୟକଙ୍କ ସର୍ବାଧିକ ଦରମା ପାଇବାରେ ଭାରତର ପ୍ରଥମ ରାଜ୍ୟ। ଏଥିରୁ ସ୍ପଷ୍ଟ ଶାସନରେ ଅଧିଷ୍ଠିତ ସମସ୍ତ ନେତୃତ୍ୱଗଣ କେବଳ ନିଜର ସ୍ୱାର୍ଥ ହାସଲ ଲକ୍ଷ୍ୟରେ ବ୍ୟସ୍ତ। ସାଧାରଣ ଜନତାଙ୍କ ଭାବନା ସହ ଖେଳଖେଳିବା ସହ ରାଜକୋଷର ଅର୍ଥକୁ କେବଳ ନିଜପାଇଁ ବ୍ୟୟକରିବା ଲକ୍ଷ୍ୟରେ ସେମାନେ ଆଗଭର। ସେଦିନ ରାଜତନ୍ତ୍ରରେ ରାଜା ଏକଛତ୍ରବାଦ, ଯୁଧଖୋର, ଧର୍ମାନ୍ଧତା, ବିସ୍ତାରବାଦକୁ ନିଜର ପ୍ରମୁଖ ଅସ୍ତ୍ର କରୁଥିଲେ ଆଜିବି ମଧ ଗଣତନ୍ତ୍ର ଆସନରେ ନେତୃବୃନ୍ଦଙ୍କ ମଧରେ ଏକଛତ୍ରବାଦ, ଯୁଦ୍ଧଖୋର, ଧର୍ମାନ୍ଧତା ସହ ବିସ୍ତାରବାଦୀର ମାନସିକତା ଦେଖିବକୁ ମିଳୁଛି। ନିର୍ଦ୍ଦିଷ୍ଟ ଧର୍ମର ପୃଷ୍ଠପୋଷକ ରାଜାମାନଙ୍କ ପରି ଗଣତନ୍ତ୍ରର ନେତାମାନେ ଏକ ନିର୍ଦ୍ଦିଷ୍ଟ ଧର୍ମକୁ ନେଇ ରାଜନୀତି କରିବାରେ ସିଦ୍ଧହସ୍ତ। ଧର୍ମଘଟ, ଆନ୍ଦୋଳନ, ରାସ୍ତାରୋକ ସହ ଅନ୍ୟକୁ ଅଭୟ ବର ପ୍ରଦାନକରି ନିଜର ଲକ୍ଷ୍ୟ ସାଧନାରେ ବ୍ୟସ୍ତ।

ଦର୍ଶନ ବିଭାଗୀୟ ମୁଖ୍ୟ
ବି.ଏନ. ଏମ.ଏ ମହାବିଦ୍ୟାଳୟ,
ଭଦ୍ରକ, ମୋ:୮୮୯୫୩୪୧୦୩୩

# ହାଇଡ୍ରୋପୋନିକ୍ସ ଏବଂ ସ୍ଥାୟୀ ଖାଦ୍ୟ ପ୍ରଣାଳୀର ଭବିଷ୍ୟତ



ଅସିତ ମହାନ୍ତି

ହାଇଡ୍ରୋପୋନିକ୍ସ କୃଷି ଏକ ମାଟି-ବିହୀନ କୃଷି କୌଶଳ ଯେଉଁଠାରେ ଗଛଗୁଡ଼ିକ ସିଧାସଳଖ ପୁଷ୍ଟିକର ଜଳ ଦ୍ରବଣରେ ବଢ଼ିଥାଏ, ଏବଂ ଏହା ଆଜି ଅତ୍ୟାବଶ୍ୟକ କାରଣ ଏହା ଜଳ ସଂରକ୍ଷଣ କରେ, ଭୂମି ନିର୍ଭରଶୀଳତା ହ୍ରାସ କରେ, ଏବଂ ସହରାଞ୍ଚଳ କିମ୍ବା ସମ୍ପଦ-ଅଭାବ ପରିବେଶରେ ମଧ ଖାଦ୍ୟ ଉତ୍ପାଦନକୁ ସକ୍ଷମ କରେ।

ହାଇଡ୍ରୋପୋନିକ୍ସ କୃଷି, କୃଷିରେ ସବୁଠାରୁ ନୂତନ ପରିବର୍ତ୍ତନ ମଧ୍ୟରୁ ଗୋଟିଏକୁ ପ୍ରତିନିଧିତ୍ୱ କରେ, ଏକ ପଦ୍ଧତି ଯାହା ଆମେ ଖାଦ୍ୟ ବୃଦ୍ଧି ବିଷୟରେ କିପରି ଚିନ୍ତା କରୁ ତାହା ପୁନଃପରିଭାଷିତ କରେ। ଏହାର ମୂଳରେ, ହାଇଡ୍ରୋପୋନିକ୍ସ ହେଉଛି ମାଟି ବିନା ଉଦ୍ଭିଦ ଚାଷ କରିବାର ଅଭ୍ୟାସ, ପରିବର୍ତ୍ତେ ବିକାଶକୁ ବଜାୟ ରଖିବା ପାଇଁ ସତର୍କତାର ସହିତ ସନ୍ତୁଳିତ ପୁଷ୍ଟିକର ତତ୍ତ୍ୱ ସହିତ ସମୃଦ୍ଧ ପାଣି ଉପରେ ନିର୍ଭର କରିବା। ଏହି ଶବ୍ଦଟି ନିଜେ ଗ୍ରୀକ୍ ଶବ୍ଦ 'ହାଇଡ୍ରୋ' ରୁ ଆସିଛି ଯାହାର ଅର୍ଥ ପାଣି ଏବଂ 'ପୋନୋସ୍' ଅର୍ଥ ଶ୍ରମ, ଯାହା ଏକ ବ୍ୟବସ୍ଥାକୁ ସୂଚିତ କରେ ଯେଉଁଠାରେ ପାଣି ଫସଲକୁ ପୋଷଣ କରିବାର କାର୍ଯ୍ୟ କରେ। ଏହି ବ୍ୟବସ୍ଥାରେ, ଉଦ୍ଭିଦଗୁଡ଼ିକର ମୂଳ ପୁଷ୍ଟିକର ଦ୍ରବଣରେ ବୁଡ଼ାଇ କିମ୍ବା ଝୁଲାଇ ରଖାଯାଏ, ଯାହା ସେମାନଙ୍କୁ ସିଧାସଳଖ ଖଣିଜ ପଦାର୍ଥ ଶୋଷଣ କରିବାକୁ ଅନୁମତି ଦିଏ। ଏହା ମାଟିର ଉର୍ବରତା ଉପରେ ପାରମ୍ପରିକ ନିର୍ଭରଶୀଳତାକୁ ବାଇପାସ୍ କରେ ଏବଂ ଯେଉଁ ସ୍ଥାନରେ ଜମି ଅନୁର୍ବର, ଦୂଷିତ କିମ୍ବା କେବଳ ଅନୁପଲବ୍ଧ ଅଛି ସେଠାରେ ଚାଷ ପାଇଁ ସମ୍ଭାବନା ଖୋଲିଥାଏ।

ବର୍ତ୍ତମାନ ପରିସ୍ଥିତିରେ ହାଇଡ୍ରୋପୋନିକ୍ସର ଗୁରୁତ୍ୱକୁ ଅତ୍ୟଧିକ କୁହାଯାଇପାରିବ ନାହିଁ। ବିଶ୍ୱ ଜନସଂଖ୍ୟା ବୃଦ୍ଧି ଏବଂ ସହରୀକରଣ ଦ୍ରୁତ ଗତିରେ ବୃଦ୍ଧି ପାଇବା ସହିତ, ଖାଦ୍ୟର ଚାହିଦା ବୃଦ୍ଧି ପାଉଛି ଏବଂ ଚାଷଯୋଗ୍ୟ ଜମି ସଙ୍କୁଚିତ ହେଉଛି। ଜଳବାୟୁ ପରିବର୍ତ୍ତନ ସମସ୍ୟାଗୁଡ଼ିକୁ ଆହୁରି ଜଟିଳ କରିଛି, ଯାହା ଫଳରେ ଅପ୍ରତ୍ୟାଶିତ ବର୍ଷା, ମାଟି କ୍ଷୟ ଏବଂ ଜଳ ଅଭାବ ଦେଖାଦେଇଛି। ପାରମ୍ପରିକ ଚାଷ ତୁଳନାରେ ୮୦ % ପର୍ଯ୍ୟନ୍ତ କମ୍ ପାଣି ବ୍ୟବହାର କରି, ପ୍ରାୟ ୭୦ % ଜମି ବ୍ୟବହାର ହ୍ରାସ କରି ଏବଂ ଘର ଭିତରେ କିମ୍ବା ନିୟନ୍ତ୍ରିତ ପରିବେଶରେ ଫସଲ ଚାଷ କରିବାକୁ ସକ୍ଷମ କରି ହାଇଡ୍ରୋପୋନିକ୍ସ ଏକ ସମାଧାନ ପ୍ରଦାନ କରେ। ଏହା ମରୁଡ଼ିର ସମ୍ମୁଖୀନ ହେଉଥିବା ଦେଶ, ସୀମିତ ସ୍ଥାନ ଥିବା ସହର ଏବଂ ଖାଦ୍ୟ ସୁରକ୍ଷା ପାଇଁ ଚେଷ୍ଟା କରୁଥିବା ସମ୍ପ୍ରଦାୟ ପାଇଁ ଏହାକୁ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ କରିଥାଏ। ଏହା ସହିତ, ହାଇଡ୍ରୋପୋନିକ୍ସ ଋତୁକାଳୀନ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ନ ହୋଇ ବର୍ଷସାରା ଚାଷ କରିବାକୁ ଅନୁମତି ଦିଏ, ଯାହା ତାଜା ଉତ୍ପାଦର ସ୍ଥିର ଯୋଗାଣ ସୁନିଶ୍ଚିତ କରେ।

ହାଇଡ୍ରୋପୋନିକ୍ ଚାଷର ପ୍ରକ୍ରିୟା ଏକ ସିଷ୍ଟମ ସ୍ଥାପନ ସହିତ ଆରମ୍ଭ ହୁଏ ଯେଉଁଠାରେ ଉଦ୍ଭିଦଗୁଡ଼ିକୁ କୋକୋ ପିଟ୍, ପର୍ଲାଇଟ୍, କିମ୍ବା ପଥର ଉଲ୍ ଭଳି ନିଷ୍କ୍ରିୟ ମାଧ୍ୟମରେ ସମର୍ଥନ କରାଯାଏ, କିମ୍ବା କେତେକ ସମୟରେ ସିଧାସଳଖ ପାଣିରେ ଚାଷ କରାଯାଏ। ନାଇଟ୍ରୋଜେନ୍, ଫସଫରସ୍, ପୋଟାସିୟମ୍, କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଭଳି ଅତ୍ୟାବଶ୍ୟକୀୟ ଉପାଦାନ ଧାରଣ କରି ଏକ ପୁଷ୍ଟିକର ଦ୍ରବଣ ପ୍ରସ୍ତୁତ କରାଯାଏ ଏବଂ ମୂଳକୁ ପ୍ରସାରିତ କରାଯାଏ। ପୁଷ୍ଟିକର ଅବଶୋଷଣକୁ ଉନ୍ନତ କରିବା ପାଇଁ ପାଣିର କ୍ଷୁଆଁ ଏକ ନିର୍ଦ୍ଦିଷ୍ଟ ପରିସର ମଧ୍ୟରେ ଯତ୍ନର ସହିତ ବଜାୟ ରଖାଯାଏ। ବଛାଯାଇଥିବା ସିଷ୍ଟମ ଉପରେ ନିର୍ଭର କରି - ଏହା ପୁଷ୍ଟିକର ଫିଲ୍ମ କୌଶଳ (ଘରଞ୍ଜ), ଗଭୀର ଜଳ ସଂସ୍କୃତି, କିମ୍ବା ଡ୍ରିପ୍ ଜଳସେଚନ ହେଉ - ଗଛଗୁଡ଼ିକ ପୁଷ୍ଟିକର ନିରନ୍ତର କିମ୍ବା ମଝିରେ ପ୍ରବାହ ପାଆନ୍ତି। ସୂର୍ଯ୍ୟକିରଣ ଅନୁକରଣ କରିବା ପାଇଁ ଘର ଭିତରେ କୃତ୍ରିମ ଆଲୋକ, ପ୍ରାୟତଃ ଖରଡ-ଆଧାରିତ, ବ୍ୟବହାର କରାଯାଇପାରେ, ଯେତେବେଳେ ଆଦର୍ଶ ବଢ଼ୁଥିବା ପରିସ୍ଥିତି ସୃଷ୍ଟି କରିବା ପାଇଁ ତାପମାତ୍ରା ଏବଂ ଆର୍ଦ୍ରତା ନିୟନ୍ତ୍ରିତ ହୁଏ। ଏହି ସଠିକତା ପାରମ୍ପରିକ ମାଟି ଚାଷ ତୁଳନାରେ ଦ୍ରୁତ ବୃଦ୍ଧି, ଅଧିକ ଅମଳ ଏବଂ ସୁସ୍ଥ ଫସଲ ସୁନିଶ୍ଚିତ କରେ।



ଜୈବ କୃଷିର ଉଦାହରଣ ଭାବରେ ହାଇଡ୍ରୋପୋନିକ୍ସକୁ ପ୍ରାୟତଃ ଉଦ୍ଧୃତ କରାଯାଏ କାରଣ ଏହା ରାସାୟନିକ କୀଟନାଶକ ଏବଂ ତୃଣନାଶକର ଆବଶ୍ୟକତାକୁ ଦୂର କରେ। ଯେହେତୁ ଗଛଗୁଡ଼ିକ ନିୟନ୍ତ୍ରିତ ପରିବେଶରେ ଚାଷ କରାଯାଏ, ମାଟି ବାହିତ ରୋଗ, ଘାସ ଏବଂ କୀଟପତଙ୍ଗର ବିପଦ କମ ହୋଇଥାଏ। ଚାଷୀମାନେ ପ୍ରାକୃତିକ କୀଟ ନିୟନ୍ତ୍ରଣ ପଦ୍ଧତି ଏବଂ ଜୈବ ପୁଷ୍ଟିକର ସମାଧାନ ଉପରେ ନିର୍ଭର କରିପାରିବେ, ଜୈବ କୃଷିର ନୀତି ସହିତ ଅଭ୍ୟାସକୁ ସମାନ କରି ଯାହା ସ୍ଥାୟୀତ୍ୱ, ପରିବେଶଗତ ସନ୍ତୁଳନ ଏବଂ ସିନ୍ଥେଟିକ୍ ଇନପୁଟ୍ ପରିହାର ଉପରେ ଗୁରୁତ୍ୱ ଦିଏ। ଅଧିକନ୍ତୁ, ହାଇଡ୍ରୋପୋନିକ୍ସ ପାଣି ସଂରକ୍ଷଣ କରି, ମାଟି କ୍ଷୟକୁ ଏଡ଼ାଇ ଏବଂ ପରିବହନ ନିର୍ଗମନକୁ ହ୍ରାସ କରୁଥିବା ସ୍ଥାନୀୟ ଖାଦ୍ୟ ଉତ୍ପାଦନକୁ ସକ୍ଷମ କରି ଚାଷର ପରିବେଶଗତ ପ୍ରଭାବକୁ ହ୍ରାସ କରେ। କିଛି ପ୍ରମାଣପତ୍ର ମାନଦଣ୍ଡ ଅନୁଯାୟୀ ହାଇଡ୍ରୋପୋନିକ୍ସ ସମ୍ପୂର୍ଣ୍ଣ ଭାବରେ 'ଜୈବିକ' ଭାବରେ ଯୋଗ୍ୟ କି ନାହିଁ ସେ ବିଷୟରେ କିଛି ବିତର୍କ ରହିଛି, କିନ୍ତୁ ସ୍ୱଚ୍ଛ, ରାସାୟନିକ-ମୁକ୍ତ ଚାଷ ଏବଂ ସମ୍ବଳ ଦକ୍ଷତା ଉପରେ ଏହାର ଗୁରୁତ୍ୱ ଏହାକୁ ସ୍ଥାୟୀ କୃଷି ପଦ୍ଧତି ପାଇଁ ଏକ ଦୃଢ଼ ପ୍ରାର୍ଥୀ କରିଥାଏ।

ହାଇଡ୍ରୋପୋନିକ୍ସ ମାଧ୍ୟମରେ କରାଯାଇପାରୁଥିବା କୃଷିର ପ୍ରକାରଗୁଡ଼ିକ ବିବିଧ। ପତ୍ରଯୁକ୍ତ ସବୁଜ ଯେପରିକି ଲେଟୁସ୍, ପାଳଙ୍ଗ ଏବଂ କେଲ୍ ସେମାନଙ୍କର ଦ୍ରୁତ ଅଭିବୃଦ୍ଧି ଏବଂ ଉଚ୍ଚ ପୋଷକ ତତ୍ତ୍ୱ ଗ୍ରହଣ ହେତୁ ହାଇଡ୍ରୋପୋନିକ୍ ସିଷ୍ଟମରେ ବିଶେଷ ଭାବରେ ଭଲ ଭାବରେ ଉନ୍ନତି ପାଏ। ତୁଳସୀ, ପୁଦିନା ଏବଂ ଧନିଆ ପରି ଔଷଧି ମଧ ଲୋକପ୍ରିୟ ପସନ୍ଦ, ଯେପରିକି ଟମାଟୋ, କାକୁଡି ଏବଂ ଲଙ୍କା ପରି ଫଳଦାୟକ ଗଛ। ଏପରିକି ଷ୍ଟ୍ରବେରୀ ଏବଂ କିଛି ଫୁଲକୁ ମଧ ହାଇଡ୍ରୋପୋନିକ୍ ଭାବରେ ଚାଷ କରାଯାଇପାରିବ। ବଡ଼ ବଡ଼ ବାଣିଜ୍ୟିକ ଫାର୍ମଗୁଡ଼ିକ ପ୍ରାୟତଃ ଉଚ୍ଚ-ଚାହିଦା ପନିପରିବା ଉପରେ ଧ୍ୟାନ ଦେଇଥାଏ, ଯେତେବେଳେ ଛୋଟ ସହରାଞ୍ଚଳ ସେଟଅପ୍ ସ୍ଥାନୀୟ ବଜାର ପାଇଁ ଔଷଧି ଏବଂ ମାଇକ୍ରୋଗ୍ରୀନ୍ କୁ ପ୍ରାଥମିକତା ଦେଇପାରେ। ହାଇଡ୍ରୋପୋନିକ୍ସକୁ ମଧ ଭର୍ଟିକାଲ୍ ଫାର୍ମିଂରେ ସମନ୍ୱିତ କରାଯାଇପାରିବ, ଯେଉଁଠାରେ ସ୍ଥାନ ଦକ୍ଷତାକୁ ସର୍ବାଧିକ କରିବା ପାଇଁ ଫସଲଗୁଡ଼ିକୁ ସ୍ତରଗୁଡ଼ିକରେ ଷ୍ଟାକ୍ କରାଯାଇଥାଏ, ଏହାକୁ ସହରାଞ୍ଚଳ ଛାତ, ଗୋଦାମ ଏବଂ ଗ୍ରୀନହାଉସ୍ ପାଇଁ ଆଦର୍ଶ କରିଥାଏ। ମୂଳତଃ, ହାଇଡ୍ରୋପୋନିକ୍ସ କୃଷି କେବଳ ଏକ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ନୁହେଁ ବରଂ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜର ଏକ ପ୍ରତିକ୍ରିୟା। ଏହା ଜଳ ଏବଂ ଜମିର ଅଭାବକୁ ସମାଧାନ କରେ, ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରେ ଏବଂ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥା ଆଡ଼କୁ ଏକ ପଥ ପ୍ରଦାନ କରେ। ନିୟନ୍ତ୍ରିତ, ମାଟି-ବିହୀନ ପରିବେଶରେ ଫସଲ ଚାଷ କରିବାକୁ ସକ୍ଷମ କରି, ହାଇଡ୍ରୋପୋନିକ୍ସ ନିଶ୍ଚିତ କରେ ଯେ କୃଷି ଆଉ ଭୌଗୋଳିକ କିମ୍ବା ଜଳବାୟୁ ଦ୍ୱାରା ଆବଦ୍ଧ ନୁହେଁ। ଏହା ରାସାୟନିକ ପଦାର୍ଥ ଉପରେ ନିର୍ଭରଶୀଳତା ହ୍ରାସ କରି ଏବଂ ପରିବେଶଗତ ସନ୍ତୁଳନକୁ ପ୍ରୋତ୍ସାହିତ କରି ଜୈବିକ କୃଷିର ଆତ୍ମାକୁ ପ୍ରତିପାଦନ କରେ, ଏବଂ କୃଷି କ'ଣ ହାସଲ କରିପାରିବ ତାହାର ଦିଗନ୍ତକୁ ମଧ ବିସ୍ତାର କରେ। ପତ୍ରଯୁକ୍ତ ସବୁଜ ଗଛରୁ ଫଳ ପର୍ଯ୍ୟନ୍ତ, ସହରାଞ୍ଚଳ ଛାତରୁ ମରୁଭୂମି ଭୂଦୃଶ୍ୟ ପର୍ଯ୍ୟନ୍ତ, ହାଇଡ୍ରୋପୋନିକ୍ସ ଦର୍ଶାଏ ଯେ କୃଷି ସବୁଠାରୁ ଚ୍ୟାଲେଞ୍ଜିଂ ପରିସ୍ଥିତିରେ ମଧ ଅନୁକୂଳ, ବିକଶିତ ଏବଂ ସମୃଦ୍ଧ ହୋଇପାରେ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

ଓମାନରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# ଓମାନ-ଭାରତ ମଧ୍ୟରେ ବନ୍ଧୁତା ଅତୁଟ



**ନୂଆଦିଲ୍ଲୀ ୧୮।୧୨:** ଓମାନ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମସ୍କଟରେ ତାଙ୍କ ଭାଷଣ ଆରମ୍ଭରୁ ସମସ୍ତଙ୍କୁ ନମସ୍କାର କରିଥିଲେ। ସେ କହିଥିଲେ, ଏଠାରେ ଉପସ୍ଥିତ ଯୁବପିଢ଼ିଙ୍କ ଉତ୍ସାହ ମୋତେ ଶକ୍ତି ଯୋଗାଇଛି। ମୁଁ ମୋର ସମସ୍ତ ଭାଇଙ୍କୁ ସ୍ୱାଗତ କରୁଛି। ଯେଉଁମାନେ ଏଠାରେ ଉପସ୍ଥିତ ନାହାଁନ୍ତି ସେମାନଙ୍କୁ ମୋର ନମସ୍କାର। ମୁଁ ଏଠାରେ ଏକ ମିନି ଭାରତ ଦେଖୁଛି। ମାଲାୟଲମ, ତାମିଲ, ତେଲୁଗୁ, ମରାଠୀ ଏବଂ ଗୁଜରାଟୀ ଭାଷା କହୁଥିବା ଅନେକ ଲୋକ ଅଛନ୍ତି। ଭାରତ ଏବଂ ଓମାନ ମଧ୍ୟରେ ବନ୍ଧୁତା ବିଷୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ। ସମୁଦ୍ରର ଲହର ପରିବର୍ତ୍ତନ ହୁଏ... ଋତୁ ପରିବର୍ତ୍ତନ ହୁଏ। କିନ୍ତୁ ଭାରତ-ଓମାନ ବନ୍ଧୁତା ପ୍ରତ୍ୟେକ ଋତୁ ସହିତ ଆହୁରି ମଜବୁତ ହେବାରେ ଲାଗିଛି। ଏହା ପ୍ରତ୍ୟେକ ତରଙ୍ଗ ସହିତ ନୂତନ ଉଚ୍ଚତାରେ ପହଞ୍ଚିଥାଏ। ଆମେ ପ୍ରତ୍ୟେକ ଦେଶର ସଂସ୍କୃତିକୁ ସମ୍ମାନ କରୁ। ଏହି ଶିଖର ସମ୍ମିଳନୀ ଭାରତ ଏବଂ ଓମାନର ପ୍ରଗତିକୁ ଏକ ନୂତନ ଦିଗଦର୍ଶନ ଦେବ।

ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି, ଆଜି ଆମେ ଐତିହାସିକ ନିଷ୍ପତ୍ତି ନେବାକୁ ଯାଉଛୁ। ଯାହାର ପ୍ରତିଧ୍ୱନି ବର୍ଷବର୍ଷ ଧରି ଶୁଣାଯିବ। ଆମର ସମ୍ପର୍କ ବିଶ୍ୱାସର ଭିତ୍ତିଭୂମି ଉପରେ ନିର୍ମିତ। ଆଜି କୂଟନୈତିକ ସମ୍ପର୍କର ୭୦ ବର୍ଷ ପୂରଣ ହେଉଛି। ଆମ ଦୁଇ ଦେଶ ମଧ୍ୟରେ ସମ୍ପର୍କ ମଜବୁତ ହୋଇଛି। ଭାରତ ଏବଂ ଓମାନ ମଧ୍ୟରେ ବନ୍ଧୁତା ପ୍ରତ୍ୟେକ ଋତୁରେ ଆହୁରି ମଜବୁତ ହୁଏ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ସାତ ବର୍ଷ ପରେ ଓମାନ ଗସ୍ତ କରିବାର ସୌଭାଗ୍ୟ ମୋତେ ମିଳିଛି। ଆଜି ମୁଁ ଆପଣମାନଙ୍କ ସହିତ କଥା ହେବାର ସୁଯୋଗ ପାଇଛି। ଆଜିର ଶିଖର ସମ୍ମିଳନୀ ଭାରତ-ଓମାନ ସହଭାଗିତାକୁ ନୂତନ ଦିଗ ଏବଂ ଗତି ଦେବ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ପ୍ରତ୍ୟେକ କ୍ଷେତ୍ରରେ ନବସୃଜନକୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ। ଆମକୁ ଭାରତ-ଓମାନ ସହଭାଗିତାକୁ ଏକ ନୂତନ ସ୍ତରକୁ ନେବାକୁ ପଡିବ। ଆମେ ଡଜନ ଡଜନ ଶ୍ରମ ସଂହିତାକୁ ମାତ୍ର ଚାରିକୁ ହ୍ରାସ କରିଛୁ। ବିଶ୍ୱରେ ଅନିଶ୍ଚିତତା ରହିଛି। ଗତ ୧୧ ବର୍ଷ ମଧ୍ୟରେ ଭାରତ ଏହାର ଆର୍ଥିକ ଡିଏନଏ ପରିବର୍ତ୍ତନ କରିଛି। ବିବିଧତାରେ ଏକତା ହେଉଛି ଆମର ସଂସ୍କୃତିର ମୂଳଦୁଆ।

ପ୍ରଦୂଷଣରେ ଅଣନିଶ୍ୱାସୀ ରାଜଧାନୀ ଦିଲ୍ଲୀ

# ପିୟୁସି ନଥିଲେ ମିଳିବନି ତେଲ

**ନୂଆଦିଲ୍ଲୀ ୧୮।୧୨:** ଦିନକୁ ଦିନ ଅଣନିଶ୍ୱାସ ହେବାରେ ଲାଗିଛି ରାଜଧାନୀ ଦିଲ୍ଲୀ। ବଢ଼ି ଚାଲିଛି ପ୍ରଦୂଷଣ। ଏହାକୁ ଦୂରକରିବା ପାଇଁ ଅଣ୍ଟା ଭିଡିଛନ୍ତି ସରକାର। ଆଜିଠୁ ଦିଲ୍ଲୀ ଏନସିଆରରେ ପୁରୁଣା ଗାଡି ପ୍ରବେଶ ଉପରେ କଟକଣା ଲଗାଯାଇଛି। ଛକ ଛକରେ ଚାଲିଛି ଚେକିଂ। ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ(ପିୟୁସି) ନାହିଁ ତ ତେଲ ନାହିଁ । ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ (ପିୟୁସି) ନଥିଲେ ଦିଲ୍ଲୀରେ ପେଟ୍ରୋଲ ଓ ଡିଜେଲ ମିଳିବ ନାହିଁ ।




## କେବଳ ଆମ୍ବୁଲାନ୍ସ-ଅଗ୍ନିଶମ-ପୁଲିସ ଗାଡିକୁ ରିହାତି

ଦିଲ୍ଲୀ ସରକାର ରାଜଧାନୀରେ ବାୟୁ ପ୍ରଦୂଷଣ ସମସ୍ୟାକୁ ମୁକାବିଲା କରିବା ପାଇଁ ଏଭଳି କଡା ପଦକ୍ଷେପ ନେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବୋଧନ କରି ଦିଲ୍ଲୀ ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିର୍ସା କହିଛନ୍ତି ଯେ, ପିୟୁସି ପ୍ରମାଣପତ୍ର ନଥିବା ଯାନବାହନଗୁଡ଼ିକୁ ଆଜିଠାରୁ ପେଟ୍ରୋଲ ପମ୍ପରେ ଇନ୍ଧନ ଯୋଗାଇ ଦିଆଯିବ ନାହିଁ। ମନ୍ତ୍ରୀ କହିଛନ୍ତି, ନିର୍ମାଣ ସାମଗ୍ରୀ ଆଣୁଥିବା ଟ୍ରକଗୁଡ଼ିକୁ ଦିଲ୍ଲୀ ଭିତରକୁ ଆସିବା ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଲାଗୁ ହେବ। ଏହା ସହିତ, ଆଜିଠାରୁ ଦିଲ୍ଲୀ ବାହାରୁ ଆସୁଥିବା ବ୍ୟକ୍ତିଗତ ଯାନବାହନଗୁଡ଼ିକୁ ଯଦି ବିଏସ୍୬ ବର୍ଗରୁ କମ୍ ହୋଇଥାଏ, ତେବେ ସେଗୁଡ଼ିକୁ ରାଜଧାନୀ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। ପରିବେଶ ମନ୍ତ୍ରୀ ଆହୁରି କହିଛନ୍ତି ଯେ, କୌଣସି ସରକାର ୯-୧୦ ମାସ ଭିତରେ ପ୍ରଦୂଷଣକୁ ସମ୍ପୂର୍ଣ୍ଣ ରୂପେ ଠିକ୍ କରିପାରିବେ ନାହିଁ। ସେ ପୂର୍ବ ଆପ୍ ସରକାରକୁ ତା'ର କାର୍ଯ୍ୟକାଳରେ କୌଣସି ଠୋସ୍ ପଦକ୍ଷେପ ନନେବା ପାଇଁ ଦୋଷାରୋପ କରିଛନ୍ତି। ତେବେ ସରକାରଙ୍କ ଏହି ନିଷ୍ପତ୍ତିକୁ ପେଟ୍ରୋଲ ପମ୍ପ ମାଲିକମାନେ ବିରୋଧ କରିଛନ୍ତି। ଦିଲ୍ଲୀ ପେଟ୍ରୋଲ ଡିଲରସ୍ ଆସୋସିଏସନ (ଡିପିଡିଏ) କହିଛି କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ପୂର୍ବରୁ ସମାଧାନ ନକରି ଏହି ନିର୍ଦ୍ଦେଶକୁ ପାଳନ କରିବା ଅତ୍ୟନ୍ତ କଷ୍ଟକର ହେବ। ଡିଲରମାନେ ଉଲ୍ଲେଖ କରିଛନ୍ତି ଯେ, ଦିଲ୍ଲୀର ପ୍ରଦୂଷଣ ସମସ୍ୟା କେବଳ ସହର ନୁହେଁ, ସହର ସୀମା ବାହାରୁ ଆସୁଛି। କେବଳ ଦିଲ୍ଲୀ ଭିତରେ ଫ୍ୟୁଏଲ ନିଷେଧ କରିବା ଦ୍ୱାରା ଲାଭ ମିଳିବ ନାହିଁ ଯଦି ଏହି ନୀତି ସମଗ୍ର ଏନସିଆରରେ କାର୍ଯ୍ୟକାରୀ ନହୁଏ।

# ଲୋକସଭାରେ ପାସ୍ ହେଲା 'ଜି ରାମ ଜି' ବିଲ୍



**ନୂଆଦିଲ୍ଲୀ,୧୮।୧୨:** ବିରୋଧୀଙ୍କ ତୀବ୍ର ବିରୋଧ ପରେ ଲୋକସଭାରେ ପାସ୍ ହୋଇଛି ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜିବିକା ମିଶନ (ଭିବି-ଜି ରାମ ଜି) ବିଲ୍ ୨୦୨୫। ଏହି ବିଲ୍‌କୁ ନେଇ ଆଲୋଚନା ବେଳେ ବିରୋଧୀ ଦଳର ନେତାମାନେ ଏହାକୁ ତୀବ୍ର ବିରୋଧ କରିଥିଲେ। ବିଲ୍ ଫାଡ଼ି ଦେବା ସହିତ ସଂସଦରେ ହେଉଥିଲା କରିଥିଲେ। ଏହି ବିଲ୍ ମାଧ୍ୟମରେ ସରକାର ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଅପମାନିତ କରୁଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ (ମନରେଗା)ର ବ୍ୟବସ୍ଥାକୁ ଦୁର୍ବଳ କରୁଛି ବୋଲି ବିରୋଧୀ ସାଂସଦମାନେ ଅଭିଯୋଗ କରିଛନ୍ତି। ବିଲ୍ ବିଷୟରେ ଆଲୋଚନା ବେଳେ କେନ୍ଦ୍ର ଆଞ୍ଚଳିକ ବିକାଶ ତଥା କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହା ସପକ୍ଷରେ ଯୁକ୍ତି ରଖିଥିଲେ। ପୂର୍ବରୁ ନରେଗାରେ ମହାତ୍ମା ଗାନ୍ଧୀଙ୍କ ନାଁ ଯୋଡ଼ାଯାଇନଥିଲା। ୨୦୦୯ ନିର୍ବାଚନକୁ ଆଖି ଆଗରେ ରଖି ମହାତ୍ମା ଗାନ୍ଧୀଙ୍କ ନାଁ ଯୋଡ଼ାଯାଇଥିଲା ବୋଲି ଶିବରାଜ ସିଂହ ଚୌହାନ କହିଛନ୍ତି।

● କେନ୍ଦ୍ର ସରକାରଙ୍କୁ ମମତାଙ୍କ ଜବାବ

# କର୍ମଶ୍ରୀ ଯୋଜନା ମହାତ୍ମା ଗାନ୍ଧୀଙ୍କ ନାମରେ ନାମିତ



**କୋଲକାତା,୧୮।୧୨:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର କହିଛନ୍ତି ଯେ, ତାଙ୍କ ସରକାର ରାଜ୍ୟର ଗ୍ରାମୀଣ ଚାକିରି ଗ୍ୟାରେଣ୍ଟି କାର୍ଯ୍ୟକ୍ରମ 'କର୍ମଶ୍ରୀ'କୁ ମହାତ୍ମା ଗାନ୍ଧୀଙ୍କ ନାମରେ ନାମିତ କରିବ। ସେ କେନ୍ଦ୍ର ବିଜେପି ସରକାର ୨୦ ବର୍ଷ ପୁରୁଣା ମନରେଗା ଯୋଜନାକୁ ଭିବି- ଜି ରାମ ଜି ଯୋଜନା ସହିତ ବଦଳାଇବାକୁ ଘୋଷଣା କରିଥିବା ବେଳେ ତାହାର ଜବାବରେ ମମତା ଏପରି କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ଘୋଷଣା ପରେ ବିରୋଧୀ ଦଳ ମହାତ୍ମା ଗାନ୍ଧୀଙ୍କ ଅପମାନ ହୋଇଥିବା ଅଭିଯୋଗ କରିଛନ୍ତି। ଏକ ବ୍ୟବସାୟ ଏବଂ ଶିଳ୍ପ ସମ୍ମିଳନୀରେ ଭାଷଣ ଦେଇ ମମତା ବାନାର୍ଜୀ ସିଧାସଳଖ ବିଜେପିର ନାମ ନ ନେଇ କହିଥିଲେ ଯେ, ଯଦି କିଛି ରାଜନୈତିକ ଦଳ ଆମର ଜାତୀୟ ପ୍ରତୀକମାନଙ୍କୁ ସମ୍ମାନ କରନ୍ତି ନାହିଁ ତେବେ ଏହା ଲଜ୍ଜାର ବିଷୟ। ମମତା ବାନାର୍ଜୀ କହିଛନ୍ତି, ମୁଁ ଲଜ୍ଜିତ ଯେ ସରକାର ମନରେଗା କାର୍ଯ୍ୟକ୍ରମରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି, କାରଣ ମୁଁ ମଧ୍ୟ ଏହି ଦେଶର। ଆମେ ଏବେ ଜାତିର ପିତାଙ୍କୁ ଭୁଲିଯାଉଛୁ। ଆମେ ଏବେ ଆମ ରାଜ୍ୟର କର୍ମଶ୍ରୀ ଯୋଜନାକୁ ମହାତ୍ମା ଗାନ୍ଧୀଙ୍କ ନାମରେ ନାମିତ କରିବୁ। କେନ୍ଦ୍ର ସରକାର ମନରେଗା ଅଧୀନରେ ପାଣ୍ଠି ଅଟକାଇ ଦେଉଛନ୍ତି। ଭବିଷ୍ୟତରେ କର୍ମଶ୍ରୀ ଅଧୀନରେ କାର୍ଯ୍ୟ ଦିବସ ସଂଖ୍ୟା ୧୦୦କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି।

● ନିଜକୁ ନିଜେ ସାବାସୀ ଦେଲେ ଟ୍ରମ୍ପ୍

# ୧୦ ମାସରେ ମୁଁ ୮ଟି ଯୁଦ୍ଧ ରୋକିଛି



**ନୂଆଦିଲ୍ଲୀ, ୧୮।୧୨:** ପୁଣି ନିଜ ପିଠି ନିଜେ ଥାପୁଡେଇଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ସବୁ କଥାରେ କ୍ରେଡିଟ୍ ନେବାକୁ ପ୍ରସ୍ତୁତ ହେଉଥିବା ଟ୍ରମ୍ପ୍ ଆଉ ଥରେ ନିଜର ପ୍ରଶଂସା କରିଛନ୍ତି। ଗତ ୧୦ ମାସରେ ସେ ୮ଟି ଯୁଦ୍ଧ ରୋକିବା କଥା ହୋହାଲ୍ଲା କରିଛନ୍ତି। ଏହି ସଫଳତା ପଛର କାରଣ ଟାରିଫ୍ ବୃଦ୍ଧି ବୋଲି ସେ କହିଛନ୍ତି।ଟ୍ରମ୍ପ୍ କହିଛନ୍ତି ଯେ, ଟାରିଫ୍ ହେଉଛି ଇଂରାଜୀରେ ତାଙ୍କର ସବୁଠୁ ଫେଭରେଟ୍ ଶବ୍ଦ। ସେ ଆମେରିକାର ଶକ୍ତିକୁ ପୁନଃ ସ୍ଥାପିତ କରିଛନ୍ତି। ୧୦ ମାସ ଭିତରେ ୮ଟି ଯୁଦ୍ଧକୁ ବନ୍ଦ କରିଦେଇଛି। ଇରାନ ପୂର୍ବରୁ ପରମାଣୁ ଆକ୍ରମଣ ଧମକ ଦେଉଥିଲା। ଯାହାର ସେ ଅନ୍ତ କରିଛନ୍ତି। ଗାଜାରେ ଯୁଦ୍ଧ ଶେଷକରି ୩ ହଜାର ବର୍ଷ ପରେ ଶାନ୍ତି ଆଣିଛନ୍ତି। ଏହାସହ ଅନେକ ବନ୍ଦୀଙ୍କୁ ଜୀବିତ ଅବସ୍ଥାରେ ଫେରାଇ ଆଣିଛନ୍ତି। ଗୋଟିଏ ଦିଗରେ ଆମେରିକାର ଦରଦାମ୍ ବୃଦ୍ଧି ଚରମ ସୀମାରେ ପହଞ୍ଚିଛି। ସେଠାରେ ସବୁ କିଛି ବଡ଼ ଦାମରେ ବିକ୍ରି ହେଉଛି। ଯାହାକୁ ନଜର ଅନ୍ଦାଜ କରିଛନ୍ତି ଟ୍ରମ୍ପ୍। ଏହାସହ କହିଛନ୍ତି ଯେ, ସେ ଜାପାନ, ମେକ୍ସିକୋ, ବ୍ରାଜିଲ ଏବଂ ଭାରତ ଉପରେ ଟାରିଫ୍ ଲଗାଇଛନ୍ତି। ଯାହା ଆମେରିକାର ଅର୍ଥନୀତିକୁ ସୁଦୃଢ଼ କରିଛି। ବର୍ଦ୍ଧିତ ଟାରିଫ୍ ଯୁଏସକୁ ଅଧିକ ଅର୍ଥ ପ୍ରଦାନ କରିଛି। ଆଗାମୀ ଦିନରେ ଆମେରିକୀୟଙ୍କ ଟିକସ ହ୍ରାସ ହୋଇପାରେ। ଏହାସହ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଉପରାଷ୍ଟ୍ରପତି କମଲା ହାରିସଙ୍କ କାର୍ଯ୍ୟଦକ୍ଷତାକୁ ନେଇ ସେ ପ୍ରଶ୍ନ କରିଛନ୍ତି। ଉଭୟ ନେତାଙ୍କ ପାଇଁ ଦେଶରେ ଦରଦାମ୍ ବୃଦ୍ଧି ପାଇଛି। ଏବେ କିନ୍ତୁ ଦେଶର ଅର୍ଥବ୍ୟବସ୍ଥା ସତରେ ଆଗକୁ ବଢୁଛି। ସେ ଦ୍ୱିତୀୟ ଥର ରାଷ୍ଟ୍ରପତି ହେଲା ପରେ ଅନେକ ତ୍ରୁଟି ଧରିଥିଲେ। ଯାହାକୁ ସେ ଏବେ ସୁଧାରୁଥିବା କହିଛନ୍ତି।



# କର୍ଣ୍ଣାଟକ ବିଧାନସଭାରେ ପାସ୍ ହେଲା 'ହେଟ୍ ସ୍ପିଚ୍' ବିଲ୍

**ବେଙ୍ଗାଲୁରୁ,୧୮।୧୨:** ବିଜେପି ଏବଂ ଜେଡିଏସର କଡ଼ା ବିରୋଧ ସତ୍ତ୍ୱେ ହେଟ୍ ସ୍ପିଚ୍ ବିଲ୍ ପାରିତ । କଂଗ୍ରେସ ସରକାର ବୁଧବାର (ଡିସେମ୍ବର ୧୭, ୨୦୨୫) କର୍ଣ୍ଣାଟକ ବିଧାନସଭାର ଶୀତକାଳୀନ ଅଧିବେଶନରେ ହେଟ୍ ସ୍ପିଚ (ଘୃଣା ଭାଷଣ) ବିଲ୍ ପାସ୍ କରିଛନ୍ତି। ବିଲ୍ ପାସ୍ ହେବା ପରେ ଗୃହରେ ପ୍ରବଳ ହଟ୍ଟଗୋଳ ହୋଇଛି। ଭେଦ ଭାବ, ଘୃଣ୍ୟ ଭାଷଣ ଭଳି ୧୧ଟି ଆଧାରକୁ ନେଇ ଏହି ବିଲ୍ ପ୍ରସ୍ତୁତ କରାଯାଇଛି । ସମାଜର ଦୁର୍ବଳ ବର୍ଗଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଏହି ବିଲ୍ ଆଣିଛନ୍ତି ସରକାର । ମୌଖିକ, ପ୍ରିଣ୍ଟ କମ୍ବା କୌଣସି ଉପାୟରେ ପ୍ରକାଶିତ ହିଂସା ଉଦ୍ରେକକାରୀ ଭାଷଣକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରସ୍ତାବିତ ଆଇନ ଅନୁଯାୟୀ, ପ୍ରଥମ ଥର ଅପରାଧୀକୁ ସର୍ବନିମ୍ନ ଏକ ବର୍ଷ ଜେଲଦଣ୍ଡ ମିଳିବ । ଯାହା ୭ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ଏବଂ ୫୦ ହଜାର ଟଙ୍କା ଜରିମାନା ଲାଗିବ। ଅପରାଧର ପୁନରାବୃତ୍ତି ହେଲେ, ଦୁଇ ବର୍ଷରୁ ଦଶ ବର୍ଷ ଜେଲଦଣ୍ଡ ସହିତ ଏକ ଲକ୍ଷ ଟଙ୍କା ଜରିମାନା ଲାଗିବ। ଆଇନ ଅନୁଯାୟୀ, ଅପରାଧଗୁଡ଼ିକ ବିଚାରଯୋଗ୍ୟ ଏବଂ ଜାମିନ ବିହୀନ ହେବ। ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ଦ୍ୱାରା ମାମଲାର ବିଚାର କରାଯିବ। ଏହି ବିଲକୁ ନେଇ କଂଗ୍ରେସ ଉପରେ ବର୍ଷିଛି ବିଜେପି। ବିଜେପି ଅଭିଯୋଗ କରିଛି ଯେ, ଏହି ବିଲ୍ ହିନ୍ଦୁଙ୍କ ସ୍ୱରକୁ ଦମନ କରିବା ପାଇଁ ଉଦ୍ଦିଷ୍ଟ ଏବଂ ଏହାକୁ ରାଜନୈତିକ ବିରୋଧୀମାନଙ୍କୁ ଟାର୍ଗେଟ କରିବା ପାଇଁ ବ୍ୟବହାର କରାଯାଇପାରେ।

ଜର୍ମାନୀରୁ କେନ୍ଦ୍ର ସରକାରଙ୍କୁ ରାହୁଲଙ୍କ ଟାର୍ଗେଟ୍

# ହ୍ରାସ ପାଉଛି ଭାରତର ଉତ୍ପାଦନ



**ନୂଆଦିଲ୍ଲୀ, ୧୮।୧୨:** ବିବାଦରେ ରାହୁଲ ଗାନ୍ଧୀଙ୍କ ବୟାନ। ଜର୍ମାନୀ ଗସ୍ତରେ ଯାଇ ଭାରତରେ ଉତ୍ପାଦ ହ୍ରାସ ପାଉଥିବା କହିଛନ୍ତି ରାହୁଲ। ତେବେ ବିରୋଧୀ ଦଳ ନେତାଙ୍କ ବୟାନକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ରାହୁଲ ସେଠାରେ ମ୍ୟୁନିଚରେ ଥିବା ବିଏମଡବଲ୍ୟୁ ପ୍ଲାଣ୍ଟ୍ ବୁଲି ଯାଇଥିଲେ। ଯାହା ପରେ ତାଙ୍କ ସୋସିଆଲ ମିଡିଆ ସାଇଟରେ ଏକ ଭିଡିଓ ପୋଷ୍ଟ ହୋଇଥିଲା। ଭିଡିଓରେ ରାହୁଲ ଭାରତର ଉତ୍ପାଦ ଖୁବ୍ ହ୍ରାସ ପାଇଥିବା କହିଛନ୍ତି। ଭିଡିଓରେ ରାହୁଲ କହିଛନ୍ତି ଯେ, ଉଦ୍ୟୋଗ ହେଉଛି ବୃହତ ଅର୍ଥନୀତିର ମେରୁଦଣ୍ଡ। କିନ୍ତୁ ଦୁର୍ଭାଗ୍ୟବଶତଃ ଭାରତରେ ଏହା ହ୍ରାସ ପାଉଛି। ଅର୍ଥନୀତି ଅଭିବୃଦ୍ଧି ପାଇଁ ଉତ୍ପାଦନ କ୍ଷମତା ବଢ଼ାଇବାକୁ ହେବ। ବିଭିନ୍ନ କମ୍ପାନୀ ପାଇଁ ଅନୁକୂଳ ପରିବେଶ ପ୍ରତିଷ୍ଠା କରିବାକୁ ପଡିବ। ଯାହା ଦ୍ୱାରା ଚାକିରି କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ହେବ। ତେବେ ରାହୁଲଙ୍କ ଏହି ବୟାନ ବିଦେଶ ମାଟିରୁ ଭାରତ ସରକାରଙ୍କୁ କଟାକ୍ଷ ବୋଲି କୁହାଯାଉଛି। ରାହୁଲଙ୍କ ବୟାନର ଜବାବ ରଖିଛି ଭାରତ। ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ କହିଛନ୍ତି ଯେ, ରାହୁଲ ମିଛ ଖବର ଦେଉଛନ୍ତି। ଇଲେକ୍ଟ୍ରୋନିକ୍ସ ଉତ୍ପାଦରେ ଗତ ୧୦ ବର୍ଷରେ ୪୯୫ ପ୍ରତିଶତ ବୃଦ୍ଧି ଘଟିଛି। ସେହିପରି ରପ୍ତାନୀ ମଧ୍ୟ ୭୬୦ ପ୍ରତିଶତ ବଢ଼ିଛି। ୧୯୯୧ ପରେ ଭାରତୀୟ ଦ୍ରବ୍ୟର ଉତ୍ପାଦନ ପ୍ରାୟ ୧୪ ଗୁଣା ବୃଦ୍ଧି ପାଇଛି। ୧୯୯୧ରେ ଦେଶରେ ୨୦ ଲକ୍ଷ କାର୍ ତିଆରି ହେଉଥିଲା। ଯାହା ୨୦୨୪ରେ ୨ କୋଟି ୮୦ ଲକ୍ଷରେ ପହଁଚିପାରିଛି।

ଆହୁରି ମଧ୍ୟ ବିଜେପି ମୁଖପାତ୍ର କହିଛନ୍ତି ଯେ, ଭାରତ ୨୦୩୦ରେ ୫୦ ମିଲିୟନ ଯାନବାହାନ ତିଆରି କରିବା ପାଇଁ ଲକ୍ଷ୍ୟ ରଖିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିକାଶର ଶିଖର ଛୁଇଁବା ଦିଗରେ ଆଗେଇ ଚାଲିଥିବା ସେ ପ୍ରକାଶ କରିଛନ୍ତି।

# ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ

**ଛତିଶଗଡ଼, ୧୮।୧୨:** ଛତିଶଗଡ଼ର ସୁକମା ଜିଲ୍ଲାରେ ବଡ଼ ସଫଳତା । ସୁରକ୍ଷା ବାହିନୀ ମାଓବାଦୀଙ୍କ ବିରୋଧରେ ଏନ୍‌କାଉଣ୍ଟର। ତେବେ ସୁରକ୍ଷା କର୍ମୀଙ୍କ ସହ ଏନକାଉଣ୍ଟରରେ ଜଣେ ମହିଳା ସମେତ ତିନିଜଣ ମାଓବାଦୀ ନିହତ ହୋଇଛନ୍ତି। ଏନକାଉଣ୍ଟର ସ୍ଥଳରୁ ଏପର୍ଯ୍ୟନ୍ତ ଜଣେ ମହିଳା ସମେତ ତିନିଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ବର୍ତ୍ତମାନ ସେଠାରେ ସର୍ଚ୍ଚ ଅପରେସନ ଚାଲିଛି। ସୁକମା ପୁଲିସ ଅଧୀକ୍ଷକ କିରଣ ଚଭନ କହିଛନ୍ତି ଯେ, ଗୋଲାପାଲି ପୁଲିସ ଷ୍ଟେସନ ଅଞ୍ଚଳର ଏକ ଜଙ୍ଗଲ ପାହାଡ଼ରେ ସକାଳେ ଜିଲ୍ଲା ରିଜର୍ଭ ଗାର୍ଡର ଏକ ଦଳ ମାଓ କ୍ୟାଡରଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇ ସର୍ଚ୍ଚ ଅପରେସନରେ ବାହାରିଥିବା ବେଳେ ଗୁଳି ବିନିମୟ ହୋଇଥିଲା।

# ପରଲୋକରେ 'ଷ୍ଟାଚ୍ୟୁ ଅଫ୍ ୟୁନିଟି'ର ସ୍ଥପତି ରାମ ସୁତାର

## ପ୍ରଧାନମନ୍ତ୍ରୀଙ୍କ ଶୋକ ପ୍ରକାଶ



**ନୂଆଦିଲ୍ଲୀ, ୧୮।୧୨:** ଆଉ ଶୁଭିବନି ରାମ ସୁତାରଙ୍କ ନିହାଣର ଶବ୍ଦ। ୧୦୦ ବର୍ଷରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ବିଶ୍ୱର ସବୁଠୁ ଉଚ୍ଚ ପ୍ରତିମୂର୍ତ୍ତି ଷ୍ଟାଚ୍ୟୁ ଅଫ୍ ୟୁନିଟିର ଡିଜାଇନ୍ ପ୍ରସ୍ତୁତ କରିଥିବା ଶିଳ୍ପୀ ପଦ୍ମ ଭୂଷଣ ରାମ ବନଜୀ ସୁତାର। ସେ ନିର୍ମାଣ କରିଥିଲେ ବିଶ୍ୱର ସବୁଠୁ ଉଚ୍ଚ ପ୍ରତିମା । ଯାହା ଥିଲା ଷ୍ଟାଚ୍ୟୁ ଅଫ ୟୁନିଟି। ନୋଏଡା ସ୍ଥିତ ନିଜ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଏ ବାବଦରେ ପୁତ୍ର ଅନିଲ ସୁତାର ସୂଚନା ଦେଇଛନ୍ତି। ତେବେ ରାମ ସୁତାର ଦୀର୍ଘ ଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ରାମ ସୁତାରଙ୍କ ଦେହାନ୍ତରେ ଶୋକବ୍ୟକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମୋଦୀ କହିଛନ୍ତି ଯେ, ରାମ ସୁତାର ଜଣେ ଅନନ୍ୟ ସ୍ଥପତି ଥିଲେ। ଷ୍ଟାଚ୍ୟୁ ଅଫ୍ ୟୁନିଟିରେ ତାଙ୍କର ପାରଦର୍ଶିତା ଦେଖିବାକୁ ମିଳିଥିଲା। ତାଙ୍କ କାର୍ଯ୍ୟ ସମସ୍ତଙ୍କ ପାଇଁ ପ୍ରେରଣା ହୋଇ ରହିବ। ଏହାସହ ରାମ ସୁତାରଙ୍କ ଶୋକସନ୍ତପ୍ତ ପରିବାରକୁ ମୋଦୀ ସମବେଦନା ଜଣାଇଛନ୍ତି। ୧୯୨୫ ଫେବୃଆରୀ ୧୯ରେ ମହାରାଷ୍ଟ୍ରର ଧୁଲେ ଜିଲ୍ଲାର ଗୋନ୍ଦୁର ଗ୍ରାମରେ ଜନ୍ମ ହୋଇଥିଲେ ରାମ ସୁତାର। ସେ ଏକ ସାଧାରଣ ପରିବାରରେ ପିଲାଦିନୁ ବଢ଼ିଥିଲେ । କମ୍ ବୟସରୁ ମୂର୍ତ୍ତି ତିଆରି ପ୍ରତି ତାଙ୍କର ଦୁର୍ବଳତା ଥିଲା। ସେ ମୁମ୍ବାଇ ସ୍ଥିତ ଜେ.ଜେ ସ୍କୁଲ ଅଫ ଆର୍ଟ ଆଣ୍ଡ ଆର୍କିଟେକଚରରେ ପାଠ ପଢ଼ିଥିଲେ। ସେଠାରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭାରତୀୟ ମୂର୍ତ୍ତିକଳାକୁ ନୂଆ ଶିଖରକୁ ନେବା ଦିଗରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ନିଜ କାରିଗରି ଦ୍ୱାରା ସେ ପ୍ରସିଦ୍ଧି ଲାଭ କରିଥିଲେ।

# ଲାଲକିଲା ବିସ୍ଫୋରଣରେ ୯ମ ଅଭିଯୁକ୍ତ ଗିରଫ

**ନୂଆଦିଲ୍ଲୀ ୧୮।୧୨:** ରାଷ୍ଟ୍ରୀୟ ତଦନ୍ତକାରୀ ଏଜେନ୍ସୀ (ଏନଆଇଏ) ଗୁରୁବାର ଦିଲ୍ଲୀ ବିସ୍ଫୋରଣ ମାମଲାରେ ନବମ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତର ନାମ ୟାସିର ଅହମଦ ଡାର ବୋଲି ଜଣାପଡିଛି। ଏନଆଇଏ ଡାରକୁ ଗିରଫ କରିବା ପରେ ଦିଲ୍ଲୀ ପାଟିଆଲା ହାଉସ୍ କୋର୍ଟରେ ହାଜର କରିଛି। କୋର୍ଟ ୟାସିର ଡାରକୁ ୨୬ ଡିସେମ୍ବର ପର୍ଯ୍ୟନ୍ତ ଏନଆଇଏ ହାଜତକୁ ପଠାଇ ଦେଇଛି। ଏହି ଗିରଫଦାରୀକୁ ତଦନ୍ତର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମନେ କରାଯାଉଛି। ଏହି ମାମଲା ଦିଲ୍ଲୀର ଐତିହାସିକ ଲାଲକିଲା ନିକଟରେ ହୋଇଥିବା ବିସ୍ଫୋରଣ ସହ ସମ୍ପର୍କିତ। ଏହି କେସ୍ ରେ ଏ ପର୍ଯ୍ୟନ୍ତ ୮ ଜଣ ଗିରଫ ହୋଇଥିବା ବେଳେ ନବମ ଅଭିଯୁକ୍ତ ମଧ ଧରାପଡିଛି। ୟାସିର ଡାରକୁ କୋର୍ଟରେ ହାଜର କରିବା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। କୌଣସି ଅପ୍ରିୟ ଘଟଣାକୁ ଟାଳିବାକୁ କୋର୍ଟ ପରିସର ଓ ଏହାର ଆଖପାଖରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ଡାରକୁ କୋର୍ଟରେ ହାଜର କରାଯିବା ବେଳେ ଏନଆଇଏ କୋର୍ଟଙ୍କୁ ଏହି ମାମଲାର ତଦନ୍ତ ଏବେ ସରିନଥିବା କହିଛି। ଏଣୁ ଅଭିଯୁକ୍ତକୁ ପଚରା ଉଚରା କରି ସୂଚନା ଏକତ୍ର କରିବା ଏବେ ବାକି ରହିଛି ବୋଲି ଏନଆଇଏ କହିଛି। ଏଜେନ୍ସୀର କହିବା କଥା ହେଉଛି ୟାସିର ଅହମଦ ଡାର ସମ୍ପର୍କିତ ନେଟୱାର୍କ, ତାର ସମ୍ପର୍କ ଓ ଷଡ଼ଯନ୍ତ୍ରରେ ସାମିଲ ଅନ୍ୟ ଲୋକଙ୍କ ସମ୍ପର୍କରେ ସନ୍ଧାନ କରିବା ଅତ୍ୟନ୍ତ ଜରୁରି। ଏଣୁ ଏନଆଇଏ ୟାସିର ଡାରର ରିମାଣ୍ଡ ନିବେଦନ କରିଥିଲା। ଏହାକୁ କୋର୍ଟ ମଞ୍ଜୁର କରିଛନ୍ତି। ଏହି ଗିରଫଦାରୀର ସପ୍ତାହକ ପୂର୍ବରୁ ଏନଆଇଏ ମାମଲାର ଅଷ୍ଟମ ଅଭିଯୁକ୍ତକୁ ଗିରଫ କରିଥିଲା। ସେ ଜମ୍ମୁ-କାଶ୍ମୀର ବାରାମୂଲାର ବାସିନ୍ଦା ଓ ତା ନାମ ଡା. ବିଲାଲ ନସିର ମଲ୍ଲା ବୋଲି କୁହାଯାଇଛି। ଏଜେନ୍ସୀ ଅନୁସାରେ ଡା. ବିଲାଲ ଏହି ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତ ଡା. ଉମର ଉନ ନବୀକୁ ଜାଣିଶୁଣି ସହାୟତା କରିଥିଲା। ଏନଆଇଏ କହିଛି ଯେ ମାମଲା ଅତ୍ୟନ୍ତ ସମ୍ବେଦନଶୀଳ ଓ ଏହାକୁ ଆତଙ୍କବାଦୀ ଷଡ଼ଯନ୍ତ୍ର ନଜରରେ ଦେଖା ଯାଉଛି। ଦିଲ୍ଲୀ ଓ ଲାଲକିଲା ସମ୍ପର୍କିତ ବିସ୍ଫୋରଣ ମାମଲାକୁ ନେଇ ସୁରକ୍ଷା ଏଜେନ୍ସୀ ପ୍ରଥମରୁ ଆଲର୍ଟ ମୋଡରେ ଅଛନ୍ତି।

ନୀତୀଶଙ୍କୁ ବରିଷ୍ଠ ବିଜେପି ନେତାଙ୍କ ସମର୍ଥନ

# ହିଜାବ ପିନ୍ଧିବାକୁ ଇଚ୍ଛାଥିଲେ ପାକିସ୍ତାନ ପଳାଅ

**ନୂଆଦିଲ୍ଲୀ,୧୮।୧୨:** ପାଟନାରେ ନିଯୁକ୍ତି ପତ୍ର ବଣ୍ଟନ ସମୟରେ ଜଣେ ମହିଳା ଡାକ୍ତରଙ୍କ ହିଜାବ ଟାଣିବାକୁ ନେଇ ଏବେ ବିବାଦରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ଘଟଣାର ଭିଡିଓ ଭାଇରାଲ ହେବା ପରେ ବିରୋଧୀ ଦଳ ନୀତୀଶ କୁମାରଙ୍କୁ କ୍ଷମା ମାଗିବାକୁ କହୁଥିବା ବେଳେ ବିଜେପିର ବରିଷ୍ଠ ନେତା ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ କରିଛି। ବରିଷ୍ଠ ବିଜେପି ନେତା ହରିଭୂଷଣ ଠାକୁର ବଚୌଲ କହିଛନ୍ତି ଯେ, ସାରା ଭାରତରେ ହିଜାବକୁ ନିଷିଦ୍ଧ କରାଯିବା ଉଚିତ। ବଚୌଲ କହିଛନ୍ତି ଯେ, ହିଜାବ ଆଳରେ ଆତଙ୍କବାଦ ବଢ଼େ। ଆକ୍ରମଣ କରିବା ପରେ ଆତଙ୍କବାଦୀମାନେ ହିଜାବ ପିନ୍ଧି ଖସି ପଳାଇଯାଆନ୍ତି। ହିଜାବ



ପିନ୍ଧିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତି ପାକିସ୍ତାନ ଯିବା ଉଚିତ୍। ମୁଖ୍ୟମନ୍ତ୍ରୀ ନୀତିଶ କୁମାର କ୍ଷମା ମାଗିବେ ନାହିଁ। ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ନିଯୁକ୍ତି ପତ୍ର ବଣ୍ଟନ ଉତ୍ସବରେ ଜଣେ ମହିଳା ଡାକ୍ତରଙ୍କ ହିଜାବ କାଢ଼ି ସେ ଠିକ୍ କାମ କରିଛନ୍ତି। ହିଜାବ ପିନ୍ଧି ନିଯୁକ୍ତି ପତ୍ର ଗ୍ରହଣ କରିବାକୁ ଆସିଥିବା ମହିଳା ଡାକ୍ତର ବିହାର ଛାଡିଦେବା ଉଚିତ। ସେ ମୁହଁ ଲୁଚାଇ ନିଯୁକ୍ତି ପତ୍ର ଗ୍ରହଣ କରିବାକୁ ଯାଇଥିଲେ।

ଏବେ ବିଜେପି ନେତାଙ୍କ ବୟାନ ରାଜନୈତିକ ଝଡ଼ ସୃଷ୍ଟି କରିଛି। ଆରଜେଡି ନେତା ମୁକେଶ କୁମାର ରୋଶନ ବଚୌଲଙ୍କୁ ଦଙ୍ଗାକାରୀ ବୋଲି କହି ଦାବି କରିଛନ୍ତି ଯେ, ସେ ହିନ୍ଦୁ ଏବଂ ମୁସଲମାନ ମଧ୍ୟରେ ହିଂସା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ତାଙ୍କୁ ତୁରନ୍ତ ଗିରଫ କରାଯିବା ଉଚିତ୍। ପ୍ରକାଶଥାଉ କି, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏକ କାର୍ଯ୍ୟକ୍ରମରେ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରୁଥିବା ବେଳେ ଏହି ଘଟଣା ଘଟିଥିଲା। ଏହି ଘଟଣାଟି ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟରେ ଘଟିଥିଲା, ଯେଉଁଠାରେ ୧୦୦୦ରୁ ଅଧିକ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯେତେବେଳେ ନୁସରତ ପରବୀନଙ୍କ ପାଳି ଆସିଲା, ସେ ମଞ୍ଚ ଉପରକୁ ଆସିଥିଲେ। ତାଙ୍କୁ ହିଜାବ ପିନ୍ଧିଥିବା ଦେଖି ନୀତୀଶ ତାଙ୍କ ମୁହଁରୁ ହିଜାବକୁ ଟାଣି ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏଭଳି କରିବା ଦେଖି ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ନୀତୀଶଙ୍କୁ ଅଟକାଇବା ପାଇଁ ତାଙ୍କ ହାତକୁ ଟାଣି ଆଣିଥିବା ଭିଡିଓରେ ଦେଖାଯାଇଛି। ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିରୋଧୀ ଦଳ ଏବଂ ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଏହି କାର୍ଯ୍ୟ ଉପରେ କ୍ରୋଧ ପ୍ରକାଶ କରିଛନ୍ତି।

**ପାଟନା,୧୮।୧୨:** ଜଣେ ମୁସଲିମ ମହିଳା ଡାକ୍ତରଙ୍କ ହିଜାବ ଟାଣି ବିବାଦରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ଏବେ ତାଙ୍କୁ ତୀବ୍ର ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଜାୟରା ୱାସିମ, ରାଖୀ ସାୱନ୍ତ ଏବଂ ସାନା ଖାନଙ୍କ ପରେ ଜାଭେଦ ଅଖତର ମଧ ତାଙ୍କର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ନୀତିଶ କୁମାରଙ୍କୁ କ୍ଷମା ମାଗିବାକୁ ଦାବିକରି ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରିଛନ୍ତି।ଜାଭେଦ ଅଖତର ପୋଷ୍ଟ ସେୟାର କରି ଲେଖିଛନ୍ତି, 'ମୁଁ ପରଦାର ପାରମ୍ପରିକ ଧାରଣାକୁ କେତେ ବିରୋଧ କରେ, ଯେଉଁମାନେ ମୋତେ ଚିହ୍ନିଛନ୍ତି ସେମାନଙ୍କୁ ଜଣା। କିନ୍ତୁ ଏହାର ଅର୍ଥ ନୁହେଁ ଯେ, ଜଣେ ମୁସଲିମ ମହିଳା ଡାକ୍ତରଙ୍କ ପ୍ରତି ନୀତୀଶ କୁମାର ଯାହା କଲେ ତାହା ଠିକ୍। ମୁଁ ଏହାକୁ କଡ଼ା ଶବ୍ଦରେ ନିନ୍ଦା କରୁଛି। ନୀତୀଶ କୁମାର ତାଙ୍କୁ ନିଃସର୍ତ୍ତ କ୍ଷମା ମାଗିବା ଉଚିତ। ଜାଭେଦ ଅଖତରଙ୍କ ପୂର୍ବରୁ ଅନେକ ବଲିଉଡ ସେଲିବ୍ରିଟି ନୀତୀଶ କୁମାରଙ୍କ ବିରୋଧରେ ଅସନ୍ତୋଷ ଝାଡ଼ିଛନ୍ତି । ଏମିତିକି ରାଖୀ ସାୱନ୍ତ ସୋସିଆଲ ମିଡିଆରେ ଏକ ଭିଡିଓ ମଧ୍ୟ ସେୟାର କରି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ କ୍ଷମା ମାଗିବାକୁ କହିଛନ୍ତି। ଭିଡିଓରେ ସେ କହିଛନ୍ତି, 'ନୀତୀଶ ଜୀ ଆପଣ ଜାଣିବା ଉଚିତ ଯେ, ମୁସଲମାନ ମହିଳାମାନେ ହିଜାବ ପିନ୍ଧନ୍ତି। କିନ୍ତୁ ଆପଣ ଏହାକୁ ଖୋଲି ଦେଇଛନ୍ତି। ଯଦି ମୁଁ ସମସ୍ତଙ୍କ ସାମ୍ନାରେ ଆପଣଙ୍କ ଧୋତି ଖୋଲିଦିଏ ତେବେ ଆପଣଙ୍କୁ କିପରି ଲାଗିବ ?



ଜାଭେଦ ଅଖତାରଙ୍କ ସମାଲୋଚନା

## ନିଃସର୍ତ୍ତ କ୍ଷମା ମାଗନ୍ତୁ ନୀତୀଶ କୁମାର

# ଏଥର ଗଣତନ୍ତ୍ର ଦିବସର ମୁଖ୍ୟ ଅତିଥି ହେବେ ଇୟୁର ୨ ନେତା

**ନୂଆଦିଲ୍ଲୀ, ୧୮।୧୨:** ଭାରତ ୨୦୨୬ ଗଣତନ୍ତ୍ର ଦିବସରେ ବଡ଼ କୂଟନୈତିକ ଚାଲ ଚଳାଇବାକୁ ଯାଉଛି। ଏଥର ସାଧାରଣତନ୍ତ୍ର ଦିବସ ସମାରୋହରେ କୌଣସି ଦେଶର ରାଷ୍ଟ୍ରମୁଖ୍ୟଙ୍କୁ ଆମନ୍ତ୍ରଣ ନ କରି ୟୁରୋପୀୟ ୟୁନିୟନର ୨ ଜଣ ବଡ଼ ନେତାଙ୍କୁ ଚିଫ୍ ଗେଷ୍ଟ କରିବାକୁ ଯୋଜନା କରିଛି। ଏହି ନିଷ୍ପତ୍ତି ଅନୁସାରେ ୟୁରୋପିୟନ କମିସନଙ୍କ ପ୍ରେସିଡେଣ୍ଟ ଉର୍ସୁଲା ଭନ ଡେର ଲେନ ଓ ୟୁରୋପୀୟ କାଉନସିଲ ପ୍ରେସିଡେଣ୍ଟ ଏଣ୍ଟୋନିୟୋ କୋଷ୍ଟା ୨୬ ଜାନୁୟାରୀ ସମାରୋହର ଚିଫ୍ ଗେଷ୍ଟ ହେବେ। ୨୬ ଜାନୁୟାରୀ କେବଳ ଏକ ସେରିମନି ନୁହେଁ ଭାରତ ଓ ୟୁରୋପୀୟ ୟୁନିୟନ ମଧ୍ୟରେ ଫ୍ରି ଟ୍ରେଡ ଏଗ୍ରିମେଣ୍ଟ (ଏଫଟିଏ) ଚୂଡ଼ାନ୍ତ କରିବା ଏହା ପଛର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏବେ କୁହାଯାଉଛି। ଉଭୟ ପକ୍ଷ ଜାନୁୟାରୀ ୨୭ରେ ହେବାକୁ ଥିବା ଐତିହାସିକ ଭାରତ ଓ ଇୟୁ ସମ୍ମିଳନୀରେ ଏହି ଐତିହାସିକ ଡିଲରେ ମୋହର ଲଗାଇ ପାରନ୍ତି। ଏଥି ପାଇଁ ପିୟୁଷ ଗୋୟଲ ଓ ଇୟୁ ଅଧିକାରୀ ଏବେ ଦିନରାତି ଏକ କରି ଲାଗି ପଡିଛନ୍ତି, ଯାହା ଦ୍ୱାରା ଦୀର୍ଘ ଦଶନ୍ଧୀ ଧରି ଝୁଲି ରହିଥିବା ଏହି ରାଜିନାମା ହୋଇ ପାରିବ। ଏଣୁ ଗଣତନ୍ତ୍ର ଦିବସରେ ଇୟୁର ଦୁଇ ବଡ଼ ନେତାଙ୍କୁ ଆମନ୍ତ୍ରଣ କରାଯିବା ଏକ ରଣନୀତି ବୋଲି ବିବେଚନା କରାଯାଉଛି। ଏହି ପଦକ୍ଷେପ ନୂଆ ଦିଲ୍ଲୀର ସେହି ଉଦ୍ଦେଶ୍ୟକୁ ସ୍ପଷ୍ଟ କରିବ ଯେ, ସେ ୟୁରୋପ ସହିତ ନିଜର କୂଟନୈତିକ ଓ ଆର୍ଥିକ ସମ୍ପର୍କକୁ ନୂଆ ସ୍ତରକୁ ନେବାକୁ ଚାହୁଁଛି। ଫେବୃଆରୀ ୨୦୨୫ରେ ଇୟୁ କମିଶନର ଭାରତ ଗସ୍ତ କରିବା ପରେ ଉଭୟ ପକ୍ଷଙ୍କ ସମ୍ପର୍କ ବଢ଼ିଛି। ଏଥିରେ ଇୟୁର ଦୁଇ ବଡ଼ ନେତା ଭାରତ ଆସିବା ବିଶ୍ୱକୁ ଏକ ନୂଆ ବାର୍ତ୍ତା ଦେବ। ଏହି ଭିଜିଟ୍ ଟ୍ରେଡ, ଡିଫେନ୍ସ, ଟେକ୍ନୋଲଜି ଓ ଲୋକଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ପ୍ରୋତ୍ସାହିତ କରିବା ଲାଗି ଗେମ ଚେଞ୍ଜର ସାବ୍ୟସ୍ତ ହୋଇପାରେ। ଭାରତ-ୟୁରୋପ ମଧ୍ୟରେ ଏଫଟିଏ ଆଲୋଚନା ବେଶ୍ ଦୀର୍ଘ ହେଲାଣି। ହେଲେ ଲାଗୁଛି ଏବେ ଏହା ଚୂଡ଼ାନ୍ତ ହୋଇଯାଇପାରେ। ଏଥିପାଇଁ ଡିସେମ୍ବର ୮ ତାରିଖରୁ ଦିଲ୍ଲୀରେ ପୁଣି କଥାବାର୍ତ୍ତା ଆରମ୍ଭ ହୋଇଛି। ଉଭୟ ପକ୍ଷ ଜାନୁୟାରୀ ସମ୍ମିଳନୀ ପୂର୍ବରୁ ଏହି ଡିଲକୁ ଚୂଡ଼ାନ୍ତ କରିବାକୁ ଚାହୁଁଛନ୍ତି। ଏଥି ପାଇଁ ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋୟଲ ଭାରତୀୟ ଡେଲିଗେସନର ନେତୃତ୍ୱ ନେଉଛନ୍ତି। ସେହିପରି ଇୟୁ ପକ୍ଷରୁ ଟ୍ରେଡ ଡାଇରେକ୍ଟର ସବାଇନ ୱେୟଣ୍ଡ ନେତୃତ୍ୱ ନେଉଛନ୍ତି। ଏଥି ପାଇଁ ସେ ମାସକ ମଧ୍ୟରେ ୨ ଥର ଦିଲ୍ଲୀ ଆସିଲେଣି।

## ଅବୈଧ ସୁନା ଖନନକୁ ବିରୋଧ
# ୮୦ ତିବ୍ବତୀୟଙ୍କୁ ଗିରଫ କଲା ଚୀନ

**ଧର୍ମଶାଳା, ୧୮।୧୨ (ସଂଚାର ବ୍ୟୁରୋ):** କାର୍ଦଜେ ତୀବ୍ବତୀୟ ସ୍ୱାୟତ୍ତ ପ୍ରାନ୍ତର ଶେରସୁଲ କାଉଣ୍ଟି ଖାମ ଜାଚୁକାର କାଶୀ ଗାଁରେ ଅବୈଧ ସୁନା ଖନନ ଗତିବିଧି ବିରୋଧରେ ପ୍ରଦର୍ଶନ ଲାଗି ଚୀନ୍ କର୍ତ୍ତୃପକ୍ଷ ପାଖାପାଖି ୮୦ ଜଣ ତୀବ୍ବତୀୟଙ୍କୁ ଗିରଫ କରିଛନ୍ତି। ଏହା ଛଡା ୭ ଜଣ ନିଖୋଜ ଅଛନ୍ତି। ଏହି ଘଟଣାର ସୂଚନା ତୀବ୍ବତ ନୀତି ସଂସ୍ଥାନ (ଟିପିଆଇ)ର ଉପନିର୍ଦ୍ଦେଶକ ତଥା ପରିବେଶ ଗବେଷକ ଟେମ୍ପା ଗ୍ୟାଲତସେନ ଧର୍ମଶାଳାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦେଇଛନ୍ତି। ସେ କହିଛନ୍ତି ଯେ ନଭେମ୍ବର ୫ ତାରିଖରେ ଶେରଖୋକ (ସ୍ୱର୍ଣ୍ଣ ଘାଟି)ରେ ସୁନା ଖୋଳା ଯାଉଥିବା ଜଣାପଡିବା ପରେ ୬ ନଭେମ୍ବର ସନ୍ଧ୍ୟା ପ୍ରାୟ ୬ଟା ୫୦ ମିନିଟ୍ ରେ ସ୍ଥାନୀୟ ତୀବ୍ବତୀୟ ଖନନକାରୀଙ୍କୁ ବିରୋଧ କରିଥିଲେ। ଏ ନେଇ ଟାଉନସିପ୍ ଅଧିକାରୀଙ୍କୁ ସୂଚିତ କରାଯାଇଥିଲା। ଏଣୁ ଏହି ଗିରଫଦାରୀ ହୋଇଛି। ବିବାଦ ଆରମ୍ଭ ହେବା ପରେ ଚୀନ୍ ଅଧିକାରୀମାନେ କାଶୀ ଗାଁରେ ଘରକୁ ଘର ଯାଇ ଗିରଫଦାରୀ ଆରମ୍ଭ କରିଥିଲେ। ଗିରଫ ପରେ ପଚରା ଉଚରା ପାଇଁ ସେମାନଙ୍କୁ ଶେରସୁଲ କାଉଣ୍ଟିକୁ ନିଆଯାଇଛି। ଚୀନ ପୁଲିସ ଘରମାନଙ୍କ ଉପରେ ଚଢଉ କରି ମୋବାଇଲ ଫୋନ ଜବତ କରିବା ସହ ଜୋର ଜବରଦସ୍ତ ତଲାସୀ ନେଇଥିଲେ।

## 'ବାଂଲାଦେଶୀ କଲୋନୀ' ପୋଡ଼ି ପାଉଁଶ

**କୋଲକାତା, ୧୮।୧୨ (ସଂଚାର ବ୍ୟୁରୋ):** ନ୍ୟୁ ଟାଉନର ଘୁନିବସ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଏହି ବସ୍ତି ଆଖପାଖ ଅଞ୍ଚଳର ଲୋକମାନେ ବାଂଲାଦେଶୀ କଲୋନି ଭାବରେ ପରିଚିତ ଥିଲେ। ବୁଧବାର ସନ୍ଧ୍ୟାରେ ସେଠାରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଅତି କମରେ ୩୦୦ କୁଡ଼ିଆ ପୋଡ଼ି ପାଉଁଶ ହୋଇଯାଇଛି। ଏସ୍‌ଆଇଆର୍ ଆରମ୍ଭ ହେବା ପୂର୍ବରୁ ଏହି ବସ୍ତି ଖବରର ଶିରୋନାମାରେ ଥିଲା। ଅଭିଯୋଗ ଆସିଥିଲା ଯେ, ଏହି ବସ୍ତିରେ ବାଂଲାଦେଶୀମାନେ ରହୁଥିଲେ ଏବଂ ତା'ପରେ ଅନେକ 'ବାଂଲାଦେଶୀ' ଏହି ବସ୍ତିରୁ ପଳାଇ ଯାଇଥିଲେ। ତା'ପରେ ଏହି ବସ୍ତି ପୋଡ଼ି ପାଉଁଶ ହୋଇଗଲା। ଡ୍ରାଫ୍ଟ ତାଲିକା ପ୍ରକାଶ ପାଇବା ପରେ ଏବଂ ଶୁଣାଣି ଆରମ୍ଭ ହେବା ପୂର୍ବରୁ ଏହି ବସ୍ତିରେ ଯେପରି ନିଆଁ ଲାଗିଗଲା, ଗୋଟିଏ ପ୍ରଶ୍ନ କିନ୍ତୁ ରହିଗଲା। ଏହି ଘଟଣା କେବଳ ଦୁର୍ଘଟଣା ନା ଏକ ଅନ୍ତର୍ଘାତୀ ତାକୁ ନେଇ ସନ୍ଦେହ ଉପୁଜିଛି।

● କମିଶନଙ୍କ ଡକାଇବାରୁ ଅସନ୍ତୋଷ
## ୨ ପ୍ରାକ୍ତନ ସେନା କର୍ମଚାରୀଙ୍କ କ୍ଷୋଭ

**କୋଲକାତା, ୧୮।୧୨ (ସଂଚାର ବ୍ୟୁରୋ):** ଭୋଟର ତାଲିକାରେ ନାମ ନଉଠିଲେ ଉତ୍ତର ପ୍ରଦେଶ ଚାଲିଯିବେ। ନନ୍ଦିଗ୍ରାମର ଦୁଇଜଣ ପ୍ରାକ୍ତନ ସେନା କର୍ମଚାରୀ ଏହିପରି ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ଦେଶ ପାଇଁ ଯୁଦ୍ଧକରିବା ପରେ ମଧ କ'ଣ ପ୍ରମାଣ କରିବାକୁ ପଡିବ ଯେ, ମୁଁ ଜଣେ ଭାରତୀୟ ନାଗରିକ ? ଏହି ଦୁଇ ସେନା କର୍ମଚାରୀ ଶୁଭେନ୍ଦୁଙ୍କ ନିର୍ବାଚନମଣ୍ଡଳୀର ପ୍ରଦୀପ ପ୍ରଧାନ ଏବଂ ପ୍ରଦୀପ ଜାନା। ସେମାନଙ୍କୁ କମିଶନଙ୍କ ଶୁଣାଣି ପାଇଁ ଡକାଯାଇଛି। ତା'ପରେ ସେମାନେ ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ବିଏଲ୍‌ଓ ସୂତ୍ର ଅନୁଯାୟୀ, ଏହି ଦୁଇ ଜଣଙ୍କ ସହିତ ସେମାନଙ୍କ ପିତାଙ୍କ ଲିଙ୍କ ମିଳୁନାହିଁ। ଅର୍ଥାତ୍, ୨୦୦୨ ମସିହାରେ ସେମାନଙ୍କ ମଧ୍ୟରୁ କାହାର ପିତାଙ୍କ ନାମ ନଥିଲା। ଅଥଚ, ଯେଉଁମାନଙ୍କର ନାମ ଭୋଟର ତାଲିକାରେ ଉଠିନାହିଁ ସେମାନଙ୍କ ପୁଅ-ଝିଅମାନଙ୍କ ନାମ ତାଲିକାରେ ଉଠିଛି।

## ସିଲିଣ୍ଡର ଗୋଦାମରେ ନିଆଁ

**କୋଲକାତା, ୧୮।୧୨ (ସଂଚାର ବ୍ୟୁରୋ):** ନ୍ୟୁଟାଉନ୍ ପରେ କାଙ୍କୁରଗାଛି। ବୁଧବାର ବିଳମ୍ବିତ ରାତିରେ ଏକ ଅକ୍ସିଜେନ୍ ସିଲିଣ୍ଡର ଗୋଦାମରେ ନିଆଁ ଲାଗିଯାଇଥିଲା। ସିଲିଣ୍ଡର ବିସ୍ଫୋରଣର ଶବ୍ଦ ମଧ ଶୁଣାଯାଇଥିଲା। ଭୟାବହ ଅଗ୍ନିକାଣ୍ଡରେ ଗୋଦାମଟି ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ରାତି ପ୍ରାୟ ୨ଟା ୩୦ ସମୟରେ ନିଆଁ ଲାଗିଥିଲା ବୋଲି ଜାଣିବାକୁ ମିଳିଛି। କୌଣସି ମୃତାହତର ଖବର ମିଳିନାହିଁ। ଗୁରୁବାର ସକାଳେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା ବୋଲି ଜାଣିବାକୁ ମିଳିଛି। ବୁଧବାର ବିଳମ୍ବିତ ରାତିରେ ମାଣିକତଲାରେ ଥିବା ଏକ ଅକ୍ସିଜେନ ଗୋଦାମରେ ହଠାତ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ସ୍ଥାନୀୟ ବାସିନ୍ଦାଙ୍କ ଦାବି ଯେ ନିଆଁ ବ୍ୟାପିବା ସହିତ ଗୋଟିଏ ପରେ ଗୋଟିଏ ସିଲିଣ୍ଡରର ବିସ୍ଫୋରଣ ଶବ୍ଦ ଶୁଣିବାକୁ ମିଳିଥିଲା। ଖବର ପାଇବା ପରେ ଏକାଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ଯୁଦ୍ଧକାଳୀନ ଉପାୟରେ କାମ ଆରମ୍ଭ ହୋଇଥିଲା। ସକାଳ ସୁଦ୍ଧା ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା। ଏହି ଘଟଣା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ଦାବି ଯେ ବିସ୍ଫୋରଣର ତୀବ୍ରତା ଏତେ ଥିଲା ଯେ ବହୁ ଘରର ଝରକା ଭାଙ୍ଗି ଯାଇଛି।

## ଜମିବାଡ଼ି ବିବାଦ | ନାତିର ଗାଡ଼ି ଧକ୍କାରେ ଜେଜ ମା' ମୃତ

**କୋରେଇ, ୧୮।୧୨ (ସଂଚାର ବ୍ୟୁରୋ):** ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ଖାନ୍ଦରାପୁର ସିଂଗଡା ଗ୍ରାମରେ ନାତିର ଗାଡି ଧକ୍କାରେ ଜେଜେ ମା'ର ମୃତ୍ୟୁ ଘଟିଛି। ଘଟଣାରେ ପୁଲିସ ଅଭିଯୁକ୍ତର ବାପା ଓ ସାନଭାଇକୁ ଥାନାକୁ ଆଣି ତଦନ୍ତ ଚଳାଇଛି। ପ୍ରକାଶ ଯେ ସିଂଗଡା ଗ୍ରାମର ଫୋଇନ ସାହୁ ଓ ତାଙ୍କ ସ୍ତ୍ରୀ କୁଲି ସାହୁଙ୍କ ଏକମାତ୍ର ପୁତ୍ର ନାରାୟଣ ସାହୁଙ୍କ ମଧ୍ୟରେ ଜମିବାଡିକୁ କେନ୍ଦ୍ର କରି ବିବାଦ ଲାଗିରହିଥିଲା। ନାରାୟଣ ତାଙ୍କ ବାପ ଓ ମା'ଙ୍କୁ ଖାଇବାକୁ ନଦେଇ ନାନାଦି ଅତ୍ୟାଚାର କରୁଥିଲେ। ଫଳରେ ସ୍ୱାମୀ ଓ ସ୍ତ୍ରୀ ମିଶି କିଛି ଜମି ତାଙ୍କ ବିବାହିତ ଝିଅ ଅନିତାଙ୍କ ନାମରେ କରିଥିଲେ। ଫୋଇନର ମୃତ୍ୟୁ ପରେ କୁଲି ଅଧିକ ନିର୍ଯାତନାର ଶିକାର ହୋଇ ଝିଅ ଘରେ ଯାଇ ରହୁଥିଲେ। ଏହି ମାମଲାକୁ କେନ୍ଦ୍ର କରି ଥାନାରେ ମାମଲା ହୋଇଥିଲା। ଯେଉଁଥି ପାଇ ମା' ଓ ଝିଅ ଆଜି ଗାଁକୁ ଆସିଥିଲେ। ଆଜି ଅପରାହ୍ନ ୪ଟା ୨୦ ମିନିଟ ସମୟରେ ୧୬ ନମ୍ବର ଜାତୀୟ ରାଜପଥ ସିଂଗଡା ଗଳିପୋଲ ତଳ ସଂଯୋଗୀକରଣ ରାସ୍ତାରେ ମା' ଓ ଝିଅ ଯାଉଥିବା ବେଳେ ନାରାୟଣଙ୍କ ବଡ ପୁଅ କାର୍ତ୍ତିକ ଏକ ପିକଅପ (ଓଡି ୦୪ଇ୮୫୪୭) ନେଇ କୁଲିଙ୍କୁ ଧକ୍କା ଦେଇଥିବା ବେଳେ ଅନିତା ଅଳ୍ପକେ ବର୍ତ୍ତି ଯାଇଥିଲା। ଫଳରେ ଘଟଣାସ୍ଥଳରେ କୁଲିର ମୃତ୍ୟୁ ଘଟିଥିଲା।

## ଆଞ୍ଚଳିକ ଏଆଇ ପ୍ରଭାବ ସମ୍ମିଳନୀ ଉଦ୍‌ଘାଟିତ




**ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ):** ଏଠାରେ ଆଜିଠାରୁ ଆଞ୍ଚଳିକ ଏଆଇ ପ୍ରଭାବ ସମ୍ମିଳନୀ ଆରମ୍ଭ ହୋଇଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀର ପ୍ରଥମ ଦିନରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ଅଧୀନ ଇଣ୍ଡିଆ ଏଆଇ ମିଶନ ଏବଂ ଓଡ଼ିଶା ସରକାରଙ୍କ ସହଭାଗିତାରେ 'ଏଆଇ ସମ୍ବଳର ସାର୍ବଜନୀନକରଣ ଉପରେ କାର୍ଯ୍ୟଗୋଷ୍ଠୀ ବୈଠକ' ଅନୁଷ୍ଠିତ ହୋଇଛି। ଏଥିରେ ଇଜିପ୍ଟ ସହ ଅଧକ୍ଷତା କରିଥିବା ବେଳେ ଏଆଇ ସମ୍ବଳଗୁଡ଼ିକର ସାର୍ବଜନୀନକରଣ ଉପରେ ବିଶେଷ ଧାନ ଦିଆଯାଇଥିଲା। ଏହି କାର୍ଯ୍ୟଗୋଷ୍ଠୀ ବୈଠକରେ ବରିଷ୍ଠ ନୀତି ନିର୍ଦ୍ଧାରକ, ଶିଳ୍ପ ବିଶେଷଜ୍ଞ, ଶିକ୍ଷାବିତମାନେ ଅଂଶଗ୍ରହଣ କରିଥିଲେ। ସେମାନେ ଡାଟା ଭିତ୍ତିଭୂମି, କମ୍ପ୍ୟୁଟ୍ ଆକ୍ସେସ୍, ଦକ୍ଷତା ବିକାଶ ଏବଂ ଇଣ୍ଡିଆ ଏଆଇ ମିଶନ ଅଧୀନରେ କ୍ଷେତ୍ରୀୟ ଏଆଇ ନିୟୋଜନକୁ ନେଇ ରଣନୀତି ବିକଶିତ କରିବା ଲଗି ବିଚାରବିମର୍ଶ କରିଥିଲେ। ଭାରତ ଏଆଇ ପ୍ରଭାବ ଶିଖର ସମ୍ମିଳନୀ କାର୍ଯ୍ୟଗୋଷ୍ଠୀ ଇଣ୍ଡିଆ ଏଆଇ ମିଶନର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଏଥିରେ ୭ଟି ବିଷୟବସ୍ତୁ ଆଧାରିତ ମଞ୍ଚ ରହିଛି। ଏଥିରେ ସରକାର, ଶିଳ୍ପ, ଶିକ୍ଷା ଏବଂ ନାଗରିକ ସମାଜର ପ୍ରତିନିଧିମାନେ ଅଂଶଗ୍ରହଣ କରିଛନ୍ତି। ମୌଳିକ ଏଆଇ ସମର୍ଥକଙ୍କର ସମାନ ଉପଲବ୍ଧତା ଉପରେ ସହମତିକୁ ପ୍ରୋତ୍ସାହିତ କରିବା ନେଇ ଅଧିବେଶନରେ ବିଚାରବିମର୍ଶ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଭାରତର ଜନକେନ୍ଦ୍ରିକ ଶାସନ ପାଇଁ ଏଆଇ ମିଶନ ଅନ୍ତର୍ଗତ ୭ଟି ଚକ୍ର ମଧ୍ୟରୁ ଅନ୍ୟତମ ଭାବେ ଏଆଇ ସମ୍ବଳକୁ ସାର୍ବଜନୀନ କରିବା ଉପରେ ଆଲୋକପାତ କରିଥିଲେ। ଏହି ଉଦ୍ଦେଶ୍ୟକୁ ସାକାର କରିବା ଦିଗରେ ଆଞ୍ଚଳିକ ଏଆଇ ପ୍ରଭାବ ସମ୍ମିଳନୀ ସହାୟକ ହେବ ବୋଲି ସେ କହିଥିଲେ।

### ନୀତିନ ଗଡ଼କରୀଙ୍କ ବଡ଼ ଘୋଷଣା
## ଏଣିକି ଟୋଲ୍ ଟ୍ୟାକ୍ସ ଆଦାୟ କରିବ ଏଆଇ

**ନୂଆଦିଲ୍ଲୀ, ୧୮।୧୨:** ରାଜ୍ୟସଭାରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ୨୦୨୬ ଶେଷ ସୁଦ୍ଧା ସାରା ଦେଶରେ ଏକ ସାଟେଲାଇଟ୍-ଆଧାରିତ ଟୋଲ୍ ଆଦାୟ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେବ, ଯାହା ଦ୍ୱାରା ଯାତ୍ରୀମାନଙ୍କୁ ଟୋଲ୍ ପ୍ଲାଜାରେ ଅପେକ୍ଷା କରିବା ଭଳି ଯନ୍ତ୍ରଣାରୁ ମୁକ୍ତି ମିଳିବ ଏବଂ ସରକାରଙ୍କ ପାଇଁ ଅଧିକ ରାଜସ୍ୱ ସୃଷ୍ଟି ହେବ। ପ୍ରଶ୍ନକାଳରେ ଉତ୍ତର ଦେଇ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ କହିଛନ୍ତି ଯେ ନୂତନ ପ୍ରଯୁକ୍ତିବିଦ୍ୟା ସାଟେଲାଇଟ୍ ଏବଂ ଏଟିଆଇ-ଆଧାରିତ ହେବ। ଟୋଲ୍ ପ୍ଲାଜାରେ ଏହି ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକାରୀ ହେବା ପରେ ଟୋଲ୍ ପ୍ଲାଜାରେ ଯାତ୍ରୀମାନଙ୍କ ଅପେକ୍ଷା ସମୟ ହ୍ରାସ ହେବ। ମନ୍ତ୍ରୀ ଶ୍ରୀ ଗଡ଼କରୀଙ୍କ କହିବାନୁସାରେ, ନୂତନ ପ୍ରଯୁକ୍ତିବିଦ୍ୟା ଏଆଇ ଆଧାରିତ ହେବ। ଯାତ୍ରୀମାନଙ୍କୁ ଟୋଲ୍ ପ୍ଲାଜାରେ ଆଉ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଏହି ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକାରୀ ହେବା ପରେ ଏହା ୧୫୦୦ କୋଟି ଇନ୍ଧନ ସଞ୍ଚୟ କରିବ ଏବଂ କେନ୍ଦ୍ର ସରକାରଙ୍କ ରାଜସ୍ୱରେ ୬ ହଜାର କୋଟି ଟଙ୍କା ଯୋଡ଼ିହେବ। ମଲ୍ଟି-ଲେନ୍ ଫ୍ରି ଫ୍ଲୋ (ଏମଏଲଏଫଏଫ) ଟୋଲ୍ ଏକ ଭଲ ସୁବିଧା। ପୂର୍ବରୁ ଟୋଲ୍‌ରେ ଦେୟ ଦେବାକୁ ପଡୁଥିଲା, ଯେଉଁଥିରେ ୩ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ସମୟ ଲାଗୁଥିଲା। ଫାଷ୍ଟଟ୍ୟାଗ୍ ବ୍ୟବସ୍ଥା ଲାଗୁ ହେବା ପରେ ବର୍ତ୍ତମାନ ଏହି ସମୟ ୬୦ ସେକେଣ୍ଡ କିମ୍ବା ତା'ଠାରୁ କମ୍‌କୁ ହ୍ରାସ ପାଇଛି। ଫଳରେ ଅତି କମରେ ୫ ହଜାର କୋଟି ଟଙ୍କା ବୃଦ୍ଧି ପାଇଛି। ଏମଏଲଏଫଏଫ ଫାଷ୍ଟଟ୍ୟାଗ୍ ବଦଳାଇବା ପରେ ଯାନବାହନଗୁଡ଼ିକ ଏବେ ସର୍ବାଧିକ ୮୦ କିମି ଘଣ୍ଟା ବେଗରେ ଟୋଲ୍ ଗେଟ୍ ପାର୍ କରିପାରିବେ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

● ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲା
## ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**କନ୍ଧମାଳ, ୧୮।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଫୁଲବାଣୀ ଏଡିଜେ ପୋକ୍ସୋ କୋର୍ଟର ବିଚାରପତି ମନୋରଞ୍ଜନ ଦାଶ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ୧୪ ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ ଆଧାରରେ ବିଚାର କରି ଅଭିଯୁକ୍ତ ବିଷ୍ଣୁ ଚରଣ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ତରଫରୁ ଏଡିଜେ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପି.ପି. ଅସୀମ ପ୍ରହରାଜ ମାମଲାକୁ ପରିଚାଳନା କରୁଥିଲେ। ସୂଚନା ଅନୁସାରେ, ୨୦୨୩ ମସିହା ସେପ୍ଟେମ୍ବର ୧୯ ତାରିଖରେ ପୀଡିତାଙ୍କ ପରିବାର ପକ୍ଷରୁ ଫୁଲବାଣୀ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଟାଉନ ଥାନାଧିକାରୀ ଥାନା କେସ ନମ୍ବର -୨୩୭/ ୨୦୨୩ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଆଜି ବିଚାରପତି ମାମଲାର ବିଚାର କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ପୀଡିତାଙ୍କୁ କ୍ଷତିପୂରଣ ବାବଦକୁ ୫ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଭଦ୍ରକ ଜିଲ୍ଲାପାଳଙ୍କୁ ବରପଦା ଇଞ୍ଜିନିୟରିଂ କଲେଜ ନେଇ ଦାବିପତ୍ର
## ସରକାର ନିଅନ୍ତୁ ପରିଚାଳନା ଦାୟିତ୍ୱ



**ଭଦ୍ରକ, ୧୮।୧୨ (ସଂଚାର ବ୍ୟୁରୋ):** ପୁଣି ଉଠିଲା ବରପଦା ଇଞ୍ଜିନିୟରିଂ କଲେଜ ବିବାଦ। ଏଥର ସ୍ଥାନୀୟ ବାସିନ୍ଦା, ପୂର୍ବତନ ଛାତ୍ର ଓ ପୂର୍ବତନ କର୍ମଚାରୀଙ୍କ ସହ ଜମି ଦେଇଥିବା ଲୋକେ ଏକଜୁଟ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଭଦ୍ରକ ଜିଲ୍ଲାରେ ଥିବା ବରପଦା ଇଞ୍ଜିନିୟରିଂ କଲେଜର କର୍ମଚାରୀଙ୍କୁ ଏକ ନୋଟରି ଆଫିଡେଭିଟରେ ଦସ୍ତଖତ କରି ଜମା ଦେବା ପାଇଁ ନିର୍ଦ୍ଦେଶ ରହିଛି। ଫର୍ମରେ ଥିବା ନିୟମ ଅନୁଯାୟୀ କର୍ମଚାରୀମାନେ ଧାରଣାରେ ଅଛନ୍ତି। ଆନ୍ଦୋଳନ କିମ୍ବା କୌଣସି କାର୍ଯ୍ୟକୁ ବିରୋଧ କରିବେ ନାହିଁ, ଯାହା କର୍ମଚାରୀଙ୍କ ସ୍ୱାଧୀନତା ବିରୋଧୀ ବୋଲି ଅଭିଯୋଗ କରିଛନ୍ତି । ଏହି ସବୁ ସର୍ତ୍ତାବଳୀ ସହ ଦିଆଯାଇଥିବା ଫର୍ମକୁ ଭଦ୍ରକ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। କଲେଜ ଦାୟିତ୍ୱରେ ଥିବା ସୋସାଇଟିକୁ ଅପସାରଣ କରିବା ପାଇଁ ଦାବି କରିଛନ୍ତି ଓ ପରିଚାଳନା ଭାର ସରକାର ନିଅନ୍ତୁ ବୋଲି କହିଛନ୍ତି। ଯଦି ଦାବି ପୂରଣ ନ ହୁଏ ତେବେ ପୁଣି ଆନ୍ଦୋଳନ, ପ୍ରତିବାଦ ଓ ରାସ୍ତାରୋକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନିବେଶକଙ୍କ...

ଅଧିକାରୀଙ୍କ ସହ ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୃଢ଼ ଶିଳ୍ପାୟନ ସହ ରାଜ୍ୟ ସରକାରଙ୍କ ପ୍ରଗତିଶୀଳ ନୀତି, ସୁଦୃଢ଼ ଭିତ୍ତିଭୂମି ଏବଂ ବ୍ୟବସାୟିକ ସୁଗମତା ପାଇଁ ପୁଂଜିନିବେଶକାରୀଙ୍କର ଓଡିଶାରେ ନିବେଶ ପାଇଁ ଆତ୍ମବିଶ୍ୱାସ ବୃଦ୍ଧି ପାଉଛି। ଫାର୍ମାସ୍ୟୁଟିକାଲ୍ ଶିଳ୍ପର ନେତୃତ୍ୱ ସହ ଏକ ଗୋଲଟେବୁଲ ବୈଠକ ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫ ଓ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଔଷଧ ନୀତି ସମ୍ପର୍କରେ ନିବେଶକଙ୍କୁ ଅବଗତ କରାଯାଇଥିଲା। ରାଜ୍ୟର ନିକଟରେ ଉତ୍ପାଦନ ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ଉତ୍ସର୍ଗୀକୃତ ଫାର୍ମାସ୍ୟୁଟିକାଲ୍ ଏବଂ ମେଡିକାଲ୍ ଡିଭାଇସ୍ ପାର୍କର ବିକାଶ କରିବାକୁ ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଏହି ବ୍ୟବସ୍ଥାକୁ ଔଷଧ ଶିଳ୍ପର ଟାଇକୁନମାନେ ପ୍ରଶଂସା କରିଥିଲେ। ନିବେଶକମାନଙ୍କ ମଧ୍ୟରେ ଆଲୋଚନା ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜିର ବୈଠକରୁ ଶିଳ୍ପ ଜଗତରୁ ମିଳିଥିବା ପ୍ରତିକ୍ରିୟା ସ୍ପଷ୍ଟ ଭାବେ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ବୃଦ୍ଧି ପାଉଥିବା ଆତ୍ମବିଶ୍ୱାସକୁ ପ୍ରତିଫଳିତ କରୁଛି। ଆମର ନୀତି ସ୍ପଷ୍ଟତା, ଉତ୍ତରଦାୟୀ ଶାସନ ଓ ଭବିଷ୍ୟତର ପ୍ରସ୍ତୁତ ଇକୋସିଷ୍ଟମ ମାଧ୍ୟମରେ ଦୀର୍ଘକାଳୀନ ଭାଗିଦାରୀକୁ ଗୁରୁତ୍ୱ ଦିଆଯାଉଛି। ଯାହା ନବସୃଜନ, ନିଯୁକ୍ତି ସୃଷ୍ଟି ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ସକ୍ଷମ କରିବ।

## କାଳରାତିର...

ଘଟିବା ପରେ ସେ ଆଜି ପର୍ଯ୍ୟନ୍ତ ପୁଲିସ୍ ସହ ଲୁଚକାଳି ଖେଳୁଥିଲା। ପୂର୍ବରୁ ଏହି ମାମଲାରେ ପୁଲିସ୍ ୨ ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଧରାପଡ଼ିବା ପରେ ତାକୁ ଫେରାର କରାଇବାରେ ସହଯୋଗ କରିଥିବା ବ୍ୟକ୍ତିମାନଙ୍କୁ ପୁଲିସ୍ ଖୋଜୁଛି। ତେବେ ହାପି ଧରାପଡ଼ିବା ପରେ ତା' ନାମରେ ବ୍ୟାପକ ମାମଲା ରହିଥିବା ସାମ୍ନାକୁ ଆସିଛି। ଗତ ୨୦୧୮ରେ ଗାଡି ଚୋରି ମାଧ୍ୟମରେ ଅପରାଧ ଜଗତରେ ପାଦ ଥାପିଥିବା ହାପି ନାଁରେ ରହିଛି ୨୦ରୁ ଉର୍ଦ୍ଧ୍ୱ ମାମଲା। ଗତ ୨୦୨୨ରେ ସ୍ଥାନୀୟ ଅଞ୍ଚଳରେ ସେ ଜଣଙ୍କ ବେକ କାଟି ଲୁଟ୍ କରିଥିଲା। ସେହିପରି ୨୦୨୪ରେ ଗାଁ ଗଣ୍ଡଗୋଳ ଓ ପୁଲିସକୁ ମାଡ଼ ମାରିବା ଅଭିଯୋଗରେ ଗିରଫ ମଧ୍ୟ ହୋଇଥିଲା ସେ। ତେବେ ଜାମିନରେ ଆସିବା ପରେ ଗତ ୧୦ ତାରିଖରେ ସେ ଗଣଦୁଷ୍କର୍ମ ପରି ସାଙ୍ଘାତିକ କାଣ୍ଡ ଘଟାଇଥିବା ପୁଲିସ ଆଗରେ ସ୍ୱୀକାର କରିଛି। ତେବେ ସମ୍ପ୍ରତି ପର୍ଯ୍ୟଟନ ଋତୁ ଚାଲିଥିବାରୁ ଏହି ସମୟରେ ରାଜ୍ୟର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଧଉଳି ଶାନ୍ତିସ୍ତୁପକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। କିନ୍ତୁ ଏଠାରେ ଗଣଦୁଷ୍କର୍ମ ପରି ଅଘଟଣ ଘଟିଥିବାରୁ ଏହାକୁ ନେଇ ପର୍ଯ୍ୟଟକମାନଙ୍କ ମଧ୍ୟରେ ଏକ ଭୟଭାବ ସୃଷ୍ଟି ହୋଇଥିବା କୁହାଯାଉଛି।। ସଞ୍ଜ ନଇଁଲେ ଶାନ୍ତିସ୍ତୁପ ନିକଟରେ ବସୁଛି ନିଶାଡ଼ିଙ୍କ ଆସର। ନଈକୂଳରୁ ତିଆରି ହେଉଛି ଅପରାଧର ବ୍ଲୁ ପ୍ରିଣ୍ଟ। ଏତେ ସବୁ ପରେ ବି ସ୍ଥାନୀୟ ଅଞ୍ଚଳରେ ପାଟ୍ରୋଲିଂ ହେଉନାହିଁ ବୋଲି ସ୍ଥାନୀୟ ଲୋକେ କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି। ସେପଟେ ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କଠାରୁ ପଚରାଉଚରା ମାଧ୍ୟମରେ ହାସଲ କରାଯିବ ବୋଲି କହିଛନ୍ତି ଜୋନ୍ ଏସିପି।

## ନୂଆବର୍ଷରୁ...

ଅସଦାଚରଣ ଦର୍ପଣ ଲାଗିନଥିବା ଅଭିଯୋଗ ହେଉଛି। କିନ୍ତୁ ହଠାତ କେମିତି ବିଜେଡିର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ହେବାକୁ ଥିବା ଆନ୍ଦୋଳନରେ ଭଙ୍ଗା ପଡ଼ିଗଲା, ତାହା ବୁଝାପଡ଼ିଲା ନାହିଁ। ବିଜେଡି ଯୁବ ଓ ଛାତ୍ର ନେତାମାନେ ଅଭିଯୋଗ କରୁଛନ୍ତି ଯେ ବବି ଦାସ ସନ୍ଧ୍ୟାରେ ଆସି ଆନ୍ଦୋଳନ ବନ୍ଦ କରିବାକୁ ଇଙ୍ଗିତ ଦେଇଚାଲିଗଲେ। ଧିରେ ଧିରେ ବରିଷ୍ଠ ନେତାମାନେ ମଞ୍ଚ ଛାଡ଼ିଲେ। ଆଉ ରାତି ସାଢ଼େ ୧୧ରେ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ଦଳ ତରଫରୁ ନିର୍ଦ୍ଦେଶ ଆସିଲା। ଏହାକୁ ନେଇ ପରଦିନ ଶଙ୍ଖ ଭବନରେ ବରିଷ୍ଠ ସାଧାରଣ ସମ୍ପାଦକ ଦେବୀ ମିଶ୍ରଙ୍କ ଆଗରେ ବର୍ଷିଥିଲେ ବିଜେଡିର ଯୁବ ଛାତ୍ର ନେତାମାନେ। ସେମାନେ ସିଧାସଳଖ ଅଭିଯୋଗ କରିଥିଲେ ଯେ ବବି ଦାସ ନିଜର ସୁରକ୍ଷା ପାଇଁ ସରକାରଙ୍କ ବିରୋଧରେ ତେଜିଥିବା ଆନ୍ଦୋଳନକୁ ଅଧାରୁ ଭଣ୍ଡୁର କରିଦେଲେ। ୨୦୨୪ ନିର୍ବାଚନ ପରେ ବିଜେଡି ସରକାର ବିରୋଧରେ ସଙ୍ଗଠିତ ହେବା ପରିବର୍ତ୍ତେ ବବି ଦାସଙ୍କ ଭଳି ବରିଷ୍ଠ ନେତାମାନେ ନିଜ ସ୍ୱାର୍ଥ ପାଇଁ ଦଳକୁ ବଳି ପକାଉଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ଗୁରୁବାର ବିଜେଡିର ଟାଟା ପାୱାର ଅଫିସ ଘେରାଉ କାର୍ଯ୍ୟକ୍ରମକୁ ମଧ୍ୟ ବବି ଯାଇନଥିଲେ, ଯଦିଓ ପୂର୍ବରୁ ସେ ଏହି ଆନ୍ଦୋଳନରେ ସାମିଲ ହେବେ ବୋଲି କୁହାଯାଇଥିଲା। କିନ୍ତୁ ଟାଟା ପାୱାର ହାତରେ ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାକୁ ଟେକିଦେବାରେ ସେ ପ୍ରମୁଖ କାର୍ପଟଦାର ଥିବାରୁ ଜାଣିଶୁଣି ଆନ୍ଦୋଳନରେ ସାମିଲ ହେଲେନି କି ଏହାକୁ ଜୋରଦାର କରିବାକୁ ସୁଯୋଗ ଦିଆଗଲାନି ବୋଲି ଯୁବ ଓ ଛାତ୍ର ନେତାମାନେ ଅଭିଯୋଗ କରୁଛନ୍ତି।

## ମା'-ବାପାଙ୍କୁ...

ସୂଚନାନୁସାରେ, ୫ ବର୍ଷ ତଳେ ଅମ୍ରେଶ ଜଣେ ମୁସଲିମ୍ ଯୁବତୀଙ୍କୁ ବିବାହ କରିଥିଲା। କିନ୍ତୁ ଏହାକୁ ବାପା-ମା' ଗ୍ରହଣ କରିନଥିଲେ। ତେଣୁ ବାଧ୍ୟ ହୋଇ ଶେଷରେ ଅମ୍ରେଶ ପତ୍ନୀଙ୍କୁ ଛାଡ଼ପତ୍ର ଦେବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ପତ୍ନୀ ଭରଣପୋଷଣ ପାଇଁ ୫ ଲକ୍ଷ ଦାବି କରିବାରୁ ଏହି ଟଙ୍କା ବାପା ଦେବାକୁ ଅମ୍ରେଶ କହିଥିଲେ। ଏହାକୁ ନେଇ ଶ୍ୟାମଲାଲ୍‌ଙ୍କ ତା'ର ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅମ୍ରେଶ ପ୍ରଥମେ ବବିତା ଓ ପରେ ଶ୍ୟାମଲାଲ୍‌ଙ୍କୁ ହତ୍ୟା କରିବା ସହ ପରେ ଏକ କରତରେ ଉଭୟଙ୍କ ମୃତଦେହକୁ ୬ ଗଡ଼ କରି ୮ କିମି ଦୂର ଗୋମତି ନଦୀରେ ଭସାଇ ଦେଇଥିଲା। ପରେ ସେ ଭଉଣୀ ବନ୍ଦନଙ୍କୁ ଫୋନ୍ କରିଥିଲେ। ପରେ ବନ୍ଦନ ପୁଲିସ୍‌କୁ ଜଣାଇବା ପରେ ତଦନ୍ତ ଉତ୍ତାରୁ ଶ୍ୟାମଲାଲ୍‌ଙ୍କ ମୃତଦେହର ଏକ କଟା ଅଂଶ ମିଳିଥିଲା। ଗତ ୮ରେ ହତ୍ୟାକାଣ୍ଡ ଘଟାଇବା ପରେ ଫେରାର୍ ହୋଇଯାଇଥିବା ଅମ୍ରେଶ ୬ ଦିନ ପରେ ଅର୍ଥାତ୍ ଗତ ୧୪ ତାରିଖରେ ସେ ଘରକୁ ଫେରିଥିଲା। ତୁରନ୍ତ ପୁଲିସ୍‌କୁ ଖବର ଦିଆଯିବା ପରେ ପୁଲିସ୍ ତାକୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେ ସବୁକିଛି ମାନିଯାଇଥିଲା।

## ମୋକିମଙ୍କ...

ସମୟ ଚକ୍ରରେ ଏବେ ବିଜୟ ଉଭୟ ବିଜେଡି ଓ ବିଜେପିଠାରୁ ସମଦୂରତା ରକ୍ଷା କରିଛନ୍ତି। କଂଗ୍ରେସ ସହ ମଧ୍ୟ ତାଙ୍କର ସେଭଳି ସମ୍ପର୍କ ନାହିଁ। ପୁଅ ଅରବିନ୍ଦ ଯଦିଓ ବିଜେଡି ବିଧାୟକ ଅଛନ୍ତି, କିନ୍ତୁ ବିଜେଡି ସହ ବିଜୟଙ୍କର ସେଭଳି ଭାବ ଥିବା ଦେଖିବାକୁ ମିଳେ ନାହିଁ।

ଏପରି ସମୟରେ ନୂଆ ଦଳ ଗଠନ ପାଇଁ ଅଣ୍ଟା ଭିଡ଼ିଥିବା ମୋକିମ ବିଜୟଙ୍କୁ ଭେଟିବା ଘଟଣାକୁ କେହି ସହଜରେ ଗ୍ରହଣ କରୁନାହାନ୍ତି।

ଅନ୍ୟ ପକ୍ଷରେ ରାଜ୍ୟର ଦୁଇ ବିରୋଧୀ ଦଳ ବିଜେଡି ଓ କଂଗ୍ରେସରେ ଏବେ ଗୋଷ୍ଠୀ କନ୍ଦଳ ଉଗ୍ର ହେବାରେ ଲାଗିଛି। ନୂଆପଡ଼ା ଉପନିର୍ବାଚନରେ ବିଜେଡି ତୃତୀୟ ସ୍ଥାନରେ ରହିବା ପରେ ଦଳ ଭିତରେ ଅସନ୍ତୋଷ କୁହୁଳୁଛି। ଦଳର ଦୁଇ ସାଂସଦ ଓ ଅମର ପଟ୍ଟନାୟକଙ୍କ ଭଳି ବରିଷ୍ଠ ନେତା ଦଳ ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି। ଶ୍ରୀମୟୀ ମିଶ୍ର ଓ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁହଁ ଖୋଲିବାରୁ ନିଲମ୍ବିତ ହୋଇଛନ୍ତି। ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଶବ୍ଦବାଣରେ ବିଜେଡି ନେତାମାନେ ଆକ୍ରାମାକ୍ତ ହୋଇଯାଉଛନ୍ତି। କେତେବେଳେ ବରିଷ୍ଠ ତ ଆଉ କେତେବେଳେ ଯୁବନେତାମାନେ ଗୁପ୍ତ ବୈଠକ ଚଳାଉଛନ୍ତି। କଂଗ୍ରେସରେ ମଧ୍ୟ ସମାନ ସ୍ଥିତି। ନୂଆପଡ଼ା ନିର୍ବାଚନରେ ଯଦିଓ ଦଳ ରନର୍ସଅପ୍ ହୋଇଛି, କିନ୍ତୁ ଭକ୍ତଙ୍କ ଆଡ଼କୁ ଅନେକେ ଅଙ୍ଗୁଳି ଉଠାଇବା ଆରମ୍ଭ କରିଛନ୍ତି। ବିଶେଷକରି ମୋକିମ ବିଦା ହେବା ପରେ ଦଳ ବର୍ତ୍ତମାନ ଭାଗ ଭାଗ ହୋଇଯାଇଛି। ଶାସକ ବିଜେପିରେ ମଧ୍ୟ ପଦପଦବୀ ପାଇବାକୁ ନେଇ କିଛି ନେତା ଭିତରେ ଭିତରେ ଅସନ୍ତୁଷ୍ଟ ହୋଇ ରହିଛନ୍ତି।

ତେଣୁ ମୋକିମ-ବିଜୟ ଯୋଡ଼ି ଯଦି ନୂଆ ଆଞ୍ଚଳିକ ଦଳକୁ ଜନ୍ମ ଦିଅନ୍ତି, ତା'ହେଲେ ସବୁ ଦଳର ଅସନ୍ତୁଷ୍ଟମାନେ ସେଠାକୁ ଆଗପଛ ହୋଇ ଡିଆଁ ମାରିବାର ସମ୍ଭାବନା ଅଧିକ ରହିଛି। ଏହାକୁ ନେଇ ଏବେ ବିଜେଡି ଓ କଂଗ୍ରେସ ଶିବିର ବିବ୍ରତ। ତେଣେ ଅସନ୍ତୁଷ୍ଟମାନେ କିନ୍ତୁ ନିଜ ନିଜ ନେତାଙ୍କ ଉପରେ ଚାପ ବଢ଼ାଇବା ଲାଗି ଏହାକୁ ଏକ ମଉକା ଭାବି କେତେଶୀଘ୍ର ଆଞ୍ଚଳିକ ଦଳ ଗଠନ ହେବ, ତାହାକୁ ଚାତକ ଭଳି ଚାହିଁ ବସିଛନ୍ତି।

## ସନ୍ଧ୍ୟାରେ...

ଉପବାଚସ୍ପତି, ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା ଓ ଭତ୍ତା ପ୍ରାୟ ତିନିଗୁଣ ବଢିଥିଲା। ବିଧାୟକଙ୍କ ବର୍ଦ୍ଧିତ ଦରମା ଓ ଭତ୍ତା ରାଜ୍ୟର ହାରାହାରି ମୁଣ୍ଡପିଛା ଆୟ ଠାରୁ ମଧ୍ୟ ଅଧିକ ଥିଲା। ଯାହାକୁ ନେଇ ସାରା ରାଜ୍ୟରେ ଓ ବୁଦ୍ଧିଜୀବୀମାନେ ସରକାରଙ୍କୁ ସମାଲୋଚନା କରିବା ଆରମ୍ଭ କରିଦେଇଥିଲେ। ବିଧାନସଭାରେ ବିଲ ଗୃହିତ ହେବା ସମୟରେ ଜଣେ ହେଲେ ବିଧାୟକ ବିରୋଧ କରିନଥିଲେ। କିନ୍ତୁ ପରେ ସମାଲୋଚନାକୁ ଦୃଷ୍ଟିରେ ରଖି ବିଜେପି ବିଧାୟକମାନେ ଏହାକୁ ପ୍ରତ୍ୟାହାର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଗୁରୁବାର ଏନେଇ ବିଧାୟକମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଠି ଲୋକମତକୁ ସମ୍ମାନ ଜଣାଇ ବିଧାୟକଙ୍କ ଦରମା, ଭତ୍ତା ବୃଦ୍ଧିର ପୁନର୍ବିଚାର କରିବାକୁ ବିଧାୟକମାନେ ଲିଖିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## କ'ଣ...

ଏଥିଯୋଗୁ ଆଦିବାସୀମାନଙ୍କ ଜମିଜମା ସଂକ୍ରାନ୍ତୀୟ ଏକ ବଡ଼ ସମସ୍ୟା ଅଟକି ଯାଇଥିଲା। ବିଧାନସଭା ପକ୍ଷରୁ ରାଜ୍ୟପାଳଙ୍କ ନିକଟକୁ ବିଲ୍ ପଠାଯିବା ପରେ ତାହା ଉପରେ ରାଜ୍ୟପାଳ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରିବେ। ଯଦି ରାଜ୍ୟପାଳ ଏହି ବିଲ୍‌କୁ ସ୍ୱୀକୃତି ଦିଅନ୍ତି ତେବେ ବିଧାୟକମାନଙ୍କ ବେତନ ଓ ଭତ୍ତା ପିଛିଲା ଭାବେ ୨୦୨୪ ଜୁନ୍ ୫ ତାରିଖରୁ ବଢ଼ିବ। କେବଳ ସେତିକି ନୁହେଁ, ବାଚସ୍ପତି, ଉପ ବାଚସ୍ପତି, ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ମୁଖ୍ୟ ସଚେତକ ଓ ଉପ ମୁଖ୍ୟ ସଚେତକ ଆଦିଙ୍କ ବେତନ ଓ ଭତ୍ତା ମଧ ପ୍ରାୟ ୩ଗୁଣା ବଢ଼ିଯିବ।

ବିଧାନସଭାରେ ଶାସକ କିମ୍ବା ବିରୋଧୀ ଦଳ ପକ୍ଷରୁ ଏହାକୁ ବିରୋଧ କରାଯାଇନଥିବାରୁ ସର୍ବସମ୍ମତକ୍ରମେ ଏହା ଗୃହୀତ ହୋଇଛି ବୋଲି ଧରି ନିଆଯାଇପାରେ। ବିଜେପି ବିଧାୟକମାନେ ସମ୍ମିଳିତ ଭାବେ ଏହାର ବିରୋଧ କରିଥିବାରୁ ମୁଖ୍ୟମନ୍ତ୍ରୀ ତାହା ଉପରେ କି ପଦକ୍ଷେପ ନେବେ ସେଥିଘେନି ସମସ୍ତଙ୍କ ନଜର। ଯଦି ରାଜ୍ୟପାଳ ବିଲ୍‌କୁ ଫେରାଇ ଦିଅନ୍ତି ତେବେ ତାହା ଉପରେ ପୁଣି ବିଧାନସଭାରେ ଚର୍ଚ୍ଚା ହେବ ଓ ସଂଶୋଧନ ପ୍ରସ୍ତାବ ମଧ ଆସିପାରିବ। ରାଜ୍ୟପାଳ ଏହାକୁ ସ୍ୱୀକୃତି ଦେଲେ ବି ବିଧାନସଭାରେ ସେହି ଆଇନ୍‌ର ସଂଶୋଧନ ପାଇଁ ନୂଆ ବିଲ୍ ମଧ ଅଣାଯାଇପାରିବ। (ତଥ୍ୟ)

## ବନ୍ଧାହେଲେ...

କିନ୍ତୁ ଥାନାଧିକାରୀ ହାଁସଦା ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ତାଙ୍କଠାରୁ ଲାଞ୍ଚ ଦାବି କରିଥିଲେ। ତେବେ ପୀଡ଼ିତା ଜଣଙ୍କ ୨୦ ହଜାର ଟଙ୍କା ଦେଇପାରିବେ ନାହିଁ ବୋଲି କହିଥିଲେ ମଧ ଶ୍ରୀମତୀ ହାଁସଦା ନିଜ ଜିଦ୍‌ରେ ଅଟଳ ରହିଥିଲେ। ତେଣୁ ଶେଷରେ ପୀଡ଼ିତା ଭିଜିଲାନ୍ସରେ ଅଭିଯୋଗ କରିଥିଲେ ଓ ଆଜି ପୂର୍ବ ଯୋଜନା ଅନୁସାରେ, ଶ୍ରୀମତୀ ହାଁସଦା ଲାଞ୍ଚ ନେବା ବେଳେ ଟଙ୍କା ସହ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ କାବୁ କରିଛନ୍ତି। ଗିରଫ ପରେ ଶ୍ରୀମତୀ ହାଁସଦାଙ୍କୁ ଜୟପୁର ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇଥିବା ଜଣାପଡ଼ିଛି।

## କେନ୍ଦ୍ରାପଡ଼ାରେ...

ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏଥିରେ ଅତିଷ୍ଠହୋଇ ପୀଡ଼ିତା ତାଙ୍କ ବାପଘରେ ରହିବାକୁ ବାଧ ହେଉଛନ୍ତି। କିଛିଦିନ ତଳେ ସଇଜୁଦ୍ଦିନ ନାଗପୁରା ଅଞ୍ଚଳର ଜଣେ ହିନ୍ଦୁ ଝିଅକୁ ଫସାଇ ସାଥୀରେ ହାଇଦ୍ରାବାଦ ନେଇଯାଇଥିବା ଉକ୍ତ ପୀଡ଼ିତା ଜଣଙ୍କ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏଥିସହ ସଇଜୁଦ୍ଦିନ ବାରମ୍ବାର ମହିଳା ଅପହରଣ ଓ ହିନ୍ଦୁ ଝିଅଙ୍କୁ କଳେବଳେ କୌଶଳେ ପ୍ରେମ ଜାଲରେ ଫସାଇ ସେମାନଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ସେମାନଙ୍କୁ ପରବର୍ତ୍ତୀ ସମୟରେ ହାଇଦ୍ରାବାଦ ଓ ଅନ୍ୟାନ୍ୟ ସ୍ଥାନରେ ମୋଟା ଅଙ୍କରେ ବିକ୍ରି କରିଦେଉଥିବା ମଧ ପୀଡ଼ିତା ଅଭିଯୋଗ କରିଛନ୍ତି। ଏସ୍‌ପିଙ୍କୁ ସେ ତାଙ୍କ ଦାବିପତ୍ର ପ୍ରଦାନ କରିବା ସହ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ପୀଡ଼ିତା ଜଣଙ୍କ ଆଶା ରଖିଛନ୍ତି। ଅନ୍ୟପକ୍ଷରେ ସଇଜୁଦ୍ଦିନ୍ ବିରୋଧରେ ପୂର୍ବରୁ ଏଭଳି ଅଭିଯୋଗ ଥିବାରୁ ସ୍ଥାନୀୟ ପୁଲିସ୍‌ର ଏକ ଟିମ୍ ହାଇଦ୍ରାବାଦ ଯାଇଥିବା ଜଣାପଡ଼ିଛି।

## କାହା...

ଅନୁଯାୟୀ ଏଏସ୍‌ଡିର ବ୍ୟବସ୍ଥା ରହିଛି। ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆର୍‌ସି) ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ସବୁ ଉପଭୋକ୍ତଙ୍କ ଘରେ ପୁରୁଣା ମିଟର ବଦଳରେ ସ୍ମାର୍ଟ ମିଟର ଲଗାଇବାକୁ ବି ଓଇଆରସି ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ତିନି ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରାଯିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି ବୋଲି ବଣ୍ଟନ କମ୍ପାନୀ ସ୍ପଷ୍ଟ କରିଛି।

ପୂର୍ବରୁ ସବୁ ଉପଭୋକ୍ତଙ୍କଠାରୁ ଦୁଇ ମାସର ବିଦ୍ୟୁତ ବିଲ କମ୍ପାନୀ ପାଖରେ ସୁରକ୍ଷା ଜମା ଭାବେ ରହିଛି। କିନ୍ତୁ ଆଇନ ଅନୁଯାୟୀ, ପ୍ରତିବର୍ଷ ଅତିରିକ୍ତ ସୁରକ୍ଷା ଜମାର ହିସାବ କରାଯିବ। ତଦନୁଯାୟୀ ଅତିରିକ୍ତ ସୁରକ୍ଷା ଜମା ଯଦି ମୂଳ ସୁରକ୍ଷା ଜମାଠାରୁ ଅଧିକ ହୁଏ, ତା'ହେଲେ ଉପଭୋକ୍ତ ବଳକା ଅର୍ଥ ପ୍ରଦାନ କରିବେ।

ଯଦି କମ୍ ହୁଏ, ସେ କ୍ଷେତ୍ରରେ କମ୍ପାନୀକୁ ତାହାକୁ ପର୍ଯ୍ୟାୟ କ୍ରମେ ପ୍ରତି ମାସର ବିଲରେ ଭରଣା କରିବାର ନିୟମ ରହିଛି। ଆଗକୁ ବିଦ୍ୟୁତ ଟାରିଫ ବଢ଼ିଲେ, ଅତିରିକ୍ତ ସୁରକ୍ଷା ଜମା ବି ବିବ। କମ୍ପାନୀ ସଫେଇ ଦେଇଛି ଯେ ପୂର୍ବରୁ ମଧ୍ୟ ଉପଭୋକ୍ତାଙ୍କଠାରୁ ଏହି ଅତିରିକ୍ତ ସୁରକ୍ଷା ଜମା ଆଦାୟ ହେଉଥିଲା। ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, ଉତ୍ତର ପ୍ରଦେଶ, ଗୁଜୁରାଟ ଭଳି ରାଜ୍ୟ ମଧ୍ୟ ଏହି ବ୍ୟବସ୍ଥା ଲାଗୁ କରିଛନ୍ତି। ଉପଭୋକ୍ତାଙ୍କଠାରୁ ଆଦାୟ ହେଉଥିବା ଅତିରିକ୍ତ ସୁରକ୍ଷା ଜମା ଏକ ଜାତୀୟକରଣ ବ୍ୟାଙ୍କରେ ଜମା ରଖାଯିବ। ଗ୍ରାହକଙ୍କୁ ବିଲରେ ସେମାନଙ୍କ ଜମା ଉପରେ ସାଢ଼େ ୬ ପ୍ରତିଶତ ସୁଧ ରିହାତି ବି ପ୍ରଦାନ କରାଯିବ। ଏଥିସହ ସ୍ମାର୍ଟ ମିଟରରେ ଅଧିକ ବିଲ ଆସୁଥିବା ଅଭିଯୋଗକୁ ମଧ୍ୟ ଟାଟା ପାୱାର ଖଣ୍ଡନ କରିଛି।

ତେବେ ଟାଟା ପାୱାରର ଏଭଳି ସ୍ପଷ୍ଟୀକରଣକୁ ନେଇ ବିଦ୍ୟୁତ ଉପଭୋକ୍ତ ମହାସଂଘ ପ୍ରତିକ୍ରିୟା ରଖିଛି। ଯଦି ଟାଟା ପାୱାର ସବୁକିଛି ନିୟମ ଅନୁଯାୟୀ ଆଦାୟ କରୁଛି, ତେବେ ସରକାର ଏଥିରେ ହସ୍ତକ୍ଷେପ କରିବା ଜରୁରୀ। ଆଇନ ଲୋକଙ୍କ ସୁବିଧା ଦୃଷ୍ଟିକୁ ଆଧାର କରି ଲାଗୁ କରାଯିବା ଉଚିତ। କମ୍ପାନୀମାନେ ଲାଭ ପାଇଁ ଲୋକଙ୍କ ଉପରେ ବୋଝ ଲଦିବା ସ୍ୱାଭାବିକ। କିନ୍ତୁ ଲୋକଙ୍କ ସରକାର ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବାରୁ ଶକ୍ତି ମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବାର ସମୟ ଆସିଛି। କମ୍ପାନୀ ଲାଭ ପରିବର୍ତ୍ତେ ଲୋକଙ୍କ ଉପରେ ଅଧିକ ଚାପ ନ ଦେଇ ଅତିରିକ୍ତ ସୁରକ୍ଷା ଜମାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି ମହାସଂଘର ସାଧାରଣ ସମ୍ପାଦକ ରବି ବେହେରା।

## ସ୍ପଷ୍ଟୀକରଣ...

ବୋଲି ପ୍ରଶ୍ନ କରିଛନ୍ତି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର। ଦ୍ୱିତୀୟରେ ସପ୍ଲାଇ କୋଡ, ୨୦୧୯ର ଧାରା ୫୩ ଅନୁସାରେ ବିତରଣ କମ୍ପାନୀ ଟାଟା ବର୍ଷକୁ ଥରେ ନିଜ ପାଖରେ ଗଚ୍ଛିତ ଥିବା ସୁରକ୍ଷା ଜମା ଟଙ୍କାକୁ ସମୀକ୍ଷା କରିବ। ଯେଉଁ ବର୍ଷ ବିଦ୍ୟୁତ ମୂଲ୍ୟରେ ବୃଦ୍ଧି ଘଟିବ, ତା'ର ପୂର୍ବ ବର୍ଷ ୧୨ ମାସର (ଏପ୍ରିଲରୁ ମାର୍ଚ୍ଚ) ବିଦ୍ୟୁତ ବ୍ୟବହାରର ହାରାହାରି ଦୁଇ ମାସ ଅନୁସାରେ ହିସାବ କରି ଆବଶ୍ୟକ ହେଉଥିବା ଅତିରିକ୍ତ ସୁରକ୍ଷା ଜମା ଟଙ୍କା ଉପଭୋକ୍ତାଙ୍କଠାରୁ ଆଦାୟ କରାଯିବ। ଓଇଆରସି ସପ୍ଲାଇ କୋଡ, ୨୦୧୯ରେ ଏପରି ନିର୍ଦ୍ଦେଶ ଥିବାବେଳେ ଟାଟା କେଉଁଠୁ ଜାଣିବାକୁ ପାଇଲା କିମ୍ବା କେଉଁ ଅଧିନିୟମ ଅନୁସାରେ କହୁଛି ଯେ ବିଦ୍ୟୁତ ବ୍ୟବହାର ବୃଦ୍ଧି ଘଟିଲେ ଅତିରିକ୍ତ ସୁରକ୍ଷା ଜମା ଟଙ୍କା ଆଦାୟ ପାଇଁ ସେମାନେ ଅଧିକାରପ୍ରାପ୍ତ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି।

## ଗଣତନ୍ତ୍ରର ମେରୁଦଣ୍ଡ ଗଣମାଧ୍ୟମ: ମନ୍ତ୍ରୀ




ନବରଙ୍ଗପୁର,୧୮।୧୨ (ସଂଚାର ବ୍ୟୁରୋ): ଗଣତନ୍ତ୍ରର ମେରୁଦଣ୍ଡ ଗଣମାଧ୍ୟମ। ରାଇଘର ଠାରେ ୱାର୍କିଂ ଜର୍ଣ୍ଣାଲିଷ୍ଟ ୟୁନିୟନର ଦ୍ୱିତୀୟ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ।

ଜିଲ୍ଲା ସଭାପତି ପି. ପ୍ରକାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଶ୍ରୀ ଗଣ୍ଡ କହିଛନ୍ତି, ନିରପେକ୍ଷ ଖବର ପରିବେଷଣ ଦ୍ୱାରା ସାମ୍ବାଦିକଙ୍କ ମର୍ଯ୍ୟାଦା ବଢ଼ିବ। ରାଜ୍ୟ ଓ ଦେଶ ଗଠନରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ରାଇଘର ଭଳି ଉପାନ୍ତ ଅଞ୍ଚଳରେ ସଂଘ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ ନିଷ୍ପତ୍ତିକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ଆଗାମୀଦିନରେ ସାମ୍ବାଦିକ ସୁରକ୍ଷା ଆଇନ, ଭତ୍ତା ସମେତ ବିଭିନ୍ନ ଦାବିଗୁଡିକ ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ କାର୍ଯ୍ୟବ୍ୟସ୍ତତା ଆସି ପାରି ନଥିଲେ। ଏକ ପତ୍ରରେ କ୍ଷୋଭ ପ୍ରକାଶ କରିବା ସହ ନବରଙ୍ଗପୁର ସହରରେ ସାମ୍ବାଦିକ ଭବନ ନିର୍ମାଣ ପାଇଁ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଘୋଷଣା କରିଥିଲେ। ମୁଖ୍ୟବକ୍ତା ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟସଭାପତି ବିଭୁତିଭୂଷଣ କର ୬୦ବର୍ଷରୁ ଭତ୍ତା, ସ୍ୱାସ୍ଥ୍ୟବୀମାରେ ସାମ୍ବାଦିକଙ୍କ ପିତାମାତାଙ୍କୁ ସାମିଲ, ବୀମାରାଶିକୁ ୧୦ଲକ୍ଷ ଟଙ୍କା ବୃଦ୍ଧି କରିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

ଏହି ଅବସରରେ ୟୁନିୟନ କ୍ୟାଲେଣ୍ଡରକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ପରେ ରାଜ୍ୟର ୨୫ ଜଣ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# କୋଟିଏ ଟଙ୍କାରେ ନିର୍ମିତ ଆଦିବାସୀ ଛାତ୍ରାବାସ ଭୂତକୋଠି



**ପାଣିରେ ପଡୁଛି ସରକାରୀ ଅନୁଦାନ**
**ନିର୍ମାଣ ପରେ ପ୍ରକଳ୍ପ ଅବ୍ୟବହୃତ**
**ଦୃଷ୍ଟି ଦେଉନି ଜିଲ୍ଲା ପ୍ରଶାସନ**
**ତେଜୁଛି ଜନଅସନ୍ତୋଷ**

ବୋରିଗୁମ୍ମା,୧୮।୧୨ (ସଂଚାର ବ୍ୟୁରୋ): ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ଏବଂ ଗଣଶିକ୍ଷା ମନ୍ତ୍ରୀ ମଧ ଜଣେ ଆଦିବାସୀ। ଏହାଫଳରେ ରାଜ୍ୟର ଆଦିବାସୀମାନଙ୍କୁ ଦୁଃଖ ଦୂର ହେବା ପରିବର୍ତ୍ତେ ବୋରିଗୁମ୍ମା ବ୍ଲକର ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମୌଳିକ ଅଧିକାରରୁ ସରକାର ବଞ୍ଚିତ କରିଛନ୍ତି ବୋଲି ବ୍ଲକ ଆଦିବାସୀ ସଂଘ ସଭାପତି କୋମୁଲୁ ଜାନି ଅଭିଯୋଗ କରିଛନ୍ତି।

ବୋରିଗୁମ୍ମା ଭୈରବ ମହାବିଦ୍ୟାଳୟରେ ଆଦିବାସୀ ଛାତ୍ର ମାନଙ୍କ ରହିବା ପାଇଁ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରବାସ କାହା ସ୍ୱାର୍ଥରେ ନିର୍ମାଣ ହୋଇଛି। ନିର୍ମାଣର ୨ ବର୍ଷ ପରେ ବି କାମରେ ଲାଗୁନି। କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ମୋହକୁମା ସ୍ଥିତ ଭୈରବ ମହାବିଦ୍ୟାଳୟରେ ୧ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ସରକାରୀ ଆଦିବାସୀ ଛାତ୍ରାବାସ ଏବେ ଭୂତକୋଠି ପାଲଟିଛି। ୨୦୨୩ ମସିହାରେ ବୋରିଗୁମ୍ମା ସଦର ମୋହକୁମା ସ୍ଥିତ ଭୈରବ ମହାବିଦ୍ୟାଳୟରେ ତତ୍କାଳୀନ ବିଜେଡି ସରକାର ଆଦିବାସୀ ଛାତ୍ର ମାନଙ୍କ ଲାଗି ୧ କୋଟି ଟଙ୍କାରେ ଶହେ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ କରିଥିଲେ। ନିର୍ମାଣକୁ ପାଖାପାଖି ଦୁଇ ବର୍ଷ ପୁରିଥିଲେ ମଧ ତାହା କାର୍ଯ୍ୟରେ ଲାଗି ପାରୁନାହିଁ। କେଉଁ ବିଭାଗର ଅଧିକାରୀଙ୍କ ତତ୍ତ୍ୱାବଧାନରେ ରହିଛି ତାହା ଫଳକ କିମ୍ବା ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ସମୟରେ ଉଲ୍ଲେଖ ନଥିବା ନଜରକୁ ଆସିଛି ଏବଂ ମହାବିଦ୍ୟାଳୟ ଅଧକ୍ଷ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ଏନେଇ ବ୍ଲକ ମଙ୍ଗଳ ଅଧିକାରୀଙ୍କୁ ପଚାରିବାରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି। ଛାତ୍ରାବାସ ବ୍ୟବହାରରେ ଆସୁନଥିବାରୁ ତାହା ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳି ପାଲଟିଛି। ଏହାବ୍ୟତିତ ଜାତୀୟ ରାଜପଥରୁ ଉକ୍ତ ଛାତ୍ରାବାସକୁ ରାସ୍ତା ମଧ ନିର୍ମିତ ହୋଇନଥିବା ଦେଖିବାକୁ ମିଳିଛି। ତୁରନ୍ତ ଉକ୍ତ ଛାତ୍ରାବାସକୁ କାର୍ଯ୍ୟରେ ଲଗାଇବା ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବାକୁ ଦାବି ହୋଇଛି।

## ଜିଲ୍ଲାରେ ଧାନ ସଂଗ୍ରହ ବ୍ୟବସ୍ଥାର ଶୁଭାରମ୍ଭ




ନବରଙ୍ଗପୁର,୧୮।୧୨ (ସଂଚାର ବ୍ୟୁରୋ): ଆଜି ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର ଦ୍ୱାରା ଆୟୋଜିତ ଧାନ ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆଜିଠାରୁ ଜିଲ୍ଲାରେ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ଡାବୁ ଗାଁ ମନୋହର ରନ୍ଧାରି, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

୨୦୨୫-୨୬ ଖରିଫ ଋତୁ ସକାଶେ ଚାଷୀମାନେ ନିଜର ଉତ୍ପାଦିତ ଧାନକୁ ୫୮ଟି ଧାନ ସଂଗ୍ରହଣ କେନ୍ଦ୍ରରେ ବିକ୍ରୟ କରିପାରିବେ। ମୋଟ ୫୨ଟି ଧାନ କ୍ରୟ ଏଜେନ୍ସୀରୁ ୧୩ ଗୋଟି ଲ୍ୟାମ୍ପସ, ୨ଟି ପାଣି ପଞ୍ଚାୟତ ଓ ୩୭ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସପ୍ତାହର ବିଭିନ୍ନ ବାରରେ ସଂଲଗ୍ନ କରାଯାଇଥିବା ମଣ୍ଡିରେ ଚାଷୀଙ୍କ ଠାରୁ ଧାନ କ୍ରୟ କରିବେ। ଚଳିତ ବର୍ଷ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ସାଧାରଣ ଏଫ୍‌ଏକ୍ୟୁ ମାନର ଧାନ ମୂଲ୍ୟ ୨୩୬୯ ଟଙ୍କା ଏବଂ 'କ' ଶ୍ରେଣୀର ଏଫ୍‌ଏକ୍ୟୁ ମାନର ଧାନ ମୂଲ୍ୟ ୨୩୮୯ ଟଙ୍କା ସହ ପ୍ରୋତ୍ସାହନ ରାଶି ୭୩୧ ଟଙ୍କା ଦେବାକୁ ସରକାର ସ୍ଥିର କରିଛନ୍ତି।

ପ୍ରତ୍ୟେକ ମଣ୍ଡିରେ ପାନୀୟଜଳ, ଆଲୋକ, ଶୌଚାଳୟ, ଓଜନ ମେସିନ, ଟାରପୋଲିନ, ପ୍ରାଥମିକ ଚିକିତ୍ସା କିଟ୍, ଟେବୁଲ ଓ ଚୌକି, ପଲିଥିନ ଇତ୍ୟାଦିର ସୁବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ୫୦୯୧୯ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ହୋଇଛନ୍ତି। ସେଭଳି ଚଳିତ ବର୍ଷ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ ୧୪,୮୮,୦୦୦ କ୍ୱିଣ୍ଟାଲ ଧାନ ସଂଗ୍ରହଣ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

## ୨୧ରୁ ଜିଲ୍ଲାସ୍ତରୀୟ ସାଂସଦ କ୍ରୀଡ଼ା ମହୋତ୍ସବ



ହିଞ୍ଜିଳିକାଟୁ୧୮।୧୨ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁରେ ଆସନ୍ତା ୨୧ ତାରିଖରୁ ଜିଲ୍ଲାସ୍ତରୀୟ ସଂସଦୀୟ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ବୁଧବାର ଦିନ ହିଞ୍ଜିଳିକାଟୁ ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କ୍ରୀଡା ମହୋତ୍ସବର ସଫଳ ଆୟୋଜନ, ବ୍ୟବସ୍ଥାପନ, ଖେଳାଳିଙ୍କ ସୁବିଧା, ସୁରକ୍ଷା ବ୍ୟବସ୍ଥା ଏବଂ ସମନ୍ୱୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ପ୍ରତିଯୋଗିତା ୨୫ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଆସିକା ଲୋକସଭା ଅନ୍ତର୍ଗତ ୭ଟି ନିର୍ବାଚନ ମଣ୍ଡଳୀର ବିଦ୍ୟାଳୟଗୁଡ଼ିକରୁ କ୍ରୀଡ଼ାବିତମାନେ ଅଂଶଗ୍ରହଣ କରିବେ।

ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କେରକେଟ୍ଟା,ହିଞ୍ଜିଳି ବିଡ଼ିଓ ସାଗରୀକା ଷଡ଼ଙ୍ଗୀ, ପୌର ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା ଓ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ରଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ରାଧା ଗୋବିନ୍ଦ ଜୁଏଲାରୀରୁ ସୁନା କିଣି ଜିତିଲେ ସ୍କୁଟି




କାକଟପୁର/ଅସ୍ତରଙ୍ଗ,୧୮।୧୨ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ପୁରୁଣା ବସ ଷ୍ଟାଣ୍ଡ ନିକଟରେ ଥିବା ରାଧାଗୋବିନ୍ଦ ଜୁଏଲାରୀରୁ ସୁନା କିଣି ଭାଗ୍ୟଶାଳୀ ବିଜେତା ହୋଇଛନ୍ତି ୨ ଜଣ। ୨ମାସ ଅଫର ସମୟରେ ସୁନା କ୍ରୟ କରି ବିଜେତା ହୋଇଛନ୍ତି। ଗତ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ରାଧା ଗୋବିନ୍ଦ ଜୁଏଲାରୀ ଆଣିଥିଲା ଏହି ଅଫର। ବୁଧବାର ସନ୍ଧ୍ୟା ସମୟରେ ପୁରୀ ଜିଲ୍ଲା କାକଟପୁର ଅଞ୍ଚଳର ଏକ ଘରୋଇ କଲ୍ୟାଣୀ ମଣ୍ଡପରେ ରାଧା ଗୋବିନ୍ଦ ଜୁଏଲାରୀ ପକ୍ଷରୁ ଲକି ଡ୍ର କୁପନ ଉଠାଣ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପୁରସ୍କାର ତୋଫାନ କମ୍ୟୁନିକେସନ ଓ ଦ୍ୱିତୀୟ ପୁରସ୍କାର ସମିରା ବେଗମ୍‌ଙ୍କୁ ମିଳିଥିଲା। ୨ ଭାଗ୍ୟଶାଳୀ ବିଜେତାଙ୍କୁ ରାଧା ଗୋବିନ୍ଦ ଜୁଏଲାରୀ ତରଫରୁ ଦୁଇଟି ସ୍କୁଟି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ରାଧାଗୋବିନ୍ଦ ଜୁଏଲାରୀ ପ୍ରତିଷ୍ଠାତା କହିଛନ୍ତି, ୨ ବର୍ଷ ହେଲା ଲକି ଡ୍ର କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ଆମେ ଆମର ମୂଲ୍ୟବାନ ଗ୍ରାହକଙ୍କ ସହ ଆମର ସମ୍ପର୍କକୁ ଆହୁରି ସୁଦୃଢ଼ କରିବାକୁ ଏଭଳି ଅନେକ ପଦକ୍ଷେପ ନେଇଛୁ। ଭାଗ୍ୟଶାଳୀ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ରାଧା ଗୋବିନ୍ଦ ଜୁଏଲାରୀ ଗ୍ରାହକଙ୍କ ପାଇଁ ଅନେକ ଆକର୍ଷଣୀୟ ଅଫର ଆରମ୍ଭ କରିବ ବୋଲି ପ୍ରତିଷ୍ଠାତା କହିଛନ୍ତି।

## ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କ ଖାଦ୍ୟକୁ ହଡ଼ପ ନେଇ ଅଭିଭାବକଙ୍କ ଧାରଣା

ନୀଳଗିରି,୧୮।୧୨ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକର ନରସିଂହପୁର ପଞ୍ଚାୟତରେ ଥିବା ବଇଁଚା ଅଙ୍ଗନୱାଡି କେନ୍ଦ୍ରରେ ଦିଦି କାଳେ ପିଲାମାନଙ୍କ ଖାଦ୍ୟକୁ ହଡ଼ପ କରୁଥିବାର ଜାଣି ଗୁରୁବାର ଦିନ ଅନେକ ପିଲାଙ୍କ ମାଆ ମାନେ କେନ୍ଦ୍ରରେ ପହଞ୍ଚି କଣ କଣ ପିଲାମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଦିଆ ଯାଉଛି, ତାର ତଥ୍ୟ ମାଗିଥିଲେ ଦିଦୀଙ୍କୁ। କେନ୍ଦ୍ରର ଦିଦି ସଠିକ୍ ଉତ୍ତର ନଦେବାରୁ କେନ୍ଦ୍ରରେ ତାଲା ପକାଇ ପାଟିତୁଣ୍ଡ କରିଥିଲେ। ପିଲାମାନଙ୍କ ଖାଦ୍ୟକୁ ସବୁ ହଡ଼ପ କରିଥିବା ନେଇ ମହିଳା ମାନେ ଅଭିଯୋଗ କରିଛନ୍ତି। କେନ୍ଦ୍ରର ଦିଦି କୁମୁଦିନୀ ସେଠୀ ସଠିକ୍ ତଥ୍ୟ ନଦେବାରୁ ଶେଷରେ ଆଶା ଦିଦି ପହଞ୍ଚି କାଗଜପତ୍ର ଦେଖାଇ ଥିଲେ। ବହୁବାର ଏନେଇ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିଲେ। ତୁରନ୍ତ ଉଚ୍ଚ ସି.ଡି.ପି.ଓ, ଘଟଣାରେ ତଦନ୍ତ କରିବା ପାଇଁ ଦାବୀ କରିଛନ୍ତି।



## ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ



ନୀଳଗିରି,୧୮।୧୨ (ସଂଚାର ବ୍ୟୁରୋ): ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀଙ୍କ ପ୍ରେରଣାରେ ସାରା ଭାରତ ବର୍ଷରେ ସାଂସଦ ଖେଳ ମହୋତ୍ସବ - ୨୦୨୫ ଚାଲିଅଛି। ସେହି କ୍ରମରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟାରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ମଧ ସମସ୍ତ ବ୍ଲକରେ ଅନୁଷ୍ଠିତ ହେଉଅଛି। ଆଜି ନୀଳଗିରି ଥାନା ପଡିଆରେ ଦୁଇ ଦିନ ଧରି ଚାଲିଥିବା ନୀଳଗିରି ବ୍ଲକ ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦଯାପନ ହୋଇ ଯାଇଛି।

ଆଜିର ଏହି ବ୍ଲକ ସ୍ତରୀୟ ଖେଳରେ ସିନିୟର ସ୍ତରୀୟ ଖେଳର ପରିସମାପ୍ତି ଘଟିଛି। ନୀଳଗିରି ବ୍ଲକରେ ୪୦୦୦ ରୁ ଉର୍ଦ୍ଧ ଖେଳାଳୀ ଜୁନିୟର ଏବଂ ସିନିୟର ସ୍ତରରେ ଛାତ୍ରଛାତ୍ରୀ ମାନେ ପଞ୍ଜିକରଣ ପରେ ଖେଳରେ ଭାଗ ନେଇଥିଲେ। ବ୍ଲକ ସ୍ତରରେ ଜିତିଥିବା ଖେଳାଳୀ ମାନେ ଏହାପରେ ବାଲେଶ୍ୱର ଜିଲ୍ଲାରେ ଲୋକସଭା ସ୍ତରୀୟ ଖେଳରେ ଭାଗ ନେବେ ବୋଲି ଜଣାପଡ଼ିଛି। ଚଳିତ ଡିସେମ୍ବର ୨୫ ତାରିଖରେ ଏହାର ଉଦଯାପନୀ ସମାରୋହ ବାଲେଶ୍ୱର ପରମିଟ ପଡିଆରେ ଅନୁଷ୍ଠିତ ହେବ ବୋଲି ସୂଚନା ରହିଛି।

## ଡକାୟତି ମାମଲାରେ ୩ ଗିରଫ



କାକଟପୁର/ଅସ୍ତରଙ୍ଗ,୧୮।୧୨ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ଥାନା ଅଞ୍ଚଳରେ ବ୍ୟବସାୟୀଙ୍କୁ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଲୁଟ କରିଥିବା ଅଭିଯୋଗରେ ୩ ଜଣ ଲୁଟେରାଙ୍କୁ ଧରିଛି କାକଟପୁର ପୁଲିସ।

ଖବର ମୁତାବକ, କାକଟପୁର ଥାନା ଅନ୍ତର୍ଗତ କାକଟପୁରରୁ ନିମାପଡା ମୁଖ୍ୟ ରାସ୍ତାରେ ସେପ୍ଟେମ୍ବର ୧ତାରିଖ ରାତ୍ର ୮ଘ ୩୦ମିନିଟରୁ ୯ଘଟିକା ମଧରେ ସାର ଦୋକାନ ବନ୍ଦ କରି ସନ୍ତୋଷ କୁମାର ସାହୁ ନିଜ ଘରକୁ ଯିବା ବାଟରେ ଗୋବିନ୍ଦପୁର ମୌଜା ବ୍ରାହ୍ମଣ ଘର ପାଖରେ ଅନ୍ଧାର ସୁଯୋଗ ନେଇ ୪ଜଣ ଅଜଣା ଦୁର୍ବୃତ୍ତ ମରଣାସ୍ତ୍ର, ବନ୍ଧୁକ ଦେଖାଇ ବ୍ୟାଗ ଛଡାଇ ନେଇଥିଲେ। ବ୍ୟାଗ ଭିତରେ ଷ୍ଟକ ରେଜିଷ୍ଟର, ପିଓଏସ ମେସିନ, ଲାପଟପ ସମେତ ୨ଲକ୍ଷ ୧୨ହଜାର ଟଙ୍କା ଥିଲା। ଏ ନେଇ ସେପ୍ଟେମ୍ବର ୩ ତାରିଖରେ ସନ୍ତୋଷ ସାହୁ କାକଟପୁର ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି କାକଟପୁର ପୁଲିସ ସ୍ୱତନ୍ତ୍ର ଟିମ ଗଠନ କରି ଦୁର୍ବୃତ୍ତଙ୍କୁ ଜଗତସିଂହପୁର ଜିଲ୍ଲାରୁ ଗିରଫ କରିବାରେ ସଫଳ ହୋଇଛି। ଦୁଇ ଅଭିଯୁକ୍ତ ହେଲେ ନାଉଗାଁ ଅଂଚଳର ଶୁଭମ ଦାସ ଓରଫ ତପୁ (୨୯), ମହିରା ଗ୍ରାମର ଶକ୍ତି ଚନ୍ଦନ ମହାନ୍ତି ଓରଫ ମିଲୁ (୨୬) ଙ୍କୁ ଗିରଫ କରି ଉଭୟଙ୍କୁ ଡିସେମ୍ବର ୧୭ତାରିଖ କୋର୍ଟ ଚାଲାଣ କରାଯାଇଥିଲା। ଅନ୍ୟ ଦୁଇ ଅଭିଯୁକ୍ତ ମଧରୁ ଗୋପ ବ୍ଲକ ଧୂମାଳ ଅଂଚଳର ବିଜୟ ଖଟୋଇ ଙ୍କୁ ଡିସେମ୍ବର ୧୮ତାରିଖ ରେ ଗିରଫ କରି ଅଦାଲତ ଚାଲାଣ କରାଯାଇଛି। ଜାମିନନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତ ପଠାଯାଇଛି।

## ସେବା ଓ ପ୍ରତିବଦ୍ଧତା ପାଇଁ ହାବିଲଦାର ବିଶୁ ପାତ୍ର ସମ୍ମାନିତ



ଛତ୍ରପୁର,୧୮।୧୨ (ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଚଣ୍ଡୀ ପୀଠରେ ମା' ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ ଓ ପରିଚାଳନା କମିଟି ଦ୍ୱାରା "କଣ୍ଟେଣ୍ଟ କ୍ରିଏଟର୍ ଏବଂ ମିଡ଼ିଆ ଉତ୍କୃଷ୍ଟତା ସମ୍ମାନ ୨୦୨୫" ଆୟୋଜିତ ହୋଇଥିଲା। ଏହି ସମାରୋହରେ ଗଞ୍ଜାମ ଥାନାର କାର୍ଯ୍ୟରତ ହାବିଲଦାର ଏ ଚ. ବିଶୁ ପାତ୍ରଙ୍କୁ ସେବା ପ୍ରତି ସମର୍ପଣ, ଦୀର୍ଘଦିନ ଧରି କାର୍ଯ୍ୟକ୍ଷେତ୍ରରେ ଦେଇଆସୁଥିବା ଶ୍ରମ ଓ ସମାଜ ସେବା ପାଇଁ ସମ୍ମାନିତ କରାଯାଇଛି। ହାବିଲଦାର ପାତ୍ରଙ୍କ ସେବା ପ୍ରତି ସମର୍ପଣ, ନୀତିଗତ କାର୍ଯ୍ୟଶୈଳୀ, ଓ ସମୁଦାୟ ସହଯୋଗ ପାଇଁ ଏହି ସମ୍ମାନ ଦିଆଯାଇଥିଲା। ସେ ତାଙ୍କର କାର୍ଯ୍ୟକ୍ଷେତ୍ରରେ ନିଷ୍ଠା ଓ ପ୍ରତିବଦ୍ଧତା ଦ୍ୱାରା ସମସ୍ତଙ୍କର ଆଦର ଓ ଶ୍ରଦ୍ଧା ଜିତିଛନ୍ତି।

ଟ୍ରଷ୍ଟର ପରିଚାଳକମାନେ କହିଛନ୍ତି, "ଏହି ସମ୍ମାନ ହାବିଲଦାର ପାତ୍ରଙ୍କ ସେବା ପ୍ରତି ନିଷ୍ଠାକୁ ପ୍ରଶଂସା କରିବା ସହିତ ସମାଜରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିବ।" ସମ୍ମାନିତ ହେବା ପରେ ଥାନା ଅଧିକାରୀ ସୁମିତ୍ରା ପାତ୍ର ହାବିଲଦାରଙ୍କୁ ଶୁଭେଚ୍ଛା ଜଣାଇ, ତାଙ୍କର ସଫଳତା ଓ ଦୀର୍ଘଦିନୀୟ ସେବାକୁ ସ୍ୱୀକାର କରିଛନ୍ତି।

## ମା' ବିରଜା ମନ୍ଦିର ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ପ୍ରଶାସନର ଦୃଢ଼ ପଦକ୍ଷେପ



ଯାଜପୁର,୧୮।୧୨ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ଆରାଧ ଦେବୀ ମା' ବିରଜାଙ୍କ ମନ୍ଦିର ପରିସରରେ ଚାଲୁଥିବା "ତୀର୍ଥଯାତ୍ରୀ ସୁବିଧା ଏବଂ ସମ୍ପ୍ରଦାୟ କେନ୍ଦ୍ର ପ୍ରକଳ୍ପକୁ ସମୟୋପଯୁକ୍ତ ଓ ଉଚ୍ଚ ଗୁଣମାନରେ ସମାପ୍ତ କରିବା ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଢ଼ ଓ ସକ୍ରିୟ ପଦକ୍ଷେପ ନିଆଯାଇଛି। ଏହି ପ୍ରକଳ୍ପର ଦୁଇଟି ପର୍ଯ୍ୟାୟରେ ଯଥାକ୍ରମେ ଫେଜ୍-୧ ଓ ଫେଜ୍-୨ କାର୍ଯ୍ୟ ସ୍ପେଶିଆଲ ପ୍ରୋବ୍ଲେମ୍ ଫଣ୍ଡ, ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଅନ୍ତର୍ଗତ ସଂପୂର୍ଣ୍ଣ ଅର୍ଥ ଅନୁଦାନରେ କାର୍ଯ୍ୟାନ୍ୱିତ ହେଉଛି। ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରାୟ ୬କୋଟି ୫୦ଲକ୍ଷ ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପ୍ରାୟ ୯କୋଟି ୯୯ଲକ୍ଷ ଟଙ୍କା ରାଶି ପୂର୍ବରୁ ହସ୍ତାନ୍ତର କରାଯାଇଛି। ପ୍ରକଳ୍ପର କାର୍ଯ୍ୟଗତି, ଗୁଣାତ୍ମକମାନ ଓ ସମୟସୀମାକୁ ଅନୁସରଣ କରି ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶରେ ବୈଷୟିକ ବିଶେଷଜ୍ଞ, ଆର୍ଥିକ ବିଶେଷଜ୍ଞ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା କମିଟି ଗଠନ କରାଯାଇଛି। ଏହି ସମ୍ପର୍କରେ ତା ୨୦ ଡିସେମ୍ବର ୨୦୨୫ ରିଖ ଅପରାହ୍ନ ୧.୦୦ ଘଟିକାରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ବୈଠକରେ ପ୍ରକଳ୍ପର ସମଗ୍ର ଅବସ୍ଥା ସମୀକ୍ଷା କରାଯିବା ସହ ଶେଷ ପର୍ଯ୍ୟାୟର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସ୍ପଷ୍ଟ ଓ ସମୟବଦ୍ଧ କାର୍ଯ୍ୟ ପରିକଳ୍ପନା ନିର୍ଦ୍ଧାରଣ କରାଯିବ।

## କୋଲିମାଟିରେ ସିରିଜ ଦୁର୍ଘଟଣା
## କାର, ଟ୍ରକ୍‌କୁ ଧକ୍କା ଦେଲା ଟ୍ରେଲର, ୨୦ ଆହତ

ଆନନ୍ଦପୁର,୧୮।୧୨ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ଥାନା ୨୦ନଂ ଜାତୀୟ ରାଜପଥ କୋଲିମାଟି ଛକ ନିକଟରେ ସିରିଜ ଦୁର୍ଘଟଣା । ସୂଚନା ଅନୁଯାୟୀ ଏକ କାର ଓ ତୀର୍ଥଯାତ୍ରୀ ବସ୍ କୋଲିମାଟି ଛକରେ ଛିଡା ହୋଇଥିବା ବେଳେ ପଛରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରଲର ଟି ଧକ୍କା ଦେଇ ଥିଲା। ଫଳରେ ତୀର୍ଥଯାତ୍ରୀ ବସ ରେ ଥିବା ୩୩ଜଣ ଯାତ୍ରୀ ଙ୍କ ମଧରୁ ୨୦ଜଣ ଆହତ ହୋଇଥିବା ବେଳେ ଦୁଇ ଜଣ ଶିଶୁ ଗୁରୁତର ହୋଇଥିବା ଜଣା ପଡ଼ିଛି। ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଦୁଇ ଶିଶୁ ଙ୍କ ସମେତ ୯ଜଣ ଗୁରୁତର ଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ପ୍ରାଥମିକ ସୂଚନା ମିଳିଛି। ଉକ୍ତ ତୀର୍ଥଯାତ୍ରୀ ବସ୍ ଟି ପୁରୀ ଜିଲ୍ଲା ରାମଚଣ୍ଡୀ ଥାନା ଛଇତନା ଅଞ୍ଚଳରୁ ଆସି ଘଟଗାଁ ମା ତାରିଣୀ ଙ୍କ ଦର୍ଶନ ସାରି ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ଖବର ପାଇଁ ଘଟଣା ସ୍ଥଳରେ ଘଷିପୁରା ପୋଲିସ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣା ପଡ଼ିଛି। ତେବେ କୋଲିମାଟି ଛକରେ ପ୍ରତିଦିନ ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଉପରେ ଏକ ଓଭରବ୍ରିଜ ନିର୍ମାଣ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି।



# କ୍ରାଣ୍ଡିବାଲିଠାରେ ବ୍ଲକସ୍ତରୀୟ ଦୀର୍ଘସ୍ଥାୟୀ ଜୀବନ କୌଶଳ ପ୍ରଦର୍ଶନୀ



ଫୁଲବାଣୀ,୧୮।୧୨ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ଠାରେ ଥିବା ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ଏକ ବ୍ଲକ ସ୍ତରୀୟ ଦୀର୍ଘସ୍ଥାୟୀ ଜୀବନ କୌଶଳ ଉପରେ ଆଧାରିକ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି ।

ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷା ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ କ୍ରାଣ୍ଡିବାଲି ସରପଞ୍ଚ ଲକ୍ଷ୍ମୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ।

କାର୍ଯ୍ୟକ୍ରମରେ ବ୍ଲକ ଅଧୀନରେ ଥିବା ସମୁଦାୟ ୧୮ଟି ବିଦ୍ୟାଳୟର ୨୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ରତଙ୍ଗ ପଞ୍ଚାୟତ ପୋଡାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ବିଜୟଲକ୍ଷ୍ମୀ ନାଏକ ପ୍ରଥମ ଉନ୍ନୀତ ବିଦ୍ୟାଳୟ କୁମ୍ଭାରଖୋଲର ଛାତ୍ରୀ ଦ୍ୱିତୀୟ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲଭଲି ଦିଗାଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ୟୁଏଟିରେ ବଜାର ସଂଯୋଗୀକରଣ ସମ୍ବନ୍ଧୀୟ ଭର୍ଚୁଆଲ ବୈଠକ

ଭୁବନେଶ୍ୱର,୧୮।୧୨ (ସଂଚାର ବ୍ୟୁରୋ): ଓୟୁଏଟି ଦ୍ୱାରା ପରିଚାଳିତ ସେଣ୍ଟର ଅଫ ଏକ୍ସଲେନ୍ସ ନେତୃତ୍ୱରେ 'ଗୁଣାତ୍ମକ ଉତ୍ପାଦନ ଓ ଭ୍ୟାଲୁ ଆଡିସନ ମାଧ୍ୟମରେ ଏଫପିଓର ବଜାର ସଂଯୋଗୀକରଣ' ସମ୍ବନ୍ଧୀୟ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରସାରଣ ଯୁଗ୍ମ ନିର୍ଦ୍ଦେଶିକା ଡକ୍ଟର ସର୍ବାଣୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏଫପିଓର ସଦସ୍ୟ ଏବଂ ହିତାଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ହିରଭାଂଶୀ ଆଗ୍ରୋ ଇଣ୍ଡଷ୍ଟ୍ରୀ ପ୍ରାଇଭେଟ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ରମେଶ ସୁର୍ଖନାମ ହିରଭେ ଯୋଗଦେଇ ବଜାର ସଂଯୋଗ, ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର କୃଷିଜାତ ଉତ୍ପାଦର ରପ୍ତାନୀ, ଦକ୍ଷ କେନ୍ଦ୍ରାଙ୍କ ଚିହ୍ନଟ, ଅମଳ ପରବର୍ତ୍ତୀ ଭିତ୍ତିଭୂମିର ଆବଶ୍ୟକତା, ନିର୍ଭରଯୋଗ୍ୟ ଯୋଗାଣ ଶୃଙ୍ଖଳା, ସିଏଫସି, କ୍ଲଷ୍ଟର, ପ୍ରଯୁକ୍ତିବିଦ୍ୟା, ଅଧିକ ଅମଳ ଏବଂ ଉନ୍ନତମାନର ଉତ୍ପାଦ ଠିକ ସମୟରେ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ମିଳିତ ଭାବେ ଏଫପିଓମାନଙ୍କୁ ସମର୍ଥନ ଦେବା ପାଇଁ କୌଶଳଗତ ମାର୍ଗଦର୍ଶନ, ଘରୋଇ ବଜାର, ଦକ୍ଷତା ବିକାଶ ଭଳି ସହଯୋଗ ପ୍ରଦାନ କରିବାରେ ପ୍ରତିଶ୍ରୁତିବଦ୍ଧ ସେଣ୍ଟର ଅଫ ଏକ୍ସଲେନ୍ସ।

### ସୋଆ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟରେ
## କେକ୍ ମିକ୍ସିଙ୍ଗ୍ ଉତ୍ସବ ଆୟୋଜିତ



ଭୁବନେଶ୍ୱର,୧୮।୧୨ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟରେ ବଡ଼ଦିନ ପରିପ୍ରେକ୍ଷୀରେ ନିକଟରେ ଏକ କେକ୍ ମିକ୍ସିଙ୍ଗ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୋଆର ବୋର୍ଡ ଅଫ୍ ଡାଇରେକ୍ଟର ଡିଷ୍ଟିଙ୍ଗୁଇସ୍ଡ ସଦସ୍ୟା ଉପାସନା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କେକ୍ ମିକ୍ସିଙ୍ଗ ଉତ୍ସବରେ ସାମିଲ ହେବା ସହ ଏଭଳି ଏକ ଆନନ୍ଦଦାୟକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ସୃଷ୍ଟି କରିବ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ସିକ୍କିମ୍‌ର ମେକ ଅପ୍ ଆର୍ଟିଷ୍ଟ ଏଥେନ୍ ସୈଲେଶ ପ୍ରଧାନ ଯୋଗଦେଇ ଏହି କେକ୍ ମିକ୍ସିଙ୍ଗ ପ୍ରସ୍ତୁତି ଆରମ୍ଭର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ।

## ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ




ଯାଜପୁର,୧୮।୧୨ (ସଂଚାର ବ୍ୟୁରୋ): ଆଜି ଅପରାହ୍ନରେ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ କୁସୁମା ସମ୍ମୁଖସ୍ଥ ପଡିଆଠାରେ ଡିସେମ୍ବର ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ନଳିନୀ ପ୍ରଭା ଜେନାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧକ୍ଷା ନଳିନୀପ୍ରଭା ଜେନା ଯୋଗଦେଇ କହିଲେ କୃଷି ବିନା ଜୀବନ ଅସମ୍ଭବ। କୃଷି କାର୍ଯ୍ୟ ହେଲେ ଆମକୁ ଆହାର ମିଳୁଛି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କୃଷି କ୍ଷେତ୍ରରେ ବିକାଶ ହେଲେ ଆମ ରାଜ୍ୟର ବିକାଶ ହେବ। ଆଜିର ଦିନରେ ଆଧୁନିକ ଯାନ୍ତ୍ରିକକରଣ ଉପଯୋଗ କରି କୃଷିକୁ ଆହୁରି ଆଗକୁ ନେଇ ଯିବାକୁ ପରାମର୍ଶ ଦେଇଥିଲେ।

ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରି, ଯାଜପୁର ଆନୁକୂଲ୍ୟରେ ୪ ଜଣ ହିତାଧିକାରୀଙ୍କୁ ସଳଖ ରିହାତି ମୁଲ୍ୟରେ ଟ୍ରାକ୍ଟର ବିତରଣ କରାଯାଇଥିଲା ଏବଂ ରବି ଋତୁ ପାଇଁ କୃଷି ରଥ ମାଧ୍ୟମରେ ପ୍ରସାର ପାଇଁ ଉଦଘାଟିତ ହୋଇଥିଲା। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଏହି କୃଷି ଯନ୍ତ୍ରପାତି ମେଳାରେ କୃଷି ଓ ଆନୁଷଙ୍ଗିକ ବିଭାଗ ଯଥା ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ, ଜଳ ବିଭାଜିକା, ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେସନ, ଇଫକୋ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ମିଶନ ଶକ୍ତି, ଆଇପିଏଲ ସୁଗାର ଆଦି ଅଂଶଗ୍ରହଣ କରିଛନ୍ତି। ଘରୋଇ କୃଷି ଯନ୍ତ୍ରପାତି ବିକ୍ରେତାଙ୍କ ପାଇଁ ୫୦ଟି ମଣ୍ଡପ (ଷ୍ଟଲ୍) ଓ ସରକାରୀ ବିଭାଗ ପାଇଁ ୩୮ଟି ମଣ୍ଡପ (ଷ୍ଟଲ୍) ର ବ୍ୟବସ୍ଥା କରାଯାଇଛି। ଏହି ମଣ୍ଡପ ଗୁଡିକରେ ବିଭାଗୀୟ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତିର ତତ୍କାଳ ବୁକିଙ୍ଗ ଓ ବିକ୍ରୟର ବ୍ୟବସ୍ଥା କରାଯାଇଅଛି।

**AFFIDAVIT**

Mitesh Agarwal, S/o Mahesh Kumar Agarwal resident of Hazari Lane, Telengana Bazar, Ps-purighat, Dist-Cuttack-753009 declare that my father actual name is Mahesh Kumar Agarwal mention in my adhar card and pan card but wrongly mentioned in my school certificate as Mahesh Agarwal. I am swearing by this affidavit Mahesh Kumar Agarwal and Mahesh Agarwal is one and same person for all future purposes.

### 'ଅମୃତ ପିଢ଼ି ଛାତ୍ର ବିଶ୍ୱ ସମ୍ମିଳନୀ' ଆୟୋଜିତ

# ଏଆଇ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ମୂଳଲକ୍ଷ୍ୟ

**ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ):** ଉଚ୍ଚଶିକ୍ଷା ବିଭାଗ ସହାୟତାରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆଜି ଉତ୍କଳ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ଭବନରେ 'ଅମୃତ ପିଢ଼ି ଛାତ୍ର ବିଶ୍ୱ ସମ୍ମିଳନୀ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ଛାତ୍ର ବିଶ୍ୱ ସମ୍ମିଳନୀର ଥିମ୍ ରହିଛି 'କୃତ୍ରିମ ବୁଦ୍ଧିମତା ଓ ଏହାର ନୈତିକତା'।

ଏହି ସମ୍ମିଳନୀରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସମେତ ଅଧ୍ୟାପକ, ଶିକ୍ଷାବିତ୍, ଗବେଷକ, ଷ୍ଟାର୍ଟଅପ୍ ଫାଉଣ୍ଡର, ବିଭିନ୍ନ କର୍ପୋରେଟ୍ କମ୍ପାନୀରେ କାମ କରୁଥିବା ଉଚ୍ଚପଦସ୍ଥ ଅଧିକାରୀ, ଦେଶ ବାହାରର ଆଇଟି ଏବଂ ଏଆଇ (କୃତ୍ରିମ ବୁଦ୍ଧିମତା) କମ୍ପାନୀରେ କାର୍ଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତିବିଶେଷ, ଆଇଆଇଟି ଏବଂ ଏମ୍ସରେ କାର୍ଯ୍ୟରତ ପ୍ରଫେସର ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି।ଆଜି ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ସେ କହିଥିଲେ ଯେ, କୃତ୍ରିମ ବୁଦ୍ଧିମତା ହେଉଛି ଭବିଷ୍ୟତ। କୃତ୍ରିମ ବୁଦ୍ଧିମତା ମନୁଷ୍ୟକୃତ। ମଣିଷ ହିଁ ଏହାକୁ ତିଆରି କରିଛି, ବ୍ୟବହାର କରୁଛି ଏବଂ ଆଗାମୀ ଭବିଷ୍ୟତରେ ଏହାର ବ୍ୟବହାର ଓ ଏହାକୁ କିପରି ସଦଉପଯୋଗ କରାଯାଇ ପାରିବ ତାହାକୁ ନେଇ ଏହି ଛାତ୍ର ବିଶ୍ୱ ସମ୍ମିଳନୀର ଆୟୋଜନ ହୋଇଛି। ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତା ଓ ଏହାର ନୈତିକତା, ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ, ସାଇବର ସିକ୍ୟୁରିଟି, କୃତ୍ରିମ ବୁଦ୍ଧିମତା ଉପରେ ଆଧାରିତ ନୂତନ ଉଦ୍ଭାବନ, କୃତ୍ରିମ ବୁଦ୍ଧିମତାକୁ ଆଧାର କରି ନିର୍ମିତ ହୋଇଥିବା ଷ୍ଟାର୍ଟଅପ୍ ଆଦି ସମ୍ବନ୍ଧରେ ଆଲୋଚନା କରାଯିବ। ଛାତ୍ରଛାତ୍ରୀମାନେ ଆମ ସମୃଦ୍ଧ ଇତିହାସ ଓ ଐତିହ୍ୟରୁ ଅନୁପ୍ରାଣିତ ହୋଇ ଆଗାମୀ ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତା ଓ ନୂତନ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରି ଉଦ୍ୟୋଗ ନିର୍ମାଣ, ଗବେଷଣା ଓ ନୂତନ ଉଦ୍ଭାବନ ଆଦି କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ବୋଲି ମୋର ବିଶ୍ୱାସ। ଏଥିସହ କୃତ୍ରିମ



ବୁଦ୍ଧିମତାକୁ ଉପଯୋଗ କରି ଓଡ଼ିଶା ଓ ଭାରତକୁ ଏକ ଟେକନିକାଲ ହବ୍ ଓ ଷ୍ଟାର୍ଟଅପ୍ ହବ୍‌ରେ ପରିଣତ କରାଯାଇ ପାରିବ ଏବଂ ଛାତ୍ରଛାତ୍ରୀମାନେ ଏଥିରେ ସକ୍ରିୟ ରୂପେ ଯୋଗଦାନ ଦେବେ ବୋଲି ମତପ୍ରକାଶ କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ଛାତ୍ର ବିଶ୍ୱ ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ଯୋଗଦେବା ସହ ଯୁବ ସ୍ୱଦେଶୀ ନବ ପ୍ରଚାର ପ୍ରଦର୍ଶନୀକୁ ମଧ୍ୟ ବୁଲି ଦେଖିଥିଲେ। ଏହି ପ୍ରଦର୍ଶନୀରେ ୫୨ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। କୃତ୍ରିମ ବୁଦ୍ଧିମତା ଓ ପ୍ରଯୁକ୍ତିବିଦ୍ୟାକୁ ଆଧାର କରି ଛାତ୍ରଛାତ୍ରୀମାନଙ୍କର ଉଦ୍ଭାବନ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନିର୍ମିତ ହୋଇଥିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକୁ ଏହି ପ୍ରଦର୍ଶନୀରେ ସ୍ଥାନିତ କରାଯାଇଛି ଯାହାକୁ ଦେଖି ମନ୍ତ୍ରୀ ଶ୍ରୀ ସୂରଜ ଖୁସିବ୍ୟକ୍ତ କରିଥିଲେ। ଏଥିସହ ମନ୍ତ୍ରୀ କୃତ୍ରିମ ବୁଦ୍ଧିମତା ଏବଂ ବର୍ତ୍ତମାନ ସମୟର ନୂତନ ପ୍ରଯୁକ୍ତିବିଦ୍ୟା ଉପରେ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ।

## ସାନର ମାଡ଼ରେ ଚାଲିଗଲା ବଡ଼ଭାଇର ଜୀବନ

**ଭୋଗରାଇ, ୧୮।୧୨ (ସଂଚାର ବ୍ୟୁରୋ):** ରାସ୍ତାରେ ବାଇକ୍ ରଖାକୁ କେନ୍ଦ୍ରକରି ସାନ ଭାଇର ମାଡ଼ରେ ବଡ଼ ଭାଇର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅନ୍ତର୍ଗତ ମାନକୁଣ୍ଡା ଗାଁରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅନ୍ତର୍ଗତ ମାନକୁଣ୍ଡା ଗାଁର ବଡ଼ଭାଇ ସନିଆ ମାଝୀ ଓ ସାନଭାଇ ପବନ ମାଝୀଙ୍କ ମଧ୍ୟରେ ରାସ୍ତା ଉପରେ ବାଇକ୍ ରଖାକୁ କେନ୍ଦ୍ରକରି ଗଣ୍ଡଗୋଳ ଉପୁଜି ଥିଲା। ଗଣ୍ଡଗୋଳର ଉଗ୍ର ରୂପ ନେଇ ଦୁଇ ଭାଇଙ୍କ ମଧ୍ୟରେ ହାତାହାତି ପରସ୍ଥିତି ସୃଷ୍ଟି ହେଇଥିଲା। ସେହି ଗଣ୍ଡଗୋଳରେ ବଡ଼ଭାଇ ସନିଆ ମାଝୀଙ୍କୁ ଗୁରୁତର ଅବସ୍ଥାରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ହେଇଛି। ଘଟଣା ବାବଦରେ ଅଭିଯୋଗ ପାଇ ଭୋଗରାଇ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସାନଭାଇ ପବନକୁ ଉଠେଇ ଆଣି ଅଧିକ ତଦନ୍ତ କରୁଛି।

● ପ୍ରଧାନଶିକ୍ଷୟିତ୍ରୀଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ

## ବିଦ୍ୟାଳୟରେ ତାଲା ଝୁଲାଇଲେ ଅଭିଭାବକ

**ଚାରିଛକ, ୧୮।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଚାରିଛକ ନିକଟସ୍ଥ ନିମାପଡ଼ା ବ୍ଲକ ଛଣିଜଙ୍ଗ ପଞ୍ଚାୟତ ଅଳକୁଣ୍ଡ ପଞ୍ଚାୟତ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ମିନର୍ଭା ପ୍ରଧାନଙ୍କ ମନମୁଖୀ କାର୍ଯ୍ୟ ପାଇଁ ଅଭିଭାବକ ଓ ସ୍କୁଲ କର୍ମଚାରୀ ଗର୍ଜିଛନ୍ତି। ଛାତ୍ରଛାତ୍ରୀଙ୍କୁ ଖରାପ ବ୍ୟବହାର ଯୋଗୁଁ ଉକ୍ତ କାର୍ଯ୍ୟରତ ପ୍ରଧାନଶିକ୍ଷୟିତ୍ରୀ ଅନ୍ୟତ୍ର ବଦଳି ଦାବି ସହିତ ଖାଲି ପଡ଼ିଥିବା ତିନୋଟି ଶିକ୍ଷକ ପଦବି ପୂରଣ କରିବାକୁ ଦାବି କରିଛନ୍ତି। ଅଭିଭାବକ ସହିତ ପରିଚାଳନା କମିଟି ସଦସ୍ୟମାନେ ଉକ୍ତ ବିଦ୍ୟାଳୟ ମୁଖ୍ୟ ଫାଟକରେ ଗତ ବୁଧବାର ଠାରୁ ତାଲା ପକାଇ ଧାରଣାରେ ବସିଛନ୍ତି। ଏହି



ସମସ୍ୟା ଉପରେ ଅଭିଭାବକ ସହିତ ପରିଚାଳନା କମିଟିର ସଦସ୍ୟମାନେ ଏକ ଲିଖିତ ଅଭିଯୋଗ ପୁରୀ ଜିଲ୍ଲା ଜିଲାପାଳ, ନିମାପଡ଼ା ଶିକ୍ଷା ମଣ୍ଡଳ ଅଧିକାରୀ ସହିତ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବିଦ୍ୟାଳୟରେ ୩ଟି ବିଷୟ ଗଣିତ, ବିଜ୍ଞାନ ଓ ଇଂରାଜିରେ ଶିକ୍ଷକ ନଥିବାରୁ ଚଳିତ ବର୍ଷ ବହି ଖୋଲା ହୋଇନାହିଁ। ଫଳରେ ମାଟ୍ରିକ ପରୀକ୍ଷା ବାଧା ସୃଷ୍ଟି ହେବ ବୋଲି ଛାତ୍ରଛାତ୍ରୀମାନେ କହିଛନ୍ତି। ତୁରନ୍ତ ଏହି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବା ସହିତ ନୂତନ ପ୍ରଧାନଶିକ୍ଷକ ଓ ନୂତନ ଶିକ୍ଷକ ନିଯୁକ୍ତି ଦେବା ପାଇଁ ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟମାନେ ଉପରସ୍ଥ ଅଧିକାରୀ ପାଖରେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଆଜି ଧାରଣା ଦ୍ୱିତୀୟ ଦିନରେ କୌଣସି ସରକାରୀ ଅଧିକାରୀ ବିଦ୍ୟାଳୟରେ ପହଞ୍ଚିନାହାନ୍ତି। ଯେପର୍ଯ୍ୟନ୍ତ ଅଭିଯୋଗ ଅନୁସାରେ ଦାବି ପୂରଣ ନ ହୋଇଛି, ସେପର୍ଯ୍ୟନ୍ତ ଏହି ଧାରଣା ଚାଲିବ ସହ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ପରିଚାଳନା କମିଟିର ସଭାପତି ସୁବାସ ଚନ୍ଦ୍ର ବାରିକ ସହିତ ଛଣିଜଙ୍ଗ ପଞ୍ଚାୟତ ସମିତି ସଭ୍ୟା ଲକୀବାଲା ନାୟକ ପ୍ରମୁଖ କହିଥିଲେ।

## ସହଜ ହେଲା ଆପାର୍ଟମେଣ୍ଟର କମନ୍ ଏରିଆ ରେଜିଷ୍ଟ୍ରେସନ୍

**ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ):** ଆଉ ଚଳିବନି ବିଲ୍ଡରଙ୍କ ମନମାନି। ସହଜ ହେଲା ଆପାର୍ଟମେଣ୍ଟ କମନ ଏରିଆ ପଞ୍ଜିକରଣ। ଆପାର୍ଟମେଣ୍ଟର କମନ ଏରିଆ ବା ସର୍ବସାଧାରଣ ଅଞ୍ଚଳ ପଞ୍ଜିକରଣକୁ ନେଇ ଉପୁଜିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ରାଜ୍ୟ ସରକାର ଏହି ପଞ୍ଜିକରଣକୁ ସହଜ କରିଛନ୍ତି। ରିଅଲ ଇଷ୍ଟେଟ ପ୍ରକଳ୍ପର ସମ୍ପୂର୍ଣ୍ଣ ମାଲିକାନା ସେଠାକାର ବାସଗୃହ କ୍ରେତାଙ୍କ ହାତକୁ ଯିବ। ଏଥିସହ ସହଜ ହେଲା ଆପାର୍ଟମେଣ୍ଟର କମନ୍ ଏରିଆ ରେଜିଷ୍ଟ୍ରେସନ୍। ମାତ୍ର ୨୦ ହଜାର ଟଙ୍କାରେ ରେଜିଷ୍ଟ୍ରେସନ୍ ହେବ ରିଅଲ ଇଷ୍ଟେଟ ପ୍ରକଳ୍ପର ସମ୍ପୂର୍ଣ୍ଣ କମନ ଏରିଆ। ରାଜସ୍ୱ ବିଭାଗ ପକ୍ଷରୁ ଏ ସଂପର୍କିତ ବିଜ୍ଞପ୍ତି ପ୍ରକାଶ କରିଛି। ଆସୋସିଏସନ୍ ଅଫ ଆଲଟି ବା ବାସଗୃହ କ୍ରେତାଙ୍କ ସଂଘ ନାମରେ ପଞ୍ଜୀକୃତ ହେବ କମନ୍ ଏରିଆ। ଏଥିପାଇଁ ରେଜିଷ୍ଟ୍ରେସନ୍ ନିୟମରେ ସଂଶୋଧନ ଆଣିଲା ରାଜସ୍ୱ ବିଭାଗ। ପୂର୍ବରୁ କମନ୍ ଏରିଆ ରେଜିଷ୍ଟ୍ରେସନ ଫିକୁ ନେଇ ଉପୁଜିଥିଲା ଦ୍ୱନ୍ଦ୍ୱ। ୨୦୨୩ ମସିହାରୁ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ସ୍ୱତ୍ୱ ଆଇନ ଆସିବା ସତ୍ତ୍ୱେ କମନ ଏରିଆ ପଞ୍ଜୀକରଣକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ଫଳରେ ଆପାର୍ଟମେଣ୍ଟ ପଞ୍ଜିକରଣରେ ଏହା ବାଧକ ସୃଷ୍ଟି ହୋଇଥିଲା। ଏଣିକି ୨୦ ହଜାର ଟଙ୍କାରେ ଆସୋସିଏନସ ଅଫ ଆଲଟି ବା ବାସଗୃହ କ୍ରେତା ସଂଘ ନାଁରେ କମନ ଏରିଆ ପଞ୍ଜିକରଣ ହୋଇପାରିବ। ଗତବର୍ଷ ନଭେମ୍ବରରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ସବୁ ଅଂଶୀଦାରଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଆପାର୍ଟମେଣ୍ଟର କମନ ଏରିଆ ପଞ୍ଜିକରଣକୁ ବ୍ୟବସ୍ଥିତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

## ହାତୁଡ଼ିରେ ପିଟି ଶାଶୂଙ୍କୁ ହତ୍ୟା: ୨ ଗିରଫ

**ଅନୁଗୁଳ, ୧୮।୧୨ (ସଂଚାର ବ୍ୟୁରୋ):** ଅନୁଗୁଳ ସଦର ଥାନା ଖଲାରୀରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ହାତୁଡ଼ିରେ ପିଟି ଶାଶୂଙ୍କ ଜୀବନ ନେଇଛନ୍ତି ବୋହୂ ଓ ସମୁଦୁଣୀ। ଏହି ଘଟଣାରେ ପୁଲିସ ବୋହୂ ଓ ସମୁଦୁଣୀଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଖଲାରୀ ଗଡ଼ପଦା ସାହିର କୁନି ନାୟକ (୪୭)ଙ୍କ ସହିତ ଗତକାଲି ରାତିରେ ବୋହୂ ସରିତା ସାହୁଙ୍କ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ବୋହୂ ସରିତା ଏକ ହାତୁଡ଼ିରେ ଶାଶୂଙ୍କୁ ପିଟିଥିବା କୁହାଯାଉଛି। ଫଳରେ ଶାଶୂ କୁନି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ସଦର ଥାନା ପୁଲିସ ଖବର ପାଇ ଆଜି ଖଲାରୀରେ ପହଞ୍ଚି ଘଟଣାର ତଦନ୍ତ କରୁଛି। ହତ୍ୟା ଘଟଣାରେ ପୁଲିସ ବୋହୂ ସହିତ ଅଙ୍ଗାରବନ୍ଧ ଗାଁର ସମୁଦୁଣୀଙ୍କୁ ଗିରଫ କରିଥିବା ଜଣାପଡିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

### ଶୀତଲହରୀ ସହ ତୁଷାରପାତ ଜାରି

## ଘୁ.ଉଦୟଗିରିରେ ପାରଦ ୫ଡିଗ୍ରି ରେକର୍ଡ

**ଘୁ.ଉଦୟଗିରି, ୧୮।୧୨ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଚଳିତବର୍ଷ ଶୀତ ଜାରି ରହିଛି। ଓଡ଼ିଶାର ଦାର୍ଜିଲିଂ କୁହାଯାଉଥିବା ଘୁମୁସର ଉଦୟଗିରି ମଧ ଏଥିରୁ ବାଦ୍ ପଡ଼ିନାହିଁ। ସ୍ଥାନୀୟ ଅଞ୍ଚଳରେ ଶୀତ ତା'ର ପ୍ରକୋପ ଦେଖେଇବାରେ ଲାଗିଛି। ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଶୀତ ଲହରୀ ସହ ତୁଷାରପାତ ଜାରି ରହିଛି। ପାରଦ ତଳମୁହାଁ ହେବା ସହ ପ୍ରବଳ ଶୀତକୁ ଜାଡ କଲବଲ କରୁଛି। ସଞ୍ଜ ନଇଁଲେ ଶୀତର ପ୍ରକୋପ ବଢ଼ିବାରେ ଲାଗୁଛି। ରାତି ଯେତେ ବଢୁଛି ଜାଡ଼ ସେତେ ଅଧିକ ହେଉଛି। ଆଜି ଘୁ. ଉଦୟଗିରି ସହରର ତାପମାତ୍ରା ୫ଡିଗ୍ରି ରେକର୍ଡ କରାଯାଇଥିବା ବେଳେ ଗତକାଲି ଏହା ୬.୬ ଡିଗ୍ରି ଥିଲା।



ଅନ୍ୟପକ୍ଷରେ କୁହୁଡି ସେଇ ମାତ୍ରାରେ ସାରା ଅଞ୍ଚଳରେ ବିସ୍ତାର କରିଥିବା ବେଳେ କୁହୁଡ଼ିର ଚାଦର ତଳେ ସାରା ଅଞ୍ଚଳ ରହିଲା ଭଳି ଅନୁଭବ ହେଉଛି। କୁହୁଡ଼ି ଯୋଗୁଁ ରାସ୍ତାରେ ଯାତାୟାତରେ ବଡ଼ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ଓଡ଼ିଶାର ସବୁଠାରୁ କମ ତାପମାତ୍ରା ଏବଂ ସର୍ବାଧିକ ଥଣ୍ଡାର ସହରରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଦୁଇ ଦିନ ହେଲା ସ୍ଥାନୀୟ ଅଞ୍ଚଳରେ ତୁଷାରପାତ ଜାରି ରହିଛି। ସ୍ଥାନୀୟ ସହର ସହ ଗ୍ରାମାଞ୍ଚଳରେ ବିଭିନ୍ନ ସ୍ଥାନରେ ତୁଷାର ପାତ ହୋଇଥିବା ଦୃଶ୍ୟ ଦେଖିବାକୁ ମିଳିଛି।

● ଅନ୍ଧବିଶ୍ୱାସର କରୁଣ ପରିଣତି

## ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

**ମାଲକାନଗିରି/କାଳିମେଳା, ୧୮।୧୨ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକରେ ପୁଣି ଏକ ଅଭାବନୀୟ ଘଟଣା ଘଟିଛି। ଅନ୍ଧବିଶ୍ୱାସକୁ ଜାବୁଡ଼ି ଧରିଥିବା ଲୋକେ ପୁଣି ହତ୍ୟାକାଣ୍ଡ ଭିଆଇଛନ୍ତି। ଗୁଣିଗାରେଡି ସନ୍ଦେହ କରି ଜଣେ ବୃଦ୍ଧଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଜିଲ୍ଲାର କାଳିମେଳା ଥାନା ଅନ୍ତର୍ଗତ ଉସ୍କାପାଲୀ ଗ୍ରାମରେ ଏଭଳି ବର୍ବର କାଣ୍ଡ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ଉସ୍କାପାଲୀ ଗ୍ରାମର ମୁକ୍କା ପଡିଆମି(୫୨)। ଘଟଣା ଅନୁଯାୟୀ ଗତ କିଛିଦିନ ହେଲା ଉସ୍କାପାଲୀ ଗ୍ରାମରେ ଜଣକ ପରେ ଜଣେ ବ୍ୟକ୍ତିର ମୃତ୍ୟୁ ହୋଇଥିଲା। ଗ୍ରାମରେ କୋୟା ଆଦିବାସୀ ସଂପ୍ରଦାୟର ଲୋକେ ବାସ କରନ୍ତି। ଗାଁର ଲୋକଙ୍କ ମଧ୍ୟରେ ଅନ୍ଧବିଶ୍ୱାସ ଭରି ରହିଛି। ଆଜି ବି ଏହି ଗାଁର ଲୋକେ ଗୁଣିଗାରେଡି ଉପରେ ବିଶ୍ୱାସ କରନ୍ତି। ଗାଁରେ ମୃତ୍ୟୁ ହେଉଥିବାରୁ ଲୋକେ ଏହା ମୁକ୍କା ପଡିଆମିର କାମ ବୋଲି ସଂଦେହ କରି ତାକୁ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ହତ୍ୟା କରିଥିବା ଜଣାଯାଇଛି। ପୂର୍ବରୁ ମଧ୍ୟ ମୁକ୍କାଙ୍କ ଦୁଇ ଭାଇକୁ ଦୁର୍ବୃତ୍ତ ଗୁଣିଗାରେଡି ସନ୍ଦେହ କରି ହତ୍ୟା କରିସାରିଛନ୍ତି। ତେବେ ମୁକ୍କାକୁ କିଏ ହତ୍ୟା କରିଛି ତାହା ଜଣାପଡି ନାହିଁ। ମୃତ ମୁକ୍କାଙ୍କ ଭାଇ ଦେବ ପଡିଆମି ପୋଟେରୁ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏତଲା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ ସନ୍ଦେହରେ ଜଣକୁ ଆଣି ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି।

## ଆତ୍ମସମର୍ପଣ କଲା ନାବାଳକ ମାଓବାଦୀ

**ରାଉରକେଲା, ୧୮।୧୨:** ରାଉରକେଲା ପୁଲିସ କବଜାରେ କୁଖ୍ୟାତ ମାଓବାଦୀ। ବୟସ ମାତ୍ର ୧୫ ବର୍ଷ କିନ୍ତୁ କରୁଥିଲା ବଡ଼ ବଡ଼ ଅପରେସନ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ନୀତିରେ ଅନୁପ୍ରାଣିତ ହୋଇ ନାବାଳକ ଜଣଙ୍କ ଆତ୍ମସମର୍ପଣ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାର ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ମାଓ ନିପାତ ମିଶନ ଜୋରଦାର ଚାଲିଛି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ନୀତିରେ ଅନୁପ୍ରାଣିତ ହୋଇ ନାବାଳକ ମାଓବାଦୀ ଜଣଙ୍କ ଆତ୍ମସମର୍ପଣ କରିଛନ୍ତି। ଓଡ଼ିଶା-ଝାଡଖଣ୍ଡ ସୀମାନ୍ତ ଅଞ୍ଚଳରେ ବହୁ ମାଓ ଅପରାଧରେ ସାମିଲ ଥିଲା ଏହି ନାବାଳକ ମାଓବାଦୀ। ନାବାଳକ ମାଓବାଦୀ ଜଣଙ୍କ ରାଉରକେଲା ପୁଲିସ ଜିଲ୍ଲା ସହ ସରଣ୍ଡା ଜଙ୍ଗଲରେ ସକ୍ରିୟ ଥିଲା। ୧୨ ବର୍ଷ ବୟସର ହୋଇଥିବା ବେଳେ ୨୦୨୨ରେ ମାଓ ସଂଗଠନରେ ହୋଇଥିଲା ସାମିଲ। ଆତ୍ମସମର୍ପଣ କରିବା ପରେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ଥିବା ସମସ୍ତ ସହାୟତା ଦିଆଯିବ ବୋଲି ପଶ୍ଚିମାଞ୍ଚଳ ଡିଆଇଜି କହିଛନ୍ତି।

## ବିଷାକ୍ତ ମଦପିଇ ମହିଳାଙ୍କ ମୃତ୍ୟୁ

**ବୀରମିତ୍ରପୁର, ୧୮।୧୨ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ଅନ୍ଧାରି ପଞ୍ଚାୟତର ଘଘାରିବସ୍ତିରେ ଜଣେ ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ମୃତ ମହିଳାଙ୍କ ନାମ ଦୀପା ସାହୁ(୩୫)। ପ୍ରାଥମିକ ତଦନ୍ତରୁ ଏହା ବିଷାକ୍ତମଦ ପିଇବା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ ସନ୍ଦେହ କରୁଛି। ସୂଚନା ଅନୁଯାୟୀ, ଘଘାରିବସ୍ତିରେ ରହୁଥିବା ଦୀପା ନିୟମିତ ମଦ ପିଉଥିଲେ। ସୋମବାର ଅନ୍ଧାରିବସ୍ତିକୁ ଯାଇ ସେଠାରେ ଦେଶୀ ମହୁଲିମଦ ପିଇ ଘରକୁ ଫେରିଥିଲେ। ବୁଧବାର ତାଙ୍କର ମୃତଦେହ ଘରଭିତରେ ଥିବା ଦେଖି ଗ୍ରାମବାସୀ ବୀରମିତ୍ରପୁର ଥାନାକୁ ଖବର ଦେଇଥିଲେ। ଏସ୍ଆଇ ସାଜନ କୁମାର, ବିଜୟ ଦେହୁରୀ ପୁଲିସ ଦଳସହ ଘଟଣାସ୍ଥଳରେ ପହଞ୍ଚି ଶବ ଜବତକରି ତଦନ୍ତ ଚଳାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

## ମୁଣ୍ଡରେ ଭଣ୍ଡା ପଡ଼ି ମହିଳା ମୃତ

**ବାଲିଗୁଡ଼ା, ୧୮।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଞ୍ଚଳରେ ଆଜି ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳା ଅମୃତଭଣ୍ଡା ତୋଳିବା ସମୟରେ ତାଙ୍କର ଅମୂଲ୍ୟ ଜୀବନ ଚାଲିଯାଇଛି। ଗୋଛାପଡ଼ା ଗ୍ରାମର ଚନ୍ଦ୍ରକଳା ଦିଗାଳ ମଧାହ୍ନଭୋଜନ ପାଇଁ ଅମୃତଭଣ୍ଡା ତରକାରୀ କରିବାକୁ ଭାବିଥିଲେ। ଏଥିପାଇଁ ସେ ନିଜ ବାଡ଼ିରୁ ଅମୃତଭଣ୍ଡା ତୋଳିବାକୁ ଯାଇଥିଲେ। ଗଛରୁ ତୋଳିବା ସମୟରେ ବେଳେ ତାଙ୍କର ମୁଣ୍ଡ ଓ ଛାତିରେ କିଛି ଅମୃତଭଣ୍ଡା ଖସି ପଡ଼ିଥିଲା। ଘଟଣାସ୍ଥଳରେ ଚନ୍ଦ୍ରକଳା ଅଚେତ ହୋଇ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଡାକ୍ତରଖାନାରେ ଚନ୍ଦରାଳାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଖବରପାଇ ଘଟଣାସ୍ଥଳରେ ବାଲିଗୁଡ଼ା ଥାନା ଅଧିକାରୀ ସମ୍ବିତ୍ ସ୍ୱାଇଁ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ କରିଛି। ଗୋଛାପଡ଼ାରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହେଉଛି।

● ଭୁବନେଶ୍ୱରରେ ବଲିଉଡ୍ ଷ୍ଟାର

## ନମନ କାର୍ଯ୍ୟକ୍ରମରେ ଅର୍ବାଜ ଖାନ

**ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ବଲିଉଡ ଷ୍ଟାର ଅର୍ବାଜ ଖାନ। କମିଶନରେଟ୍ ପୁଲିସ ପକ୍ଷରୁ ଆୟୋଜିତ ନମନ କାର୍ଯ୍ୟକ୍ରମରେ ଯୋଗଦେଲେ। ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଜୟ ଜଗନ୍ନାଥ କହିଲେ ଅରବାଜ। ପୁଲିସ ପ୍ରତି ସବୁବେଳେ ସମ୍ମାନ ରହିଛି। ମୋ ଜେଜେ ବାପା ଜଣେ ପୁଲିସ ଡିଆଇଜି ଥିଲେ। ସେଥିପାଇଁ ପୁଲିସ ପ୍ରତି ମୋର ସଦାବେଳେ ସମ୍ମାନ ରହିଛି। ଭୁବନେଶ୍ୱରରେ ପହଞ୍ଚିବା ପରେ ଏଭଳି ପ୍ରତିକ୍ରିୟା ରଖିଛନ୍ତି ଅରବାଜ।



## ଆହାର କେନ୍ଦ୍ରରେ ବନ୍ଧୁକ, ଯୁବକ ଗିରଫ

**ସୋର ୧୮।୧୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ସୋର ମେଡ଼ିକାଲ ପରିସରରେ ଥିବା ଆହାର କେନ୍ଦ୍ରକୁ ଖାଇବା ପାଇଁ ଆସିଥିବା ଜଣେ ଯୁବକଙ୍କ ନିକଟରୁ ବନ୍ଧୁକ ଜବତ ହୋଇଛି। ଘଟଣାସ୍ଥଳରୁ ଯୁବକ ଜଣକ ଚମ୍ପଟ ମାରି ବଣରେ ଲୁଚିଥିବା ବେଳେ ଯୁବକକୁ ଧରି ପୁଲିସ ଜିମା ଦେଇଛନ୍ତି ଲୋକେ। ସୂଚନାଯୋଗ୍ୟ ଯେ, ସୋର ଡାକ୍ତରଖାନା ପରିସରରେ ଥିବା ଆହାର କେନ୍ଦ୍ରକୁ ଉକ୍ତ ଯୁବକ ଜଣକ ଖାଇବା ପାଇଁ ଆସିଥିଲେ। ଆହାର କେନ୍ଦ୍ରର ଜଣେ ମହିଳା କର୍ମଚାରୀ ଉକ୍ତ ଯୁବକ ଜଣଙ୍କୁ ପଛପଟେ କ'ଣ ରଖିଛ ବୋଲି ପ୍ରଶ୍ନ କରିଥିଲେ। କିନ୍ତୁ ଯୁବକ ଜଣଙ୍କ ଖେଳନା ବନ୍ଧୁକ ବୋଲି କହିଥିଲେ। ମହିଳା ଜଣଙ୍କ ବନ୍ଧୁକଟି ଦେବାକୁ କହିବା ସହ ତାଙ୍କଠାରୁ ଛଡାଇ ନେଇଥିଲେ। ଏ ସମ୍ପର୍କରେ ପୁଲିସକୁ ଖବର ଦେବାରୁ ଉକ୍ତ ଯୁବକ ଜଣଙ୍କ ବନ୍ଧୁକ ଛାଡି ୧୦ ଫୁଟ ଉଚ୍ଚ ପାଚେରି ଡେଇଁ ଦୌଡି ପଳାଇ ଯାଇଥିଲା। ଅଭିଯୋଗ ପାଇବା ପରେ ସୋର ପୁଲିସ ଉକ୍ତ ସ୍ଥାନରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି । ଡାକ୍ତରଖାନା ପଛରେ ଥିବା ବଣରେ ଯୁବକ ଜଣଙ୍କ ଲୁଚିଥିଲା। କିଛି ସ୍ଥାନୀୟ ଯୁବକ ବଣରୁ ମଣିପୁର ଅଞ୍ଚଳର ବାପୁନ ନାମକ ଯୁବକକୁ ଧରି ପୁଲିସ ଜିମା ଦେଇଛନ୍ତି।

**ମଦ୍ୟପ ଶିକ୍ଷକଙ୍କ ଉନ୍ମତ୍ତ କାଣ୍ଡ**

## ଛାତ୍ରଛାତ୍ରୀଙ୍କୁ ନିସ୍ତୁକ ପିଟିଲେ

**ପାଲଲହଡ଼ା, ୧୮।୧୨ (ସଂଚାର ବ୍ୟୁରୋ):** ଅନୁଗୁଳ ଜିଲ୍ଲା ପାଲଲହଡା ବ୍ଲକ ପବିତ୍ରପୁର ପଞ୍ଚାୟତର ସାନବାଗଦରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଅପରାହ୍ନରେ ଏକ ଅଘଟଣ ଘଟିଛି। ସ୍କୁଲର ସହକାରୀ ଶିକ୍ଷକ ଧରଣୀଧର ବେହେରା ପ୍ରଚୁର ମଦ୍ୟପାନ କରି ଛାତ୍ରଛାତ୍ରୀମାନଙ୍କୁ ବାଡ଼ିରେ ପିଟି ଆହତ କରୁଛନ୍ତି। ସେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ପିଟିଥିଲେ ବୋଲି ଛାତ୍ରଛାତ୍ରୀ ଏବଂ ଅବିଭାବକମାନେ ଅଭିଯୋଗ କରିଛନ୍ତି। ଗତକାଲି ଓଟିଇଟି ପରୀକ୍ଷା ଥିବାରୁ ପ୍ରଧାନଶିକ୍ଷକ ସମେତ ତିନିଜଣ ଶିକ୍ଷକ ଅନୁପସ୍ଥିତ ଥିଲେ। ସହକାରୀ ଶିକ୍ଷକ ଧରଣୀଧର ବେହେରା କାଲି ଦାୟିତ୍ୱରେ ଥିଲେ। ସେ ମଧ୍ୟାହ୍ନ ଭୋଜନ ପରେ ପ୍ରଚୁର ମଦ୍ୟପାନ କରିଥିଲେ। ନିଶାସକ୍ତ ହୋଇ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ, ମୋତେ ନେଇ ଅଫିସ ରୁମ୍‌ରେ ଶୁଆଇ ଦିଅ। ଛାତ୍ରଛାତ୍ରୀମାନେ ମନା କରିବାରୁ ତାଙ୍କୁ ଏକ ବାଡ଼ିରେ ନିସ୍ତୁକ ପିଟିଥିଲେ। ପାଖାପାଖି ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାଡ଼ ଖାଇଥିବା ଅଭିଯୋଗ ହୋଇଛି। ମଦ୍ୟପ ଶିକ୍ଷକଙ୍କ ମାଡ଼ରେ ଛାତ୍ରଛାତ୍ରୀମାନେ ଆହତ ହେବାସହ ଆଶିଷ ନାହାକ ନାମକ ପଞ୍ଚମ ଶ୍ରେଣୀ ଛାତ୍ର ଗୁରୁତର ଆହତ ହୋଇଛି। ଶିକ୍ଷକଙ୍କର ଉନ୍ମତ୍ତ କାଣ୍ଡ ପରେ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ଓ ଅଭିଭାବକ ସ୍କୁଲ ପରିସରରେ ପଶି ଏହାର ପ୍ରତିବାଦ କରିଥିଲେ। ମଦ୍ୟପ ଶିକ୍ଷକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଆଜି ସକାଳ ୮ଟାରେ ଗ୍ରାମବାସୀ ଏବଂ ଅଭିଭାବକ ପକ୍ଷରୁ ଅଭିଯୋଗ ପରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ପରେ ପାଲଲହଡ଼ା ବ୍ଲକ ଶିକ୍ଷାଧିକାରୀ ସତ୍ୟବାଦୀ ସାମଲ ଏହାର ତଦନ୍ତ ଜାରି ତୁରନ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶୈଳେନ୍ଦ୍ର କୁମାର ସିଂହ ଏବଂ ସିଆରସିସି ବାହାଦୁର ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ।



## ଧାନ କିଣିବାକୁ ଜିଲ୍ଲାପାଳଙ୍କୁ ଭେଟିଲେ ଚାଷୀ

**ନୂଆପଡ଼ା, ୧୮।୧୨ (ସଂଚାର ବ୍ୟୁରୋ):** ଧାନ କିଣିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କଲେ ଚାଷୀ। ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ପଲସଦା ପଞ୍ଚାୟତ ଚାଷୀମାନେ ଜିଲ୍ଲାପାଳଙ୍କୁ ଭେଟି ମଣ୍ଡି ଖୋଲିବା ସହ ଧାନ କିଣିବାକୁ ଅନୁରୋଧ କରିଛନ୍ତି। ଗତ ୩ ତାରିଖରେ ଖରିଆର ରୋଡଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ମଧୁସୂଦନ ଦାଶ ଚଳିତ ଖରିଫ ମଣ୍ଡିର ଶୁଭାରମ୍ଭ କରିଥିଲେ। ହେଲେ ପ୍ରଶାସନର ବେପରୁଆ ନୀତି ଯୋଗୁଁ ଜିଲ୍ଲାରେ ମଣ୍ଡି ସମସ୍ୟା ଦେଖାଦେଇଛି। ଚଳିତ ଖରିଫ ମଣ୍ଡି ପାଇଁ ଜିଲାରେ ମୋଟ ୫୧ ହଜାର ୩୪୧ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଅଧିକାଂଶ ଚାଷୀଙ୍କୁ ଏଯାଏଁ ଟୋକନ ମିଳିପାରି ନାହିଁ। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବୋଡେନ ବ୍ଲକ ପଲସଦା ପଞ୍ଚାୟତର ଚାଷୀଙ୍କ ଧାନ ଖୋଲା ଆକାଶ ତଳେ ପଡ଼ି ରହିଛି। ଶୀତ କାକରରେ ଜଗି ରହି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ ପଲସଦାରେ ଏଯାଏଁ ମଣ୍ଡି ଖୋଲାଯାଇ ନାହିଁ। ୫ ଶହ ଚାଷୀଙ୍କୁ ଟୋକନ ମଧ୍ୟ ମିଳିପାରି ନାହିଁ। ଜିଲ୍ଲା ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ କହିଛନ୍ତି, ସେ ପଲସଦାରେ ଖୁବଶୀଘ୍ର ମଣ୍ଡି ଖୋଲାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଚାଷୀମାନଙ୍କୁ ଟୋକନ ମଧ୍ୟ ଯୋଗେଇ ଦିଆଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ ପ୍ରତିଶ୍ରୁତି ଦେଇଛନ୍ତି।

# ରାଜ୍ୟରେ ଧାନ କିଣା ପ୍ରକ୍ରିୟା ତ୍ୱରାନ୍ୱିତ

**ଭୁବନେଶ୍ୱର, ୧୮।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ବର୍ତ୍ତମାନ ସୁଦ୍ଧା ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ରେ ଧାନ ସଂଗ୍ରହ ଜାରି ରହିଛି। ପର୍ଯ୍ୟାୟକ୍ରମେ ସ୍ଥାନୀୟ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ବିଭିନ୍ନ ଜିଲ୍ଲାରେ ଧାନ ସଂଗ୍ରହ କରାଯିବ। ବର୍ତ୍ତମାନ ସୁଦ୍ଧା ଏହି ଜିଲ୍ଲା ଗୁଡ଼ିକରୁ ୪୯,୦୫୧ ଜଣ ଚାଷୀଙ୍କଠାରୁ ଦୁଇ ଲକ୍ଷ ୨୪ ହଜାର ୭୦୪ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି। ଚଳିତ ବର୍ଷ ଗତବର୍ଷ ତୁଳନାରେ ଆଜି ସୁଦ୍ଧା ସମ୍ବଲପୁରରେ ଅଧିକ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଇଛି। ଆଜିସୁଦ୍ଧା ୧୮ ହଜାର ୮୯୧ ଜଣ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଇଥିବା ବେଳେ ଗତବର୍ଷ ଏହିଦିନ ସୁଦ୍ଧା ୧୪ ହଜାର ୮୯୬ ଜଣ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଇଥିଲା। ଗତବର୍ଷ ସମ୍ବଲପୁରରେ ୨୫ ନଭେମ୍ବରରେ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଚଳିତବର୍ଷ ଡିସେମ୍ବର ୨ ତାରିଖରେ ଜିଲ୍ଲାରେ ଧାନସଂଗ୍ରହ ଆରମ୍ଭ ହୋଇଛି। ଚଳିତ ଖରିଫ ଋତୁରେ ସମସ୍ତ ଚାଷୀଙ୍କୁ ଧାନ କିଣା ପ୍ରକ୍ରିୟାରେ ସାମିଲ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିପାଇଁ ପଞ୍ଜିକରଣ ଅବଧି ବୃଦ୍ଧି ସହ ଅଧିକ ଚାଷ ଜମି ଅଞ୍ଚଳକୁ ସର୍ଭେ ଅନ୍ତର୍ଭୁକ୍ତ କରାଯାଇଛି। ସମସ୍ତ ଜିଲ୍ଲାରେ ସାଟେଲାଇଟ ମାଧମରେ ସଠିକ ଚାଷ ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ଏତଦବ୍ୟତୀତ ସର୍ବନିମ୍ନ ସହାୟତା ମୂଲ୍ୟ ଓ ଇନପୁଟ ସହାୟତା ରାଶି ମଧ ସରକାରୀ ସ୍ତରରେ ଧାନ ବିକିବା ପାଇଁ ପ୍ରୋତ୍ସାହିତ କରିଥିବା ଲକ୍ଷ୍ୟ କରାଯାଇଛି।



ସମ୍ବଲପୁରରେ ଅଧିକ ଚାଷୀଙ୍କଠାରୁ ଧାନ ସଂଗ୍ରହ

ପ୍ରତ୍ୟେକ ଯୋଗ୍ୟ ଚାଷୀମାନଙ୍କୁ ଧାର୍ଯ୍ୟ ସମୟ ମଧ୍ୟରେ ଟୋକନ୍ ପ୍ରଦାନ କରାଯାଇ ଧାନ ସଂଗ୍ରହ କରାଯାଉଛି। ଯଦି କୌଣସି ଅଭିଯୋଗ ଥାଏ ତେବେ ଚାଷୀମାନେ ସଂପୃକ୍ତ ମଣ୍ଡିରେ କିମ୍ବା ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଧାନ ବିକ୍ରୟ କରିବାର ୪୮ ଘଣ୍ଟା ମଧ୍ୟରେ ସଂପୃକ୍ତ ଚାଷୀଙ୍କ ଆକାଉଣ୍ଟକୁ ଏହି ଅର୍ଥରାଶି ପ୍ରଦାନ କରାଯାଉଛି। ଏଥିପାଇଁ ସମୁଚିତ ପଦକ୍ଷେପ ଗ୍ରହଣ କରାଯିବା ସହ ଚାଷୀମାନଙ୍କୁ ଆଧାର ସଂଯୁକ୍ତ ଇ-କେୱାଇସି ଭିତ୍ତିକ ଦେୟ ପ୍ରଦାନର ବ୍ୟବସ୍ଥା ଗ୍ରହଣ କରାଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୪,୮୪୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୩,୬୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୪,୮୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୩,୬୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୫,୭୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୪,୪୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୪,୯୯୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୩,୭୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୪,୭୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୩,୫୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୪,୮୪୦ ଓ ୧,୨୩,୬୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୧୧,୦୦୦ ଟଙ୍କା ହୋଇଛି ।




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

# ଟଙ୍କା ପାଇଁ ଲଢ଼ିଲା ରିଜର୍ଭ ବ୍ୟାଙ୍କ

**ମୁମ୍ବାଇ,୧୮।୧୨:** ଆମେରିକୀୟ ଡଲାର ତୁଳନାରେ ଅତି ଦୁର୍ବଳ ହୋଇପଡ଼ିଥିବା ଭାରତୀୟ ମୁଦ୍ରା ଟଙ୍କାର ସ୍ଥିତିକୁ ସମ୍ଭାଳିବା ଲାଗି ଶେଷରେ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ହସ୍ତକ୍ଷେପ କରିବାକୁ ପଡ଼ିଛି। ଗତ ଅକ୍ଟୋବର ଓ ନଭେମ୍ବର ଭଳି ଏଥର ମଧ ରିଜର୍ଭ ବ୍ୟାଙ୍କ ଦୃଢ଼ ପଦକ୍ଷେପ ନେଇଥିଲା। ଫଳରେ ଆଜି ମୁଦ୍ରା ବିନିମୟ ବଜାରରେ କାରବାର ଆରମ୍ଭ ବେଳକୁ ୯୧ ଟଙ୍କା ସ୍ତର ଅତିକ୍ରମ କରିଥିବା ଟଙ୍କା ମୂଲ୍ୟରେ ଦ୍ରୁତ ସୁଧାର ଘଟିଥିଲା। ଏକ ସମୟରେ ଏକ ଡଲାର ମୂଲ୍ୟ ୮୯ ଟଙ୍କା ୭୫ ପଇସା ଭଳି ଉନ୍ନତ ସ୍ଥିତିକୁ ଚାଲିଆସିଥିଲା। ଯେତେବେଳେ ଟଙ୍କା ଦୁର୍ବଳ ହୁଏ ରିଜର୍ଭ ବ୍ୟାଙ୍କ ନିଜ ଭଣ୍ଡାରରେ ଥିବା ଡଲାର ବାହାର କରି ଅଳ୍ପ ମୂଲ୍ୟରେ ବଜାରରେ ଉପଲବ୍ଧ କରାଇ ତାହାର ଦାମ୍ କମ୍ କରିବାକୁ ପ୍ରୟାସ କରିଥାଏ। ଡିସେମ୍ବରରେ ଏହି କାମ ସାମାନ୍ୟ ଢିଲା ଥିଲା। ସେଥିପାଇଁ ଏକମୁହାଁ ହୋଇ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହୋଇଚାଲିଥିଲା। ଗୋଟିଏ ମାସ ଭିତରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୭ ଟଙ୍କାରୁ ୯୧ ଟଙ୍କାରେ ପହଞ୍ଚିଯାଇଥିଲା। ଏଥର ରିଜର୍ଭ ବ୍ୟାଙ୍କ ଉଭୟ ସ୍ୱାପ୍ ଓ ନନ୍-ଡେଲିଭର ଫର୍‌ୱାର୍ଡ ବଜାରରେ ବିପୁଳ ଡଲାର ବିକ୍ରି କରିଥିବା କୁହାଯାଉଛି। ପୂର୍ବର ହସ୍ତକ୍ଷେପଗୁଡ଼ିକଠାରୁ ଏଥରର ପଦକ୍ଷେପ ଭିନ୍ନ ଥିଲା। କାରଣ ପୂର୍ବରୁ ରିଜର୍ଭ ବ୍ୟାଙ୍କ ମୁଦ୍ରା ବିନିମୟ ବଜାର ଖୋଲିବା ପୂର୍ବରୁ ଡଲାର ବିକ୍ରି କରୁଥିଲା। ଏଥର କିନ୍ତୁ ବଜାର ଖୋଲିବା ପରେ ତାହା ଡଲାର ବିକିଥିଲା। ବିଶେଷଜ୍ଞଙ୍କ ମତରେ ଭାରତ-ଆମେରିକା ବାଣିଜ୍ୟ ରାଜିନାମାରେ ହେଉଥିବା ଅହେତୁକ ବିଳମ୍ବ ଓ ବିଦେଶୀ ନିବେଶକମାନେ ଭାରତୀୟ ପୁଞ୍ଜି ବଜାରରୁ ପାଣ୍ଠି ପ୍ରତ୍ୟାହାର କରୁଥିବାରୁ ଟଙ୍କା ଉପରେ ଚାପ ସୃଷ୍ଟି ହୋଇଛି। ଆମଦାନିକାରୀମାନେ ଆଗୁଆ ଡଲାର କିଣି ନିଜ ପାଖରେ ମହଜୁଦ ରଖିବାକୁ ଚାହୁଁଛନ୍ତି। ଫଳରେ ଡଲାର ଚାହିଦା ବଢ଼ିବା ସହ ତାହାର ଦାମ୍ ବଢୁଛି। ଡଲାର ମହଙ୍ଗା ହେବାର ଅର୍ଥ ହେଉଛି ଆମଦାନୀ ମହଙ୍ଗା ହେବା। ତାହା ପରୋକ୍ଷରେ ଦେଶର ଦରଦାମ୍ ସ୍ଥିତି ପ୍ରତି ବଡ଼ ବିପଦ ସୃଷ୍ଟି କରୁଛି। ତେଣୁ ଟଙ୍କା ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ଏକ ପ୍ରକାର ଜରୁରୀ ହୋଇପଡ଼ିଛି। ସାଧାରଣତଃ ବୈଦେଶିକ ମୁଦ୍ରା ଭଣ୍ଡାର ଯେତେ ବଡ଼ ହୋଇଥାଏ ଓ ନିରନ୍ତର ଭାବେ ବିଦେଶୀ ମୁଦ୍ରା ଆଗମନ ଜାରି ରହିଥାଏ, ସେହି ସମୟରେ ଡଲାରର ବିଶେଷ ଅଭାବ ଦେଖାଦିଏ ନାହିଁ। ବର୍ତ୍ତମାନ ସମୟରେ ବିପୁଳ ପରିମାଣର ବିଦେଶୀ ମୁଦ୍ରା ଦେଶ ବାହାରକୁ ଚାଲିଯାଉଥିବାରୁ ଡଲାର ମହଙ୍ଗା ହେଉଛି। ତାହାକୁ କିଣିବା ଲାଗି ପୂର୍ବାପେକ୍ଷା ଅଧିକ ଟଙ୍କା ଗଣିବାକୁ ପଡୁଛି।

## ବିନିମୟ ମୂଲ୍ୟରେ ସୁଧାର




# ଜାନୁଆରୀ ପହିଲାରୁ ହ୍ରାସ ପାଇବ ସିଏନ୍‌ଜି ଓ ପିଏନ୍‌ଜି ଦର

**ନୂଆଦିଲ୍ଲୀ,୧୮।୧୨:** ନୂତନ ବର୍ଷ ୨୦୨୬ ର ଆରମ୍ଭ ଭାରତୀୟ ଗ୍ରାହକଙ୍କ ପାଇଁ ଆଶ୍ୱସ୍ତି ଆଣିବ। ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ନିୟାମକ ବୋର୍ଡ ଟାରିଫ୍ରେ ସୁଧାର ଘୋଷଣା କରିଛି, ଯାହା ଫଳରେ ସାରା ଦେଶରେ ସିଏନ୍ଜି (ସଙ୍କୁଚିତ ନାଚୁରାଲ ଗ୍ୟାସ) ଏବଂ ପିଏନ୍ଜି (ପାଇପ୍ଡ ନାଚୁରାଲ ଗ୍ୟାସ) ମୂଲ୍ୟ ୟୁନିଟ୍ ପିଛା ୨ ରୁ ୩ ଟଙ୍କା ହ୍ରାସ ପାଇବ।

**୩ଟି ଜୋନ୍ ସ୍ଥାନରେ ଏବେ କେବଳ ୨ଟି ଜୋନ୍:** ପିଏନ୍ଜିଆରବି ସଦସ୍ୟ ଏ.କେ. ତିୱାରୀ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି ଯେ ନିୟାମକ ଗ୍ୟାସ ବଣ୍ଟନ ଗଠନକୁ ସରଳ କରିଛି। ଦୂରତା ଆଧାରରେ ପୂର୍ବରୁ ଶୁଳ୍କକୁ ତିନୋଟି ଜୋନରେ ବିଭକ୍ତ କରାଯାଇଥିଲା, କିନ୍ତୁ ଏହାକୁ ବର୍ତ୍ତମାନ ଦୁଇଟିକୁ ହ୍ରାସ କରାଯାଇଛି। ନୂତନ ନିୟମ ଅନୁଯାୟୀ, "ଜୋନ୍ ୧" ଏବେ ଦେଶବ୍ୟାପୀ ସିଏନ୍ଜି ଏବଂ ଘରୋଇ ପିଏନ୍ଜି ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟ ହେବ। ଜୋନ୍ ୧ ପାଇଁ ଦର ବର୍ତ୍ତମାନ ୫୪ ଟଙ୍କା ରଖାଯାଇଛି, ଯାହା ପୂର୍ବରୁ ୮୦ ଏବଂ ୧୦୭ ରେ ମିଳୁଥିଲା। ଏହି ପରିବର୍ତ୍ତନ ସାଧାରଣ ଲୋକଙ୍କ ପକେଟ ଉପରୁ ୨ ରୁ ୩ ଟଙ୍କା ବୋଝ ହ୍ରାସ କରିବ।

**ଅଧିକ ପଢ଼ନ୍ତୁ:** ଲକ୍ଷେ ୩୫ ପାର୍ କଲା ସୁନା ଦର, ବର୍ଷକରେ ୫୭ ହଜାର ମହଙ୍ଗା; ରୁପା ଦର ୨ଲକ୍ଷ ୧୫ ହଜାର ଟଙ୍କା

**କେଉଁମାନଙ୍କୁ ମିଳିବ ଫାଇଦା?** ଏହି ନୂଆ ଶୁଳ୍କ ଗଠନ ଭାରତର ୪୦ଟି ସିଟି ଗ୍ୟାସ୍ ଡିଷ୍ଟ୍ରିବୁସନ୍ (ସିଜିଡି) କମ୍ପାନୀ ଅଧୀନରେ ୩୧୨ଟି ଭୌଗୋଳିକ ଅଞ୍ଚଳକୁ କଭର କରିବ। ଏହି ନିଷ୍ପତ୍ତି ସିଏନ୍ଜି ଚାଳିତ କାର, ଅଟୋ ଏବଂ ବସ୍ର ମୂଲ୍ୟ ହ୍ରାସ କରିବ। ଘରେ ବ୍ୟବହୃତ ପିଏନ୍ଜି ମଧ ଶସ୍ତା ହେବ, ଯାହା ମାସିକ ବଜେଟ୍କୁ ଉନ୍ନତ କରିବ।

**କମ୍ପାନୀଗୁଡ଼ିକ ଉପରେ ରଖାଯିବ କଡ଼ା ନଜର:** ପିଏନ୍ଜିଆରବି ସ୍ପଷ୍ଟ କରିଛି ଯେ ଗ୍ରାହକମାନେ ଶୁଳ୍କ ହ୍ରାସର ସମ୍ପୂର୍ଣ୍ଣ ଲାଭ ପାଇବା ଉଚିତ। ଏ.କେ. ତିୱାରୀ କହିଛନ୍ତି, "ଆମର କାମ ହେଉଛି ଗ୍ରାହକ ଏବଂ ଅପରେଟର ଉଭୟଙ୍କ ସ୍ୱାର୍ଥକୁ ସନ୍ତୁଳିତ କରିବା। କମ୍ପାନୀଗୁଡ଼ିକ ମୂଲ୍ୟ ହ୍ରାସ କରିଛନ୍ତି କି ନାହିଁ ତାହା ଆମେ ତଦାରଖ କରିବୁ।" ଏହା ସହିତ, ଅନେକ ରାଜ୍ୟ ଭାଟ୍ (ମୂଲ୍ୟଯୁକ୍ତ କର) ହ୍ରାସ କରିଛନ୍ତି ଏବଂ ଅନୁମତି ପ୍ରକ୍ରିୟାକୁ ସରଳୀକୃତ କରିଛନ୍ତି, ଯାହା ଫଳରେ ସାରା ଦେଶରେ ଗ୍ୟାସ ଭିତ୍ତିଭୂମିର ଦ୍ରୁତ ପ୍ରସାର ଘଟିଛି।







# ବୀମାରେ ୧୦୦% ଏଫ୍‌ଡିଆଇ ଅନୁମତି



**ନୂଆଦିଲ୍ଲୀ,୧୮।୧୨:** ବୀମା କମ୍ପାନିକୁ ବିଦେଶୀ ନିବେଶକମାନେ ସମ୍ପୂର୍ଣ୍ଣ କିଣିପାରିବେ। ବୀମା କ୍ଷେତ୍ରରେ ୧୦୦% ଏଫ୍‌ଡିଆଇକୁ ଅନୁମତି ଦେବା ସମ୍ପର୍କିତ 'ସବ୍‌କା ବୀମା ସବ୍‌କି ସୁରକ୍ଷା' ବିଲ୍ ସଂସଦରେ ଗୃହୀତ ହୋଇଛି। ଲୋକସଭାରେ ପାରିତ ହେବାର ଗୋଟିଏ ଦିନପରେ ତାହା ରାଜ୍ୟସଭାରେ ପାରିତ ହୋଇଛି। ବିଲ୍‌କୁ ସଂସଦୀୟ କମିଟିକୁ ପଠାଇବା ଲାଗି ବିରୋଧୀ ସଦସ୍ୟମାନେ ଦାବି କରିଥିଲେ। ବୀମାରେ ଏଫ୍‌ଡିଆଇ ସୀମାକୁ ୭୪%ରୁ ବଢ଼ାଇ ୧୦୦% କରାଯାଇଛି। କିନ୍ତୁ ସରକାର ସର୍ତ୍ତ ରଖିଛନ୍ତି ଯେ କମ୍ପାନିର ଜଣେ ବରିଷ୍ଠ ଅଧିକାରୀ ଯଥା ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ କିମ୍ବା ସିଇଓ ପଦରେ ଭାରତୀୟ କାମ କରିବେ।

## "ଟାରିଫ୍ ଜରିଆରେ ବାଣିଜ୍ୟକୁ 'ଅସ୍ତ୍ର' କରାଯାଉଛି"

# ଭାରତକୁ ସତର୍କତାର ସହ ଆଲୋଚନା କରିବାକୁ ପଡିବ: ଅର୍ଥମନ୍ତ୍ରୀ

**ନୂଆଦିଲ୍ଲୀ,୧୮।୧୨:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବୁଧବାର ବିଶ୍ୱରେ ବଦଳୁଥିବା ଭୂରାଜନୀତି ଓ ବୈଶ୍ୱିକ ଅର୍ଥନୀତି ଉପରେ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ଶୁଳ୍କ ଏବଂ ଅନ୍ୟାନ୍ୟ ପଦକ୍ଷେପ ମାଧମରେ ବିଶ୍ୱ ବାଣିଜ୍ୟକୁ କ୍ରମଶଃ "ଯୁଦ୍ଧାସ୍ତ୍ର" କରାଯାଉଛି । ସେ ଚେତାବନୀ ଦେଇଛନ୍ତି ଯେ ପରିବର୍ତ୍ତିତ ବିଶ୍ୱ ପରିବେଶରେ ଭାରତକୁ ସତର୍କତାର ସହିତ ଆଲୋଚନା କରିବାକୁ ପଡିବ । ଅର୍ଥମନ୍ତ୍ରୀଙ୍କ ଏହି ବୟାନ ଟ୍ରମ୍ପଙ୍କ ଭାରତ ଉପରେ ୨୫% ଟାରିଫ୍ ଲାଗୁ କରିବା ଏବଂ ତା'ପରେ ଭାରତ ଦ୍ୱାରା ରୁଷୀୟ ଅଶୋଧିତ ତୈଳ କ୍ରୟ ସହିତ ଜଡିତ ଅତିରିକ୍ତ ୨୫% ଟାରିଫ ଲାଗୁ କରିବା ମଧରେ ଆସିଛି । ଏକ କାର୍ଯ୍ୟକ୍ରମରେ ସୀତାରମଣ କହିଛନ୍ତି "ଟାରିଫ୍ ମାଧମରେ ବାଣିଜ୍ୟକୁ ଅସ୍ତ୍ର କରାଯାଉଛି । ଭାରତକୁ ଏଥିରେ ସତର୍କତାର ସହ ଆଲୋଚନା କରିବାକୁ ପଡିବ, ଏବଂ କେବଳ ଟାରିଫ୍ ଉପରେ ଧ୍ୟାନ ଦେବା ଉଚିତ ନୁହେଁ । ମୁଁ ଭାବୁଛି ସାମଗ୍ରିକ ଭାବରେ ଆମର ଅର୍ଥନୀତିର ଶକ୍ତି ଆମକୁ ସେହି ଅତିରିକ୍ତ ଲାଭ ଦେବ ।" ସେ ଆହୁରି କହିଛନ୍ତି, "ଭାରତକୁ ଲେକଚର୍ ଦିଆଯାଇପାରିବ ଯେ ତୁମେ (ଭାରତ) ଅନ୍ତର୍ମୁଖୀ, ତୁମେ ଏକ ଟାରିଫ୍ ରାଜା ଇତ୍ୟାଦି ।

# ୫ଜି ଦୌଡ଼ରେ ଜିଓ ଆଗୁଆ, ଯୋଡ଼ିଲା ୨୩ କୋଟି ଗ୍ରାହକ

**ନୂଆଦିଲ୍ଲୀ,୧୮।୧୨:** ଜିଓ ଦେଶରେ ୫ଜି ପ୍ରଯୁକ୍ତିରେ ସର୍ବବୃହତ ଅପରେଟର ଭାବରେ ଉଭା ହୋଇଛି। ସଦ୍ୟତମ ସିଏଲଏସଏ ରିପୋର୍ଟ ଅନୁଯାୟୀ ୨୩ କୋଟିରୁ ଅଧିକ ଗ୍ରାହକ ଜିଓର ୫ଜି ନେଟୱାର୍କ ସହିତ ସଂଯୁକ୍ତ ହୋଇ ସାରିଛନ୍ତି। ଯାହା ଅନ୍ୟ କୌଣସି ଭାରତୀୟ ଅପରେଟର ହାସଲ କରିନାହାନ୍ତି। ଜିଓର ୫ଜି ଷ୍ଟାଣ୍ଡଆଲୋନ୍ ନେଟୱାର୍କ ଦେଶର ସବୁଠାରୁ ବଡ଼ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ସବୁଠାରୁ ଉନ୍ନତ। ଯାହା ଏହାର ନେଟୱାର୍କକୁ ୫ଜି ଦୌଡ଼ରେ ଆଗୁଆ ରଖିଛି। କମ୍ପାନୀର ମୋଟ ୫୦ କୋଟିରୁ ଅଧିକ ଗ୍ରାହକଙ୍କ ମଧ୍ୟରୁ ପ୍ରାୟ ଅଧା ଏବେ ୫ଜି ସେବା ଅପଣାଇଛନ୍ତି।




ରିପୋର୍ଟ ଅନୁଯାୟୀ, ଜିଓ ଏବଂ ଏୟାରଟେଲ ମିଳିତ ଭାବରେ ଦେଶରେ ୪୦ କୋଟିରୁ ଅଧିକ ୫ଜି ଉପଭୋକ୍ତା ଯୋଡ଼ିଛନ୍ତି। ଭାରତର ମୋବାଇଲ୍ ଡାଟା ବଜାରରେ ସେମାନଙ୍କର ମିଳିତ ରାଜସ୍ୱ ଅଂଶ ୮୧ ପ୍ରତିଶତରେ ପହଞ୍ଚିଛି। ୫ଜି ଆରମ୍ଭ ହେବା ପରଠାରୁ, ଏହି ଦୁଇଟି କମ୍ପାନୀ ବଜାର ଅଭିବୃଦ୍ଧିର ଅଧିକାଂଶ ଭାଗ ହାସଲ କରିଛନ୍ତି ଏବଂ ଜିଓ ଏହି କ୍ଷେତ୍ରରେ ନେତୃତ୍ୱ ନେଉଛି। ୫ଜି ସ୍ମାର୍ଟଫୋନର ଲୋକପ୍ରିୟତା ମଧ ସାରା ଦେଶରେ ଦ୍ରୁତ ଗତିରେ ବୃଦ୍ଧି ପାଇ ୯୧ ପ୍ରତିଶତରେ ପହଞ୍ଚିଛି। ଏହା ୫ଜି ନେଟୱାର୍କର ଦ୍ରୁତ ବିସ୍ତାରକୁ ଆହୁରି ମଜବୁତ କରିଛି। ଜିଓ କେବଳ ମୋବାଇଲ୍ ୫ଜିରେ ନୁହେଁ, ବରଂ ଗୃହ ଇଣ୍ଟରନେଟ୍ (ହୋମ ବ୍ରଡବ୍ୟାଣ୍ଡ) କ୍ଷେତ୍ରରେ ମଧ ଅଗ୍ରଣୀ ସ୍ଥାନ ହାସଲ କରିଛି। କମ୍ପାନୀର ୨.୩ କୋଟି ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଅଛନ୍ତି, ଏବଂ ଏହି ଘରଗୁଡ଼ିକ ମଧ୍ୟରୁ ୯୫ ଲକ୍ଷ ଏବେ ଜିଓର ୫ଜି ଏଫଡବ୍ଲୁଏ (ଫିକ୍ସଡ ୱାୟାରଲେସ୍ ଆକ୍ସେସ୍) ବା ଜିଓଏୟାରଫାଇବର ବ୍ୟବହାର କରୁଛନ୍ତି। କମ୍ପାନୀ ୧୦ କୋଟି ଗ୍ରାହକଙ୍କୁ ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ସହିତ ସଂଯୋଗ କରିବାକୁ ଲକ୍ଷ୍ୟ ରଖିଛି। ଜିଓର ୫ଜି ଏଫଡବ୍ଲୁଏ ଭାରତରେ ଗୃହ ଇଣ୍ଟରନେଟ୍ ଦୃଶ୍ୟପଟକୁ ଦ୍ରୁତ ଗତିରେ ପରିବର୍ତ୍ତନ କରୁଛି ଏବଂ ନୂତନ ଉପଭୋକ୍ତା ଯୋଡିବାର ସବୁଠାରୁ ବଡ଼ ବାହକ ପାଲଟିଛି। ଭାରତର ପ୍ରାୟ ୪୦ କୋଟି ପରିବାର ମଧ୍ୟରୁ କେବଳ ୪.୫ କୋଟି ପରିବାର ପାଖରେ ତାରଯୁକ୍ତ (ୱାୟରଲାଇନ୍) ବ୍ରଡବ୍ୟାଣ୍ଡ ସଂଯୋଗ ଅଛି। ତେଣୁ ଏହି କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଯଥେଷ୍ଟ ସ୍ଥାନ ରହିଛି।

# ଯୁକ୍ତଦୁଇ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା; ସହକାରୀ ଅଧୀକ୍ଷକ ନିଲମ୍ବିତ



**ସୁବର୍ଣ୍ଣପୁର,୧୮।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍ ଚାରଭଙ୍ଗା ଆଦିବାସୀ ଆଶ୍ରମ ବିଦ୍ୟାଳୟରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ଛାତ୍ରଙ୍କର ସନ୍ଦେହଜନକ ମୃତ୍ୟୁ ଘଟଣାରେ ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କ ନିର୍ଦ୍ଦେଶ କ୍ରମେ ନିଲମ୍ବିତ ହେଲେ ଚାରଭଙ୍ଗା ଆଶ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହକାରୀ ଅଧିକ୍ଷକ ଅରବିନ୍ଦ ମହାକୁର। ସୂଚନା ଯୋଗ୍ୟ ଯେ ଗତକାଲି ଛାତ୍ରଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ମୃତ ଛାତ୍ର ଜଣକ ହେଲେ ଡୁଙ୍ଗୁରିପାଲି ଥାନା ଚେରୁପାଲି ନିକଟସ୍ଥ ବଡ଼ନୁଆପାଲି ଗାଁର ବିଷ୍ଣୁ ସୁନାଙ୍କ ପୁଅ ଆର୍ଯ୍ୟନ ସୁନା (୧୭) ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ମଙ୍ଗଳବାର ଦିନ ପ୍ରାୟ ୧୧ ଟାବେଳେ ଆର୍ଯ୍ୟନ ବିଛଣାରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ସହପାଠୀମାନେ ତାଙ୍କର ଅଧ୍ୟକ୍ଷା ନିବେଦିତା ହୋତାଙ୍କୁ ଜଣାଇଥିଲେ। ଅଧ୍ୟକ୍ଷା ତୁରନ୍ତ ତାଙ୍କ ଘର ଲୋକଙ୍କୁ ଖବର ଦେଇ ସଙ୍ଗେ ସଙ୍ଗେ ଆର୍ଯ୍ୟନଙ୍କୁ ଚାରଭଙ୍ଗା ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ଅଭିଭାବକ ସେଠାକୁ ପହଞ୍ଚିଥିଲେ। ଖବରପାଇ ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ତହସିଲଦାର ଶ୍ୱେତାଲିନା ମାହାଣା, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂହ ତରଭା ଥାନା ଆଇଆଇସି ଅନିତା କିଡୋ, ଏସ୍‌ଆଇ ରବୀନ୍ଦ୍ର ସାହୁ, କମସରା ଫାଣ୍ଡି ଅଧିକାରୀ ସଞ୍ଚିତ ସେଠୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଜିଲ୍ଲାପାଳ ଡ. ନୃପରାଜ ସାହୁ ମଧ୍ୟ ନିଜେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ସିଡିଏମ୍‌ଓ ଡା. ଉଷାରାଣୀ ଦାସଙ୍କ ଉପସ୍ଥିତିରେ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯାଇଥିଲା।

# ବାର୍ଷିକ ଉତ୍ସବ ପାଳନ, ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ

**ସୁବର୍ଣ୍ଣପୁର,୧୮।୧୨ (ସଂଚାର ବ୍ୟୁରୋ):** ଆଗାମୀ ଜାନୁଆରୀ ୧୮ ତାରିଖରେ ବାର୍ଷିକ ଉତ୍ସବ ପାଳନ ପାଇଁ ବରିଷ୍ଠ ନାଗରିକ ସଂଗଠନ, ବୀରମହାରାଜପୁର ର ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ପୌରୋହିତ୍ୟରେ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସ୍ମରଣିକା କମିଟି, ଅର୍ଥ କମିଟି ଓ ଅଭ୍ୟର୍ଥନା କମିଟି ର ସଦସ୍ୟ ମାନଙ୍କ ସହିତ ଅନ୍ୟାନ୍ୟ ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭ ରେ ସଦସ୍ୟ ଦ୍ୱିତୀକୃଷ୍ଣ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବା ସହିତ ସ୍ମରଣିକା ର ରୂପରେଖ, ବିଷୟବସ୍ତୁ, ବିଜ୍ଞାପନ, ନାମକରଣ, ବାର୍ତ୍ତା ସଂଗ୍ରହ ଆଦି ଉପରେ ଆଲୋଚନା କରା ଯାଇଥିଲା। ଭୂଷଣ କୁମାର ପାତ୍ର, ଦୟାନିଧି ହୋତା, କୃଷ୍ଣଚନ୍ଦ୍ର ପାଢ଼ୀ, ଦୟାନିଧି ହୋତା, ବାସୁଦେବ ପଣ୍ଡା, ସତ୍ୟ ନାରାୟଣ ନାୟକ, ସୂର୍ଯ୍ୟ କୁମାର ପାଣିଗ୍ରାହୀ, ସନ୍ତୋଷ ଷଡ଼ଙ୍ଗୀ, ତ୍ରିନାଥ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଆଗାମୀ ଜାନୁଆରୀ ୫ତାରିଖ ପର୍ଯ୍ୟନ୍ତ ଲେଖା ଗ୍ରହଣ କରିବାକୁ ସିଦ୍ଧାନ୍ତ କରାଯାଇଛି। ଅତିଥି ନିମନ୍ତ୍ରଣ ପାଇଁ ଦିଲ୍ଲିପ ତ୍ରିପାଠୀ, ସୌମିତ୍ରୀ ମେହେରଙ୍କୁ ଦାୟିତ୍ୱ ଦିଆଯାଇଛି।

# ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ



**ନାଉଗାଁ,୧୮।୧୨ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଓଷ୍ଟା ସଂଘ ପକ୍ଷରୁ ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୪୨ତମ ବ୍ଲକସ୍ତରୀୟ ଶିଶୁ ଉତ୍ସବ ସଂଘ ସଭାପତି ସୁକାନ୍ତ କୁମାର ଲେଙ୍କାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବ୍ଲକର ସମସ୍ତ ବିଦ୍ୟାଳୟରୁ ୧୫୦ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସମୁଦାୟ ୧୦ଟି ବିଭାଗରେ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗୀତା କରାଯାଇଥିଲା। ପ୍ରତି ବିଭାଗରୁ ଦୁଇ ଜଣ କୃତି ପ୍ରତିଯୋଗୀକୁ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଚୟନ କରାଯାଇ ଜିଲାସ୍ତରକୁ ମନୋନୀତ କରାଯାଇଛି।ଏହି ଉତ୍ସବରେ ପ୍ରତ୍ୟେକ ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସଂଘର ବ୍ଲକ ସମ୍ପାଦକ ହିମାଂଶୁ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଓଷ୍ଟା ସଭାପତି ନାରାୟଣ ସାହୁ, ବିଶିଷ୍ଟ ଅତିଥି ଭାବେ ସଂଘର ଉପଦେଷ୍ଟା ତଥା ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରୋଦ କୁମାର ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ହରେକୃଷ୍ଣ ମହାନ୍ତି, ମୁଖ୍ୟବକ୍ତା ଭାବେ ପଞ୍ଚାୟତ ବାଣୀପୀଠ କ୍ଲଷ୍ଟରର ସିଆରସିସି ଅକ୍ଷୟ କୁମାର ରାଉତ ପ୍ରମୁଖ ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶ ହେବା ସହ ପିଲାମାନେ ବିଭିନ୍ନ ପ୍ରତିଯୋଗୀତା ପ୍ରତି ଆଗ୍ରହୀ ହୋଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇବର ସଚେତନତା ଶିବିର



**ସୁବର୍ଣ୍ଣପୁର,୧୮।୧୨ (ସଂଚାର ବ୍ୟୁରୋ):** ସୋନପୁର ବ୍ଲକ ମିସନ୍ ଶକ୍ତି ଭବନ ସୋନପୁର ଠାରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୋନପୁର ଙ୍କ ଅଧ୍ୟକ୍ଷତାରେ ସାଇବର ଠକେଇ ରୁ ସୁରକ୍ଷା ନିମନ୍ତେ ବ୍ଲକ ସ୍ତରୀୟ ସଚେତନତା ବା ପ୍ରଶିକ୍ଷଣ କର୍ମଶାଳାକ୍ଷ ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ସୋନପୁର ବିଡ଼ିଓ ପ୍ରତିକ କୁମାର କର ମୁଖ୍ୟ ଅତିଥି ଓ ବାସନ୍ତୀ ଭୋଇ ପ୍ରୋଟେକ୍ସନ ଅଫିସର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।କର୍ମଶାଳାରେ ସୋନପୁର ଡିଏସପି ରେଣୁକା ସୁନା, ସଞ୍ଜୀବ ଅଗ୍ରୱାଲ, କମ୍ପ୍ୟୁଟର ସାଇନ୍ସ ଏଚ ଓ ଡି ସଞ୍ଜୀବ ଅଗ୍ରଓ୍ୱାଲ, ଓ ଆଇନଜୀବୀ ମନୋଜ ବିଶି, ସନ୍ଧ୍ୟା ରାଣୀ ମିଶ୍ର ତାଲିମ୍ ଶିବିରରେ ଅଂଶ ଗ୍ରହଣ କରିଥିଲେ। କର୍ମଶାଳାରେ ଡିଏସପି ସୁନା ଏବଂ ଶ୍ରୀ ଅଗ୍ରୱାଲ ଉପସ୍ଥିତ ଏସ ଏଚ୍ ଜି ଗ୍ରୁପ୍, ଆଙ୍ଗନ୍ ୱାଡି କର୍ମୀ, କିଶୋରୀ ବାଳିକାମାନଙ୍କୁ ପି ପି ଟି ଓ ଭିଡ଼ିଓ ମାଧ୍ୟମରେ ଶିକ୍ଷାଦାନ କରିଥିଲେ। ଅନଲାଇନ ଠକେଇ କିପରି ହୋଇ ଥାଏ ଓ କିପରି ଆମେ ଏହି ଠକକ୍ଷମି ରୁ ସୁରକ୍ଷା ପାଇବା ସେହି ବିଷୟ ରେ କହିଥିଲେ।

# ବିଦ୍ୟାଳୟରେ ଲିଟ୍ ରାଶି କାର୍ଯ୍ୟକ୍ରମ

**ବାଲିପାଟଣା,୧୮।୧୨(ସଂଚାର ବ୍ୟୁରୋ):** ଓଡ଼ଖଣ୍ଡ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ରେ, ଖୋର୍ଦ୍ଧା ଜିଲ୍ଲା ଉପଜିଲ୍ଲାପାଳ ଙ୍କ ଆଦେଶନାମା ପତ୍ର ସଂଖ୍ୟା ୬୨୧ତା ୯/୧୨/୨୫ ବିଦ୍ୟାଳୟ ପରିଷରରେ କଳା, ବିଜ୍ଞାନ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ର ଛାତ୍ରୀ ମାନଂକୁ ନେଇ 'ଇଲୋକ୍ଟାଲ ଲିଟାରାଶି'କାର୍ଯ୍ୟକ୍ରମକୁ ଆଧାର କରି, ମୁଖ୍ୟତଃ, ରଙ୍ଗୋଲି, ଚିତ୍ରାଙ୍କନ, ବକ୍ତୃତା, ଓ କୁଇଜ ଉପରେ ପ୍ରତିଯୋଗିତା ହୋଇଯାଇଛି।ଏହି ପ୍ରତଯୋଗିତାରେ, ରଙ୍ଗୋଲି ରେ, ପ୍ରଥମ ସ୍ଥାନ କଳାର ୨ୟବର୍ଷ ଛାତ୍ରୀ ରୂପାଲୀ ବାରିକ, ଦ୍ୱିତୀୟ ସ୍ଥାନ ବିଜ୍ଞାନର ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ମହାନ୍ତି, ତୃତୀୟ ସ୍ଥାନ ପ୍ରଥମ ବର୍ଷ କଳାର ଚିନୁଭୋଇ, ତର୍କ ପ୍ରତିଯୋଗିତାରେ, ବିଜ୍ଞାନ ପ୍ରଥମ ବର୍ଷ ଛାତ୍ରୀ ଅର୍ଚ୍ଚିତା ସାହୁ, ଦ୍ୱିତୀୟ ସ୍ଥାନ ଦ୍ୱିତୀୟ ବର୍ଷ କଳାର ଛାତ୍ରୀ ଲୋପାମୁଦ୍ରା ସାହୁ, ତୃତୀୟ ସ୍ଥାନ ଦ୍ୱିତୀୟ ବର୍ଷ କଳାର ଛାତ୍ର ପ୍ରଦ୍ୟୁମ୍ନ ବାରିକ, ଚିତ୍ରାଙ୍କନ ପ୍ରତିଯୋଗିତାରେ, ବିଜ୍ଞାନ ବିଭାଗର ପ୍ରଥମ ବର୍ଷ ଛାତ୍ରୀ ଦେବସ୍ମିତା ସାହୁ ପ୍ରଥମ ସ୍ଥାନ, କଳାର ଦ୍ୱିତୀୟ ବର୍ଷ ଛାତ୍ରୀ ରୂପାଲୀ ବେହେରାଦ୍ୱିତୀୟ ସ୍ଥାନ, ବିଜ୍ଞାନର ସୁଦୀପା ସେନାପତି ତୃତୀୟ ସ୍ଥାନ, ଅନୁରୂପ ଭାବରେ କୁଇଜ ପ୍ରତିଯୋଗିତାରେ, ଦ୍ୱିତୀୟ ବର୍ଷ କଳାର ଛାତ୍ର ପ୍ରଭାସ ଜ୍ୟୋତି ନାୟକ ପ୍ରଥମ ସ୍ଥାନ, ସୋମ୍ୟଶ୍ରୀ ମହାନ୍ତି ଦ୍ୱିତୀୟ ବର୍ଷ ବିଜ୍ଞାନ ଦ୍ୱିତୀୟ ସ୍ଥାନ, ପ୍ରଦ୍ୟୁମ୍ନ ବାରିକ ଦ୍ୱିତୀୟ ବର୍ଷ କଳା ତୃତୀୟ ସ୍ଥାନ ଅଧିକାର କରିଛନ୍ତି।ଉକ୍ତ ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷା ବିଭାଗର ଅଧ୍ୟାପିକା ମୌସୁମୀ ମହାପାତ୍ର ସୁଚାର ରୂପେ ପରିଚାଳନା କରିଥିବା ବେଳେ, ରଙ୍ଗୋଲି ବିଭାଗର କାର୍ଯ୍ୟ ସମ୍ପାଦିକା ସଂସ୍କୃତ ବିଭାଗର ଅଧ୍ୟାପିକା ଶ୍ରୀମତୀ ଲିଜା ଜେନା, ବିଚାରକ ଉଦ୍ଭିଦ ବିଭାଗ ଅଧ୍ୟାପିକା ପଦ୍ମଜା ଆଚାର୍ଯ୍ୟ, ଶିକ୍ଷା ବିଭାଗ ଅଧ୍ୟାପିକା ରମଣୀ ଦହଡ, କାର୍ଯ୍ୟ ନିର୍ବାହ କରିଥିଲେ ।

**ଗୃହ ନିର୍ମାଣରେ ବାଧକ ସାଜିଛି ରାସ୍ତା**

# ୫୭ ଗାଁକୁ ଏବେ ବି ନାହିଁ ରାସ୍ତା

- ଖଟିଆରେ ବୁହାହେଉଛନ୍ତି ଗର୍ଭବତୀ ଓ ଗୁରୁତର ରୋଗୀ
- ସରକାର ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀଙ୍କ ଦାବି





**ଲାଞ୍ଜିଗଡ଼,୧୮।୧୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକରେ ଗୃହ ନିର୍ମାଣ ପାଇଁ ବାଧକ ସାଜିଛି ରାସ୍ତା।ବ୍ଲକରେ ୫୭ଟି ଗାଁକୁ ଏବେବି ରାସ୍ତା ନାହିଁ। ବ୍ଲକର ଭଟାଙ୍ଗପଦର ପଞ୍ଚାୟତର ଟୁଟୁଗୁମା, ମୂଷିଗୁଡ଼ା, ନକଟି ବିଜେପୁର, ଗୁଣ୍ଡରି ପଞ୍ଚାୟତର ବରଙ୍ଗପଦର, ଦାରବେଙ୍ଗ, ଜାକେଶଲଣ୍ଡା, ଶୋଷପଦର, କାଚାଙ୍ଗ ଭଟା, କନ୍ଧ ଶୋଷପଦର, ମାଡିବନ୍ଧା ରହିଥିବା ବେଳେ ଭୁର୍ଟିଗଡ଼ ପଞ୍ଚାୟତର ଖମନପୁଟା, ସୋରଗାଁ, କାଇଚୁଆଁ ରହିଛି।ବେନଗାଁ ପଞ୍ଚାୟତର କୋକସୁର, ଭିତର ଧଡେଲ ରହିଛି। ତ୍ରିଲୋଚନପୁର ପଞ୍ଚାୟତର ତାଡ଼ିଝୁଲା, ହରଡ଼ାଗୁଡ଼ା, ପାଲବେରୀ, କୁନ୍ନାକାଡ୍ଡୁ, ଥୁଆପାଡ଼ି, କାଶିବୁଣ୍ଡେଲ ରହିଥିବା ବେଳେ ବିଜେପୁର ପଞ୍ଚାୟତରେ ପୁଡାପଦର, ଡକରିଗୁଡ଼ା, ପିଡିଶାଳ, ସାଇମସ୍କା ଓ ସାହାଜପଡ଼ା ରହିଛି ସେହିପରି ଛତ୍ରପୁର ପଞ୍ଚାୟତର ବାରବୁଲି ଓ କଦମଗୁଡ଼ା ପଞ୍ଚାୟତର ସିମେଲପଦର, ବରାବାହିଲି, ପୋଡାପଦର ରହିଥିବା ବେଳେ ବେଡାଗାଁ ପଞ୍ଚାୟତର ମନସ୍ତରା, ତାଡିଝୁଲା, ଇସନାଳା ରହିଛି।ଲାଖବାହିଲି ପଞ୍ଚାୟତରେ ପଣସପଦର, ବାରଗୁଡ଼ା, ସରଗୁଡ଼ା, ସିର୍କୀ ଝୁଲା, ବଣ୍ଡେଲ, ଡକରି ଗୁଡା, କାଦୋମାଳି, ଦଣ୍ଡିଗୁଡା, ମୁଡାଙ୍ଗ ପଦର, ରହିଛି ସେହିପରି ଲାଞ୍ଜିଗଡ଼ ପଞ୍ଚାୟତର ଭଟାଜରି, ଡ଼ଙ୍ଗିଝୁଲା ଓ କନ୍ଧ ବସନ୍ତପଡା ରହିଛି।ବନ୍ଦପାରି ପଞ୍ଚାୟତର କାନକେରି, ପଞ୍ଚକୁଡ଼ି, ପାହାଡ଼ପଦର ପଞ୍ଚାୟତର ଡଇଁପଦର ରହିଥିବା ବେଳେ ଲାଞ୍ଜି ପଞ୍ଚାୟତର ଭିତର ନଙ୍ଗଳବାହିଲି ଓ ମାଲିୟୁବାଙ୍ଗ ପଞ୍ଚାୟତର ସାଲପଦର, ସିମେଲପଦର, ଟୁରିସିମେଲ, ମାଣ୍ଡିପିଟା, ସାକେଶ କୁଣ୍ଡରୁ, ନିସାନପୁର ରହିଛି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ଗାଁକୁ ରାସ୍ତା ସଂଯୋଗ ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ଭାଗ୍ୟକୁ ଆଦରି ରହିଛନ୍ତି ଲୋକେ ଏତେ ସବୁ ଯୋଜନା ସତ୍ତ୍ୱେ ଦୁର୍ଗମ ଅଞ୍ଚଳବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଫଳରେ ଗାଁ ବିକାଶରେ ବାଧକ ସାଜିଛି ଏବଂ ଲୋକେ ଭାଗ୍ୟକୁ ଆଦରି ଦିନ କାଟୁଛନ୍ତି। ଗାଁ ମାନଙ୍କୁ ରାସ୍ତା ନ'ଥିବା କାରଣରୁ ବର୍ତ୍ତମାନ ଗୃହ ନିର୍ମାଣରେ ଲୋକଙ୍କ ବାଧା ସୃଷ୍ଟି ହୋଇଥିବା ବେଳେ ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁନି।ବର୍ଷା ଦିନେ ଅବସ୍ଥା ଅତ୍ୟନ୍ତ ସଙ୍ଗିନ ହୋଇପଡୁଛି। ପ୍ରସୂତି ଓ ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି ନେବାର ଦୃଶ୍ୟ ଦେଖିବାକୁ ମିଳିଥାଏ। ପ୍ରତି ୫ ବର୍ଷରେ ଥରେ ନିର୍ବାଚନ ଆସିଲେ ରାଜନେତା ମାନେ ଗାଁକୁ ଗସ୍ତ କରି ରାସ୍ତା ସଂଯୋଗ ପାଇଁ ପ୍ରତିଶ୍ରୁତି ଦେଇ ଭୋଟ୍ ହାତଉଥିବା ବେଳେ ନିର୍ବାଚନ ସରିଲେ ସେମାନଙ୍କ କଥା ଭୁଲି ଯାଉଥିବା ଅଭିଯୋଗ କରିଛନ୍ତି ଦୁର୍ଗମ ଅଞ୍ଚଳବାସୀ। ରାଜ୍ୟ ସରକାର ଲାଞ୍ଜିଗଡ଼ ବ୍ଲକ୍‌ର ସମସ୍ତ ଦୁର୍ଗମ ଅଞ୍ଚଳରେ ରାସ୍ତା ନିର୍ମାଣ ନିମନ୍ତେ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବାଇଧରଙ୍କ ପାଇଁ ଦେବଦୂତ ସାଜିଲେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ



**ବାରିପଦା,୧୮।୧୨ (ସଂଚାର ବ୍ୟୁରୋ):** ପାଠ ପଢ଼ିବି ଭଲ ମଣିଷ ହେବି। ଏହା ସମସ୍ତ ଛାତ୍ର ଛାତ୍ରୀ ଙ୍କ ସଂକଳ୍ପ। ମାତ୍ର କିଛି କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ। ବେଳେ ବେଳେ ପାରିବାରିକ ଦୁଃଖ ଦୁର୍ଦସା ରେ ଏହି ସଂକଳ୍ପ ରେ ପୂର୍ଣ୍ଣଛେଦ ପଡେ। ଇଚ୍ଛା ଥିଲେ ମଧ୍ୟ ପାଠ ପଢ଼ାରେ ଡୋରି ବନ୍ଧା ହୋଇଯାଏ। ଏହିଭଳି ଏକ ଘଟଣା ଆଜି ଦେଖିବାକୁ ମିଳିଅଛି ମୟୁରଭଞ୍ଜ ଜିଲ୍ଲା ବାରିପଦା ବ୍ଲକ ଅଞ୍ଚଳରେ। ଚଳିତ ଶିକ୍ଷାବର୍ଷ ଶେଷ ହୋଇଆସୁଥିବା ବେଳେ ବାରିପଦା ବ୍ଲକର ଗୁଞ୍ଜୁସାହି ଅନ୍ତର୍ଗତ ବିରପାଲିଆ ଗାଁ ର ଭାଗିରଥି ସୋରେନ ଓ ଚୂଡ଼ାମଣି ସୋରେନଙ୍କ ପୁଅ ବାଇଧର ସୋରେନ ୫ମ ଶ୍ରେଣୀ ପାସ୍ କରିବା ପରେ କୌଣସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇ ପାରିନଥିଲେ ଓ ଏହାର ଏକମାତ୍ର କାରଣ ଥିଲା ଯେ ତାଙ୍କ ଘର ପାଖାପାଖି କୌଣସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାହିଁ ଓ ପିଲାଟି ସାରୁଝରଣ ପ୍ରାଥମିକ ବିଦ୍ୟାଳୟରେ ପଢ଼ିସାରିବା ପରେ ଉଚ୍ଚ ଶ୍ରେଣୀରେ ପଢି ନପାରି ଘରେ ବସି ଯାଇଥିଲା। କେତେ ଦୁରକୁ ଯିବି ପାଠ ପଢିବା ପାଇଁ। ଘରର ଆର୍ଥିକ ଅବସ୍ଥା ଭଲ ନଥିବା ସହିତ ପରିବାର ସଦସ୍ୟ ଙ୍କ ଶିକ୍ଷ୍ୟକ୍ଷ ର ଅଭାବ ପାଇଁ ପିଲାଟି ବାଧ୍ୟ ହୋଇ ବହିରେ ବାନ୍ଧିଥିଲା ଡୋରି। ଗୁଞ୍ଜୁସାହି ସି ଆର ସି ସି ଗୀତିକା ବେହେରା ନିଜ କ୍ଲଷ୍ଟର ଅଞ୍ଚଳର ଗ୍ରାମବାସୀଙ୍କ ପାଖରୁ ଏହି ଖବର ପାଇ ବାରିପଦା ବି ଆର ସି ସି ତପସ୍ୱିନୀ ଦାଶଙ୍କୁ ଏ ବିଷୟରେ ଅବଗତ କରାଇଥିଲେ ।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପିତ




**ବାଲିଅନ୍ତା,୧୮।୧୨ (ସଂଚାର ବ୍ୟୁରୋ):** ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନୁକୁଲ୍ୟରେ ବାଲିଅନ୍ତା ବ୍ଲକ ଶିଶିଲୋ ପଞ୍ଚାୟତ ହାଇସ୍କୁଲ ପରିସରରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ହି ଅବସରରେ ସ୍କୁଲ ସମ୍ମୁଖରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତୀରେ ଅତିଥିବୃନ୍ଦ ମାଲ୍ୟାର୍ପଣ କରିଥିଲେ। ବିଦ୍ୟାଳୟ ସଭାପତି ଡାକ୍ତର ରାଧାନାଥ ପ୍ରହରାଜଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଉଦଯାପନୀ ଉତ୍ସବରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି,ଆଲୁମିନି କମିଟି ସଭାପତି ଉପେନ୍ଦ୍ର ବେହେରା, ଶିକ୍ଷା ପରିଚାଳନା କମିଟି ସଭାପତି ମନୋଜ ବାରିକ, ଶିକ୍ଷାବିତ ନାରାୟଣ ବେହେରା, ପୂର୍ବତନ ସରପଞ୍ଚ ମାନସ କୁମାର ନାୟକ ଏବଂ ଜୟଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପ୍ରହରାଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ରାସ୍ତା କଡ଼ ଗଛରୁ ଝୁଲନ୍ତା ଶବ ଉଦ୍ଧାର

**ବାରିପଦା,୧୮।୧୨ (ସଂଚାର ବ୍ୟୁରୋ):** ଆଜି ବାରିପଦା ଭଞ୍ଜପୁର ଥାନା ପୋଲିସ ସ୍ଥାନୀୟ ତକତପୁର ଅଞ୍ଚଳରେ ବିଜେପି କାର୍ଯ୍ୟାଳୟ ନିକଟରେ ଥିବା ଏକ ନିମ୍ବ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଅଛି। ଆଜି ସକାଳୁ ସ୍ଥାନୀୟ ଅଞ୍ଚଳର କିଛି ଲୋକ ଏହି ଘଟଣା ଦେଖି ପୋଲିସ କୁ ଖବର ଦେଇଥିଲେ। ମୃତ ଯୁବକ ର ବୟସ ଆନୁମାନିକ ୩୫ ବର୍ଷ ପାଖା ପାଖୀ ବୋଲି ଜଣା ପଡୁଥିବାବେଳେ ପରିଚୟ ମିଳିପାରିନାହିଁ। ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଂଚି ବା ସହିତ ପୋଲିସ ତଦନ୍ତ ଜାରି ରହିଅଛି। ଏହା ହତ୍ୟା ନା ଆତ୍ମହତ୍ୟା ତାହା ତଦନ୍ତ ପରେ ଜଣାପଡ଼ିବ।

# ଜଳସମ୍ପଦ ବିଭାଗର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ ଓ ସମୀକ୍ଷା



**ସୁନ୍ଦରଗଡ଼,୧୮।୧୨ (ସଂଚାର ବ୍ୟୁରୋ):** ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗଙ୍କ ଦୁଇ ଦିନିଆ ସୁନ୍ଦରଗଡ଼ ଜିଲ୍ଲା ଗସ୍ତର ଗୁରୁବାର ଦ୍ୱିତୀୟ ଦିବସରେ ଜଳ ସମ୍ପଦ ବିଭାଗର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହିତ ବିଭାଗୀୟ ଅଧିକାରୀ ମାନଙ୍କ ନେଇ ସମୀକ୍ଷା ମଧ୍ୟ କରିଥିଲେ। ଏହି ଅବସରରେ ରାଉରକେଲା ସ୍ଥିତ ହମିରପୁର ଏବଂ ସୁନ୍ଦରଗଡ଼ ସ୍ଥିତ କୁଡ଼ାବଗା ଓ କୋପସିଂହା ଠାରେ ନିର୍ମାଣଧିନ ଥିବା ବ୍ୟାରେଜ ଗୁଡ଼ିକର ପରିଦର୍ଶନ କରି ଏହାର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ସମୀକ୍ଷା କରିବା ସହିତ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସଂସ୍ଥାକୁ ସମୟ ସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନରଙ୍କ ଏହି ଗସ୍ତ ସମୟରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ମହାନଦୀ ବେସିନ, ବୁର୍ଲାର ମୁଖ୍ୟ ଯନ୍ତ୍ରୀ ସୁଶିଲ କୁମାର ବେହେରା, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଜ୍ୟୋତିର୍ମୟ ବେହେରା, ବ୍ରାହ୍ମଣୀ ବେସିନର ମୁଖ୍ୟ ଯନ୍ତ୍ରୀ ହୃଦାନନ୍ଦ ମଲ୍ଲିକ ଓ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଭଗବାନ ଦାସ, ଅଧିକ୍ଷଣ ଯନ୍ତ୍ରୀ ଶ୍ରୀମତୀ ମୈତ୍ରେୟୀ ପରିଡ଼ା ତଥା ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ନାଉଗାଁ ବ୍ଲକସ୍ତରୀୟ ଶିଶୁ ଉତ୍ସବ



**ପାରାଦ୍ୱୀପ,୧୮।୧୨ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକ ଓଷ୍ଟା ସଂଘ ପକ୍ଷରୁ ନାଉଗାଁ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ନାଉଗାଁ ହାଟ ପରିସରରେ ୪୨ ତମ ବ୍ଲକ ସ୍ତରୀୟ ଶିଶୁ ଉତ୍ସବ ସଭାପତି ଶ୍ରୀ ସୁକାନ୍ତ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବ୍ଲକର ସମସ୍ତ ବିଦ୍ୟାଳୟରୁ ୧୫୦ଜଣ ଛାତ୍ରଛାତ୍ରୀ ବିଭିନ୍ନ ବିଭାଗ ରେ ଅଂଶ ଗ୍ରହଣ କରିଥିଲେ । ପ୍ରତି ବିଭାଗରୁ ଦୁଇ ଜଣ ସଫଳ ଛାତ୍ରଛାତ୍ରୀ ଜିଲ୍ଲାସ୍ତରର ପ୍ରତିଯୋଗିତାକୁ ଯିବା ପାଇଁ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଚୟନ କରାଯାଇଥିଲା । ପ୍ରତ୍ୟେକ ପ୍ରତିଯୋଗି ମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା। ବ୍ଲକ ସମ୍ପାଦକ ଶ୍ରୀ ହିମାଂଶୁ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଓଷ୍ଟା ସଭାପତି ନାରାୟଣ ସାହୁ, ବିଶିଷ୍ଟ ଅତିଥି ଭାବରେ ଜିଲ୍ଲା ଓଷ୍ଟା ସଂଘର ଉପଦେଷ୍ଟା ତଥା ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି, ସମ୍ମାନନୀୟ ଅତିଥି ଭାବରେ ପୂର୍ବତନ ପ୍ରଧାନ ଶିକ୍ଷକ ନିରୋଦ କୁମାର ସ୍ୱାଇଁ , ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ ହରେକୃଷ୍ଣ ମହାନ୍ତି, ମୁଖ୍ୟ ବକ୍ତା ଭାବରେ ପଞ୍ଚାୟତ ବାଣପୀଠ କ୍ଲଷ୍ଟର ର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ଅକ୍ଷୟ କୁମାର ରାଉତ ଯୋଗଦାନ କରିଥିଲେ ।

# ବ୍ଲକ୍‌ସ୍ତରୟ ଭିନ୍ନକ୍ଷମ କ୍ରୀଡ଼ା ଉତ୍ସବ ପ୍ରହସନରେ ପରିଣତ

**ଗୋଟିଏ ମଞ୍ଚରେ ଦୁଇଟି କାର୍ଯ୍ୟକ୍ରମ, ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ଉପେକ୍ଷା**




**ନିଶ୍ଚିନ୍ତକୋଇଲି,୧୮।୧୨ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ସ୍ତରୀୟ ଭିନ୍ନକ୍ଷମ ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଦିନ କେନ୍ଦୁପାଟଣା ଘେଓ୍ୱାରଚାନ୍ଦ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କଟକ ଜିଲ୍ଲା ସମଗ୍ର ଶିକ୍ଷା ବିଭାଗର ସରକାରୀ ସମସ୍ତ ଜାରି ଚିଠି ନୀୟମକୁ ଫୁଁକରି ଅବ୍ୟବସ୍ଥା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବ୍ଲକ ସ୍ଥରୀୟ ବାର୍ଷିକ କ୍ରୀଡାର ପୁରସ୍କାର ବିତରଣ ଉତ୍ସବରେ ଜନପ୍ରତିନିଧି ମାନଙ୍କୁ ଉପେକ୍ଷା, ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ବିଆରସିସି-(କମ୍)ଏବିଇଓ ବିଦ୍ୟାଳୟର ବାର୍ଷିକ କ୍ରୀଡା ତଥା ଗୋଟିଏ ମଞ୍ଚରେ ଦୁଇଟି କାର୍ଯ୍ୟକ୍ରମ ପରିଚାଳନା କରି ଅର୍ଥ ହରିଲୁଟ ପାଇଁ ଅଭିନବ ପ୍ରୟାସ କରୁଥିବା ଛାତ୍ର ଅଭିଭାବକ ମହଲରେ ଚର୍ଚ୍ଚା ହେଉଛି।

ସୂଚନା ଯୋଗ୍ୟ ବ୍ଲକ ସ୍ତରୀୟ ଭିନ୍ନକ୍ଷମ କ୍ରୀଡା ଉତ୍ସବରେ ୧୦୦ଜଣ ଭିନ୍ନକ୍ଷମ ପିଲାଙ୍କ ପାଇଁ ସରକାରଙ୍କ ତରଫରୁ ଜଣପିଛା ୩୦ଟଙ୍କା ଜଳଖିଆ, ୧୦୦ଟଙ୍କା ମଧ୍ୟାହ୍ନ ଭୋଜନ, ଟୋପି ସହ ବିଭିନ୍ନ ପ୍ରକାର ପ୍ରାଧାନ୍ୟା ରହିଛି। କିନ୍ତୁ ଦାୟିତ୍ୱରେ ଥିବା ବିଆରପି ମାନେ ଓ ଏବିଇଓ ଏଥିରେ ବ୍ୟତିକ୍ରମ କରିଥିବା ଦେଖିବାକୁ ମିଳିଛି। ଗୋଟିଏ ଦିନରେ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ସହ ବ୍ଲକ ସ୍ତରୀୟ ଭିନ୍ନକ୍ଷମ ବାର୍ଷିକ କ୍ରୀଡା ଉତ୍ସବ ଗୋଟିଏ ମଞ୍ଚରେ କରି ଥିବା ଦେଖିବାକୁ ମିଳିଥିଲା। ଉକ୍ତ ଭିନ୍ନକ୍ଷମ କ୍ରୀଡା ଉତ୍ସବରେ ଆବଶ୍ୟକ ମୁତାବକ ଛାତ୍ର ଅବିଭାବକ ନଥିବା ସ୍ଥଳେ ଛାତ୍ର ଅଭିଭାବକଙ୍କୁ ନିତିଦିନିଆ ମଧ୍ୟାହ୍ନ ଭୋଜନ ଦେଇ ଭଣ୍ଡାଇଥିବା ଅଭିଯୋଗ ହେଉଛି। ଉକ୍ତ ବ୍ଲକ ସ୍ତରୀୟ ଭିନ୍ନକ୍ଷମ ବାର୍ଷିକ କ୍ରୀଡା ଉତ୍ସବରେ ବ୍ଲକ ବିଡ଼ିଓ କିମ୍ବା ଜନପ୍ରତିନିଧିଙ୍କୁ ଦେଖିବାକୁ ମିଳିନଥିଲା। ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଭଲମନ୍ଦ ବୁଝିବା ପାଇଁ ବିଆରପି ମାନଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ବିଆରପି ମାନଙ୍କୁ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନେ ଚିହ୍ନି ନାହାନ୍ତି ବୋଲି ପୂର୍ବରୁ ପ୍ରକାଶ କରିଥିବା ବେଳେ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ କର୍ମଚାରୀଙ୍କ ଦ୍ୱାରା ଭିନ୍ନକ୍ଷମ ପିଲାଙ୍କ ପ୍ରତି ଅବହେଳା କରାଯାଉଥିବା ବହୁ ପୂର୍ବରୁ ଅଭିଯୋଗ ହେଉଛି।

ଉକ୍ତ ବ୍ଲକ ସ୍ଥରୀୟ ବାର୍ଷିକ କ୍ରୀଡାର ପୁରସ୍କାର ବିତରଣ ଉଦଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଏବିଇଓ ସୁଶୀଲ କୁମାର ଚକ୍ରବର୍ତ୍ତୀ, ୩ବିଆରପି,ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଭିନ୍ନକ୍ଷମ ଛାତ୍ର ଛାତ୍ରୀଙ୍କ ଶିକ୍ଷକ,ଶିକ୍ଷୟତ୍ରୀ ମାନେ ପରିଚାଳନା କରିଥିବା ଦେଖିବାକୁ ମିଳିଥିଲା।

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ କର୍ମଶାଳା

**କେନ୍ଦ୍ରାପଡ଼ା,୧୮।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବା ନିଶ୍ଚିତତା ପ୍ରକୋଷ୍ଠ (ଆଇକ୍ୟୁଏସି) ପକ୍ଷରୁ ଗୁରୁବାର "ଗବେଷଣା ପ୍ରସ୍ତାବ ଲେଖନ ଓ ପାଣ୍ଠି ସଂଗ୍ରହ: ଧାରଣାରୁ ଅନୁମୋଦନ ପର୍ଯ୍ୟନ୍ତ" ଶୀର୍ଷକରେ ଏକ ଜାତୀୟ ସ୍ତରୀୟ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ଇଂରାଜୀ ବିଭାଗ ମୁଖ୍ୟ ଡ଼. ପୂର୍ବାଶା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମରେ ଉଦଘାଟନୀ ସମ୍ଭାଷଣ ପ୍ରଦାନ କରିଥିଲେ। ପ୍ରଥମ ସତ୍ରରେ ବାଣୀବିହାର ଉତ୍କଳ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ଡ଼. ହିମାଂଶୁ ଶେଖର ରାଉତ "ଗବେଷଣା ପ୍ରସ୍ତାବ ଲେଖନ" ବିଷୟରେ ଆଲୋଚନା କରିଥିଲେ । ଦ୍ୱିତୀୟ ସତ୍ରରେ ନୂଆଦିଲ୍ଲୀ ଜୱାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଡ଼. ମୀନକେତନ ବେହେରା "ଗବେଷଣା ପ୍ରସ୍ତାବ ପାଇଁ ପାଣ୍ଠି ସଂଗ୍ରହ" ଉପରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମର ଶେଷରେ ୟୁଜିସି ସଂଯୋଜକ ଡ଼. ଦେବକାନ୍ତ ଷଡଙ୍ଗୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ନିର୍ବାଚନ ସଂସ୍କାର ସମ୍ବନ୍ଧୀୟ କର୍ମଶାଳା

**ଫୁଲବାଣୀ,୧୮।୧୨ (ସଂଚାର ବ୍ୟୁରୋ):** ନିର୍ବାଚନ ପ୍ରଣାଳୀର ସୁଦୃଢ଼ତା ଓ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଭାଜପା ଫୁଲବାଣୀ ଗ୍ରାମୀଣ ମଣ୍ଡଳ ପକ୍ଷରୁ ନିର୍ବାଚନ ସଂସ୍କାର (ଏସ୍‌ଆଇଆର) ସମ୍ବନ୍ଧୀୟ ଏକ ମଣ୍ଡଳ ସ୍ତରୀୟ କର୍ମଶାଳା ଫୁଲବାଣୀ ବ୍ଲକ ଡୁଡ଼ିପାଜୁ ପଞ୍ଚାୟତ ଅନ୍ତର୍ଗତ ସାର୍ତ୍ତାଗୁଡ଼ା ଠାରେ ଫୁଲବାଣୀ ଗ୍ରାମୀଣ ମଣ୍ଡଳ ସଭାପତି ଗୋଲକ ବିହାରୀ କହଁରଙ୍କ ନେତୃତ୍ୱରେ ମଣ୍ଡଳ ସ୍ତରୀୟ ଏସ୍‌ଆଇଆର ତଥା ନିର୍ବାଚନ ସଂସ୍କାର ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ଚକ୍ରରେ ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ସଞ୍ଜିତ କୁମାର ମଣ୍ଡଳ ଯୋଗଦେଇ ଏସ୍‌ଆଇଆର ତଥା ନିର୍ବାଚନ ସଂସ୍କାର ସମ୍ପର୍କରେ ବିସ୍ତୃତ ଭାବେ ଅଭିଭାଷଣ ରଖିଥିଲେ। ଏହି କର୍ମଶାଳାରେ ନିର୍ବାଚନ ସଂସ୍କାରର ଗୁରୁତ୍ୱ, ସ୍ୱଚ୍ଛ ଓ ପାରଦର୍ଶୀ ଭୋଟ ପ୍ରକ୍ରିୟା, ମତଦାତା ସୂଚି ସୁଧାର (ଏସ୍‌ଆଇଆର) ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଦଳ ପକ୍ଷରୁ ନିର୍ବାଚନ ଚନ ସଂସ୍କାର ମାଧମରେ ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିବା ସକାଶେ ପରାମର୍ଶ ଦିଆଯାଇଥିଲା।ଏହି କର୍ମଶାଳାରେ ଶତାଧିକ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ନୀଳଗିରି କ୍ରିକେଟ ଲିଗ୍ ସିଜିନ-୫ର ଦ୍ୱିତୀୟ ଦିବସ




**ନୀଳଗିରି,୧୮।୧୨ (ସଂଚାର ବ୍ୟୁରୋ):** ନୀଳଗିରି କ୍ରିକେଟଲିଗ୍ ସିଜିନ୍ -୫ର ଦ୍ୱିତୀୟ ଦିବସ ଖେଳରେ ଦୁଇଗୋଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଓମସାଇ ଷ୍ଟାରପାୱାର ଏବଂ ବାବା ସର୍ବେଶ୍ୱର ଫାଇଟର ମଧରେ ଅନୁଷ୍ଠିତ ହୋଇଥିଲା ବେଳେ ବାବା ସର୍ବେଶ୍ୱର ୧୨ଓଭରରେ ୬ୱିକେଟ ହରାଇ ୧୫୨ରନ୍ ସଂଗ୍ରହ କରିଥିବା ବେଳେ ଓମସାଇ ଷ୍ଟାର ପାୱାର ୧୧.୩ଓଭରରେ ସମସ୍ତ ୱିକେଟ ହରାଇ ୧୧୬ରନ୍ ସଂଗ୍ରହ କରିବାରେ ସଫଳ ହୋଇଥିଲା। ଫଳରେ ବାବା ସର୍ବେଶ୍ୱର ଫାଇଟର୍ ବୃହତ୍ ବିଜୟଲାଭ କରିଥିଲା ବେଳେ ଦଳର ରାଜେଶ ପଣ୍ଡା ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅନୁରୂପ ଭାବେ ଦ୍ୱିତିୟାର୍ଦ୍ଧ ଖେଳ ହରପ୍ରିୟା ଚ୍ୟାଲେଞ୍ଜର ଏବଂ ମୁକ୍ତି -୧୧ମଧରେ ଅନୁଷ୍ଠିତ ହୋଇଥିଲା। ହରପ୍ରିୟା ଚ୍ୟାଲେଞ୍ଜର ୧୨ଓଭରରେ ୪ୱିକେଟ ବିନିମୟରେ ୧୩୬ରନ୍ ସଂଗ୍ରହ କରିଥିଲା। ଜବାବରେ ମୁକ୍ତି -୧୧ସମସ୍ତ ୱିକେଟ ହରାଇ ୧୦୦ରନ୍ ସଂଗ୍ରହ କରିବାରେ ସଫଳ ହୋଇଥିଲା। ଫଳରେ ହରପ୍ରିୟା ଚ୍ୟାଲେଞ୍ଜର ପରବର୍ତ୍ତୀ ପର୍ଯ୍ୟାୟକୁ ଯୋଗ୍ୟ ବିବେଚିତ ହୋଇଛି। ଦଳର ବିକାଶ ବିଶ୍ୱାଳ ୪ଗୋଟି ୱିକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଆଜିର ଏହି ଲକ୍ଷ୍ମୀଧର ବାରିକ ଏବଂ ଦେବାଶିଷ ବେହେରା ରେଫାରି ଭାବେ ଖେଳ ପରିଚାଳନା କରିଥିଲେ। ପ୍ରଥମ ପର୍ଯ୍ୟାୟ ଖେଳକୁ ପୂର୍ବତନ ଏନଏସି ଚେୟାରମେନ ରାଧାଗୋବିନ୍ଦ ଖଟୁଆ ଆନୁଷ୍ଠାନିକ ଉଦଘାଟନ କରିଥିବା ବେଳେ ପୁରସ୍କାର ବିତରଣଉତ୍ସବରେ ନୀଳଗିରି ବ୍ଲକ୍ ଉପାଧକ୍ଷ ଜ୍ୟୋତିର୍ମୟ ପୁଥାଳ ଏବଂ ଗରଡ଼ିହି ସରପଞ୍ଚ ଶିବାଜୀ ସିଂ, ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏନସିଏଲ ସଭାପତି ସୁମନ ଦାସ, ବିବେକ ସାହୁ, ଆଦର୍ଶଗୌରବ ଦାସ, ସତ୍ୟଜିତ ପ୍ରଧାନ, ଅଶ୍ୱନୀ ପାତ୍ର, ଲୋକନାଥ ମିଶ୍ର, ଶୁଭ୍ରାଂଶୁ ଶେଖର ନନ୍ଦ, ସନ୍ତୋଷ ସାହୁ, ସୁନୀଲ ମଢେଇ , ସୁଶାନ୍ତ ସେନାପତି ପ୍ରମୁଖ ସହଯୋଗ କରିଥିଲେ।

# ସିନେମା

# ‘ଆମେ ଆପଣଙ୍କର ଆପଣ ଆମର’



ଭାରତୀୟ କ୍ରିକେଟର ବିରାଟ କୋହଲି ପତ୍ନୀ ଅନୁଷ୍କା ଶର୍ମାଙ୍କ ସହ ପୁଣି ଥରେ ବୃନ୍ଦାବନ ଗସ୍ତ କରିଛନ୍ତି। ସେଠାରେ ପ୍ରସିଦ୍ଧ ସନ୍ଥ ପ୍ରେମାନନ୍ଦ ମହାରାଜଙ୍କୁ ଭେଟି ଆଶୀର୍ବାଦ ନେଇଛନ୍ତି । ତୃତୀୟ ଥର ପାଇଁ ଏହି ସେଲିବ୍ରିଟି ଦମ୍ପତି ପ୍ରେମାନନ୍ଦ ମହାରାଜଙ୍କୁ ସାକ୍ଷାତ କରିଛନ୍ତି । ଭାରତୀୟ କ୍ରିକେଟ କିମ୍ବଦନ୍ତୀ ବିରାଟ କୋହଲି ଏବଂ ପତ୍ନୀ ଅନୁଷ୍କା ଶର୍ମା ପ୍ରେମାନନ୍ଦ ମହରାଜଙ୍କୁ ଦାକ୍ଷାତ କରିବା ସମୟରେ ଭାବବିହ୍ୱଳ ହୋଇପଡ଼ିଛନ୍ତି । ଏହି ସମୟର ଫଟୋ ଏବଂ ଭିଡିଓ ଏବେ ସୋସିଆଲ ମିଡଆରେ ଭାଇରାଲ ହେଉଛି । ‘ଆମେ ଆପଣଙ୍କର ମହାରାଜ ଜୀ, ଆପଣ ଆମର’ ବୋଲି ଅନୁଷ୍କା କହୁଥିବା ଭିଡିଓରେ ଶୁଣିବାକୁ ମିଳୁଛି । ସେପଟେ ଭଜନ ମାର୍ଗର ଅଫିସିଆଲ୍ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ଏନେଇ ଏକ ଭିଡିଓ ମଧ ସେୟାର କରାଯାଇଛି । ପ୍ରେମାନନ୍ଦ ଜୀ ମହାରାଜ ବିରାଟ ଏବଂ ଅନୁଷ୍କାଙ୍କୁ ଜୀବନ ବିଷୟରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି। ସେ ସେମାନଙ୍କୁ ସେମାନଙ୍କ ନିଜ ନିଜ କାର୍ଯ୍ୟ କ୍ଷେତ୍ରକୁ ଈଶ୍ୱରଙ୍କ ସେବା ଭାବରେ ବିଚାର କରିବାକୁ, ସର୍ବଦା ନମ୍ର ରହିବାକୁ ଏବଂ ନିରନ୍ତର ଈଶ୍ୱରଙ୍କ ନାମ ଜପ କରିବାକୁ ପରାମର୍ଶ ଦେଇଛନ୍ତି । ସୂଚନା ଅନୁଯାୟୀ, ଚଳିତ ବର୍ଷ ବିରାଟ ଏବଂ ଅନୁଷ୍କା ତୃତୀୟ ଥର ଲାଗି ବୃନ୍ଦାବନ ଗସ୍ତ କରିଛନ୍ତି । ଏହି ଦମ୍ପତି ୟୁକେରୁ ଭାରତ ଆସିଛନ୍ତି । ପୂର୍ବରୁ ଜାନୁଆରୀରେ, ସେମାନେ ପ୍ରେମାନନ୍ଦ ଜୀ ମହାରାଜଙ୍କ ଆଶୀର୍ବାଦ ନେବା ପାଇଁ ପିଲାମାନଙ୍କ ସହିତ ବୃନ୍ଦାବନ ଯାଇଥିଲେ। ମେ ମାସରେ, ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିବାର ପରଦିନ ଅନୁଷ୍କାଙ୍କ ସହ ମହାରାଜ ଜୀଙ୍କୁ ଭେଟିଥିଲେ। ଅନୁଷ୍କା ଶର୍ମାଙ୍କ କାର୍ଯ୍ୟ ବିଷୟରେ କହିବାକୁ ଗଲେ, ସେ ବହୁତ ଦିନ ଧରି ଚଳଚ୍ଚିତ୍ରରୁ ଦୂରରେ ରହିଛନ୍ତି । ଅନୁଷ୍କା ତାଙ୍କ ଝିଅ ଭାମିକାର ଜନ୍ମ ପରେ ଚଳଚ୍ଚିତ୍ରରୁ ବିରତି ନେଇଥିଲେ। ଅନୁଷ୍କା ଏବଂ ବିରାଟଙ୍କର ଏକ ପୁଅ ମଧ ଅଛି । ଯାହାର ନାମ ଅକାୟ। ଅନୁଷ୍କା "ରବ୍ ନେ ବନା ଦି ଯୋଡ଼ି", "ଜବ୍ ତକ୍ ହୈ ଜାନ୍", "ପିକେ", "ସୁଲତାନ୍", "ଏ ଦିଲ୍ ହେ ମୁସ୍କିଲ୍", "ଏନଏଚ୍ ୧୦", "ପରୀ" ଏବଂ ଜିରୋ ଭଳି ଚଳଚ୍ଚିତ୍ରରେ ଚମତ୍କାର ଅଭିନୟ କରିଛନ୍ତି। ସେ ପରବର୍ତ୍ତୀ ସମୟରେ "ଚକଡା ଏକ୍ସପ୍ରେସ୍" ରେ ନଜର ଆସିବେ।



# ‘ଅବତାରଃ ଫାୟର ଆଣ୍ଡ ଆଶ’

ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ଜେମ୍ସ କ୍ୟାମେରନଙ୍କ ବହୁ ପ୍ରତୀକ୍ଷିତ ଅବତାରଃ ଫାୟାର ଆଣ୍ଡ ଆଶ୍ - ତାଙ୍କ ସିନେମା ଜଗତର ତୃତୀୟ ଅଧ୍ୟାୟ - ଡିସେମ୍ବର ୧୯, ୨୦୨୫ରେ ପରଦାକୁ ଆସିବ। ବିଶ୍ୱବ୍ୟାପୀ ଦର୍ଶକ ଏହାକୁ ଡିସେମ୍ବର ୧, ୨୦୨୫ରେ ହଲିଉଡର ଡଲବି ଥିଏଟରରେ ଆୟୋଜିତ ବିଶ୍ୱ ପ୍ରିମିୟରରେ ଦେଖିସାରିଲେଣି।



# ଓସ୍କାର୍ ଶର୍ଟଲିଷ୍ଟରେ ‘ହୋମ୍‌ବାଉଣ୍ଡ୍’





ନିର୍ଦ୍ଦେଶକ ନୀରଜ ଘେଓ୍ୱାନଙ୍କ ଫିଲ୍ମ ‘ହୋମ୍ବାଉଣ୍ଡ୍’କୁ ୯୮ତମ ଏକାଡେମୀ ଆୱାର୍ଡସ ବା ଅସ୍କାର ଆୱାର୍ଡସ୍‌ରେ ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର୍ ଫିଲ୍ମ ବିଭାଗର ଶୀର୍ଷ-୧୫ ଶର୍ଟଲିଷ୍ଟ୍ ଫିଲ୍ମରେ ସ୍ଥାନ ମିଳିଛି। ଫିଲ୍ମରେ ଈଶାନ ଖଟ୍ଟର, ବିଶାଲ ଜେଠ୍ୱା ଓ ଜାହ୍ନବୀ କପୁର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି।ଏକାଡେମୀ ଅଫ୍ ମୋସନ୍ ପିକ୍ଚର ଆର୍ଟସ୍ ଆଣ୍ଡ ସାଇନ୍ସ ରେସ୍ ଗତ ମଙ୍ଗଳବାର ୧୨ ବିଭାଗର ଶର୍ଟଲିଷ୍ଟ୍ ଶେୟାର କରିଛି। ଅନ୍ତର୍ଜାତୀୟ ଫିଚର୍ ଫିଲ୍ମ ବିଭାଗରେ ମୋଟ୍ ୧୫ ଫିଲ୍ମକୁ ଚୟନ କରାଯାଇଛି। ଶେଷରେ କେବଳ ୫ ଫିଲ୍ମକୁନୋମିନେସନ୍‌ରେ ସ୍ଥାନ ମିଳିବ, ଯାହାର ଘୋଷଣାଆସନ୍ତା ଜାନୁଆରୀ ୨୨ରେ ହେବ। ୨୦୨୬, ମାର୍ଚ୍ଚ୧୫ରେ ଅସ୍କାର ସମାରୋହ ଆୟୋଜିତ ହେବ।‘ହୋମ୍ବାଉଣ୍ଡ’ ସହିତ ଶର୍ଟଲିଷ୍ଟ୍ ହୋଇଥିବାଫିଲ୍ମ ମଧ୍ୟରେ ଆର୍ଜେଣ୍ଟିନାର ବେଲେନ, ବ୍ରାଜିଲର ଦ ସିକ୍ରେଟ୍ ଏଜେଣ୍ଟ, ଫ୍ରାନ୍ସର ଇଟ୍ ୱାଜ୍ ଜଷ୍ଟ୍ ଆନ୍ ଆକ୍ସିଡେଣ୍ଟ୍, ଜର୍ମାନୀରସାଉଣ୍ଡ୍ ଅଫ୍ ଫଲିଙ୍ଗ୍, ଇରାକର ଦପ୍ରେସିଡେଣ୍ଟ୍ସକେକ୍, ଜାପାନରକୋକୁହୋ, ଜୋର୍ଡାନରଅଲ୍ ଦ୍ୟାଟ୍ସଲେଫ୍ଟ ଅଫ୍ ୟୁ, ନରୱେର ସେଣ୍ଟିମେଣ୍ଟାଲ ଭ୍ୟାଲ୍ୟୁଜ୍, ପାଲେଷ୍ଟାଇନ୍‌ର ପାଲେଷ୍ଟାଇନ୍ ୩୬, ଦକ୍ଷିଣ କୋରିଆରନୋ ଅଦର୍ ଚଏସ୍, ସ୍ପେନ୍‌ର ସିରାତ, ସ୍ୱିଜରଲାଣ୍ଡ୍‌ରଲେଟ୍ ଶିଫ୍ଟ, ତାଇୱାନ୍‌ର ଲେଫ୍ଟ ହ୍ୟାଣ୍ଡେଡ୍ଗର୍ଲ ଓ ଟ୍ୟୁନିଶିୟାର ଦଭଏସ୍ ଅଫ୍ ହିନ୍ଦ୍ ରଜବସାମିଲ। ଧର୍ମା ମୁଭିଜ୍‌ର ଔପଚାରିକ ସୋସିଆଲ ମିଡିଆହ୍ୟାଣ୍ଡେଲ୍‌ରେ ‘ହୋମ୍ବାଉଣ୍ଡ୍’ଅସ୍କାର୍ ଶର୍ଟଲିଷ୍ଟ୍‌ରେ ସ୍ଥାନପାଇବା ବିଷୟରେ ଶେୟାରକରାଯାଇଛି। ଫିଲ୍ମରନିର୍ମାତା ଓ ନିର୍ଦ୍ଦେଶକ ପୂରା ଟିମକୁ ଏଥିପାଇଁ ଅଭିନନ୍ଦନ ଜଣାଇଛନ୍ତି।‘ହୋମ୍ବାଉଣ୍ଡ୍’ଏବେ ନେଟ୍ଫ୍ଲିକ୍ସରେପ୍ରସାରିତ ହେଉଛି।

# ‘ଜେଲର୍ ୨’ରେ ବିଦ୍ୟା ବାଲନ



ସୁପରଷ୍ଟାର୍ ରଜନୀକାନ୍ତଙ୍କ ବକ୍‌ବଷ୍ଟର୍ ଫିଲ୍ମ ‘ଜେଲର୍’ର ସିକ୍ୱେଲ ‘ଜେଲର୍ ୨’କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଏହି ବହୁ ପ୍ରତୀକ୍ଷିତ ପ୍ରୋଜେକ୍ଟରେ ବଲିଉଡ ଅଭିନେତ୍ରୀ ବିଦ୍ୟା ବଲାନ ସାମିଲ ହୋଇଛନ୍ତି। ତାଙ୍କର ଯୋଗଦାନ ଫିଲ୍ମର କଳାକାର ତାଲିକାକୁ ଆହୁରି ମଜଭୁତ କରିଛି। ସୂଚନା ମୁତାବକ, ବିଦ୍ୟା ବାଲନ ‘ଜେଲର୍ ୨’ର ସ୍କ୍ରିପ୍ଟରେ ଅତ୍ୟନ୍ତ ପ୍ରଭାବିତ ହୋଇଛନ୍ତି। ସେ ଏହି ଫିଲ୍ମରେ ଏକ ଶକ୍ତିଶାଳୀ ଚରିତ୍ରରେ ନଜର ଆସିବେ, ଯାହା କାହାଣୀରେ ଏକ ମୁଖ୍ୟ ମୋଡ଼ ଆଣିବ। ତାଙ୍କର ଉପସ୍ଥିତି ଫିଲ୍ମର ତୀବ୍ରତା ବଢ଼ାଇବ। ଏହି ଫିଲ୍ମକୁ ୨୦୨୬ଅଗଷ୍ଟ ୧୪ରେ ଏକ ବଡ଼ ଧରଣର ଥିଏଟରରେ ରିଲିଜ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅଗଷ୍ଟ ମାସରେ ପ୍ରଥମ ଭାଗ ‘ଜେଲର୍’ ରିଲିଜ ହୋଇ ବିଶ୍ୱବ୍ୟାପୀ ୬୦୫-୬୫୦ କୋଟିର ବ୍ୟବସାୟ କରିଥିଲା। ନିର୍ଦ୍ଦେଶକ ନେଲସନ ଦିଲୀପକୁମାରଙ୍କ ଏହି ଫିଲ୍ମରେ ରଜନୀକାନ୍ତ ପୁଣି ଥରେ ‘ଟାଇଗର୍ ମୁଥୁବେଲ ପାଣ୍ଡିଆନ’ ଭୂମିକାରେ ଫେରିବେ। ଫିଲ୍ମରେ ମୋହନଲାଲ, ଶିବ ରାଜକୁମାର, ନନ୍ଦମୁରୀ ବାଲକ୍ରିଷ୍ଣା ଏବଂ ମିଥୁନ ଚକ୍ରବର୍ତ୍ତୀଙ୍କ କ୍ୟାମିଓ (ଅତିଥି) ଭୂମିକା ଏହାକୁ ଏକ ବୃହତ ପାନ-ଇଣ୍ଡିଆ ପ୍ରୋଜେକ୍ଟ କରିବ।



# ଘରକୁ ଆସିବେ ନୂଆ ଅତିଥି



ଓଡ଼ିଆ ସିନେ ଜଗତର ଚର୍ଚ୍ଚିତ ଷ୍ଟାର ଦମ୍ପତ୍ତି ସବ୍ୟସାଚୀ ଏବଂ ଅର୍ଚ୍ଚିତା ସାମାଜିକ ଗଣମାଧରେ ଏକ ଖୁସି ଖବର ଦେଇଛନ୍ତି। ଖୁବ ଶୀଘ୍ର ଉଭୟେ ତାଙ୍କ ପରିବାରକୁ ଜଣେ ନୂଆ ସ୍ୱପ୍ନକୁ ସ୍ୱାଗତ କରିବାକୁ ଯାଉଛନ୍ତି ବୋଲି ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସବ୍ୟାର୍ଚ୍ଚିତା ଖୁବଶୀଘ୍ର ବାପା ମାଆ ହେବାକୁ ଯାଉଛନ୍ତି ବୋଲି ପୋଷ୍ଟ କରିଛନ୍ତି। ଏହି ଖୁସି ଖବରକୁ ସେମାନଙ୍କ ପ୍ରଶଂସକଙ୍କ ସହ ମଧ ସେୟାର କରିଛନ୍ତି। ଆଉ ଏହାପରେ ସେମାନଙ୍କ ପାଖକୁ ଛୁଟିଛି ଶୁଭେଚ୍ଛାର ସୁଅ। ଓଲିଉଡର ଲୋକପ୍ରୀୟ କଳାକାର ମାନେ ଏବଂ ଯେଉଁମାନେ ପୂର୍ବରୁ ଉଭୟ ସର୍ବ୍ୟାର୍ଚ୍ଚିତାଙ୍କ ସହିତ ଅଭିନୟ କରିଛନ୍ତି, ସେମାନେ ଶୁଭେଚ୍ଛା ଜଣାଇଛନ୍ତି। ସବ୍ୟସାଚୀ ତାଙ୍କ ଫେସ୍‌ବୁକ୍ ଏବଂ ଏକ୍ସ ପୋଷ୍ଟରେ ଅର୍ଚ୍ଚିତାଙ୍କ ସହିତ ତାଙ୍କର ଏକ ଫଟୋ ପୋଷ୍ଟ କରି ଲେଖିଛନ୍ତି,' Love story just got a Sweet Twist , ଦୁନିଆକୁ ଆସିବାକୁ ଥିବା ଆମ କୁନି ସ୍ୱପ୍ନ ପାଇଁ ଆପଣଙ୍କ ଶୁଭାଶିଷ ଏକାନ୍ତ କାମ୍ୟ।

## ବୟସ ୬୨ ହେଲେ ମଧ ମିଳିନି ବାର୍ଦ୍ଧକ୍ୟ ଭତ୍ତା



**କନ୍ଧମାଳ,୧୮।୧୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ଗ୍ରାମ ଗୁଞ୍ଜିଗାଁ ସାହିର ବିସ୍ମତି ପ୍ରଧାନ ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି। ସରକାର ପରେ ସରକାର ବଦଳଉଛି ହେଲେ ସରକାର ଯୋଜନା ସଠିକ୍ ଭାବରେ ଲୋକ ଙ୍କ ପାଖରେ ପହଞ୍ଚିବାକୁ ଅସୁବିଧା ରହୁଛି ବୋଲି ବୃଦ୍ଧିଜିବୀ ମହଲରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି, ନା ଜାଣି ଶୁଣି ପ୍ରଶାସନ ନିରବ ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳୁଛି କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକର ବହୁ ହିତାଧିକାରୀ ଏହି ବୟସ ସୀମା ଟପି ଯାଇଥିଲେ ମଧ ଅଦ୍ୟାବଧି ସେମାନଙ୍କୁ ଭତ୍ତା ମିଳିପାରି ନାହିଁ କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ଗୁଞ୍ଜିଗାଁ ଗ୍ରାମର ବିସ୍ମତି ପ୍ରଧାନ ଦୀର୍ଘ ଦୁଇ ବର୍ଷ ହେବ ଭତ୍ତା ପାଇଁ ଅନ୍ୟ ଲାଇନ୍ ମାଧମରେ ଦରଖାସ୍ତ କରିଥିଲେ ମଧ ଅଦ୍ୟାବଧି ତାଙ୍କୁ ହିତାଧିକାରୀ ସୂଚୀରେ ସାମିଲ ହୋଇନାହାନ୍ତି ଭତ୍ତା ଟଙ୍କା ପାଇବା ସକାଶେ ସେ ବାରମ୍ବାର ବ୍ଲକ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡ଼ୁଥିଲେ ମଧ ଏଥିରେ ତାଙ୍କୁ ଅଦ୍ୟାବଧି ସଫଳତା ମିଳିପାରି ନାହିଁ ଦୁଇ ବର୍ଷ ତଳୁ ହିତାଧିକାରୀ ଯୋଗ୍ୟତା ଅର୍ଜନ କରିଥିଲେ ମଧ କେଉଁ କାରଣ ପାଇଁ ବିସ୍ମତି ପ୍ରଧାନଙ୍କୁ ଆଜି ପର୍ଯ୍ୟନ୍ତ ଭତ୍ତାରୁ ବ୍ଲକ ପ୍ରଶାସନ ବଞ୍ଚିତ ରଖିଛନ୍ତି ତାହା ବୁଝା ପଡୁନାହିଁ।

# ମେଡିକାଲ ବିଲ୍ଡିଂ କାମ ଅତି ନିମ୍ନମାନର ହେଉଥିବା ଅଭିଯୋଗ

**କନ୍ଧମାଳ,୧୮।୧୨(ସଂଚାର ବ୍ୟୁରୋ):** ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ଶହରାଞ୍ଚଳ ର ବିକାଶ ପାଇଁ ରାଜ୍ୟ ସରକାର ତରଫରୁ କୋଟିକୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ବିଭାଗ ଦ୍ୱାରା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କ୍ରମ କରୁଥିବା କହୁଥିବା ବେଳେ କିଛି ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ଙ୍କ ମଧୁ ଚନ୍ଦ୍ରିକା ଓ ଲାଭ ଖୋର ମନବୃଦ୍ଧି ପାଇଁ ଏଭଳି ବିଭିନ୍ନ ଉନ୍ନୟନ କାମ ଆରମ୍ଭ ରୁ ହିଁ ନିମ୍ନ ମାନର କାମ ହେଉଥିବା ଅଭିଯୋଗ ହେଉଥିବା ବେଳେ ଏହି କାମ ଗୁଡିକର ସ୍ଥାୟୀତ୍ୱ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ଓ ତେବେ ଏଭଳି ଏକ ନିମ୍ନ ମାନର ନିର୍ମାଣ ଧୀନ କାମ ଦେଖିବାକୁ ମିଳିଛି



ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲା ର ପିରିଙ୍ଗିଆ ବ୍ଲକ ଅଧୀନରେ ଥିବା ପାଙ୍ଗା ଠାରେ ଓ ସୂଚନା ଅନୁସାରେ ଏହି ପାଙ୍ଗା ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିସନ ଅଧୀନରେ ଏକ ସୁଉଚ୍ଚ କୋଠା ନିର୍ମାଣ କାମ ଚାଲୁ

**ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି**

ଅଛି ଓ କିନ୍ତୁ କାମ ଆରମ୍ଭରୁ ନିର୍ମାଣ ଦାୟିତ୍ୱ ରେ ଥିବା ଠିକାଦାର ଜଣକ ବିଭାଗୀୟ ଯନ୍ତ୍ରୀ ଙ୍କ ଛତ୍ର ଛାୟା ତଳେ ରହି ଅତି ନିମ୍ନ ମାନର ଯାହାକି କୋଠା ର ସ୍ଥାୟୀତ୍ୱ କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏହି କୋଠା କାମରେ ବ୍ୟବହାର ହେଉଥିବା ସିମେଣ୍ଟ ଠାରୁ ଆରମ୍ଭ କରି ବାଲି ଇଟା ସହ ସମସ୍ତ କଞ୍ଚାମାଲ ମଧ ନିମ୍ନ ମାନର ହୋଇଥିବା ଅଭିଯୋଗ ହୋଇଛି ଓ ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପ୍ରକାରେ ଏହି ବିଲଡିଂ ନିର୍ମାଣ ହେବା ପରେ ଏଠାକୁ ଶହ ଶହ ରୋଗୀ ଆସି ଚିକିତ୍ସିତ ହେବେ।ସେମାନଙ୍କ ମଧରୁ ଅନେକ ରୋଗୀ ଏଠାରେ ଦିନ ଦିନ ଧରି ରହି ଚିକିତ୍ସିତ ହେବେ।ସରକାରୀ କାର୍ଯ୍ୟରେ କାର୍ଯ୍ୟ ଆରମ୍ଭପୂର୍ବରୁ ସୂଚନା ଫଳକ ତିଆରି କରିବା ନିୟମ ରହିଛି, ହେଲେ ଏଠାରେ ସୂଚନା ଫଳକ ମଧ ନାହିଁ ଓକେଁଉ ବିଭାଗର କାମ, କେତେ ଅଟକଳ ମୂଲ୍ୟ ରହିଛି, ଦୈନିକ ମଜୁରୀ କେତେ, ଆର୍ଥିକ ବର୍ଷ କଣ, କୁଶଳୀ ଓ ଅଣକୁଶଳୀ ଶ୍ରମିକ ମାନଙ୍କ ମଜୁରୀ କେତେ ରହିଛି, ସେ ବିଷୟରେ କିଛି ବି ତଥ୍ୟ ଜଣାପଡୁନି ଠିକାଦାର ଯେଉଁ ଢଙ୍ଗରେ କାମ କରୁଛନ୍ତି ବିଲଡିଂ ବେଶି ଦିନ ଲାଷ୍ଟିଙ୍ଗ କରିବ ନାହିଁ।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ସୁବର୍ଣ୍ଣପୁର,୧୮।୧୨(ସଂଚାର ବ୍ୟୁରୋ):** ବିଜୁ ପଟ୍ଟନାୟକ ଉଚ୍ଚ ମାଧମିକ ମହିଳା ବିଦ୍ୟାଳୟ ର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗାନ୍ଧୀ ପଡିଆ ଠାରେ ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ଯୋଗ ଦେଇ କୃତୀ ପ୍ରତିଯୋଗୀ ଙ୍କୁ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରି ଥିଲେ। ଓ ଜିତ ହାର ପ୍ରତି ଗୁରୁତ୍ଵ ନ ଦେଇ ଖେଳୁଆଡ ମନୋଭାବ ନେଇ ଆଗକୁ ବଢି ବାକୁ ପରାମର୍ଶ ଦେଇଥିଲେ। ଆଜି ର ଖେଳ ପ୍ରତିଯୋଗିତା ରେ ପାଞ୍ଚ ଗୋଟି ଇଭେଣ୍ଟ ରେ ମ୍ୟୁଜିକ ଚେୟାର, ସ୍କିପିଂ, ରିଲେ ରେସ, ଟଗ ଅଫ ୱାର, ଓ ବିଶେଷ ଆକର୍ଷଣ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଦୁଇ ଦିନିଆ କ୍ରିଡ଼ା ପ୍ରତିଯୋଗିତା ରେ ଚାରି ଗୋଟି ଇଭେଣ୍ଟ ରେ ଭାଗ ନେଇ ଦୁଇଟି ରେ ପ୍ରଥମ ଓ ଦୁଇଟି ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପ୍ରଥମ ବର୍ଷ ର କଳା ଛାତ୍ରୀ କୌଶଲ୍ୟା ବଘାର ଚମ୍ପିୟାନ ବିଜେତା ହୋଇ ଅତିଥି ଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି। ସେହିପରି ଗତ କାଲି ଏହି କ୍ରୀଡ଼ା ପ୍ରତିଯୋଗିତା କୁ ଉଚ୍ଚ ମାଧମିକ ବିଦ୍ୟାଳୟ ର ଅଧକ୍ଷା ଶ୍ରୀମତୀ ପ୍ରୀତି ମୟୀ ମିଶ୍ର ଉଦ୍ଘାଟନ କରିଥିଲେ। ଓ ଶିକ୍ଷା ସହିତ କ୍ରୀଡ଼ା ର ପୁରା ଜରୁରୀ ଅଟେ ବୋଲି କହିଥିଲେ। କାରଣ କ୍ରୀଡ଼ା ଦ୍ୱାରା ହିଁ ଶରୀର ସୁସ୍ଥ ରହେ ଓ ମନ ପ୍ରଫୁଲ୍ଲ ରହେ ବୋଲି କହିଥିଲେ। ଗତ କାଲି ୯ ଗୋଟି ଇଭେଣ୍ଟ ରେ ଖେଳ ପ୍ରତିଯୋଗିତା ପରିଚାଳନା କରା ଯାଇଥିବା ବେଳେ ଖେଳ ଶିକ୍ଷକ ବିଜୟ କୁମାର ଦାଶ ଙ୍କ ତତ୍ତ୍ୱାବଧାନ ରେ ସମସ୍ତ ଖେଳ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବ ରେ ଇଂରାଜୀ ଅଧାପକ ମଧୁ ସୁଦନ ପୁଝାରୀ ସଭା ପରିଚାଳନା କରିଥିଲେ। ଏବଂ ସମସ୍ତ କାର୍ଯ୍ୟ କ୍ରମ ରେ ବିଦ୍ୟାଳୟ ର ଅଧାପକ ଅଧାପିକା, କର୍ମଚାରୀ ସହଯୋଗ ଓ ଇନ୍ଫିନିଟି ଏକାଡେମୀ ର କର୍ମ କର୍ତ୍ତା ସହଯୋଗ କରିଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ସୁବର୍ଣ୍ଣପୁର,୧୮।୧୨(ସଂଚାର ବ୍ୟୁରୋ):** ଆଦର୍ଶ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ କ୍ରୀଡା ସୋନପୁର ଲଲୁ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଶାଖା ସଭାପତି ମନୋରଞ୍ଜନ ତ୍ରିପାଠୀ ଓ ଶାରୀରିକ ଶିକ୍ଷକ ତଥା ସାମ୍ବାଦିକ ଶ୍ରୀଯୁକ୍ତ ସଞ୍ଜୟ କୁମାର ସାହୁ ଯୋଗଦେଇ କ୍ରୀଡା ଜୀବନକୁ କିପରି ପ୍ରଭାବିତ ଓ ପରିବର୍ତ୍ତନ କରେ ତା ଉପରେ ବକ୍ତବ୍ୟ ଦେଇଥିଲେ।ପ୍ରଧାନ ଶିକ୍ଷକ ବ୍ରତାନନ୍ଦ ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଶିକ୍ଷୟିତ୍ରୀ କବିତା ରାଣୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।ବରିଷ୍ଠ ଶିକ୍ଷୟିତ୍ରୀ ସଂଗୀତା ମହାନ୍ତି ଓ ବିଦ୍ୟାଳୟ ପରିଚାଳନା କମିଟି ଉପ ସଭାନେତ୍ରୀ ସୀମା ଭେଷରା, ସଂଗୀତା ମହାରଣା ଉର୍ମିଳା ମହାରଣା ସହଯୋଗ କରିଥିଲେ। ୧୦୦ ମିଟର ଦୌଡ଼ ୨୦୦ ମିଟର ଦୌଡ଼, ସଟପୁଟ, ବାଟି ଚାମଚ. ମ୍ୟୁଜିକ ଚେୟାର ଇତ୍ୟାଦି ଖେଳ ପ୍ରତିଯୋଗିତା ହୋଇଥିଲା।

## ସଟର ତାଡି ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ



**ଲୋଇସିଂହା,୧୮।୧୨(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ଲୋଇସିଂହା ବସଷ୍ଟାଣ୍ଡ ସ୍ଥିତ ଜେଶ୍ମିନ ଅଳଙ୍କାର ଦୋକାନରୁ ବୁଧବାର ରାତିରେ ଚୋରି ହୋଇଥିବା ନେଇ ଦୋକାନ ମାଲିକ ୱାସିମ ଖାନ ଲୋଇସିଂହା ଥାନରେ ଅଭିଯୋଗ କରିଛନ୍ତି। ଗୁରୁବାର ସକାଳେ ଦୋକାନ ମାଲିକ ଦୋକାନ ଖୋଲିଯିବାବେଳେ ସଟର ତଡ଼ା ହୋଇଥିବା ଦେଖି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପ୍ରାୟ ୪୨ ଲକ୍ଷରୁ ଅଧିକ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ନେଇ ସେ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଢ଼େଇ ଗ୍ରାମର ସୁନା ଅଳଙ୍କାର ଓ ୨୦ କେଜିର ରୂପା ଅଳଙ୍କାର ରହିଛି। ରାତି ପ୍ରାୟ ୧ଟା ୫୦ରୁ ୨ ଟା ୧୦ ମିନିଟ ମଧରେ ୨ ଜଣ ଚୋର ଦୋକାନ ସଟର ତାଡ଼ି ଦୋକାନ ଭିତରୁ ପଶି ନେଇଯାଇଥିବା ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି। ଲୋଇସିଂହା ଥାନା ଠାରୁ ମାତ୍ର ଶହେ ମିଟର ଏବଂ ବଲାଙ୍ଗୀର ବରଗଡ଼ ୨୬ ନଂ ରାଜପଥ କଡରେ ଥିବା ଦୋକାନରୁ ବର୍ଷକ ମଧରେ ୨ଥର ଚୋରି ହେବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଅପରପକ୍ଷେ ପୋଲିସ ପକ୍ଷରୁ ରାତି ବେଳା ପାଟ୍ରୋଲିଂ ହେଉନଥିବାରୁ ବାରମ୍ବାର ଚୋରି ହେଉଥିବା ଅଭିଯୋଗ ହେଉଛି। ଅଭିଯୋଗ ପାଇ ଲୋଇସିଂହା ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି।

## ଭିନ୍ନକ୍ଷମ ଦିବସ ପାଳନ



**ଭେଡେନ,୧୮।୧୨(ସଂଚାର ବ୍ୟୁରୋ):** ଆଞ୍ଚଳିକ ଜନକଲ୍ୟାଣ ଭିନ୍ନକ୍ଷମ ସଂଗଠନ ଭେଡେନ ପକ୍ଷରୁ ବିଶ୍ୱ ଭିନ୍ନ କ୍ଷମ ଦିବସ ୨୦୨୫ ସ୍ଥାନୀୟ ଭେଡେନ କଲ୍ୟାଣ ମଣ୍ଡପ ଠାରେ ପାଳନ କରାଯାଇଛି। ଏଥିରେ ୩୦୦ ଶହ ରୁ ଅଧିକ ଭିନ୍ନକ୍ଷମ ଭାଇଭଉଣୀ ଓ ଅଭିଭାବକ ମାନେ ଯୋଗ ଦେଇଥିଲେ।ମୁଖ୍ୟ ଅତିଥୀ ଶ୍ରୀମତୀ ସୁପ୍ରଭା ମହାଳିକ, ଚେୟାରମେନ ଭେଡେନ ବ୍ଲକ, ସମ୍ମାନିତ ଅତିଥି ଶ୍ରୀଯୁକ୍ତ କର୍ଣ୍ଣ ସୁନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭେଡେନ, ଶ୍ରୀମତୀ ପଦ୍ମିନୀ ଗଡ଼ଟିଆ ଜିଲ୍ଲା ପରିଷଦ ସଭ୍ୟା, ଯଶୋବନ୍ତ ସେଟ୍ ଏମ ପି ନୋମିନି ଶ୍ରୀମତୀ ନମିତ ସୁନା ଆଇନ୍ ସେବା ପ୍ରାଧିକରଣ ଭେଡେନ, ଶ୍ରୀଯୁକ୍ତ ଯସବିର ସିଂ ସୈନି ସର୍ବ ଭାରତୀୟ କାଉନସିଲ ଅଫ୍ ହ୍ୟୁମାନ ରାଇଟ ଓ ଏଇମିସନ୍ ଏଇଂଲିଶ୍ ମିଡୀୟମ୍ ସ୍କୁଲ ର ଚେୟାରମେନ, ଶ୍ରୀଯୁକ୍ତ ରତନ ଲାଲ ଅଗ୍ରୱାଲ ସହ ସଂଯୋଜକ ପାୱାର ଅଫ୍ ଦିବ୍ୟାଙ୍ଗସ, ମୁକ୍ଷ୍ୟ ବକ୍ତା ରୂପେ ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ସାହୁ, ପ୍ରଧାନ ଶିକ୍ଷକ ବାପୁଜୀ ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟ ବରଗଡ଼ ଯୋଗ ଦେଇ ଥିଲେ। ଭିନ୍ନକ୍ଷମ ଦିବସର ଆୟୋଜକ ସଭାପତି ଶ୍ରୀଯୁକ୍ତ ବସନ୍ତ କୁମାର ଭୋଇ ଙ୍କ ଉପସ୍ଥିତିରେ ସଭା କାର୍ଯ୍ୟ ଚାଲିଥିଲା

# ସମ୍ବଲପୁର ବନ୍ଦକୁ ସମର୍ଥନ କରି ଶତାଧିକ ଚାଷୀଙ୍କ ବାଇକ୍ ରାଲି

**ସମ୍ବଲପୁର,୧୮।୧୨(ସଂଚାର ବ୍ୟୁରୋ):** ଖରିଫ ଧାନ ବିକ୍ରି ପାଇଁ ଟୋକନ ବଣ୍ଟନ ସମସ୍ୟା ବିରୋଧରେ ଚାଷୀ ସଂଗଠନ ପକ୍ଷରୁ ଶୁକ୍ରବାର ସମ୍ବଲପୁର ବନ୍ଦ ଡାକରା ଦିଆଯାଇଛି। ସମ୍ବଲପୁର ବନ୍ଦକୁ ସଫଳ କରିବାକୁ ଜନସାଧାରଣ ତଥା ବିଭିନ୍ନ ସାମାଜିକ ଓ ଶ୍ରମିକ ସଂଗଠନର ସମର୍ଥନ ପାଇଁ ଗୁରୁବାର ଏକ ବାଇକ୍ ରାଲି ଆୟୋଜିତ ହୋଇଥିଲା। ବରେଇପାଲି ଆର୍‌ଏମ୍‌ସି ମଣ୍ଡିରୁ ହାତରେ ବିଭିନ୍ନ ପ୍ରକାର ସରକାର ବିରୋଧୀ ପ୍ଲାକାର୍ଡ ଧରି ଶତାଧିକ ଚାଷୀ ବାଇକ୍ ରାଲିରେ ବାହାରି ମା' ସମଲେଇଙ୍କ ମନ୍ଦିର ଦେଇ ସହର ପରିକ୍ରମା ସ୍ୱରୂପ ଶୁକ୍ରବାର ସମ୍ବଲପୁର ବନ୍ଦକୁ ସମର୍ଥନ ଓ ସହଯୋଗ କରିବାକୁ ନିବେଦନ କରିଥିଲେ। ଏହା ପୂର୍ବରୁ ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ଉକ୍ତ ମଣ୍ଡିରେ ଅନୁଷ୍ଠିତ ବୈଠକରେ ଶୁକ୍ରବାର ସମ୍ବଲପୁର ବନ୍ଦର ରୂପରେଖ ସ୍ଥିର ସହ ବାଇକରାଲିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଚାଷୀଙ୍କ ବିରୋଧରେ ସରକାର ଷଡ଼ଯନ୍ତ୍ର କରୁଥିବା ସରକାର ଡାଉନ ଡାଉନ ବୋଲି ନାରା ଦେଇ ସହର ପରିକ୍ରମା କରିଥିଲେ।



## ସଚେତନ ନିଶାନିବାରଣ କେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ

**ଯାଜପୁର ରୋଡ଼,୧୮।୧୨(ସଂଚାର ବ୍ୟୁରୋ):** କୋରେଇ ବ୍ଲକର ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ ପରେପରେ ଗତକାଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ଜାନକୀ ହେମ୍ବ୍ରମ ଅଚାନକ ବ୍ୟାସନଗର ପୌରାଅଞ୍ଚଳ ସହରର ରେଲୱେ ଷ୍ଟେସନ ରୋଡ଼ରେ ଥିବା ସଚେତନ ନିଶାନିବାରଣ କେନ୍ଦ୍ର ସମେତ ଅନେକ କେନ୍ଦ୍ର ପରିଦର୍ଶନ କରିଥିଲେ। ସଚେତନ କେନ୍ଦ୍ରରେ ରହୁଥିବା ଅନ୍ତେବାସିଙ୍କ ସହ ଆଲୋଚନା କରି ସେମାନଙ୍କ ଖାଦ୍ୟ ଓ଼ ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝିବା ସହିତ ସେମାନଙ୍କୁ ନିଶା ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ସଚେତନ ନିଶା ନିବାରଣ କେନ୍ଦ୍ରର ପରିଚାଳକ ଉପେନ୍ଦ୍ର କୁମାର ସାହୁ ଡ଼ିଏସଏସଓ଼ ଅଧିକାରୀଣୀ ଶ୍ରୀମତୀ ହେମ୍ବ୍ରମଙ୍କୁ ନିଜ କେନ୍ଦ୍ରର ସମସ୍ତ ନିୟମାବଳୀକୁ ଉପସ୍ଥାପନା କରିଥିଲେ। ଶ୍ରୀମତୀ ହେମ୍ବ୍ରମ କେନ୍ଦ୍ରର ଅନ୍ତେ ବାସିମାନଙ୍କୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରୁଥିବା ଶ୍ରୀସାହୁଙ୍କୁ ଧନ୍ୟବାଦ ଦେଇଥିଲେ।



ବିଞ୍ଝାରପୁର ଖରସ୍ରୋତା ପୁସ୍ତକ ମେଳାରେ ବହି କିଣାରେ ପାଠକ ବ୍ୟସ୍ତ।

## ମେର୍ଦ୍ଧା ହାଇସ୍କୁଲର ବାର୍ଷିକ ଉତ୍ସବକୁ ବିଇଓ ବିପ୍ଳବ କର ଉଦ୍‌ଘାଟନ କଲେ



**ବୈଶିଙ୍ଗା,୧୮।୧୨(ସଂଚାର ବ୍ୟୁରୋ):** ବୁଧବାର ଦିନ ବୈଶିଙ୍ଗା ଥାନା ଅନ୍ତର୍ଗତ ମେର୍ଦ୍ଧା ସରକାରୀ ଉଚ୍ଚ ବିଦ୍ୟାଳୟ, ପ୍ରଧାନଶିକ୍ଷକ ଶ୍ରୀମତୀ ମାଳତୀ ହେମ୍ବ୍ରମଙ୍କ ଅଧକ୍ଷତାରେ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ସାରସ୍ୱତ ଉତ୍ସବରେ ବେତନଟୀ ଗୋଷ୍ଠୀ ଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ବିପ୍ଳବ କର ମୁଖ୍ୟଅତିଥି ରୂପେ ଯୋଗଦେଇ ଉତ୍ସବ କୁ ଆନୁଷ୍ଠାନିକଭାବେ ଉଦ୍ଘାଟନ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଆଳସ୍ୟ ପରିତ୍ୟାଗ କରି ଜୀବନର ଲକ୍ଷ୍ୟ ପଥରେ ଆଗେଇ ଯିବାକୁ ସତ୍ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ସଦ୍ୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନଳିନୀ କୁମାର ଚୌଧୁରୀ ପୌରାଣିକ କିମ୍ବଦନ୍ତୀକୁ ଆଧାର କରି ପ୍ରଣାମର ରହସ୍ୟ ଉପରେ ସୁନ୍ଦର ସନ୍ଦେଶ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ରୂପେ ୩୭ ନଂ ଜୋନ୍ ର ଜିଲ୍ଲାପରିଷଦ ସଭ୍ୟା ସୁଶ୍ରୀ ଧାନୀ କିସ୍କୁ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ସନ୍ତକ କୁମାର ଲେଙ୍କା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ନାମ ଉଜ୍ଜ୍ୱଳ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ସଂସ୍କୃତ ଶିକ୍ଷକ ପ୍ରିୟନାଥ ପାଣି ବେଦପାଠ ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ।

# ଡାକ୍ତରଖାନାର ଅବ୍ୟବସ୍ଥା ସୁଧୁରିବ କେବେ

**ବୈଶିଙ୍ଗା,୧୮।୧୨(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ସ୍ଥାପିତ ବୈଶିଙ୍ଗା ସ୍ଥିତ ଶହେ ବର୍ଷର ପୁରାତନ ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ମିଳିବା ନେଇ ସରକାରଙ୍କ ଟାଳଟୁଳ ନୀତି ଯୋଗୁଁ ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପ୍ରକାଶ ଯେ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ୧୯୨୫ ମସିହାରେ ତତ୍କାଳୀନ ମୟୂରଭଞ୍ଜ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତରେ ଉଭୟ ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟସମସ୍ୟା କୁ ଦୃଷ୍ଟିରେ ରଖି ପ୍ରତିଷ୍ଠା କରାଯାଇଥିଲା ଏହି ଚିକିତ୍ସାଳୟ। ସେବେଠାରୁ ଦୀର୍ଘ ଶହେ ବର୍ଷ ଧରି ଉଭୟ ଜିଲ୍ଲାର ଆଖପାଖ ୨୦ଟି ପଞ୍ଚାୟତର ଲକ୍ଷାଧିକ ଲୋକଙ୍କ ଜୀବନରେଖା ସାବ୍ୟସ୍ତ ହୋଇଆସୁଛି ଏହି ଶତାୟୁ ଚିକିତ୍ସାଳୟ। ମାତ୍ର ଦେଶ ସ୍ୱାଧୀନତା ସମୟରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ ସହ ଓଡ଼ିଶାର ମିଶ୍ରଣ ହେବାପରେ ଏହି ଡାକ୍ତରଖାନାକୁ ଲଗାତର ଉପେକ୍ଷା କରାଯାଉଥିବାରୁ ଡାକ୍ତରଖାନାର 'ସ୍ୱାସ୍ଥ୍ୟ ଅବସ୍ଥା' ଦିନ କୁ ଦିନ ବିଗିଡି ଯାଉଥିବା ଅଭିଯୋଗ କରି ଗତ ୨୦୨୩ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଦିନ ଠାରୁ ୧୦ ଦିନ ଧରି ଅହୋରାତ୍ର ଗଣଧାରଣା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଚାଲିଥିଲା।ତତ୍କାଳୀନ ସରକାର ବୈଶିଙ୍ଗା ଡାକ୍ତରଖାନା ର ଉନ୍ନତି ପାଇଁ ପ୍ରତିଶ୍ରୁତି ବଦ୍ଧ ବୋଲି ଆଶ୍ୱାସନା ଦେଇଥିଲେ। ମାତ୍ର ୨୦୨୪ ସାଧାରଣ ନିର୍ବାଚନରେ ୨୪ ବର୍ଷର ଶାସକ ବିଜୁ ଜନତା ଦଳ କୁ ଗାଦିଚ୍ୟୁତ କରି ସାଧାରଣ ଭୋଟର ଭାରତୀୟ ଜନତା ପାର୍ଟି କୁ ଭୋଟ ଦେବା ପରେ ଏବେ ନୂତନ ବିଜେପି ସରକାର ଗଠନ କରିବାର ଦେଢ ବର୍ଷ ବିତିଗଲାଣି।

ଉନ୍ନତ୍ତ ସ୍ୱାସ୍ଥ୍ୟସେବା ସାତସପନ



## ୪୮ ଘଣ୍ଟା ପୂରିଲାନି: ଧରାପଡିଲେ ୨ଅଭିଯୁକ୍ତ, ଉଦ୍ଧାର ହେଲା ସାମଗ୍ରୀ

**ବରଗଡ଼,୧୮।୧୨(ସଂଚାର ବ୍ୟୁରୋ):** ବରଗଡ଼ ସଦର ଥାନା ଅନ୍ତର୍ଗତ ଗାଇସୀମାସ୍ଥିତ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ଗତ ୧୬ତାରିଖ ବିଳମ୍ବିତ ରାତିରେ ହୋଇଥିବା ଚୋରି ଘଟଣାର ପର୍ଦ୍ଦାଫାସ ହୋଇଛି। ପୋଲିସ ଏହି ଘଟଣାରେ ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଗାଇସୀମା ଗ୍ରାମର ଆଶିଷ ମାଝୀ(୨୩) ଏବଂ ଜିତଟିକ୍ରା ବିଶ୍ୱକର୍ମା ନଗର ବାସିନ୍ଦା ବିଶ୍ୱ ଓରଫ ବଳିଷ୍ଠ ସାହୁ(୨୩)। ସେମାନଙ୍କ ପାଖରୁ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ଚୋରି ହୋଇଥିବା ଏଲଜି ଫ୍ରିଜ, ଭି-ଗାର୍ଡ ଇନଭର୍ଟର ଏବଂ ଏଚପି ପ୍ରିଣ୍ଟରକୁ ପୋଲିସ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନଙ୍କୁ ବୁଧବାର ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ଚାଲିଗଲା ୩ ଜୀବନ, ୪ ଗୁରୁତର

**ନୂଆପଡ଼ା/ କୋମନା,୧୮।୧୨(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲା କୋମନା ବ୍ଲକ ଅଧୀନ ତିଖାଲି ଛକଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଛି। ୪ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ମୁମ୍ବାଇରୁ ଆସିଥିବା ଆଦମିନ(୨୬), ମହେରୂପ (୨୫) ଓ କୋମନାର ଅଗ୍ରଲୁଲ ଅଲ୍ଲୀ(୨୫)। ଆହତମାନେ ହେଲେ ଇସାଦି ମହମ୍ମଦ, ଯୋଗେଶ ସାହୁ, ପ୍ରଭାସ ମହାନ୍ତି, ଆସିମ ଅଲ୍ଲୀ। ସେମାନେ କୋମନାସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ବୁଲିବା ପାଇଁ ଆସିଥିଲେ। ସେଠାରୁ କୌଣସି କାମରେ ଏକ ୪ ଚକିଆ ଗାଡ଼ିରେ ଖଡ଼ିଆଳ ଯାଉଥିଲେ। ତିଖାଲି ଡ୍ୟାମ ଛକଠାରେ ଭାରସାମ୍ୟ ହରାଇ ଗାଡ଼ିଟି ଓଲଟି ପଡ଼ିଥିଲା।

## ରୋଗୀଙ୍କୁ ମିଳିବ ଉନ୍ନତ ସେବା



**କେସିଙ୍ଗା,୧୮।୧୨(ସଂଚାର ବ୍ୟୁରୋ):** ଜିଲା ସ୍ୱାସ୍ଥ୍ୟ ସମିତି କଳାହାଣ୍ଡି ଆନୁକୁଲ୍ୟରେ ଏମ୍ସ ଭୁବନେଶ୍ୱର ଏବଂ ଦିଲ୍ଲୀ ଜନ୍ସ ହୋପକିନସ ୟୁନିଭର୍‌ସିଟି ଆନୁକୁଲ୍ୟରେ ସ୍ଥାନୀୟ ଏକ ହୋଟେଲରେ ଆମ୍ରାପାଲି କ୍ଲାସିକ ପିଓସିକ୍ୟୁଆଇ ପ୍ରକଳ୍ପର ଶୁଭାରମ୍ଭ ହୋଇଯାଇଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ ମିଳୁଥିବା ସେବାଗୁଡ଼ିକର ଗୁଣବତ୍ତାକୁ ଉନ୍ନତ କରି ଆୟୁଷମାନ ଅରୋଗ୍ୟ ମନ୍ଦିର ଏବଂ ଆୟୁଷମାନ ଆରୋଗ୍ୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମିଳୁଥିବା ଅଣ ସଂକ୍ରାମକ ସେବା ଯଥା ଉଚ୍ଚ ରକ୍ତ ଚାପ, ଡାଇବେଟିସର ସେବାର ଗୁଣବତ୍ତାକୁ ଉନ୍ନତ କରି ରୋଗୀଙ୍କୁ ସେବା ଯୋଗାଇଦେବା ଏହାର ମୁଖ୍ୟ ଲକ୍ଷ୍ୟ। ଏପରିକି ସ୍ୱାସ୍ଥ୍ୟ ସେବାରେ ସମାନତା, ନ୍ୟାୟ ପ୍ରତିଷ୍ଠା ଏବଂ ପିଓସିକ୍ୟୁଆଇ ଉଦ୍ୟମରେ ଅଧିକ ପ୍ରସାର ପ୍ରଚାର କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲାପାଳ ବୈତାରୁ ଦୀପ, ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ସେବାଗୁଡିକ ଭୁବନେଶ୍ୱର ଏମ୍ସ ପକ୍ଷରୁ ସହାୟତା ଯୋଗାଇବା ଦେବା ପାଇଁ ସ୍ଥିର ହୋଇଛି।

## ଲାଞ୍ଜିଗଡ଼ ଗସ୍ତରେ ଜାତୀୟ ସ୍ୱାସ୍ଥ୍ୟ ମିସନ୍ ନିର୍ଦ୍ଦେଶକ

**ଲାଞ୍ଜିଗଡ଼,୧୮।୧୨(ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ଦିନିକିଆ ଗସ୍ତରେ ଆସି ବିଭିନ୍ନ ଅଞ୍ଚଳ ପରିଦର୍ଶନ କଲେ ଜାତୀୟ ସ୍ୱାସ୍ଥ୍ୟ ମିସନ୍ ନିର୍ଦ୍ଦେଶକ ଡାକ୍ତର ବୃନ୍ଦା ଡି। ସେ ପ୍ରଥମେ ଲାଞ୍ଜିଗଡ଼ ବ୍ଲକ ଗୁଣ୍ଡରୀ ପଞ୍ଚାୟତର ଗୁଣ୍ଡରୀ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ପରେ ଲାଞ୍ଜି ପଞ୍ଚାୟତ ଅନ୍ତର୍ଗତ ନଙ୍ଗଲବାହାଲି ଠାରେ ଥିବା ବିକାଶ ନଗର ପରିଦର୍ଶନ କରି ପାହାଡ଼ ଉପରୁ ଆସି ସେଠାରେ ଥଇଥାନ କରାଯାଇଥିବା ଆଦିବାସୀ ମାନଙ୍କ ଚାଲିଚଳଣ ବିଷୟରେ ପଚାରି ବୁଝିଥିଲେ। ସେଠାରୁ ସେ ଲାଞ୍ଜି ପଞ୍ଚାୟତ କୁମୁଡାପଦର ଠାରେ ଥିବା କାଜୁ ରୋପଣ ବଗିଚା ପରିଦର୍ଶନ କରିଥିଲେ। ସେଠାରୁ ସେ ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ସିଏଚସି ପରିଦର୍ଶନ କରି ଗୁଣ୍ଡରୀ ଏବଂ ବିଶ୍ୱନାଥପୁର ସ୍ୱାସ୍ଥ୍ୟ କେନ୍ଦ୍ରର ପରିଚାଳନ ଦେଖି ଖୁସିବ୍ୟକ୍ତ କରିଥିଲେ।ବିଶ୍ୱନାଥପୁର ଠାରୁ ସେ ଭବାନୀପାଟଣା ଫେରି ଯାଇଥିଲେ। ଏହି ଗସ୍ତ ସମୟରେ ଡାକ୍ତର ବୃନ୍ଦା ଡି ଙ୍କ ସହିତ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ପ୍ରବେଶନାରୀ ଆଇଏଏସ ଅନିମେଷ ପ୍ରଧାନ, ଡିପିଏମ ଦିଲ୍ଲୀପ କୁମାର ଦୁବେ, ଯୋଜନା ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଡ଼ିଏମଆରସିଏଚ ରଞ୍ଜନ ରଶ୍ମି ମହାନ୍ତି, ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭବାନୀ ଶଙ୍କର ଲେଙ୍କା ପ୍ରମୁଖ ଉପସ୍ଥିତ ରହିଥିଲେ।



● କୁଚବେହାର ଟ୍ରଫି କ୍ରିକେଟ ତୃତୀୟ ଦିବସ

## ଓଡ଼ିଶା ବନାମ ହିମାଚଳ ପ୍ରଦେଶ

**ବଲାଙ୍ଗିର,୧୮।୧୨(ସଂଚାର ବ୍ୟୁରୋ):** ଓଡ଼ିଶା କ୍ରିକେଟ ଏସୋସିଏସନ ଓ ଜିଲ୍ଲା କ୍ରୀଡା ସଂସଦ ବଲାଙ୍ଗିର ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଚାରି ଦିବସୀୟ କୁଚ ବେହାର ଟ୍ରଫି କ୍ରିକେଟ ର ଆଜି ତୃତୀୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ଦିନର ଅସମାପ୍ତ ପାଳି ୭ ୱିକେଟ ରେ ୩୦୮ ରନ୍ ରୁ ଖେଳ ଆରମ୍ଭ କରି ଆଜି ସମୁଦାୟ ୩୫୮ ରନ୍ ସଂଗ୍ରହ କରି ଓଡ଼ିଶା ଦଳ ଅଲ୍ ଆଉଟ ହୋଇଯାଇଥିଲେ। ୧୭୭ ରନ୍‌ର ପଛରେ ଥିବା ହିମାଚଳ ପ୍ରଦେଶ ଦଳ ଆଜି ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୩ ୱିକେଟ ବିନିମୟରେ ୨୧୨ ରନ୍ ସଂଗ୍ରହ କରିଛନ୍ତି। ହିମାଚଳ ଦଳ ତରଫରୁ ବାସ୍ତବ ଗର୍ଗ ସର୍ବାଧିକ ୯୪ ରନ୍, ଅର୍ପିତ ସିଂ ୩୧ ରନ୍ ଓ ଆଦିତ୍ୟ କଟାରିଆ ଅପରାଜିତ ୬୪ ରନ୍ ସଂଗ୍ରହ କରିଛନ୍ତି। ଓଡ଼ିଶା ଦଳ ତରଫରୁ ସୟଦ ଟାଫେଲ ଅହମ୍ମଦ ୨ ଗୋଟି ଓ ଅର୍ପିତ ମହାନ୍ତି ୧ ୱିକେଟ ଅକ୍ତିଆର କରିଛନ୍ତି। ଆଜି କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୁଜାରୀ, ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ, ଶତୃଘନ ସିଂହ, କୋଷାଧକ୍ଷ ହେମନ୍ତ କୁମାର ବେହେରା, କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର, ଫୁଟବଲ ସମ୍ପାଦକ ଶରତ ନନ୍ଦ, କ୍ରୀଡା ସମ୍ପାଦକ ବିଭୁତି ପଣ୍ଡା, ବରିଷ୍ଠ ସଭ୍ୟ ରମାକାନ୍ତ ସେଟ, ସୁଧୀର ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର କୁମାର ମିଶ୍ର, ଗୌର ଚନ୍ଦ୍ର ପ୍ରଧାନ, ସିଦ୍ଧେଶ୍ୱର ମିଶ୍ର, କୋଚ ଅରୁଣ କୁମାର ନାୟକ, ପୃଥ୍ୱୀରାଜ ମିଶ୍ର, ସୁନୀଲ ଚନ୍ଦ୍ର ବିଶ୍ୱାଲ, ସୂର୍ଯ୍ୟ ମିଶ୍ର, ଚେତନାନନ୍ଦ ପଣ୍ଡା, ଶ୍ରୀକାନ୍ତ ରାଉତ ପ୍ରମୁଖ ଷ୍ଟଡିୟମ ରେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।